# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୪/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 4/2023 | Page 16 | ₹ 7.00

୪୯ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 100 ମୂଲ୍ୟ₹୭/-




**ଫଲ୍‌ଟନ ଭାରତୀୟ ହକି ଦଳର ନୂଆ କୋଚ୍**

ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫଲ୍‌ଟନ ଭାରତୀୟ ପୁରୁଷ ହକି ଦଳର ନୂଆ ମୁଖ୍ୟକୋଚ୍ ମନୋନୀତ ହୋଇଛନ୍ତି।

୧୬

୧୨

**ଉପସ୍ଥାପିକା ସାଜିବେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଆସନ୍ତା ୧୨ ତାରିଖରେ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୯୫ତମ ଏକାଡେମୀ ଆୱାର୍ଡରେ ଉପସ୍ଥାପିକା ଭାବେ ଯୋଗ ଦେବେ।





**ହୋଲି ପୂର୍ବରୁ ଫଗୁ**

ଭୁବନେଶ୍ୱର ଉପକଣ୍ଠ ଶ୍ୟାମପୁର ଗାଁରେ ଶୁକ୍ରବାର ଅନୁଷ୍ଠିତ ଦୋଳ ମେଳଣରେ ମହିଳାମାନେ ହୋଲି ଖେଳୁଛନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ଭାଜପା ବିଧାୟକଙ୍କ ପୁଅ

## ଚଢ଼ାଉ ବେଳେ ମିଳିଲା ୮ କୋଟି

### କର୍ଣ୍ଣାଟକ ସୋପ୍ସ ଆଣ୍ଡ ଡିଟରଜେଣ୍ଟ କମ୍ପାନୀରୁ ବିଧାୟକଙ୍କ ଇସ୍ତଫା

**ବେଙ୍ଗାଲୁରୁ, ୩।୩**

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଚନ୍ନାଗିରି ଭାଜପା ବିଧାୟକ କେ. ମଣ୍ଡଳ ବିରୁପାକ୍ଷପ୍ପାଙ୍କ ତରଫରୁ ତାଙ୍କ ପୁଅ ଭି. ପ୍ରଶାନ୍ତ ମଣ୍ଡଳ ୪୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଲୋକାୟୁକ୍ତ ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ବିଧାୟକଙ୍କ କ୍ରେସେଣ୍ଟ ରୋଡ୍ ଅଫିସରେ ଗୁରୁବାର ରାତିରେ ପ୍ରଶାନ୍ତ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ନେଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଲୋକାୟୁକ୍ତ ପୋଲିସ ଚଢ଼ାଉ କରିଥିଲା। ଏହା ପରେ ପୋଲିସ ପ୍ରଶାନ୍ତଙ୍କର ସଞ୍ଜୟନଗର ଡଲାର୍ସ କଲୋନିରେ ଥିବା ଘରେ ଚଢ଼ାଉ କରି ସେଠାରୁ ନଗଦ ୬ କୋଟି ଟଙ୍କା ଜବତ କରିଛି। ଏଥିସହିତ ତାଙ୍କ କାର୍ଯ୍ୟାଳୟରୁ ୧.୭୫ କୋଟି ଟଙ୍କା ମିଳିଥିଲା। ପ୍ରଶାନ୍ତ ବେଙ୍ଗାଲୁରୁ ଜଳଯୋଗାଣ ଓ ସ୍ୱେରେଜ୍ ବୋର୍ଡରେ ମୁଖ୍ୟ ଆକାଉଣ୍ଟାଣ୍ଟ ଅଛନ୍ତି। କଞ୍ଚାମାଲ୍ କିଣିବା ପାଇଁ ଟେଣ୍ଡର ମଞ୍ଜୁର କରିବା ନିମନ୍ତେ ସେ ୪୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଛି। ସେ ୮୧ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦେଇଥିବା ବ୍ୟକ୍ତି ଜଣକ ଏତଲା ଦାଏର କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



ଭାଜପା ବିଧାୟକ
କେ. ମଣ୍ଡଳ ବିରୁପାକ୍ଷପ୍ପା

ଲାଞ୍ଚ ନେଇ ପୁଅ ଗିରଫ ହେବା ପରେ ଭାଜପା ବିଧାୟକ ବିରୁପାକ୍ଷପ୍ପା କର୍ଣ୍ଣାଟକ ସୋପ୍ସ ଆଣ୍ଡ ଡିଟରଜେଣ୍ଟସ୍ ଲିମିଟେଡ୍‌ର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଏହା ରାଜ୍ୟ ସରକାରଙ୍କର ଏକ କମ୍ପାନୀ। ଲାଞ୍ଚ କାରବାର ମାମଲାରେ ଲୋକାୟୁକ୍ତ ବିଧାୟକଙ୍କୁ ମୁଖ୍ୟ ଅଭିଯୁକ୍ତ କରିଛି। ତେବେ ଲୋକାୟୁକ୍ତଙ୍କ କାର୍ଯ୍ୟାନୁଷ୍ଠାନ ତାଙ୍କ ପରିବାର ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ବିଧାୟକ ସଫେଇ ଦେଇଛନ୍ତି। ମାମଲାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ☞ପୃଷ୍ଠା–୪

# କ୍ରାଇମବ୍ରାଞ୍ଚକୁ ପୁଣି କୋର୍ଟ ଝଟକା

## ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଆବେଦନ ପ୍ରସଙ୍ଗ

**ଭୁବନେଶ୍ୱର (ବ୍ୟୁରୋ)/ ବ୍ରଜରାଜନଗର, ୩।୩(ଡି.ଏନ୍.ଏ.)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ଅବସ୍ଥାର ପୁନଃ ଯାଞ୍ଚ ପାଇଁ ଉଦ୍ୟମ ଚଳାଇଥିବା କ୍ରାଇମବ୍ରାଞ୍ଚକୁ ପୁଣିଥରେ କୋର୍ଟ ଝଟକା ଲାଗିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ଶୁକ୍ରବାର ଖାରଜ କରିଦେଇଛନ୍ତି। କ୍ରାଇମବ୍ରାଞ୍ଚ ଗୋପାଳଙ୍କ ମାନସିକ ସ୍ଥିତିର ପୁନଃ ଯାଞ୍ଚ ନିମନ୍ତେ ତାଙ୍କୁ ୩ ସପ୍ତାହ ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)କୁ ନେବାକୁ ଚାହୁଁଥିଲା। ଏନେଇ ଗତ ୨୦ ତାରିଖରେ ହୋଇଥିବା ଆବେଦନକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) କୋର୍ଟ ଖାରଜ କରିଦେଇଥିଲେ। ତଳ କୋର୍ଟରେ ଝଟକା ଲାଗିବା ପରେ କ୍ରାଇମବ୍ରାଞ୍ଚ ଗତ ୨୨ ତାରିଖରେ ଝାରସୁଗୁଡ଼ା ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଆବେଦନ କରାଯାଇଥିଲା। ଗତ ୨୭ ତାରିଖରେ କୋର୍ଟ ଏହି ଆବେଦନକୁ ଗ୍ରହଣ କରିଥିଲେ। ମାର୍ଚ୍ଚ ୧ ତାରିଖରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଳ କୋର୍ଟର ରାୟକୁ କାଏମ ରଖିବା ଯୋଗୁ କ୍ରାଇମବ୍ରାଞ୍ଚକୁ ନିରାଶ ହେବାକୁ ପଡ଼ିଛି।

ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଉପରେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ସନ୍ଦେହ କରିବା ସହ ସିବିଆଇ ଓ ଏସ୍ଆଇଟି ତଦନ୍ତ ଦାବି କରିଆସୁଛନ୍ତି। ଏନେଇ ବିରୋଧୀ ଦଳଗୁଡ଼ିକ ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ସରକାରୀ ଦଳକୁ ଘେରିବା ସହ ପ୍ରବଳ ହଟ୍ଟଗୋଳ କରିଥିଲେ। ଏଭଳିସ୍ଥଳେ ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, କ୍ରାଇମବ୍ରାଞ୍ଚ ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି। ଘଟଣାରେ ଗୋପାଳ ଜଣେ ହିଁ ଅଭିଯୁକ୍ତ ଏବଂ ସେ ନିଜ ବ୍ୟକ୍ତିଗତ ଶତ୍ରୁତା ପାଇଁ ନବ ଦାସଙ୍କୁ ହତ୍ୟା କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିପାରିଥିବା ଉକ୍ତ ସୂତ୍ରରୁ କୁହାଯାଉଛି। ଏପରି କି ଏହି ବିଷୟ କ୍ରାଇମ୍‌ବାଞ୍ଚ ଖୁବ୍‌ଶୀଘ୍ର (ସମ୍ଭବତଃ ଆସନ୍ତା ମାର୍ଚ୍ଚ ୧୦ ତାରିଖ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ପୂର୍ବରୁ) ସର୍ବସମ୍ମୁଖକୁ ଆଣିବ ଏବଂ ଚାର୍ଜଶିଟ୍ ଦାଖଲ କରିବ ବୋଲି କୁହାଯାଉଛି। କିନ୍ତୁ ଏନେଇ କୌଣସି ସୂଚନା କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇନାହିଁ।

ବହିଷ୍କୃତ ପୋଲିସ ଏଏସ୍ଆଇ ଗୋପାଳ ଦାସ ଗତ ଜାନୁୟାରୀ ୨୯ରେ ବ୍ରଜରାଜନଗର ଗାନ୍ଧୀଛକ ନିକଟରେ ସର୍ବସମ୍ମୁଖରେ ନିଜ ସର୍ଭିସ୍ ବନ୍ଧୁକରୁ ନବ ଦାସଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେଠାରୁ ହିଁ ଗୋପାଳଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ ୧ ମାସ ବିତିଗଲାଣି, କିନ୍ତୁ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହତ୍ୟା ରହସ୍ୟ ଖୋଲିପାରିନାହିଁ। ଗୋପାଳ କାହିଁକି ନବ ଦାସଙ୍କୁ ହତ୍ୟାକଲେ ତାହା କ୍ରାଇମବ୍ରାଞ୍ଚ କହୁନାହିଁ। ଓଲଟା ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ ବାରମ୍ବାର ଚେଷ୍ଟା କରିଆସୁଛି। ଏଥିରୁ କ୍ରାଇମବ୍ରାଞ୍ଚର ଭୂମିକା ଉପରେ ସାଧାରଣରେ ସନ୍ଦେହ ହେବା ସହ ଗୋପାଳଙ୍କୁ ଖସାଇ ଦେବା ପାଇଁ ଚେଷ୍ଟା କରାଯାଉଥିବା ନେଇ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହେଉଛି। ଇତିମଧ୍ୟରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ ଗୁଜରାଟ ନେଇ ପଲିଗ୍ରାଫ୍ ଓ ନାର୍କୋ ଟେଷ୍ଟ କରାଇଛି। ୪ ଜଣିଆ ମାନସିକ ରୋଗ ବିଶେଷଜ୍ଞ ଟିମ୍ ଦ୍ୱାରା ଝାରସୁଗୁଡ଼ାରେ ଗୋପାଳଙ୍କ ମାନସିକ ପରୀକ୍ଷା ନିରୀକ୍ଷା ସାଙ୍ଗକୁ ଆନାଲିସିସ୍ କରାଯାଇଛି। ଏହାପରେ ପୁଣିଥରେ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ନିମନ୍ତେ ବ୍ୟଗ୍ରତା ଦେଖାଉଥିବା କ୍ରାଇମବ୍ରାଞ୍ଚ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଡିଜେ କୋର୍ଟରେ ଶୁଣାଣିବେଳେ ୨ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଗୋପାଳଙ୍କ ପୋଲିସ ରିମାଣ୍ଡ ମାଗୁନାହୁଁ, ବରଂ ତାଙ୍କ ସମ୍ପୂର୍ଣ୍ଣ ମାନସିକ ଅବସ୍ଥାକୁ ଜାଣିବା ପାଇଁ ବିଶେଷଜ୍ଞ ଟିମ୍‌ଙ୍କ ପରାମର୍ଶକ୍ରମେ ତାଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଆବେଦନ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ କୁହାଯାଇଥିଲା। ଗୋପାଳଙ୍କ ଓକିଲ ହରିଶଙ୍କର ଅଗ୍ରୱାଲ ଯୁକ୍ତି ବାଢ଼ିଥିଲେ ଯେ, ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ହେପାଜତରେ ବାହାର ରାଜ୍ୟକୁ ନିଆଯିବା ଅର୍ଥ ରିମାଣ୍ଡ ସହ ସମତୁଲ୍ୟ। ପୂର୍ବରୁ ଫେବୃୟାରୀ ୧ରୁ ୧୩ ତାରିଖ ଯାଏ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କୁ ରିମାଣ୍ଡରେ ନେଇସାରିଛି। ନିୟମତଃ ୧୫ଦିନରୁ ଅଧିକ ରିମାଣ୍ଡ ମଞ୍ଜୁର କରାଯିବାର ପ୍ରାବଧାନ ନାହିଁ। ତେଣୁ କ୍ରାଇମବ୍ରାଞ୍ଚର ଆବେଦନକୁ ଗୋପାଳଙ୍କ ଓକିଲ ବିରୋଧ କରିଥିଲେ। ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କ୍ରାଇମବ୍ରାଞ୍ଚ ଆବେଦନକୁ ଖାରଜ କରିଛନ୍ତି। ପୂର୍ବରୁ ଗୋପାଳଙ୍କ ବିଭିନ୍ନ ଉପକରଣ ସହାୟତାରେ ମାନସିକ ସ୍ଥିତି ଯାଞ୍ଚ କରାଯାଇଛି। ତା' ଛଡ଼ା ଅତି ଜରୁରୀ ସ୍ଥଳେ କାରାଗାର ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଅଥବା ସ୍ଥିତି ଯାଞ୍ଚ କରାଯାଇପାରେ ବୋଲି ଅଦାଲତ କହିଥିବା ଜଣାପଡ଼ିଛି। ଏଭଳିସ୍ଥଳେ କ୍ରାଇମବ୍ରାଞ୍ଚ ଏହି ମାମଲାକୁ ନେଇ ହାଇକୋର୍ଟରେ ଆବେଦନ କରିବାକୁ ସଜବାଜ ହେଉଥିବା ଜଣାଯାଇଛି।

# ସଙ୍କଟରେ ଭାରତୀୟ ଗଣତନ୍ତ୍ର

## କେମ୍ବ୍ରିଜ୍‌ରେ ରାହୁଲ

### ବିଦେଶ ମାଟିରେ ଦେଶର ଛବି ମଳିନ କରିଛନ୍ତି ରାହୁଲ: ଭାଜପା

**ଲଣ୍ଡନ/ନୂଆଦିଲ୍ଲୀ,୩।୩**

ଭାରତର ପାର୍ଲାମେଣ୍ଟ, ପ୍ରେସ୍ ଓ ନ୍ୟାୟପାଳିକାକୁ ମୁକ୍ତ ଭାବେ ଚାଲିବାକୁ ଦିଆଯାଉନାହିଁ। ଗଣତନ୍ତ୍ରର ମୌଳିକ ଢାଞ୍ଚା ଉପରେ ଆକ୍ରମଣ କରାଯାଉଛି। ଏଥିଯୋଗୁ ଭାରତୀୟ ଗଣତନ୍ତ୍ର ସଙ୍କଟ ଦେଇ ଗତିକରୁଛି। ଦେଶର ଅନେକ ନେତା ସର୍ଭିଲାନ୍ସରେ ଅଛନ୍ତି ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ବିଦେଶରେ ପୁଣି ଟାର୍ଗେଟ କରିଛନ୍ତି। ତାଙ୍କର



ରାହୁଲ ଗାନ୍ଧୀ

ଏଭଳି ସମାଲୋଚନାକୁ ଭାଜପା ନେତାମାନେ ହଜମ କରିପାରି ନାହାନ୍ତି। ରାହୁଲ ବାରମ୍ବାର ନିର୍ବାଚନୀ ଝଟ୍‌କା ଖାଇବା ☞ପୃଷ୍ଠା–୪






## ଚତୁର୍ଥୀ ଦିନ ସ୍ୱାମୀଙ୍କ ଜୀବନ ଗଲା



ଅଜୟ କୁମାର ଭଞ୍ଜ

**ବାହାନଗା, ୩।୩(ଡି.ଏନ.ଏ.)**

୧ ତାରିଖରେ ହାତଗଣ୍ଠି ପଡ଼ିଥିଲା। ଶୁକ୍ରବାର ଥିଲା ଚତୁର୍ଥୀ। ଏହାପରେ ଏକ ନୂଆ ଜୀବନ ଆରମ୍ଭ କରିଥାନ୍ତେ ନବଦମ୍ପତି। ହେଲେ ସବୁ କିଛି ଓଲଟପାଲଟ ହୋଇଗଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଡେପୁଟେଶନ ଦୌଡ଼**

# ଡିଜେ ଶବ୍ଦ ନେଲା ବର ଜୀବନ

**ପାଟନା, ୩।୩**

ବିହାର ସମସ୍ତିପୁର ଜିଲାରେ ଏକ ବିବାହ ଉତ୍ସବ ଶୋକାକୁଳ ପରିବେଶରେ ପରିଣତ ହୋଇଛି। ଗତ ବୁଧବାର ବିବାହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ବରକନ୍ୟା ପରସ୍ପରକୁ ବରଣମାଳା ପିନ୍ଧାଇ ସାରିଥିଲେ। କିଛି ସମୟ ପରେ କନ୍ୟା ବିଦା ପର୍ବ ଆରମ୍ଭ ହୋଇଥାନ୍ତା। ଏହା ପୂର୍ବରୁ ସେଠାରେ ଘଟିଲା ଅଘଟଣ। ବିବାହ ଉତ୍ସବରେ ବାଜୁଥିବା ଡିଜେ ବର ସୁରେନ୍ଦ୍ର କୁମାରଙ୍କ ପାଇଁ କାଳ ହେଲା। ଏହାର ଉଚ୍ଚ ଶବ୍ଦରେ ସୁରେନ୍ଦ୍ର କୁମାର ଅସୁସ୍ଥ ଅନୁଭବ କରିବା ସହ ଷ୍ଟେଜ୍ ଉପରେ ଟଳିପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ହସ୍ପିଟାଲ ଓ ପରେ ସୀତାମାଢ଼ିକୁ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡିଜେ ଶବ୍ଦରେ ଅସୁସ୍ଥ ଅନୁଭବ କରୁଥିବା ନେଇ ସୁରେନ୍ଦ୍ର ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ।



**ବରଣମାଳା ପରେ ଷ୍ଟେଜ୍‌ରେ ଟଳିପଡ଼ିଲେ**

ଡିଜେ ବଜାଇବା ଉପରେ କଟକଣା ରହିଥିଲେ ମଧ୍ୟ ଏହାକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ସ୍ଥିତି ଉପୁଜୁଛି। ଡିଜେ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସାମାଜିକ କର୍ମୀ ଡ. ରାଜୀବ କୁମାର ମିଶ୍ର ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ମାର୍ଚ୍ଚ, ୨୦୨୩



ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜାମିନ ପାଇଁ ଶୁକ୍ରବାର ସ୍ଥାନୀୟ ଏକ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ କୋର୍ଟରେ ଶନିବାର ଜାମିନ ଆବେଦନର ବିଚାର ହୋଇପାରେ। ଶନିବାର ସିସୋଡିଆଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯିବ। ଅବକାରୀ ଦୁର୍ନୀତି ମାମଲାରେ ଗତ ରବିବାର ସିବିଆଇ ସିସୋଡିଆଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ହିଜାବ ମାମଲା: ୩ ଜଣିଆ ଖଣ୍ଡପୀଠରେ ହେବ ଶୁଣାଣି

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୩ା୩(ପି.ଟି.):** କର୍ଣ୍ଣାଟକରେ ଦ୍ୱିତୀୟ ପିୟୁସି (ଦ୍ୱାଦଶ ଶ୍ରେଣୀ) ପରୀକ୍ଷା ଆସନ୍ତା ୯ରୁ ଆରମ୍ଭ ହେବାକୁ ଥିବାବେଳେ ଛାତ୍ରୀମାନେ ହିଜାବ ପିନ୍ଧି ପରୀକ୍ଷା ହଲ୍‌ରେ ପ୍ରବେଶ କରିପାରିବେ ନାହିଁ ବୋଲି ଶୁକ୍ରବାର ରାଜ୍ୟ ଶିକ୍ଷାମନ୍ତ୍ରୀ ବି.ସି. ନଗେଶ ସ୍ପଷ୍ଟ କରିଦେଇଛନ୍ତି। ସରକାରୀ ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ହିଜାବ ପିନ୍ଧି ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ ନିମନ୍ତେ କେତେଜଣ ମୁସଲମାନ ଛାତ୍ରୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ପାଇଁ ୩ ଜଣିଆ ଖଣ୍ଡପୀଠ ଗଠନ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ୫ ଦିନ ପରେ ପରୀକ୍ଷା। ହିଜାବ ପିନ୍ଧିବାକୁ ଅନୁମତି ନ ମିଳିଲେ ପରୀକ୍ଷା ଦେଇ ନ ପାରି ମୁସଲମାନ ଛାତ୍ରୀମାନେ ଆଉ ଏକ ଶିକ୍ଷାବର୍ଷ ହରାଇବେ। ତେଣୁ ପିଟିଶନର ଶୀଘ୍ର ଶୁଣାଣି ପାଇଁ ମହିଳା ଆଇନଜୀବୀ ଅଦାଲତଙ୍କୁ ଅନୁରୋଧ କରିଥିଲେ। ହୋଲି ଛୁଟି ପରେ ଶୁଣାଣି ହେବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

### ହସ୍ପିଟାଲରେ ସୋନିଆ

**ନୂଆଦିଲ୍ଲୀ, ୩ା୩:** କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଜ୍ୱର ହୋଇଥିବାରୁ ସେ ଗୁରୁବାର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଜାରି ବୁଲେଟିନ୍‌ରେ କୁହାଯାଇଛି। ଚେଷ୍ଟ ମେଡିସିନ୍ ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଅରୂପ ବସୁଙ୍କ ତତ୍ତ୍ୱାବଧାନରେ ତାଙ୍କ ଟିମ୍ ସୋନିଆଙ୍କ ଚିକିତ୍ସା କରୁଛନ୍ତି।

### ନାବାଳିକା ପାଟିରେ ଜଳନ୍ତା କାଠ ପୂରାଇଲେ

**ମହାସମୁନ୍ଦ, ୩ା୩:** ଛତିଶଗଡ଼ର ମହାସମୁନ୍ଦ ଜିଲାରେ ଥିବା ଏକ ଆଶ୍ରମରେ ୧୩ ବର୍ଷର ବାଳିକାଙ୍କୁ ମାଡ଼ ମାରିବା ସହ ତାଙ୍କ ପାଟିରେ ଜଳନ୍ତା କାଠ ଭର୍ତ୍ତି କରିଦିଆଯାଇଥିଲା। ଗତ ମାସ ୨୪ରେ ପଟେରପାଲି ଗ୍ରାମରେ ଥିବା ଜୟ ଗୁରୁଦେବ ମାନସ ଆଶ୍ରମରେ ଏଭଳି ଘଟଣା ଘଟିଥିଲା। ପୀଡ଼ିତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଆଶ୍ରମ ପରିଚାଳକ ତଥା ମୁଖ୍ୟ ଗୁରୁଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ମାନସିକ ରୋଗାକ୍ରାନ୍ତ ରାୟପୁର ଜିଲା ଅଭାନପୁର ଅଞ୍ଚଳର ନାବାଳିକାଙ୍କୁ ଝଡ଼ାଫୁଙ୍କା ଜରିଆରେ ଭଲ କରିଦେବା ପାଇଁ ଆଶ୍ରମକୁ ଅଣାଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ବାଗବହରା ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ରାୟପୁରର ଅରଙ୍ଗସ୍ଥିତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ଉଜ୍‌ବେକିସ୍ତାନ ଶିଶୁ ମୃତ୍ୟୁ ଘଟଣା**

### ନୋଏଡା ସିରପ୍ କମ୍ପାନୀର ୩ କର୍ମଚାରୀ ଗିରଫ

**ନୋଏଡ଼ା, ୩ା୩:** ଗତବର୍ଷ ଡିସେମ୍ବରରେ ଉଜ୍‌ବେକିସ୍ତାନରେ କଫ୍ ସିରପ୍ ଡୋକ୍-୧ ଖାଇ ୧୮ ଶିଶୁଙ୍କ ମୃତ୍ୟୁ ଘଟଣାରେ ନୋଏଡ଼ା ପୋଲିସ ଶୁକ୍ରବାର ସିରପ୍ ପ୍ରସ୍ତୁତକାରୀ ମାରିଅନ୍ ବାୟୋଟେକ୍ କମ୍ପାନୀର ୩ କର୍ମଚାରୀଙ୍କୁ ଗିରଫ କରିଛି। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଅଭିଯୋଗକ୍ରମେ ଗୁରୁବାର ରାତିରେ କମ୍ପାନୀର ୨ ନିର୍ଦ୍ଦେଶକଙ୍କ ସମେତ ୫ ଜଣଙ୍କ ବିରୋଧରେ ଏତଲା ଦାଏର କରାଯାଇଥିଲା। କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ରାଜ୍ୟ ଔଷଧ କର୍ତ୍ତୃପକ୍ଷ ମାରିଅନ୍ ବାୟୋଟେକ୍‌ର ଔଷଧ ନମୁନା ଯାଞ୍ଚ କରିବା ପରେ ୨୨ଟିର ମାନ ସନ୍ତୋଷଜନକ ନୁହେଁ ବୋଲି ରିପୋର୍ଟ ଦେଇଥିଲେ। ଔଷଧରେ ଭେଜାଲ ହେଉଥିବା ଅଭିଯୋଗ ହୋଇଥିଲା। ମୁଖ୍ୟ ଅପରେଟର ତୁହିନ୍ ଭଟ୍ଟାଚାର୍ଯ୍ୟ, ମ୍ୟାନୁଫାକ୍‌ଚରିଂ କେମିଷ୍ଟ ଅତୁଲ ରାୱତ ଏବଂ ଆନାଲିଟିକାଲ କେମିଷ୍ଟ ମୂଲ୍ ସିଂଙ୍କୁ ଗିରଫ କରାଯାଇଥିବାବେଳେ ୨ ନିର୍ଦ୍ଦେଶକ ଫେରାର ହୋଇଯାଇଛନ୍ତି।

### ସ୍ତ୍ରୀ, ପୁଅଙ୍କୁ ହତ୍ୟା ମାମଲାରେ ଆମେରିକା ଆଇନଜୀବୀ ଦୋଷୀ

**ୱାଶିଂଟନ, ୩ା୩:** ସ୍ତ୍ରୀ ଓ ପୁଅଙ୍କୁ ହତ୍ୟା କରିବା ମାମଲାରେ ଆମେରିକାର ଆଇନଜୀବୀ ଆଲେକ୍ସ ମୁର୍ଡାଉଗ୍ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସାଉଥ୍ କାରୋଲିନାର ଏକ ଖ୍ୟାତନାମା ବିଚାରପତି ଓ ଆଟର୍ନି ପରିବାରର ଦାୟାଦ ମୁର୍ଡାଉଗ୍(୫୪) ୨୦୨୧ ଜୁନ୍ ୭ରେ ତାଙ୍କ ପୁଅ ପାଉଲ୍‌ଙ୍କୁ ଶଟ୍‌ଗନ୍‌ରେ ଏବଂ ସ୍ତ୍ରୀ ମାଗିଙ୍କୁ ରାଇଫଲରେ ଗୁଳିକରି ହତ୍ୟା କରିଥିଲେ। ତାଙ୍କୁ ସର୍ବନିମ୍ନ ୩୦ ବର୍ଷ କିମ୍ବା ସର୍ବାଧିକ ଆଜୀବନ ଜେଲ ହୋଇପାରେ ବୋଲି କୁହାଯାଇଛି।



ରାଜସ୍ଥାନର ଜୟପୁରସ୍ଥିତ ଗୋବିନ୍ଦ ଦେବଜୀ ମନ୍ଦିରରେ ହୋଲି ପାଇଁ ରାଧା ଓ କୃଷ୍ଣ ଭୂମିକାରେ ଦୁଇ କଳାକର।

## ଅତୃପ୍ତ ସମ୍ପତ୍ତି ଲୋଭ ଯୋଗୁ କ୍ୟାନ୍‌ସର ଭଳି ବଢ଼ୁଛି ଦୁର୍ନୀତି

**ନୂଆଦିଲ୍ଲୀ, ୩ା୩(ପି.ଟି.)**

ସମ୍ପତ୍ତି ହାସଲ କରିବାର ଅତୃପ୍ତ ଲୋଭ ଯୋଗୁ ସମାଜରେ ଦୁର୍ନୀତି କ୍ୟାନ୍‌ସର ଭଳି ମାଡ଼ିଚାଲିଛି। ଦୁର୍ନୀତିକୁ ଆଦୌ ବରଦାସ୍ତ ନ କରିବା ଏବଂ ଏଭଳି ଅପରାଧ ମାମଲାର ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାମ୍ବିଧାନିକ ଅଦାଲତଗୁଡ଼ିକର କର୍ତ୍ତବ୍ୟ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସମ୍ପତ୍ତିର ସୁଷମ ବଣ୍ଟନ ଲକ୍ଷ୍ୟ ହାସଲର ପ୍ରୟାସ ଦ୍ୱାରା ଭାରତର ଜନସାଧାରଣଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଇବା ସମ୍ବିଧାନର ପ୍ରସ୍ତାବନାରେ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଏହାକୁ ହାସଲ କରିବାରେ ଦୁର୍ନୀତି ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ଛତିଶଗଡ଼ ହାଇକୋର୍ଟଙ୍କ ଏକ ରାୟକୁ ଖାରଜ କରିବା ଅବସରରେ ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।



ଛତିଶଗଡ଼ର ପୂର୍ବତନ ପ୍ରମୁଖ ସଚିବ ଅମନ ସିଂ ଓ ତାଙ୍କ ସ୍ତ୍ରୀ ବିପୁଳ ପରିମାଣରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଏକ ଏତଲାକୁ ହାଇକୋର୍ଟ ଖାରଜ କରିଦେଇଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୁର୍ନୀତି ଏକ ବ୍ୟାଧିରେ ପରିଣତ ହୋଇଛି। ସବୁ ବର୍ଗର ଲୋକ ଏହାର ଉପସ୍ଥିତି ଅନୁଭବ କରୁଛନ୍ତି। ଏହା କେବଳ ଶାସନ କାର୍ଯ୍ୟ ପରିସରରେ ସୀମିତ ହୋଇ ରହିନାହିଁ, ଜଣକ ଜୀବନର ମାଧ୍ୟମ ପାଲଟିଗଲାଣି ବୋଲି ଦାୟିତ୍ୱବାନ୍ ନାଗରିକ କହୁଥିବା ଖଣ୍ଡପୀଠ ମତ ଦେଇଛନ୍ତି।

# ଇରାନ ସ୍କୁଲ ଛାତ୍ରୀଙ୍କୁ ବିଷ

### ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି ଜୋର୍ ଧରିଲା

**ତେହରାନ/ବର୍ଲିନ/ଜେନେଭା, ୩ା୩**

ଗତ ଡିସେମ୍ବର ୧୬ରେ ମୋରାଲଟି ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନରେ କୁର୍ଦ୍ଦିଶ୍ ଯୁବତୀ ମହସା ଅମିନୀଙ୍କ ଜୀବନ ଯିବା ପରେ ଇରାନ୍‌ରେ ହିଜାବ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହି ଆନ୍ଦୋଳନର ନିଆଁ ନ ଲିଭୁଣୁ ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ବିଷ ଦିଆଯାଉଥିବା ଖବର ପ୍ରଘଟ ହେବା ପରେ ରୂଢ଼ିବାଦୀ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଏ ନେଇ ଅନ୍ତର୍ଜାତୀୟ ସ୍ତରରେ ତଦନ୍ତ ଦାବି ଜୋର୍ ଧରିଥିବାବେଳେ ଘଟଣା ପାଇଁ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଦେଶର ଶତ୍ରୁମାନଙ୍କୁ ଦାୟୀ କରିଛନ୍ତି। ଅଦ୍ୟାବଧି ୪ ସହରରେ ଥିବା ୩୦ରୁ ଊର୍ଦ୍ଧ୍ୱ ସ୍କୁଲର ଶତାଧିକ ଛାତ୍ରୀଙ୍କୁ ବିଷ ଦିଆଯାଇଛି। ଏହି ଜଘନ୍ୟକାଣ୍ଡ ସାମ୍ନାକୁ ଆସିବା ପରେ ଛାତ୍ରୀଙ୍କ ମାତାପିତା ସେମାନଙ୍କୁ ସ୍କୁଲରେ ପାଠ ନ ପଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ନାରୀ ଶିକ୍ଷାକୁ ବିରୋଧ କରୁଥିବା ଧର୍ମାନ୍ଧ ଗୋଷ୍ଠୀ ଏପରି କରିଥିବା କେତେଜଣ ନେତା କହିଛନ୍ତି। ରାଷ୍ଟ୍ରପତି ରଇସି ଶୁକ୍ରବାର କହିଛନ୍ତି, ଦେଶରେ ଅରାଜକତା ସୃଷ୍ଟି ଲାଗି ତେହରାନ୍‌ର ଶତ୍ରୁମାନେ ଏପରି କରିଛନ୍ତି। ଛାତ୍ରୀ ଓ ଅଭିଭାବକଙ୍କ ମନରେ ଆତଙ୍କ ଭରିଦେବା ହେଉଛି ସେମାନଙ୍କ ଉଦ୍ଦେଶ୍ୟ। ତେବେ ସବୁ କଥାରେ ଆମେରିକାକୁ ଦୋଷ ଦେଉଥିବା ରଇସି ଏଥର କାହାର ନାମ ଧରି ନାହାନ୍ତି। ଅନ୍ୟପକ୍ଷେ ଜେନେଭାସ୍ଥିତ ଜାତିସଂଘ ମାନବ ଅଧିକାର ଅଫିସରେ ଏହାର ତଦନ୍ତ ଦାବି ଉଠିଛି। ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ରବିନା ଶମ୍‌ଦାସନୀ କହିଛନ୍ତି, ଛାତ୍ରୀମାନଙ୍କୁ ଟାର୍ଗେଟ କରି ବିଷ ଦିଆଯିବା ଚିନ୍ତାର ବିଷୟ। ଏହି ଆକ୍ରମଣର ନିରପେକ୍ଷ ତଦନ୍ତ କରାଯାଉ। ସରକାରୀ ତଦନ୍ତର ତଥ୍ୟ ସାର୍ବଜନୀନ କରାଯିବା ଏବଂ ଦୋଷୀଙ୍କୁ ଦଣ୍ଡିତ କରିବା ଜରୁରୀ। ଜର୍ମାନୀ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏରବୋକ୍ କହିଛନ୍ତି, ବିଭିନ୍ନ ସ୍କୁଲର ଶତାଧିକ ଇରାନୀୟ ଛାତ୍ରୀଙ୍କୁ କିଛିମାସ ହେଲା ସ୍ଲୋ ପୋଇଜନ୍ ଦିଆଯାଇଛି। ଛାତ୍ରୀମାନେ ନିର୍ଭୟରେ ସ୍କୁଲ ଯିବା ପାଇଁ ସକ୍ଷମ ହେବା ଜରୁରୀ। ଏହା ସେମାନଙ୍କ ମାନବାଧିକାରଠାରୁ କିଛି କମ୍ ନୁହେଁ। ସବୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ନିହାତି ଆବଶ୍ୟକ ବୋଲି ଜର୍ମାନୀ ମନ୍ତ୍ରୀ ଆନ୍ନାଲେନା ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ଏହି ବିଚଳିତ କରିଦେବା ଭଳି ଅଭିଯୋଗର ତଦନ୍ତ ପାଇଁ ବୁଧବାର ଆମେରିକା ପରରାଷ୍ଟ୍ର ବିଭାଗ ମଧ୍ୟ ଦାବି କରିଥିଲା।



➡ଶିଆ ବହୁଳ ସହର କୋମ୍‌ର ସ୍କୁଲଗୁଡ଼ିକରେ ଛାତ୍ରୀମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରିବା ପାଇଁ କେତେଜଣ ବ୍ୟକ୍ତି ବିଷ ଦେଇଥିବା ବିଷୟ ନିକଟରେ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ୟୋଉନେସ୍ ପନାହି ଗଣମାଧ୍ୟମକୁ କହିଥିଲେ।

➡ଗତ ନଭେମ୍ବରରେ ଛାତ୍ରୀଙ୍କ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ସେମାନଙ୍କ ଶରୀରରେ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଇଥିବା ଜଣାପଡ଼ିଥିଲା।

➡ଫେବୃୟାରୀ ୧୪ରେ ଗଭର୍ନର ହାଉସ୍ ସମ୍ମୁଖରେ ଅସୁସ୍ଥ ଛାତ୍ରୀମାନଙ୍କ ମାତାପିତା ବିକ୍ଷୋଭ କରିବା ସହ ଏନେଇ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

➡ଏହାର ଦିନକ ପରେ ସରକାରୀ ମୁଖପାତ୍ର ଅଲୀ ବାହାଦୋରି ଜାହରୋମି କହିଥିଲେ, ଗୋଇନ୍ଦା ମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ବିଷକ୍ରିୟାର କାରଣ ଖୋଜୁଛନ୍ତି।

➡ଗତ ସପ୍ତାହରେ ପ୍ରୋସିକ୍ୟୁଟର ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ଏହାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

### ବିଜୟ ମାଲ୍ୟାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ



**ନୂଆଦିଲ୍ଲୀ, ୩ା୩**

ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରି ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ମୁମ୍ବାଇ କୋର୍ଟରେ ମକଦ୍ଦମା ଚାଲିଛି। ଏହାକୁ ଚ୍ୟାଲେଞ୍ଜ କରି ମାଲ୍ୟା ଦାଏର କରିଥିବା ପିଟିଶନ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ତେବେ ମାଲ୍ୟାଙ୍କଠାରୁ ତାଙ୍କ ଓକିଲଙ୍କୁ ଏହି ମାମଲାରେ କୌଣସି ନିର୍ଦ୍ଦେଶ ମିଳି ନ ଥିବା ସେ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଅଭୟ ଏସ୍.ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେଇଥିଲେ।

## ନୋବେଲ ବିଜେତାଙ୍କୁ ୧୦ ବର୍ଷ ଜେଲ

**ମସ୍କୋ, ୩ା୩**

ବେଲାରୁଷର ଏକ କୋର୍ଟ ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ମାନବାଧିକାର କର୍ମୀ ଆଲେସ୍ ବିଆଲିଆଟ୍‌ସ୍କିଙ୍କୁ ଶୁକ୍ରବାର ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ବିକ୍ଷୋଭ ପାଇଁ ପାଣ୍ଠି ଯୋଗାଣ ସମେତ ଅନ୍ୟ କେତେକ ଆପରାଧିକ ମାମଲାରେ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ତେବେ ଅଧିକାର ଗୋଷ୍ଠୀଗୁଡ଼ିକ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ରାୟ ଦର୍ଶାଇ ନିନ୍ଦା କରିଛନ୍ତି।

୬୦ ବର୍ଷୀୟ ଆଲେସ୍ ହେଉଛନ୍ତି ମାନବ ଅଧିକାର ଗୋଷ୍ଠୀ 'ଭିଆସ୍‌ନା'ର ସହପ୍ରତିଷ୍ଠାତା। ମାନବାଧିକାର ଓ ଗଣତନ୍ତ୍ର ପ୍ରତି ଆଲେସ୍‌ଙ୍କ ଅବଦାନକୁ ନେଇ ଗତବର୍ଷ ଅକ୍ଟୋବରରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ରୁଷୀୟ ମାନବାଧିକାର ଗୋଷ୍ଠୀ 'ମେମୋରିଆଲ୍' ଏବଂ ୟୁକ୍ରେନ୍‌ର 'ସେଣ୍ଟର ଫର୍ ସିଭିଲ ଲିବର୍ଟିଜ୍' ସହ ଆଲେସ୍ ମିଳିତ ଭାବେ ଏହାକୁ ଗ୍ରହଣ କରିଥିଲେ। ୨୦୨୦ରେ ଆଲେକ୍‌ଜାଣ୍ଡାର ଲୋକୋଶେଙ୍କୁ ବେଲାରୁଷ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ବର୍ଷାଧିକ କାଳ ଧରି ଚାଲିଥିବା ସରକାର ବିରୋଧୀ ବିକ୍ଷୋଭର ସେ ଜଣେ ପ୍ରମୁଖ ଚେହେରା। ଜେଲରେ ଥିବା ଆନ୍ଦୋଳନକାରୀମାନଙ୍କୁ ତାଙ୍କ ସଂସ୍ଥା ଆଇନଗତ ଓ ଆର୍ଥିକ ସହାୟତା ଦେଇଥିଲା। ଆଲେସ୍ ଓ ତାଙ୍କ ଦୁଇଜଣ ସହଯୋଗୀଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା। ଅଭିଯୋଜନକାରୀ ପକ୍ଷମାନେ ଆଲେସ୍‌ଙ୍କୁ ୧୨ ବର୍ଷ ଜେଲଦଣ୍ଡ ଦିଆଯାଉ ବୋଲି ମିନ୍‌ସ୍କ କୋର୍ଟଙ୍କୁ ନିବେଦନ କରିଥିଲେ। ନିର୍ବାସିତ ବେଲାରୁଷୀୟ ବିରୋଧୀ ନେତା ସିଆଟଲାନା ତିଖାନୋଉସକାୟା ଟୁଇଟର୍‌ରେ କହିଛନ୍ତି, ଆଲେସ୍ ଏବଂ ଅନ୍ୟ ଆକ୍ଟିଭିଷ୍ଟମାନଙ୍କୁ ଉପଯୁକ୍ତ ଶୁଣାଣି ନ କରି ଦଣ୍ଡିତ କରାଯାଇଛି। ଏହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରାଯିବା ଉଚିତ। ଏହି ଲଜ୍ଜାକର ଅନ୍ୟାୟ ବିରୋଧରେ ଆମେ ଲଢ଼େଇ କରି ସେମାନଙ୍କୁ ମୁକ୍ତ କରିବୁ।



ଆଲେସ୍ ବିଆଲିଆଟ୍‌ସ୍କି

**ବିକ୍ଷୋଭ ପାଇଁ ପାଣ୍ଠି ଯୋଗାଣ ସମେତ ବିଭିନ୍ନ ଆପରାଧିକ ମାମଲାରେ ଦୋଷୀ**

## ମୋ ଫୋନରେ 'ପେଗାସସ୍' ଲଗାଇଥିଲା କେନ୍ଦ୍ର: ରାହୁଲ

**ଲଣ୍ଡନ, ୩ା୩**

ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେରକୁ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ସମେତ ଅନେକ ନେତାଙ୍କ ଫୋନ୍‌ରେ ଗୁପ୍ତଚରଗିରି ଉଦ୍ଦେଶ୍ୟରେ ଇନ୍‌ଷ୍ଟଲ୍ କରାଯାଇଥିଲା। ସେହି ସମୟରେ ଗୋଇନ୍ଦା ଅଧିକାରୀମାନେ ରାହୁଲଙ୍କୁ କହିଥିଲେ, ଫୋନ୍‌ରେ କଥା ହେବାବେଳେ ଦୟାକରି ସତର୍କ ରୁହନ୍ତୁ। କାରଣ ଆପଣଙ୍କ ଫୋନ୍ ବାର୍ତ୍ତାଳାପକୁ ଆମେ ରେକର୍ଡିଂ କରୁଛୁ। କେମ୍ବ୍ରିଜ୍ ୟୁନିଭର୍ସିଟିର ଜଜ୍ ବିଜ୍‌ନେସ୍ ସ୍କୁଲରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ଭାଷଣର ଏହି ୟୁଟ୍ୟୁବ୍ ଭିଡିଓକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପ୍ରାକ୍ତନ ପରାମର୍ଶଦାତା ସାମ୍ ପିତ୍ରୋଡା ଟୁଇଟର୍‌ରେ ପୋଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟଙ୍କ ସମେତ ବିଶ୍ୱର ୫୦,୦୦୦ ଜଣଙ୍କୁ ପେଗାସସ୍ ଜରିଆରେ ଟାର୍ଗେଟ କରାଯାଇଥିବା ବିଷୟ ୨୦୨୧ ଜୁଲାଇରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଅନୁସନ୍ଧାନରୁ ଜାଣିବା ପରେ ପ୍ରଘଟ କରିଥିଲା। ସେହି ବର୍ଷ ଅଗଷ୍ଟରେ କେନ୍ଦ୍ର ସରକାର ଭାରତୀୟଙ୍କ ପଛରେ ପେଗାସସ୍‌କୁ ଲଗାଇଥିବା ଅଭିଯୋଗକୁ ମାନି ନ ଥିଲେ କି ଖଣ୍ଡନ ମଧ୍ୟ କରି ନ ଥିଲେ। ଏହା ଉପରେ ପ୍ରଘଟ ହେଲେ ଜାତୀୟ ସ୍ୱାର୍ଥ ଉପରେ ଆଞ୍ଚ ଆସିବ ବୋଲି ଆଇନଜୀବୀ, ରାଜନେତା, ଖବରଦାତା ଓ ସିଭିଲ୍ ରାଇଟ୍ସ ଆକ୍ଟିଭିଷ୍ଟମାନଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାଏର ଏକ ପିଟିଶନ ଉପରେ ସରକାର ମତ ରଖିଥିଲେ। ତେବେ ସରକାରଙ୍କ ଦ୍ୱାରା ପେଗାସସ୍ ଗୁପ୍ତଚରଗିରିର ତଦନ୍ତ ପାଇଁ ଗତବର୍ଷ ଅଗଷ୍ଟରେ ସୁପ୍ରିମକୋର୍ଟ ନିଯୁକ୍ତ ବୈଷୟିକ କମିଟି ସ୍ପାଏୱେର୍ ୨୯ ମୋବାଇଲ୍ ଯାଞ୍ଚ କରି ସେଗୁଡ଼ିକରେ ସ୍ପାଏୱେର ମିଳି ନ ଥିବା କହିଥିଲା। କିନ୍ତୁ ତହିଁରୁ ୫ ମୋବାଇଲ୍ ଫୋନ୍‌ରେ ମାଲ୍‌ୱେର ଠାବ ହୋଇଥିବା କମିଟି ସଦସ୍ୟମାନେ କହିଥିଲେ। କମିଟି ରିପୋର୍ଟ ପଢ଼ିବା ପରେ ଖଣ୍ଡପୀଠ କହିଥିଲେ, ଫୋନ୍‌ଗୁଡ଼ିକରେ ଥିବା ମାଲ୍‌ୱେର ପେଗାସସ୍ ନୁହେଁ ବୋଲି ଟେକ୍ନିକାଲ କମିଟି ନିଜ ରିପୋର୍ଟରେ ଦର୍ଶାଇବା ଚିନ୍ତାର ବିଷୟ।

### ପୱନ ଖେରାଙ୍କ ଜାମିନ ମିଆଦ ୧୭ ଯାଏ ବଢ଼ିଲା

**ନୂଆଦିଲ୍ଲୀ, ୩ା୩(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ କଂଗ୍ରେସ ନେତା ପୱନ ଖେରାଙ୍କ ଜାମିନ ମିଆଦକୁ ସୁପ୍ରିମକୋର୍ଟ ଶୁକ୍ରବାର ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣିକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ପି.ଏସ୍.. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ମାର୍ଚ୍ଚ ୧୭କୁ ଧାର୍ଯ୍ୟ କରିଛନ୍ତି। ଆସାମ ଓ ଉତ୍ତରପ୍ରଦେଶର ଜବାବ ରେକର୍ଡ ହୋଇ ନ ଥିବାରୁ ହୋଲି ଛୁଟି ପରେ ଆବେଦନର ଶୁଣାଣି କରାଯିବ। ସୂଚନାଯୋଗ୍ୟ, ଗତ ମାସ ଫେବୃୟାରୀରେ ମୁମ୍ବାଇରେ ଏକ ଖବରଦାତା ସମ୍ମିଳନୀରେ ଖେରା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ରାୟପୁର ଯିବା ଲାଗି ଖେରା ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିବାବେଳେ ଆସାମ ପୋଲିସ ତାଙ୍କୁ ଗିରଫ କରିଥିଲା।

**ଆତଙ୍କବାଦ ମୁକାବିଲା**

## କ୍ୱାଡ୍ କାର୍ଯ୍ୟକାରୀ ଗୋଷ୍ଠୀ ଗଢ଼ାହେବ

**ନୂଆଦିଲ୍ଲୀ, ୩ା୩(ପି.ଟି.)**

**କ୍ୱାଡ୍ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ଘୋଷଣା**

ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ ଗଠିତ କ୍ୱାଡ୍ ରାଷ୍ଟ୍ରଗୋଷ୍ଠୀର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏହି ଗୋଷ୍ଠୀର ପ୍ରତିଶ୍ରୁତିକୁ ବୈଠକରେ ପୁନର୍ବାର ଦୋହରାଯିବା ସହ ଆଇନର ଶାସନ, ସାର୍ବଭୌମତ୍ୱ, ଆଞ୍ଚଳିକ ସଂହତିକୁ ସମ୍ମାନ ଦେଇ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନକୁ ବହିର୍ବ୍ୟାପାର ମନ୍ତ୍ରୀମାନେ ଦୃଢ଼ ସମର୍ଥନ ଜଣାଇଥିଲେ। ଏହା ପରୋକ୍ଷରେ ଚାଇନାକୁ ଏକ ବାର୍ତ୍ତା ବୋଲି କୁହାଯାଉଛି। ଆତଙ୍କବାଦର ମୁକାବିଲା ଲାଗି କ୍ୱାଡ୍ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରାଯିବ ବୋଲି ଏହି ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତାଙ୍କ ଆମେରିକା ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍, ଜାପାନ ପ୍ରତିପକ୍ଷ ୟୋଶିମାସା ହାୟାଶି ଏବଂ ଅଷ୍ଟ୍ରେଲିଆର ପେନି ଓଙ୍ଗ୍ ଘୋଷଣା କରିଥିଲେ। ଚଳିତ ବର୍ଷ ଜାପାନ ଜି୭ର ଅଧ୍ୟକ୍ଷତା କରୁଥିବାବେଳେ ଭାରତ ଜି୨୦ ଏବଂ ଆମେରିକା ଏପେକ୍ (ଏସିଆ-ପାସିଫିକ୍ ଇକୋନୋମିକ୍ କର୍ପୋରେଶନ)ର ଆୟୋଜନ କରୁଛି। ଏହି ଅବସରରେ କ୍ୱାଡ୍ ଏଜେଣ୍ଡା କାର୍ଯ୍ୟକାରୀ କରିବା ଦିଗରେ ଏକାଠି କାମ କରିବାକୁ ମନ୍ତ୍ରୀମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏହି ବୈଠକ ପରେ ୪ ବହିର୍ବ୍ୟାପାର ମନ୍ତ୍ରୀ ରାଇସିନା ଡାଇଲଗ୍‌ରେ ଭାଗନେବା ସହ କ୍ୱାଡ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସ୍ୱାର୍ଥର ମିଳିତ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବ୍ଲିଙ୍କେନ୍ ଏବଂ ଓ୍ୱଙ୍ଗ୍ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଆସିଥିବାବେଳେ ହାୟାଶୀ କ୍ୱାଡ୍ ବୈଠକରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିଛନ୍ତି।



କ୍ୱାଡ୍ ବୈଠକ ପୂର୍ବରୁ ପେନି ଓଙ୍ଗ୍, ଏସ୍ ଜୟଶଙ୍କର, ଆଣ୍ଟୋନି ବ୍ଲିଙ୍କେନ୍, ୟୋଶିମାସା ହାୟାଶି।

## ଦିଲ୍ଲୀରେ ଅଟୋରେ ବୁଲିଲେ ବ୍ଲିଙ୍କେନ୍

ଜି-୨୦ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ନୂଆଦିଲ୍ଲୀରେ ଏକ ଅଟୋରିକ୍ସାରେ ବୁଲୁଥିବା ଦେଖାଯାଇଛି। ଶୁକ୍ରବାର ସେ କ୍ୱାଡ୍ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକରେ ସାମିଲ ହୋଇଥିଲେ। ସେ ଏକାଧିକ ଫଟୋ ଟୁଇଟ୍ କରିବା ସହ ଭାରତ-ଆମେରିକା ରଣନୀତି ସହଯୋଗିତା ବଢ଼ାଇବାରେ ସହଯୋଗ କରିଥିବା ମୁମ୍ବାଇ, ହାଇଦ୍ରାବାଦ ସମେତ ବିଭିନ୍ନ ରାଜ୍ୟର ଆମେରିକା କନ୍‌ସୁଲେଟ୍‌ର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



**ବଢୁଛି ତାତି: ୧୩ ସ୍ଥାନରେ ପାରଦ ୩୭ ଡିଗ୍ରୀ ଡେଇଁଲା** ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ୧୩ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଛି। ଭୁବନେଶ୍ୱରରେ ସର୍ବାଧିକ ୩୭.୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୩୭.୮, ସମ୍ବଲପୁର ୩୭.୩, ତାଳଚେର ୩୭.୪, ବଲାଙ୍ଗୀର ୩୭.୪, ବାରିପଦା ୩୭, ଟିଟିଲାଗଡ଼ ୩୭, ମାଲକାନଗିରି ୩୭.୫, ସୋନପୁର ୩୭.୨, ନୟାଗଡ଼ ୩୭.୫, ବୌଦ୍ଧ ୩୭.୫, ଭଦ୍ରକ ୩୭.୨ ଓ ଢେଙ୍କାନାଳ ୩୭.୨ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ତେବେ ରାଜ୍ୟରେ ଆସନ୍ତା ୧୧ ତାରିଖରୁ ତାତି ବଢ଼ିବା। ପାରଦ ।ଉପରମୁହାଁ ହେବା। ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍ସିୟସକୁ ଛୁଇଁବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ୧୦ ତାରିଖ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି।




# ଭିଜିଲାନ୍ସ ଜାଲରେ ବାବୁ

## ଠୁଳ କରିଛନ୍ତି ୯୧୫.୨୭ କୋଟି ବେଆଇନ ସମ୍ପତ୍ତି

**ଭୁବନେଶ୍ୱର,୩।୩(ବ୍ୟୁରୋ)**

**୧୨୨ ଦୋଷୀସାବ୍ୟସ୍ତ**

ସରକାରୀ ବାବୁ ସରକାରୀ ସମ୍ପତ୍ତିର ସୁରକ୍ଷା ଦେବା ପରିବର୍ତ୍ତେ ଦୁର୍ନୀତିରେ ବୁଡ଼ି ରହୁଛନ୍ତି। ନିଜ ଆୟଠାରୁ ବହୁ ଅଧିକ ସମ୍ପତ୍ତି ଅସତ୍ ଉପାୟରେ ଠୁଳ କରୁଛନ୍ତି। କେବଳ ତଳିଆ କିମ୍ବା ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନୁହନ୍ତି, ବଡ଼ବାବୁମାନେ ମଧ୍ୟ ଦୁର୍ନୀତିରେ ବୁଡ଼ି ରହୁଛନ୍ତି। କେତେକ ସରକାରୀ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଧରାହେଉଥିବା ବେଳେ ଆଉ କେତେକ ଖସିଯାଉଛନ୍ତି। ଭିଜିଲାନ୍ସ ଦ୍ୱାରା ଦିଆଯାଇଥିବା ତଥ୍ୟରେ ଅଧିକାରୀ ଓ କର୍ମଚାରୀଙ୍କ କଳାକାରନାମାର ପର୍ଦ୍ଦାଫାଶ କରାଯାଇଛି। ଭିଜିଲାନ୍ସ ଦେଇଥିବା ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ୫ ହଜାର ୫୫ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ଅଭିଯୋଗରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୯୧୫ କୋଟି ୨୭ ଲକ୍ଷ ୯୮ ହଜାର ୫୬୨ ଟଙ୍କା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଛି। ଭିଜିଲାନ୍ସ ଦ୍ୱାରା ଧରାହୋଇଥିବା ଅଧିକାରୀମାନଙ୍କ ମଧ୍ୟରୁ ୬୮୪ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଥିବାବେଳେ ୫୫୯ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ, ୩୨୪୮ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୯୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ୪୭୧ ଜନପ୍ରତିନିଧି ଅଛନ୍ତି। ସେମାନଙ୍କ ମଧ୍ୟରେ ୨୨୭ ଜଣ ପୋଲିସ କର୍ମଚାରୀ ମଧ୍ୟ ଅଛନ୍ତି।

ତେବେ ଧରାଯାଉଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ନେଇ ପ୍ରକ୍ରିୟା ବିଳମ୍ବ ହେଉଛି। ଦୀର୍ଘ ବର୍ଷ ପରେ ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ପାରୁନାହିଁ। ଫଳରେ ଦୁର୍ନୀତିରେ ବୁଡ଼ିରହିଥିବା ସରକାରୀ କର୍ମଚାରୀ ଅଭିଯୁକ୍ତଙ୍କ ମଧ୍ୟରୁ ମାତ୍ର ୧୨୨ ଜଣ ଦୋଷୀସାବ୍ୟସ୍ତ ହୋଇଛନ୍ତି। ୩ ଜଣଙ୍କର ପେନ୍‌ସନ ବନ୍ଦ କରାଯାଇଥିବା ବେଳେ ୧୪୦ ଜଣ ପ୍ରମାଣ ଅଭାବରୁ ଖସି ଯାଇଛନ୍ତି। ୨୧୧୫ ଜଣଙ୍କ ବିରୋଧରେ ୧୭୦୦ ମାମଲା ଏବେ ବି ବିଚାରାଧୀନ ରହିଛି। ୪ଟି ମାମଲା ଖାରଜ ହୋଇଯାଇଛି।

ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

## ଖଣି ଅଧିକାରୀଙ୍କ ଘରୁ କୋଟିଏ ଟଙ୍କା, ଅଧା କେଜି ସୁନା ମିଳିଲା

**ଭୁବନେଶ୍ୱର,୩।୩(ବ୍ୟୁରୋ)**


ଘରୁ ଠାବ ହୋଇଥିବା ପ୍ରାୟ ୧ କୋଟି ନଗଦ ଟଙ୍କା

■ **ଭୁବନେଶ୍ୱର ଓ କେନ୍ଦୁଝରରେ ୧୩ ସ୍ଥାନରେ ଚଢ଼ାଉ**


ଉମେଶ ଚନ୍ଦ୍ର ଜେନା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କ ବାସଭବନ ସମେତ ୧୩ ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୫ଟି ସ୍ଥାନ ରହିଥିବାବେଳେ କେନ୍ଦୁଝର ଜିଲାର ଶିରିଶିପାଳସ୍ଥିତ ପୈତୃକ ଘର, ଘସିପୁରା ଥାନା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘର, ଗନ୍ଧମାରିଆରେ ଥିବା କୋଠା ସମେତ ଜିଲାର ଅନ୍ୟ ୫ଟି ସ୍ଥାନ ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଯାଞ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୧୦ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଉମେଶଙ୍କ ଘରେ ଚଢ଼ାଉ ଜାରି ରହିଥିବା ବେଳେ ସନ୍ଧ୍ୟାସୁଦ୍ଧା ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ପକ୍ଷରୁ ରିପୋର୍ଟ ଦିଆଯାଇଛି। ଭୁବନେଶ୍ୱରରେ ଗୋଟିଏ ବହୁମହଲାବିଶିଷ୍ଟ କୋଠା, କେନ୍ଦୁଝରରେ ୩ଟି କୋଠା ଏବଂ ୫ଟି ପ୍ଲଟ ଠାବ ହୋଇଛି। ଏଥିସହ ତାଙ୍କ ଘରୁ ପ୍ରାୟ ନଗଦ ୧ କୋଟି ଟଙ୍କା, ୬୫୦ ଗ୍ରାମର ସୁନା ଅଳଙ୍କାର, ଦୁଇଟି ବାଇକ, ଗୋଟିଏ କାର୍ ମଧ୍ୟ ଠାବ କରାଯାଇଛି। ତେବେ ବ୍ୟାଙ୍କ, ଜୀବନ ବୀମା ଓ ଅନ୍ୟ ଜମା ଏବଂ ନିବେଶ ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ରିପୋର୍ଟରେ କୁହାଯାଇଛି। ତେବେ ଏତେ ପରିମାଣର ସମ୍ପତ୍ତି ଠାବ ହେବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଥିବାବେଳେ ଉମେଶଙ୍କ ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ଭିଜିଲାନ୍ସକୁ ସଫେଇ ଦିଆଯାଇଛି। ଉମେଶଙ୍କ ଦରମା, ସ୍ତ୍ରୀଙ୍କୁ ଇନ୍‌ସ୍ୟୁରାନ୍ସ ଏଜେନ୍ସିରୁ ମିଳୁଥିବା କମିଶନ ଓ ପୁଅର ୭ଟି ଫାର୍ମ ବ୍ୟବସାୟରୁ ଆସୁଥିବା ଟଙ୍କାରେ ଏସବୁ ସମ୍ପତ୍ତି କରାଯାଇଥିବା ଭିଜିଲାନ୍ସ ନିକଟରେ ଦାବି କରାଯାଇଛି। ତେଣୁ ଉମେଶଙ୍କ ପରିବାର ପକ୍ଷରୁ ହୋଇଥିବା ଏହି ଦାବି ସଂକ୍ରାନ୍ତରେ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉମେଶ ପୂର୍ବରୁ ଖଣି ନିର୍ଦ୍ଦେଶାଳୟର ବିଭିନ୍ନ ଜିଲା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ ସେ ଜଣେ ସାହିତ୍ୟିକ ଓ ଗୀତିକାର ଭାବେ ପରିଚିତ। ଉମେଶ ଏକାଧିକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଥିବା ସୂଚନା ମିଳିଛି।

## କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଘରେ ଚଢ଼ାଉ

**ଭବାନୀପାଟଣା, ୩।୩(ସ୍ୱ.ପ୍ର.)**


କନ୍ଦର୍ପ ପ୍ରଧାନ

ଭିଜିଲାନ୍ସ ଜାଲରେ କେବିକେ ୧-ଭବାନୀପାଟଣାର କ୍ଷୁଦ୍ର ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି ଆଦେଶ ବଳରେ ୪ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଅନୁଗୋଳ, ଖୋର୍ଦ୍ଧା ଓ କଳାହାଣ୍ଡି ଜିଲାର ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱରର ବିଭିନ୍ନ ସ୍ଥାନ ସମେତ ଅନୁଗୋଳ ଜିଲା ତୁରଙ୍ଗରେ ଥିବା ଏକ ଦୁଇମହଲା ଘର, ଖିଲାରରେ ଏକ ପ୍ଲଟ ଓ ପୈତୃକ ଗ୍ରାମ ବନ୍ତଳରେ ଥିବା ଘର, ଭବାନୀପାଟଣା ସରକାରୀ କ୍ୱାର୍ଟର ଓ କାର୍ଯ୍ୟାଳୟରେ ବର୍ତ୍ତମାନ ବି ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଗଣବଳାତ୍କାର, ଥାନାରେ ଜଣେ ଅଟକ

**କେନ୍ଦ୍ରାପଡ଼ା ଅଫିସ, ୩।୩:** କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷିୟା ନାବାଳିକାଙ୍କୁ ଗୁରୁବାର ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ଜଣେ ଟେଣ୍ଟ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ପୀଡ଼ିତାଙ୍କ ମା'ଙ୍କ ସୂଚନା ଅନୁଯାୟୀ, ଘର ପାଖରେ ଅଷ୍ଟମ ପ୍ରହର ନାମଯଜ୍ଞ ଲାଗି ଟେଣ୍ଟ ବନ୍ଧା ଯାଉଥିଲା। ସନ୍ଧ୍ୟାରେ ଜଣେ ଶ୍ରମିକ ପାଣି ମାଗିବା ପରେ ଝିଅ ନୋଟା ଓ ଗ୍ଲାସ୍ ନେଇ ଯାଇଥିଲା। ତେବେ ସେଠାରୁ ସେ ଆଉ ଫେରି ନ ଥିଲା। ପ୍ରାୟ ୧୫ ମିନିଟ୍ ପରେ ଖୋଜାଖୋଜି କରିବାରୁ ନିକଟସ୍ଥ ଏକ ବୁଦାମୂଳେ ଝିଅ ବେହୋସ୍ ଅବସ୍ଥାରେ ପଡ଼ିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା ଚାଲିଛି। ଏହି ଘଟଣାରେ ଟେଣ୍ଟ ବାନ୍ଧୁଥିବା ୪ ଶ୍ରମିକ ସାମିଲ ଥିବା ପୀଡ଼ିତାଙ୍କ ମା' ଏତଲାରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## ଭୋଗରାଇରେ ପହଞ୍ଚିଲେ ହରିୟାଣାର ନାବାଳିକା

**ଭୋଗରାଇ, ୩।୩(ଡ଼ି. ଏନ.ଏ.)**

**ଇନଷ୍ଟାଗ୍ରାମ ପ୍ରେମରୁ ସମଲିଙ୍ଗୀ ବିବାହ ନିଷ୍ପତ୍ତି**

**ପରିବାର ଲୋକଙ୍କ ବିରୋଧ**

ଇନଷ୍ଟାଗ୍ରାମରୁ ଆରମ୍ଭ ହେଲା ପ୍ରେମ। ପରେ ସମଲିଙ୍ଗୀ ବିବାହ ପାଇଁ ନିଷ୍ପତ୍ତି ନେଲେ ଦୁଇ ନାବାଳିକା। ପରସ୍ପରକୁ ଜୀବନ ସାଥୀ ରୂପେ ପାଇବା ପାଇଁ ସ୍ଥିର କରି ସୁଦୂର ହରିୟାଣାରୁ ଜଣେ ନାବାଳିକା ଚାଲି ଆସିଛନ୍ତି ବାଲେଶ୍ୱର ଜିଲା ଭୋଗରାଇ ଶଙ୍ଖାରି ଗ୍ରାମକୁ। ଉକ୍ତ ଗ୍ରାମର ନାବାଳିକାଙ୍କ ପରିବାର ଲୋକେ ଏ ଘଟଣା ବିଷୟରେ ଜାଣିବା ଉକ୍ତ ବିବାହକୁ ତୀବ୍ର ବିରୋଧ କରିଛନ୍ତି।

ଭୋଗରାଇ ଅଞ୍ଚଳର ଏକ କଲେଜରେ ଯୁକ୍ତ ଦୁଇରେ ପଢୁଥିବା ଜଣେ ଛାତ୍ରୀଙ୍କର ଇନଷ୍ଟାଗ୍ରାମରେ ହରିୟାଣାର ସୋନିପଥ ଥାନା ଅଧୀନ ରାଜୁତାଜପୁର ଗ୍ରାମର କାଜଲ ନାମକ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଦିନକୁ ଦିନ ସମ୍ପର୍କ ନିବିଡ ହେବାରୁ ଉଭୟ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଶେଷରେ କାଜଲ ଭୋଗରାଇର ଉକ୍ତ ନାବାଳିକାଙ୍କୁ ବିବାହ କରିବା ଲାଗି ଶୁକ୍ରବାର ଶଙ୍ଖାରି ଗ୍ରାମରେ ପହଞ୍ଚିଥିଲେ। ଫଳରେ ଉକ୍ତ ପରିବାର ଲୋକେ ଘଟଣା ବିଷୟରେ ଜାଣିବା ପରେ ସମଲିଙ୍ଗୀ ବିବାହକୁ ବିରୋଧ କରିଥିଲେ। ଉଭୟ ଝିଅ ପରସ୍ପରକୁ ବିବାହ କରିବାକୁ ଜିଦ୍ ଧରିବାରୁ ଘଟଣା ପହଞ୍ଚିଥିଲା ଚନ୍ଦନେଶ୍ୱର ଫାଣ୍ଡିରେ। ଫାଣ୍ଡି ଅଧିକାରୀ ବିଶ୍ୱନାଥ କର ଉଭୟ ନାବାଳିକା ଥିବା ଓ ପରିବାର ଲୋକେ ବିରୋଧ କରିବାରୁ ଦୁଇ ଝିଅଙ୍କୁ ଭୋଗରାଇ ଥାନାକୁ ହସ୍ତାନ୍ତର କରିଥିଲେ। ସେଠାରୁ ହରିୟାଣାରୁ ଆସିଥିବା କାଜଲଙ୍କୁ ବାଲେଶ୍ୱରସ୍ଥିତ ନାରୀସଂଘକୁ ପଠାଯାଇଥିବା ବେଳେ ଅନ୍ୟ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।



**ଆଜିର ମନ୍ତବ୍ୟ**

"ୟୁକ୍ରେନ୍ ଯୁଦ୍ଧରୁ ଶିକ୍ଷା ଗ୍ରହଣ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଦେଶରେ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ନିର୍ମାଣ ଲାଗି ଦେଶରେ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରତିଷ୍ଠାର ଆବଶ୍ୟକତା ରହିଛି। **-ଜେନେରାଲ ଅନିଲ ଚୌହାନ, ସିଡିଏସ୍**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭିଆଡୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖ ଲୋ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ। ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଇଲା ରାବଣ ହରିଲା ସୀତା**
**ଏଥିପାଇଁ କିଆଁ ପୋଥି ସାତୁଟା ।**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩୧ ଚୋରା ମୂର୍ତ୍ତି ଉଦ୍ଧାର, ୪ ଗିରଫ

**ଯାଜପୁର ଅଫିସ/ ଧର୍ମଶାଳା(ଡି.ଏନ୍.ଏ.),୩।୩**

ଯାଜପୁର ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ୩୧ଟି ମୂର୍ତ୍ତି ଉଦ୍ଧାର ହୋଇଛି। ଏହି ଚୋରି କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଅରବିନ୍ଦ କୁମାର ସିଂ(୪୩), ବାବର ଓରଫ୍ ଜାଭେଦ(୪୦), ବିଜୟ କୁମାର ଶୁକ୍ଲା(୫୧) ଏବଂ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଶଶିଧର ନାଏକ(୪୯) ବୋଲି ଯାଜପୁର ଏସ୍‌ପି ଭିନିତ୍ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି। ଗତ ୨ ଦଶନ୍ଧି ହେଲା ଜିଲାରେ ମୂର୍ତ୍ତି ଚୋରି କାରବାର ସକ୍ରିୟ ଥିବାବେଳେ ଏହାର ଚେର ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ସ୍ପଷ୍ଟ ହୋଇଛି। ନୀଳଗିରି ଅଞ୍ଚଳର ଶଶିଧର ଇନ୍‌ଫର୍ମର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିସ୍ତଲ ଓ ନମ୍ବର ବିହୀନ ବାଇକ ଜବତ ହୋଇଛି। ଅନ୍ୟପକ୍ଷରେ ମୂର୍ତ୍ତି ଚୋରି କାରବାରରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ଏଯାଏ ଜଣାପଡ଼ିନାହିଁ। ଏଠାରୁ ଚୋରି ହେଉଥିବା ମୂର୍ତ୍ତିଗୁଡ଼ିକୁ ଦେଶ ବାହାରକୁ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ମୂର୍ତ୍ତି ଚୋରି କାରବାରର ମାଷ୍ଟରମାଇଣ୍ଡଙ୍କୁ ଧରାଗଲେ ଏନେଇ ଅଧିକ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଉଛି।

ଏସ୍‌ପି ଅଗ୍ରୱାଲଙ୍କ ସୂଚନାକ୍ରମେ ଗତ ଫେବୃୟାରୀ ୨୦ ଓ ୨୧ ରାତିରେ ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ମନ୍ଦିରରୁ ୪ଟି ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ଜେନାପୁର ଥାନାରେ ଆଇପିସି ଦଫା ୪୫୭, ୩୮୦ ଅନୁଯାୟୀ ମାମଲା (୪୮/୨୩) ରୁଜୁ ହୋଇଥିଲା। ସେହିପରି ଫେବୃୟାରୀ ୨୯ ଓ ୨୦ ରାତିରେ ଯାଜପୁର ଟାଉନ ରଘୁନାଥ ଜୀଉ ମନ୍ଦିରରୁ ୧୯ଟି ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ଯାଜପୁର ଟାଉନ ଥାନାରେ ମାମଲା (୬୦/୨୩) ରୁଜୁ ହୋଇଥିଲା। ଏହାପୂର୍ବରୁ ଗତ ନଭେମ୍ବର ୧୧ରେ ଧର୍ମଶାଳା ଥାନା ଅଧୀନ ପାଟପୁର ବଳଦେବ ଜୀଉ ମନ୍ଦିରରୁ ବହୁ ମୂଲ୍ୟବାନ



- **ଅଭିଯୁକ୍ତମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ୩**
- **ମାଷ୍ଟରମାଇଣ୍ଡକୁ ଧରିବାକୁ ତନାଘନା**
- **ବିଦେଶକୁ ଚାଲାଣ ହେଉଥିବା ସନ୍ଦେହ**

ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏହାପରେ ଯାଜପୁର ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ଚୋରି ମାମଲାଗୁଡ଼ିକର ଅନୁଧ୍ୟାନ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ଚଢ଼ାଉକରି ମୂର୍ତ୍ତି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ସନ୍ଦେହ କରି କେଉଁଠି ଚଢ଼ାଉ ହୋଇଥିଲା ତାହା ଗୁପ୍ତ ରଖାଯାଇଛି। ଜବତ ମୂର୍ତ୍ତିଗୁଡ଼ିକ ମଧ୍ୟରେ କୃଷ୍ଣଚନ୍ଦ୍ରପୁର ମନ୍ଦିର ଏବଂ ରଘୁନାଥ ଜୀଉ ମନ୍ଦିରର ମୂର୍ତ୍ତି ରହିଛି। ଧର୍ମଶାଳା ଥାନା ବଳଦେବଜୀଉ ମନ୍ଦିର ଚୋରି ଘଟଣାରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଛି। ଅନ୍ୟ ଜିଲାଗୁଡ଼ିକରେ ହୋଇଥିବା ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏହାର ତଦନ୍ତ ଚାଲିଛି ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି।

ଯାଜପୁର ଜିଲାର ଧାର୍ମିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ର ଅନନ୍ୟ। ଏଠାରେ ଦେବୀ ବିରଜା, ଶ୍ରୀବରାହ, ଦଶାଶ୍ୱମେଧଘାଟ, ଓଳାଶୁଣୀ, ବିଶ୍ୱପ୍ରସିଦ୍ଧ ବୌଦ୍ଧବିଭବ ରତ୍ନଗିରି ଓ ଉଦୟଗିରି ଭଳି କୀର୍ତ୍ତିରାଜି ରହିଛି। ଏଠାରେ ଶତାଧିକ ବହୁ ମୂଲ୍ୟବାନ ଓ ପ୍ରାଚୀନ ମୂର୍ତ୍ତି ବିଭିନ୍ନ ମନ୍ଦିରରେ ପୂଜା ପାଉଛନ୍ତି। ଏବେ ବି ବହୁ ପୌରାଣିକ ତଥା ଐତିହାସିକ କିମ୍ବଦନ୍ତୀ ଥିବା ମୂର୍ତ୍ତି ମାଟି ତଳୁ ଓ ନଦୀ ଗର୍ଭରୁ ସନ୍ଧାନ ମିଳୁଛି। ତେଣୁ ମୂର୍ତ୍ତି ଚୋର ର୍‌ୟାକେଟ୍‌ରେ ଜିଲାର ଆଧ୍ୟାତ୍ମିକ କ୍ଷେତ୍ରଗୁଡ଼ିକ ରହିଛି। ଏପରି କି ଏକାଧିକ ମନ୍ଦିରରୁ ବହୁ ମୂର୍ତ୍ତି ଚୋରି ହୋଇଛି। ଏ ସଂକ୍ରାନ୍ତରେ ଗତ ନଭେମ୍ବର ୧୩ରେ ଧରିତ୍ରୀ ପ୍ରଥମ ପୃଷ୍ଠାରେ 'ବଳ ପାଉନି ନା ଧରୁନି' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପୋଲିସର ତତ୍ପରତା ଆରମ୍ଭ ହୋଇଛି। ଏଭଳି ଘଟଣାରେ ପୋଲିସ ଆଗକୁ କେତେଦୂର ସଫଳ ହେଉଛି ତାହା ସମୟ କହିବ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଏସ୍‌ପି ଅଗ୍ରୱାଲ ମୂର୍ତ୍ତି ଚୋରିର ମାଷ୍ଟରମାଇଣ୍ଡ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଟଙ୍କା ପାଇଁ ତଣ୍ଟି କାଟିଲେ ସାନ ଭାଇ

**ସୋର,୩।୩(ଡି.ଏନ୍.ଏ.)**

**ଦମ୍ପତିଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ୍**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସବିରା ପଞ୍ଚାୟତର ମୁନିସବିରା ଗ୍ରାମର ରଘୁନାଥ ବେହେରା (୩୫) ଓ ତାଙ୍କ ସ୍ତ୍ରୀ ପ୍ରଭାତିଙ୍କୁ ଗଳାକାଟି ହତ୍ୟା ଘଟଣାର ରହସ୍ୟ ପୋଲିସ ପର୍ଦ୍ଦାଫାସ କରିଛି। ରଘୁନାଥଙ୍କ ସାନଭାଇ ମଧୁସୂଦନ ବେହେରା ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ସ୍ପଷ୍ଟ ହୋଇଛି। ପୋଲିସ ତଦନ୍ତ ପରେ ମଧୁସୂଦନ ଓ ତାଙ୍କ ସହଯୋଗୀ ସ୍ଥାନୀୟ ସବିରା ଉଡ଼ାପଦା ଗ୍ରାମର ମାନସ ଜେନାଙ୍କୁ ଗିରଫ କରିଛି। ଶୁକ୍ରବାର ଅପରାହ୍ଣରେ ପୋଲିସ ଉଭୟଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ କରିଥିଲା। ଜମି ବିକ୍ରି ଟଙ୍କା ବଣ୍ଟନକୁ କେନ୍ଦ୍ର କରି ମଧୁସୂଦନ ଓ ତାଙ୍କ ସହଯୋଗୀ ଏହି ହତ୍ୟାକାଣ୍ଡ ରଚିଥିବା ସ୍ୱୀକାର କରିଛନ୍ତି ବୋଲି ବାଲେଶ୍ୱର ଦାୟିତ୍ୱରେ ଥିବା ମୟୂରଭଞ୍ଜ ଏସ୍‌ପି ରିଷିକେଶ ଦ୍ୟାନଦେଓ ଖିଲାରୀ ସୋର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ବୁଧବାର ରାତିରେ କୁକୁଡ଼ା ଫାର୍ମ ପଡ଼ିଆରେ ଦମ୍ପତିଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏନେଇ ମୃତକଙ୍କ ମା' ସାବିତ୍ରୀ ସୋର ଥାନାରେ ଏତଲା ଦେବା ପରେ ମାମଲା (ନଂ. ୧୩୧/୨୩) ରୁଜୁ କରାଯାଇଥିଲା। ସୋର ଥାନା ପୋଲିସ ଗୁରୁବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରିଥିଲା। ଏଥିରେ ୩ଜଣଙ୍କୁ ସୋର ପୋଲିସ ଅଟକ ରଖିଥିଲା। ହତ୍ୟା କରିବା ନେଇ ସେ ଗତ ୩ମାସ ହେଲା ଯୋଜନା କରୁଥିଲେ। ଉକ୍ତ ରାତିରେ ଉଭୟ ଫାର୍ମ ନିକଟରେ ଲୁଚି ରହିଥିଲେ। ବଡ଼ଭାଇ ରଘୁନାଥ ଓ ଭାଉଜ ପ୍ରଭାତି ଆସୁଥିବା ସମୟରେ ଦୁହେଁ ପ୍ରଥମେ ଏସିଡ୍ ଫିଙ୍ଗି ଦେଇଥିଲେ। ପରେ ମଧୁସୂଦନ ନିଜେ ଉଭୟଙ୍କୁ ଛୁରୀ ଓ ଖଣ୍ଡାରେ ଗଳାକାଟି ପକାଇବା ପରେ ଘରକୁ ପଳାଇ ଆସିଥିଲେ। ସେମାନଙ୍କ ବୟାନକୁ ଆଧାର କରି ସ୍ଥାନୀୟ ପୋଖରୀରୁ ଖଣ୍ଡା, ଏସିଡ୍ ବୋତଲ ଓ ମଦ ବୋତଲ ଜବତ କରାଯିବା ସହିତ ଏକ କିଆବୁଦାରୁ ଛୁରୀ ଜବତ କରାଯାଇଛି।

# ସରକାରଙ୍କୁ ସମାଲୋଚନା କଲେ ବରିଷ୍ଠ କଳାକାର

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

**ଅଭିନେତା ପିଣ୍ଟୁ ନନ୍ଦଙ୍କ ମୃତ୍ୟୁ ଘଟଣା**

- **ସରକାର ଚାହିଁଲେନି, ପାଣ୍ଠି ଗଠନ କରନ୍ତୁ: ଶ୍ରୀତମ ଦାସ**
- **ବର୍ତ୍ତମାନ ରାଜ୍ୟରେ ସରକାର କିଏ : ଅଶ୍ରୁମୋଚନ**
- **ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ବଡ଼ଭାଇ ଅଭିରାମ ନନ୍ଦ**

ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଅକାଳ ମୃତ୍ୟୁରେ ସିନେ ଜଗତ ସ୍ତବ୍ଧ ହୋଇଯାଇଥିବାବେଳେ ଏହି ଦୁଃଖଦ ଘଟଣା କଳାକାର ଓ ଶୁଭେଚ୍ଛୁଙ୍କ ଆଖିରେ ଲୁହ ଭରିଦେଇଛି। ଆର୍ଥିକ ସମସ୍ୟା ସହ ଯକୃତ ପ୍ରତିରୋପଣ ପାଇଁ ଡୋନର ନ ମିଳିବାରୁ ରାଜ୍ୟର ଜଣେ ବରିଷ୍ଠ କଳାକାରଙ୍କ ଜୀବନ ଚାଲିଯିବା ସମସ୍ତଙ୍କୁ କଷ୍ଟ ଦେଉଛି। ପରିବାର ସଦସ୍ୟ, କଳାକାର ଓ ଶୁଭେଚ୍ଛୁଙ୍କ ସବୁ ଉଦ୍ୟମ ସତ୍ତ୍ୱେ ପିଣ୍ଟୁଙ୍କୁ ବଞ୍ଚାଇପାରି ନ ଥିବାରୁ ସେମାନେ ପ୍ରତିକ୍ରିୟାଶୀଳ ହୋଇପଡିବା ସହ ହୃଦୟର କ୍ଷୋଭ ପ୍ରକାଶ କରୁଛନ୍ତି। ଏଥିପାଇଁ ରାଜ୍ୟର ବହୁ ବରିଷ୍ଠ କଳାକାର ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା ଆରମ୍ଭ କରିଛନ୍ତି। ଅଭିନେତାଙ୍କ ବଡ଼ଭାଇ ତଥା ବଂଶୀବାଦକ ଅଭିରାମ ନନ୍ଦ କହିଛନ୍ତି, ପିଣ୍ଟୁଙ୍କ ଚିକିତ୍ସା ପାଇଁ କଳାକାର ଓ ଜନସାଧାରଣ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବା ସହ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କିନ୍ତୁ ରାଜ୍ୟ ସରକାର, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ପକ୍ଷରୁ କୌଣସି ସାହାଯ୍ୟ କରାଗଲା ନାହିଁ। ମୁଖ୍ୟମନ୍ତ୍ରୀ ଏବେ ଶୋକ ପ୍ରକାଶ କରୁଛନ୍ତି। ମାସେ ହେଲା ଡାକ୍ତରଖାନାରେ ଭାଇ ପିଣ୍ଟୁ ପଡ଼ିଥିଲେ ମଧ୍ୟ ସରକାର ଆଗକୁ ଆସିଲେନି କି କିଛି ପଦକ୍ଷେପ ନେଲେନି। ହକି ପାଇଁ ବାହାରୁ କଳାକାରଙ୍କୁ ଆଣି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆମର ଜଣେ ଦକ୍ଷ କଳାକାରକୁ ସରକାର ବଞ୍ଚାଇପାରିଲେ ନାହିଁ। ପିଣ୍ଟୁ ନନ୍ଦ ଅସୁସ୍ଥ ଥିବା ନେଇ ତାଙ୍କ (ମୁଖ୍ୟମନ୍ତ୍ରୀଙ୍କ) ପାଖକୁ ଖବର ଯାଇଥିବ। ଯଦି ସେ କିଛି ଖବର ନେଇ ନ ଥିବେ, ତା'ହେଲେ ମୁଁ ଅନୁରୋଧ କରିବି ଆମ ମୁଖ୍ୟମନ୍ତ୍ରୀଙ୍କୁ ଯେ ସେ ଇସ୍ତଫା ଦେଇଦିଅନ୍ତୁ ବୋଲି ଅଭିରାମ କହିଛନ୍ତି। ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି କହିଛନ୍ତି, କେଉଁ ସରକାରଙ୍କ ପାଖରେ ଗୁହାରି କରିବା? କିଏ ବର୍ତ୍ତମାନ ସରକାର? ଏଠି ଆଇଏଏସ୍ ଅଫିସରମାନେ ସରକାର କି ମନ୍ତ୍ରୀ ଓ ନେତା ମାନେ ସରକାର, ଆମେ ଠିକ୍‌ରେ ଜାଣିପାରୁନୁ। ତେଣୁ ସେହି ଦ୍ୱନ୍ଦ୍ୱ ମଧ୍ୟରେ ଆମେ କାହାକୁ କହିବା ଯେ ଏଇଟା ଠିକ୍ ଓ ସେଇଟା ଭୁଲ୍। ଶାହରୁଖ୍ ଖାନ୍, ସଲମାନ ଖାନ୍ ଆସିଲେ ଟଙ୍କା ନେଇଗଲେ। ହକି ଖେଳ ସହିତ ସେମାନଙ୍କର କ'ଣ ସଂପର୍କ? ସେମାନେ କ'ଣ ହକି ଖେଳିଲେ ? ସେମାନଙ୍କୁ କାହିଁକି ଟଙ୍କା ଦିଆଯିବ- ମୁଁ ବୁଝିପାରୁନି। ସେହି ବାଟରେ କେଉଁମାନେ ବାଟମାରଣା କଲେ, ତାହା ବି କହିହେଉନି। ସରକାର କିଏ ବୋଲି ଖୋଜି ବାହାର କରିବା ପରେ ତାଙ୍କ ମୁହଁରୁ ବାହାରନ୍ତା ଯେ ଏଇଟା ହେବା ଉଚିତ୍ ନା ନାହିଁ। ସେ ଆହୁରି କହିଛନ୍ତି, ଆମ ସିନେମା ଇଣ୍ଡଷ୍ଟ୍ରିର ଲୋକେ ବି ସରକାରରେ ଅଛନ୍ତି। ନେତା, ମନ୍ତ୍ରୀ ହୋଇଛନ୍ତି। କଳାକାରଙ୍କୁ ସରକାର ସାହାଯ୍ୟ କରିବା ଉଚିତ କି ନାହିଁ ସେଇଟା ସେମାନେ କହିବା ଦରକାର। ସେମାନେ ହିଁ ଠିକ ଉତ୍ତର ଦେଇପାରିବେ। ସେହିପରି ଓଡ଼ିଶା ସିନେ କଳାକାର ଆସୋସିଏଶନର ସମ୍ପାଦକ ତଥା ଅଭିନେତା ଶ୍ରୀତମ ଦାସ କହିଛନ୍ତି, ସରକାର ମୁଣ୍ଡ ପୂରାଇଥିଲେ ପିଣ୍ଟୁଙ୍କର ଏମିତି ଅକାଳ ମୃତ୍ୟୁ ହୋଇ ନ ଥା'ନ୍ତା। ସରକାର କିଛି ଅସୁସ୍ଥ ଅଫିସରଙ୍କୁ ଏୟାରଲିଫ୍ଟ କରି ରାଜ୍ୟ ବାହାରର ବଡ଼ ବଡ଼ ଡାକ୍ତରଖାନାକୁ ଉନ୍ନତ ଚିକିତ୍ସା ପାଇଁ ପଠାଇଥିଲେ। ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଏହା କରାଯାଇପାରିଥା'ନ୍ତା। ସରକାର ଚାହିଁଲେ ସବୁକିଛି ହୋଇପାରିବ। ଏହାସହିତ କଳାକାରଙ୍କ ପାଇଁ ଏକ ପାଣ୍ଠି ଗଠନ କରିବାକୁ ସେ ଅନୁରୋଧ କରିଛନ୍ତି, ଯାହା ଆଗକୁ କାମରେ ଆସିବ ବୋଲି ସେ କହିଛନ୍ତି।

# ପଞ୍ଚଭୂତରେ ବିଲୀନ ପିଣ୍ଟୁଙ୍କ ପାର୍ଥିବ ଶରୀର



ବଡ଼ପୁଅ ଶ୍ରେୟାଂଶ ନନ୍ଦ ମୁଖାଗ୍ନି ଦେଉଛନ୍ତି।

**ପୁରୀ ଅଫିସ, ୩।୩**

ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ପିଣ୍ଟୁ ନନ୍ଦଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଛି। ଶୁକ୍ରବାର ବହୁ କଳାକାର, କଳାପ୍ରେମୀ, ଶୁଭେଚ୍ଛୁ ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ପୁରୀ ସ୍ୱର୍ଗଦ୍ୱାରରେ ପିଣ୍ଟୁଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବଡ଼ପୁଅ ଶ୍ରେୟାଂଶ (ସାଇ) ମୁଖାଗ୍ନି ଦେଇଥିଲେ। ଏହି ସମୟରେ ପିଣ୍ଟୁ ନନ୍ଦ ଅମର ରହେ ଧ୍ୱନିରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବାବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ, ପିଣ୍ଟୁ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୋଇ ୨୦ରୁ ଊର୍ଦ୍ଧ୍ୱ ଦିନ ଧରି ଦିଲ୍ଲୀ ଓ ପରେ ହାଇଦ୍ରାବାଦରେ ଚିକିତ୍ସାଧୀନ ଥିଲେ। ବୁଧବାର ରାତି ୧୧ଟା ୨୫ରେ ତାଙ୍କର ପରଲୋକ ଘଟିଥିଲା। ଗୁରୁବାର ରାତି ପ୍ରାୟ ୮ଟା ୫୦ରେ ହାଇଦ୍ରାବାଦରୁ ତାଙ୍କ ମରଶରୀରକୁ ବିମାନ ଯୋଗେ ଭୁବନେଶ୍ୱର ପଟିଆସ୍ଥିତ ବାସଭବନକୁ ଅଣାଯିବା ପରେ ଶୁକ୍ରବାର ଏକ ଆମ୍ବୁଲାନ୍ସ ଯୋଗେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ଅପରାହ୍ଣ ପ୍ରାୟ ୧ଟା ୪୦ରେ ସ୍ୱର୍ଗଦ୍ୱାରରେ ତାଙ୍କ ପାର୍ଥିବ ଶରୀର ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲା। ସେଠାରେ କଳାକାର, କଳାପ୍ରେମୀ ଓ ଶୁଭେଚ୍ଛୁମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କର ସଂସ୍କାର କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗଦ୍ୱାରରେ ପିଣ୍ଟୁଙ୍କ ଭାଇ ଅଭିରାମ ନନ୍ଦଙ୍କ ସମେତ ଅଭିନେତା ବବି ମିଶ୍ର, ଗୁଡ୍ଡୁ, ମିଟୁ ମିଥୁନ, ସମୀର ଶତପଥୀ, ଅଭିନେତ୍ରୀ ରାନୀ ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ସଙ୍କଟରେ ଭାରତୀୟ ...

ପରେ ବିଦେଶ ମାଟିରେ ଭାରତର ଛବିକୁ ମଳିନ କରିବାକୁ ଉଦ୍ୟମ ଚଳାଇଥିବା କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି। ବ୍ରିଟେନ ଗସ୍ତରେ ଥିବା ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ କେମ୍ବ୍ରିଜ୍ ୟୁନିଭର୍ସିଟିର ଜଜ୍ ବିଜ୍‌ନେସ୍ ସ୍କୁଲରେ ମଙ୍ଗଳବାର ରାତିରେ ଆୟୋଜିତ 'ଲର୍ନିଂ ଟୁ ଲିଶେନ୍ ଇନ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରି' ବକ୍ତୃତା କାର୍ଯ୍ୟକ୍ରମରେ ସମ୍ବୋଧନ କରିଥିଲେ। ୫୨ ବର୍ଷୀୟ ରାହୁଲ ଭାରତରେ ବିରୋଧୀ ନେତାମାନଙ୍କ ପ୍ରତି ସରକାରଙ୍କ ଆଚରଣ ଉପରେ ଏମ୍‌ବିଏ ଛାତ୍ରୀଛାତ୍ରଙ୍କୁ କହିଥିଲେ, ଆମ ଉପରେ ଲଗାତର ଭାବେ ଏପରି ଚାପ ପକାଯାଉଛି। ମୋ ବିରୋଧରେ ଅନେକ ଆପରାଧିକ ମାମଲା ରୁଜୁ କରାଯାଇଛି। ଆମେ ଏସବୁର ବିରୋଧ କରୁଛୁ। ଭାରତୀୟ ଗଣତନ୍ତ୍ର ଉପରେ ଚାପ ପଡୁଥିବାରୁ ଏହା ସଙ୍କଟରେ ରହିଛି। ମୁଁ ଭାରତର ଜଣେ ବିରୋଧୀ ନେତା। ଆମେ ବିରୋଧୀ ଭୂମିକା ନେଉଛୁ। କେତେକ ପ୍ରସଙ୍ଗରେ ଆଲୋଚନା ଦାବି କରି ପାର୍ଲାମେଣ୍ଟ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ବିରୋଧୀ ନେତାମାନଙ୍କୁ ୩-୪ ଥର ଗିରଫ କରାଯାଇଥିବା ଦର୍ଶାଇ ରାହୁଲ ଏହାର ଏକ ଫଟୋ ଶେୟାର କରିଛନ୍ତି। ସଂଖ୍ୟାଲଘୁ ଓ ଗଣମାଧ୍ୟମ ଉପରେ କିପରି ଆକ୍ରମଣ ହେଉଛି ତାହା ଆପଣମାନେ ମଧ୍ୟ ଶୁଣିଥିବେ। ସେସବୁକୁ ଅନୁଧ୍ୟାନ କଲେ ଭାରତରେ କ'ଣ ଚାଲିଛି ତାହା ଜାଣିପାରିବେ ବୋଲି ରାହୁଲ କହିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଶ୍ୱସ୍ତରରେ ଭାରତ ପ୍ରତି ସମ୍ମାନ ବଢ଼ିଛି। କିନ୍ତୁ ରାହୁଲ ବିଦେଶ ମାଟିରେ ଭାରତକୁ ବଦନାମ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏଥିରୁ କଂଗ୍ରେସର ଏଜେଣ୍ଡା ବାରି ହୋଇଯାଉଛି।

### ଚତୁର୍ଥୀ ଦିନ ସ୍ୱାମୀଙ୍କ ...

ସକାଳେ ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ ସ୍ୱାମୀ। ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ତୁଣ୍ଡୁରା ପଞ୍ଚାୟତ ଖଡୁପାହି ଗ୍ରାମରେ। ବିବାହ ଲାଗି ହସଖୁସିରେ ପୂରି ଉଠୁଥିବା ପରିବେଶ ହଠାତ୍ ପାଲଟିଯାଇଥିଲା ଶୋକାକୁଳ। ମୃତ ଯୁବକ ହେଲେ ଅଜୟ କୁମାର ଭଞ୍ଜ। ଅନ୍ୟପକ୍ଷେ ସ୍ୱାଇଁର ମୃତ୍ୟୁ ଖବର ଶୁଣି ବାପଘର ଲୋକେ ପହଞ୍ଚି ଝିଅକୁ ଘରକୁ ନେଇ ପଳାଇଥିଲେ। ଖନ୍ତାପଡା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଖରୀରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି। ତେବେ ପୋଲିସ ତଦନ୍ତ ପରେ ସତ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି।

### ଲାଞ୍ଚ ନେଇ ଧରାପଡ଼ିଲେ ...

କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କହିଛନ୍ତି। ଦୁର୍ନୀତି ରୋକିବା ପାଇଁ ତାଙ୍କ ସରକାର ଲୋକାୟୁକ୍ତ ପୁନଃ ପ୍ରତିଷ୍ଠା କରିଥିଲେ। କଂଗ୍ରେସ ଶାସନ କାଳରେ ଲୋକାୟୁକ୍ତ ନ ଥିବାରୁ ଦୁର୍ନୀତି ଶୀର୍ଷରେ ପହଞ୍ଚିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱଗୃହୀ ଚନ୍ଦ୍ର ପ୍ରଭାବରେ ଏକାଧାରରେ ଅର୍ଥଲାଭ ସାଙ୍ଗକୁ ବନ୍ଧୁସମ୍ପର୍କରୁ ଖୁସି ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେଇପାରେ। ଅନିଦ୍ରାଜନିତ କ୍ଲେଶ ଭୋଗିବାକୁ ପଡ଼ିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଅନୁରୋଧ କ୍ରମେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ**
ଉଚ୍ଚସ୍ଥ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଭାଙ୍ଗିପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ସଫଳତା ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ**
ରାଶିରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ବିଷୟକୁ ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ତଥାପି କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ହୃଦୟରେ ଦୁଃଖ ଭରି ରହିଥିଲେ ମଧ୍ୟ ମନକଥା ପ୍ରକାଶ କରିପାରିବେ ନାହିଁ। ପରିବାରରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ସୂଚନା ରହିଛି।

**କର୍କଟ**
ଅନ୍ୟମାନଙ୍କ କାନକୁହା କଥା ପ୍ରଭାବରେ କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଆଶା କରିପାରନ୍ତି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ**
ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସହକର୍ମୀଙ୍କ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**କନ୍ୟା**
ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ଆତ୍ମୀୟମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ବୁଝାମଣା ଅଭାବରୁ ପରିବାରରେ ମାନମନାନ୍ତର ଦେଖା ଦେଇପାରେ। ପଡ଼ୋଶୀଙ୍କ ପରାମର୍ଶରେ ଟେନସନ୍ ଦୂର ହେବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ତୁଳା**
କୋଣସ୍ଥାନରେ ଏକାଧିକଗ୍ରହ ଅବସ୍ଥାନ କରୁଥିବାରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ସହଯୋଗରେ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ।

**ବିଛା**
କର୍ମାଧିପ କେନ୍ଦ୍ରସ୍ଥ ଓ ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ଯୋଗୁ ପ୍ରତ୍ୟେକ କାମରେ ସଫଳତା ହାସଲ କରିବେ। ଦୀର୍ଘ ଦିନରୁ ସ୍ଥଗିତ କାମକୁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ। ଅଫିସ୍ କାମରେ ଆକସ୍ମିକ ଭାବରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ବ୍ୟବସାୟିକ ସ୍ଥିତି ବିଶେଷ ଭଲ ରହିବା ହେତୁ ଖୁସି ରହିପାରନ୍ତି।

**ଧନୁ**
ସ୍ଥଗିତ କାମ ହାସଲ କରିବା ସକାଶେ ଆଜି ବିଶେଷ ଅସୁବିଧା ହେବ ନାହିଁ। ମୂଳା ନକ୍ଷତ୍ରର ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥ ହାସଲ କରିବା ସକାଶେ ବିଶ୍ୱାସଘାତକତା କାମ କରିପାରନ୍ତି।

**ମକର**
ବିଭିନ୍ନ ଦିଗରୁ ନିର୍ଯାତିତ ହେଲେ ମଧ୍ୟ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପ୍ରତିବେଶୀଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ।

**କୁମ୍ଭ**
ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନ କରିବେ। ଆଜିର ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ ଠିକ୍ ସମୟକୁ ଦୂରେଇ ରହିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ**
ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ବହୁଲୋକ ଗହଣରେ ସମ୍ବର୍ଦ୍ଧିତ ହେବାସହ ସମ୍ମାନ ଲାଭ କରିପାରନ୍ତି। ମନ ଭଲ ରହିଥିବା କାରଣରୁ ପାରିବାରିକ କ୍ଷେତ୍ରରେ ବିରକ୍ତିଭାବ ପ୍ରକାଶ କରିବେ। ଆକସ୍ମିକଭାବରେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ, ଶନିବାର, ଆଜି ବୈଷ୍ଣବ ସମ୍ମତ ଏକାଦଶୀ, ମାର୍ଚ୍ଚ ୪ ତାରିଖ, ରାଷ୍ଟ୍ରୀୟ ନିରାପତ୍ତା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୦ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୯।୦୩ ଗତେ ଘ. ୧୦।୩୦ ମଧ୍ୟେ ରାହୁକାଳ।

## ୭ ଡିଏସ୍‌ପିଙ୍କୁ ବଦଳି ସହ ନୂଆ ନିଯୁକ୍ତି

**ଭୁବନେଶ୍ୱର:** ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ୭ଜଣଙ୍କୁ ବଦଳି ସହ ନୂଆ ସ୍ଥାନରେ ନିଯୁକ୍ତ କରାଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ବାଲୁଗାଁ ଏସ୍‌ଡିପିଓ ଭାବେ କାର୍ଯ୍ୟରତ ମାନସ ରଞ୍ଜନ ବାରିକଙ୍କୁ ତାଳଚେର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଡିଏସ୍‌ପି ଗୌରାଙ୍ଗ ଚରଣ ସାହୁଙ୍କୁ କଣ୍ଟାବାଞ୍ଜି ଏସ୍‌ଡିପିଓ, ବାଳକୃଷ୍ଣ କହଁରଙ୍କୁ ଝାରସୁଗୁଡ଼ାରୁ ଆଠମଲ୍ଲିକ ଏସ୍‌ଡିପିଓ, ଭଞ୍ଜନଗରରୁ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କୁ ବାଲୁଗାଁ ଏସ୍‌ଡିପିଓ, ଡିଏସ୍‌ପି ବିଶ୍ୱାମିତ୍ର ହରପାଲଙ୍କୁ କନ୍ଧମାଳ ଆଇଏଏଚ୍‌ଟିୟୁ ଭଞ୍ଜନଗର ଏସ୍‌ଡିପିଓ ଓ ଡିଏସ୍‌ପି ସ୍ନେହାଶିଷ ସାହୁଙ୍କୁ କନ୍ଧମାଳ ଆଇୟୁସିଏଡବ୍ଲୁରୁ ନୟାଗଡ଼ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇ ଜଗତ୍‌ସିଂହପୁରରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ସର୍ବେଶ୍ୱର ବେହେରାଙ୍କୁ କନ୍ଧମାଳ ଆଇଏଏଚ୍‌ଟିୟୁକୁ ବଦଳି କରାଯାଇ ନୂଆ ନିଯୁକ୍ତି ଦିଆଯାଇଛି।

# ଅଭିଜ୍ଞତାରୁ ଅଭିବୃଦ୍ଧି

ଉଚ୍ଚଶିକ୍ଷା ଶେଷକରି ନିଜର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟ କରିବାର ଅଭିଜ୍ଞତାକୁ ବ୍ୟବସାୟରେ ବିନିଯୋଗ କରିବା ଲକ୍ଷ୍ୟରେ କର୍ମଭୂମିରୁ ଜନ୍ମଭୂମିକୁ ଫେରିଥିଲେ। ଏପରିକି ଦୀର୍ଘ ୫ଦଶନ୍ଧିରୁ ଅଧିକ ସମୟ ହେବ ରାଉରକେଲାଠାରେ ଥିବା ପାରିବାରିକ ବ୍ୟବସାୟରେ ଯୋଗଦେବା ସହ ସମୟକ୍ରମେ ଅଳଙ୍କାର ବ୍ୟବସାୟର ଭାର ସମ୍ଭାଳିଥିଲେ। ବିଶେଷକରି ଦେଶର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ୍ ତନିସ୍କର ଡିଲରଶିପ ଜରିଆରେ ଇନ୍ଦିରା ଜୁଏଲ୍ସର ବ୍ୟବସାୟ ଅଭିବୃଦ୍ଧି ପାଇଁ ଆବଶ୍ୟକ ଯୋଜନା କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ପଶ୍ଚିମ ଓଡ଼ିଶାରେ ବ୍ରାଣ୍ଡର ଲୋକପ୍ରିୟତା ହାସଲ କରାଇବା ସହ ସମ୍ବଲପୁର ଓ ଝାରସୁଗୁଡ଼ାଠାରେ ବ୍ୟବସାୟ ଆରମ୍ଭ କରି ଗ୍ରାହକଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଇନ୍ଦିରା ଜୁଏଲ୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ନଭପ୍ରୀତ୍ ସିଂଙ୍କ ସହ ଧରିତ୍ରୀର ବିଶେଷ ବାର୍ତ୍ତାଳାପ...





ନଭପ୍ରୀତ୍ ସିଂ

**ପ୍ରଶ୍ନ-୧: ଅଳଙ୍କାର ଶିଳ୍ପରେ ସାମ୍ନା କରୁଥିବା ପ୍ରମୁଖ ସମସ୍ୟାଗୁଡ଼ିକ କ'ଣ?**

ଉତ୍ତର: କ୍ରମାଗତ ଭାବେ ଦେଶରେ ସୁନା ଓ ହୀରା ଅଳଙ୍କାରର ମୂଲ୍ୟ ବୃଦ୍ଧି ପାଇବା ଅଳଙ୍କାର ଶିଳ୍ପ ପାଇଁ ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ସେହିଭଳି ଗତ କିଛି ମାସ ହେବ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ମଧ୍ୟ ଏକ ଅନିଶ୍ଚିତତା ଦେଖାଦେଉଛି। ଫଳରେ ଅଳଙ୍କାର ଶିଳ୍ପରେ ମାନ୍ଦାବସ୍ଥା ରହିଛି। ଏପରିକି ଅର୍ଥନୀତିରେ ମଧ୍ୟ ଏହାର ପ୍ରଭାବ ଦେଖାଦେଇଛି।

**ପ୍ରଶ୍ନ-୨: ଅଳଙ୍କାର ଶିଳ୍ପରେ ଗତ ବର୍ଷ କେଉଁ ଅଳଙ୍କାର ଟ୍ରେଣ୍ଡରେ ରହିଥିଲା?**

ଉତ୍ତର: ଗତ ବର୍ଷ ଅଳଙ୍କାର ଶିଳ୍ପରେ ହାଲୁକା ଡିଜାଇନର ଅଳଙ୍କାର ବେଶ୍ ଟ୍ରେଣ୍ଡ କରିଥିଲା। ଏପରିକି ସାରା ଦେଶରେ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗ୍ରାହକମାନେ ବିବାହ କିମ୍ବା କୌଣସି ଉତ୍ସବ ସମୟରେ ସ୍ୱଳ୍ପ ବଜେଟରେ କାରବାର କରୁଛନ୍ତି।

**ପ୍ରଶ୍ନ-୩: ବର୍ତ୍ତମାନ ଗ୍ରାହକଙ୍କ ମଧ୍ୟରେ କ'ଣ ପରିବର୍ତ୍ତନ ଦେଖୁଛନ୍ତି?**

ଉତ୍ତର: ଗ୍ରାହକମାନେ ସେହି ବ୍ରାଣ୍ଡର ଜିନିଷ କିଣିବାକୁ ପସନ୍ଦ କରୁଛନ୍ତି,ଯେଉଁ ବ୍ରାଣ୍ଡ୍‌କୁ ସେମାନେ ବିଶ୍ୱାସ କରନ୍ତି। ସେଥିପାଇଁ ସେମାନେ କିଛି ପରିମାଣର ଟଙ୍କା ଦେଇ ଜିନିଷ କିଣିବାକୁ ପସନ୍ଦ କରିଥାଆନ୍ତି। ଏପରିକି ବ୍ରାଣ୍ଡ୍‌ରୁ କିଣାକିଣି କଲେ ସେମାନଙ୍କର ଅର୍ଥର ମୂଲ୍ୟ ସହ ଗୁଣାତ୍ମକ ସାମଗ୍ରୀ ପାଇପାରିବେ ବୋଲି ଗ୍ରାହକ ଅନୁଭବ କରିଥାନ୍ତି।

**ପ୍ରଶ୍ନ-୪: ସୁନା ଅଳଙ୍କାର ବିକ୍ରି ବିଶ୍ୱାସରେ ହୋଇଥାଏ, କିନ୍ତୁ ବର୍ତ୍ତମାନ ଦେଶରେ ଅନ୍‌ଲାଇନ ମାଧ୍ୟମରେ ସୁନା ଅଳଙ୍କାର ବିକ୍ରି ହେଉଛି। ତେଣୁ ଆପଣ ଭାବୁଛନ୍ତି କି ଭବିଷ୍ୟତରେ ଏହା ବିକ୍ରିରେ ପ୍ରଭାବ ପକାଇପାରିବ?**

ଉତ୍ତର: ପ୍ରକୃତରେ ଏହା ସତ୍ୟ ନୁହେଁ, ହେଲେ ବାସ୍ତବରେ ଦେଖାଗଲେ ଲୋକମାନେ ପ୍ରାୟ ଶୋ'ରୁମ୍‌ଗୁଡ଼ିକରୁ ଜିନିଷ କିଣିବାକୁ ଭଲ ପାଇଥାଆନ୍ତି। ଏପରିକି ଦେଶର ପ୍ରତ୍ୟେକ ବ୍ରାଣ୍ଡ୍ ବର୍ତ୍ତମାନ ଅନ୍‌ଲାଇନ ମାଧ୍ୟମରେ ତାଙ୍କର ଉତ୍ପାଦ ପ୍ରଦର୍ଶନ ଓ ଜିନିଷ କିଣିବାକୁ ଗ୍ରାହକମାନଙ୍କୁ ଅନେକ ପ୍ରକାର ସୁବିଧା ମଧ୍ୟ ଯୋଗାଇ ଦେଉଛନ୍ତି।

**ପ୍ର-୫: ବ୍ୟବସାୟ ଅଭିଜ୍ଞତା ସମ୍ପର୍କରେ କ'ଣ କହିବେ?**

ଉତ୍ତର- କୋଲକାତାର ସେଣ୍ଟ ଜାଭିୟର କଲେଜରୁ ମୁଁ ବି.କମ୍‌ରେ ସ୍ନାତକ କରିଛି। ଏପରିକି ଡେରାଡୁନ୍ ଡୁନ୍ ସ୍କୁଲର ଆଲୁମ୍ନି ଥିଲି। ବିଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ମୁମ୍ବାଇଠାରେ ଡେଲୋଏଟ୍‌ର ଅଡିଟ୍ ଡିଭିଜନ ସହିତ ଡେଲୋଏଟ୍ ହାସକିନ୍ସର ସେଲ୍‌ରେ ମଧ୍ୟ କାର୍ଯ୍ୟ କରିଥିଲି। ପରବର୍ତ୍ତୀ ସମୟରେ ମୋର ହୋମ୍‌ଟାଉନ ରାଉରକେଲାକୁ ଫେରି ଆସିଥିଲି। ତେବେ ଆମ ପାଖରେ ଇନ୍ଦିରା ଟେକ୍ସଟାଇଲ ନାଁରେ ପୋଷାକ ଉତ୍ପାଦନ କରୁଥିବା ବ୍ୟବସାୟ ରହିଛି। ବର୍ତ୍ତମାନ ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ମାନ୍ୟବର ସଂସ୍ଥା ପାଇଁ ଆମେ ଫ୍ରାଞ୍ଚାଇଜ୍ ନେଇଛୁ। ଏହା ସହ ରାଉରକେଲାରେ ଫାବ୍‌ଇଣ୍ଡିଆ ଷ୍ଟୋର ମଧ୍ୟ ରହିଛି। ଆମେ ବର୍ତ୍ତମାନ ରାଉରକେଲା, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ତନିସ୍କ ବ୍ରାଣ୍ଡର ବ୍ୟବସାୟୀ ସହଯୋଗୀ ଅଟୁ।

# 'ଝିଅକୁ ହତ୍ୟା କରାଯାଇଛି'

**ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା**

## ଚାପରେ ସତ ଲୁଚିଯିବ: ମା'ବାପା

**ବଲାଙ୍ଗୀର ଅଫିସ, ୩।୩**


ଚିନ୍ମୟୀଙ୍କ ବାପା ଡା. ବନମାଳୀ ସାହୁ ଏବଂ ମା' ଲବଙ୍ଗ ସାହୁ

ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ହତ୍ୟା ମାମଲାରେ ଶୁକ୍ରବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ତାଙ୍କ ବାପା ଡାକ୍ତର ବନମାଳୀ ସାହୁ ଏବଂ ମା' ଲବଙ୍ଗ ସାହୁ। ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ବେକରେ ସୃଷ୍ଟି ହୋଇଥିବା ଚିହ୍ନରୁ ଏହା ସ୍ପଷ୍ଟ ଜଣାପଡୁଛି। ବେକକୁ ରଶି କିମ୍ବା କୌଣସି ମୋବାଇଲ କର୍ଡ ଭଳି ତାରରେ ଦବାଇ ହତ୍ୟାକରି କିମ୍ବା ଅର୍ଦ୍ଧଚେତନ ଅବସ୍ଥାରେ ପିସି ବ୍ରିଜ୍ ପାୱାର ଚ୍ୟାନେଲକୁ ଫିଙ୍ଗି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି ବୋଲି ଉଭୟେ ବଲାଙ୍ଗୀର ସହର ଟିକ୍ରାପଡ଼ାସ୍ଥିତ ବାସଭବନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। କେବଳ ଏତିକି ନୁହେଁ, ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରତିମାନ୍ ଦେଙ୍କ ବାପା ଗୃହ ବିଭାଗର ଯୁଗ୍ମ ସଚିବ। ତେଣୁ ଚାପରେ ସତ ଲୁଚିଯିବ ବୋଲି ଉଭୟେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଡାକ୍ତର ବନମାଳୀ କହିଛନ୍ତି, ପାଣିରୁ ଚିନ୍ମୟୀଙ୍କ ମୃତଦେହ ଜବତ କରାଯିବା ପରେ ତାଙ୍କ ବେକରେ ଦାଗ ରହିଥିବା ଦେଖାଯାଇଥିଲା। ଏହା ହତ୍ୟାକାଣ୍ଡ ଆଡ଼କୁ ଇଙ୍ଗିତ କରୁଛି। ସେ ନିଜେ ଜଣେ ଡାକ୍ତର ହୋଇଥିବାରୁ ଏହାକୁ ଭଲଭାବେ ଅନୁମାନ କରିପାରିବା ସ୍ୱାଭାବିକ। ଚିନ୍ମୟୀ ଜଣେ ମେଧାବୀ ଛାତ୍ରୀ। ସେ ଆଇଟିରେ ବି.ଟେକ୍ କରିସାରିଥିଲେ। ଏହାପରେ ଭୁବନେଶ୍ୱରରେ ରହି ସିଡିଏସ୍, ଓପିଏସ୍‌ସି, ୟୁପିଏସ୍‌ସି ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କୁ ପ୍ରତିମାନ୍ ହିଁ ହତ୍ୟା କରିଥିବା ସେ ସନ୍ଦେହ କରିଛନ୍ତି। ପ୍ରୀତିମାନ୍‌ଙ୍କ ବାପା ଗୃହ ବିଭାଗର ଜଣେ ଯୁଗ୍ମ ସଚିବ। ସେ ତଦନ୍ତକୁ ବାଟବଣା କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ତେଣୁ ରାଜ୍ୟ ସରକାର ତାଙ୍କୁ ନ୍ୟାୟ ଦେବା ଲାଗି ବ୍ୟବସ୍ଥା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ସେହିପରି ଚିନ୍ମୟୀଙ୍କ ମା' ଲବଙ୍ଗ କହିଛନ୍ତି, ଘଟଣା ଦିନ ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଶେଷଥର ପାଇଁ ସେ ଝିଅଙ୍କ ସହ କଥା ହୋଇଥିଲେ। ଏହାପରେ ମୋବାଇଲରେ ଚାଟିଂ କରିଥିଲେ। ରାତି ୯ଟାରେ ବସ୍‌ରେ ବସି ଫେରିବେ ବୋଲି ଚିନ୍ମୟୀ କହିଥିଲେ। ରାତି ପ୍ରାୟ ୯ଟା ୨୦ରେ ସେ ପୁନର୍ବାର ଫୋନ୍ କରିଥିଲେ। ଫୋନ୍ ଅନ୍ ଥିଲା ଏବଂ କିଛି ଶବ୍ଦ ଶୁଭିଥିଲା। କାଳେ ଅନ୍ୟ କେଉଁଠି ଲାଗିଗଲା ଭାବି ସେ ଫୋନ କାଟି ଦେଇଥିଲେ। ପ୍ରାୟ ଏକଘଣ୍ଟା ପରେ ରାତି ପ୍ରାୟ ସାଢ଼େ ୧୦ଟାରେ ଭିସୁଟ୍‌ରୁ ଜଣେ ମ୍ୟାଡାମ ତାଙ୍କୁ ଫୋନ୍ କରି ଚିନ୍ମୟୀ ପିସି ବ୍ରିଜ୍‌ରୁ ଖସିପଡ଼ିଥିବା ସୂଚନା ଦେଇଥିଲେ। ରାତି ୯ଟାରେ ବସ୍‌ରେ ଫେରିବା କଥା କହିଥିବା ଚିନ୍ମୟୀ କେଉଁ ପରିସ୍ଥିତିରେ ପିସି ବ୍ରିଜ୍‌କୁ ଗଲେ ଏବଂ ପ୍ରତିମାନ୍‌ଙ୍କଠାରୁ କେମିତି ଚିନ୍ମୟୀଙ୍କ ମୋବାଇଲ ଫୋନ୍ ବାହାରିଲା ତାହାର କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଉନାହିଁ। ଚିନ୍ମୟୀଙ୍କ ବେକରୁ ସୁନାଚେନ୍ ଗାଏବ ହୋଇଯାଇଛି। ତେଣୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଲବଙ୍ଗ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ତଦନ୍ତକୁ ନେଇ ସନ୍ଦେହ

ଚିନ୍ମୟୀ ପ୍ରିୟଦର୍ଶିନୀ ହତ୍ୟାକାଣ୍ଡ ମାମଲାର ୩ଦିନ ପରେ ଶୁକ୍ରବାର ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତକୁ ନେଇ ବିତର୍କ ସୃଷ୍ଟି ହୋଇଛି। ହତ୍ୟା ମାମଲା ରୁଜୁ ହେବା ପରେ ପୋଲିସ କାହିଁକି ତ୍ୱରିତ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଲାନାହିଁ, ତାହାକୁ ନେଇ ସନ୍ଦେହ ବଢ଼ିଥିବାବେଳେ ପ୍ରମାଣ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ତଦନ୍ତକାରୀ ଦଳର ସଦସ୍ୟମାନେ ବ୍ରିଜ୍ ନିକଟରେ ତନାଘନା କରିଥିଲେ। ବ୍ରିଜ୍ ଉପରୁ ପାଣିର ଦୂରତା କେତେ, ଚିନ୍ମୟୀ କିଭଳି ଭାବେ ପାଣିରେ ପଡ଼ିଲେ ଏସବୁ ବିଷୟ ଛାନ୍‌ଭିନ୍ କରାଯାଇଛି। ଅନୁରୂପ ଭାବେ ପୋଲିସ ବୁର୍ଲା ଥାନାରେ ଅଭିଯୁକ୍ତ ତଥା ଚିନ୍ମୟୀଙ୍କ ପୁରୁଷ ବନ୍ଧୁ ପ୍ରତିମାନ ଦେ, ଭୁବନେଶ୍ୱରରେ ଚିନ୍ମୟୀ ରହୁଥିବା ଘରର ପଡ଼ୋଶୀ ଏବଂ ସହପାଠୀଙ୍କୁ ପଚରାଉଚରା କରିଛି। ହେଲେ ଏ ସଂକ୍ରାନ୍ତରେ ପୋଲିସ ମୁହଁ ଖୋଲୁନାହିଁ। ଅନ୍ୟପଟେ 'ପରିବାର' ଅନୁଷ୍ଠାନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସଙ୍କ ଅଭିଯୋଗକ୍ରମେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ହୋଇଛି। ମୃତ ଚିନ୍ମୟୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଆଇନଗତ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି।

SMiLE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati
Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED SALESMAN
for Electronics Showroom in Bapujinagar. Candidate to have minimum 2-3 years experience in electronics trade/retail showroom.
Contact- 7008902929
7789005578

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

Required
Required Spinning Master/Technical Manager for Spinning Mills in Orissa. Interested person may contact : 9830021565

See Career Appointment on every Wednesday & Saturday

ବାଡ଼ିବଗିଚା କାମ ପାଇଁ ମାଳି ଆବଶ୍ୟକ
ରହିବାକୁ ଘର + 12500/- ।
ଫୁଲନଖରା, କଟକ
ଯୋଗାଯୋଗ:
7809525452

LCJ SILVER-LALCHAND JEWELLERS REQUIRED
SALES STAFF: 11nos. For the Bhubaneswar Store.
Minimum Quali: +3 & 2 Years Retail Experience.
Send Resume at Mail ID: admin@lcjsilver.com
or Call: 0674-2535555, 9776456453.

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-II-21-23/2014/507 Dated, the 03rd March, 2023
Advertisement
Applications are invited from Indian Nationals for engagement of 01 (one) Manager (Trade Promotion Center) on contractual basis in Paradip Port Authority.
For further details, visit our website: www.paradipport.gov.in/career.aspx
Sd/- Sr. Dy. Secretary
Paradip Port Authority
PPA/PR/229/2022-23 Dt. 03.03.2023

# ପ୍ରଥମ ଦିନରେ ୩ ଫିଲ୍ମ ପ୍ରଦର୍ଶିତ

## ରେଭେନ୍‌ଶାରେ ଆରମ୍ଭ ହେଲା ଫିଲ୍ମ ଫେଷ୍ଟିଭାଲ

- ସତ୍ୟଜିତ୍ ରାୟଙ୍କୁ ଜନ୍ମ ଶତବାର୍ଷିକୀ ସମ୍ମାନ
- ପାବଲୋ ବାର୍ଥୋଲୋମିଉ ବଖାଣିଲେ ସତ୍ୟଜିତ୍‌ଙ୍କ ସିନେମା ନିର୍ମାଣ କଳା
- ଗେ ଇଣ୍ଡିଆ ମାଟ୍ରିମୋନି ଓ ହଦ ଅନହଦ ପ୍ରଦର୍ଶନ ବନ୍ଦ



**କଟକ ଅଫିସ,୩।୩**

ଭାରତୀୟ ସିନେ ଜଗତର କିମ୍ବଦନ୍ତୀ ପୁରୁଷ ସତ୍ୟଜିତ୍ ରାୟଙ୍କ ଜନ୍ମ ଶତବାର୍ଷିକୀକୁ ସାରା ଦେଶରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ ଜାରି ରହିଛି। ସିନେ ନିର୍ଦ୍ଦେଶକ, ସଂଳାପ ଲେଖକ, ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା, ପ୍ରାବନ୍ଧିକ, ଗୀତିକାର, ପତ୍ରିକା ସମ୍ପାଦକ, ସଙ୍ଗୀତ ନିର୍ଦ୍ଦେଶକ ଭାବେ ସତ୍ୟଜିତ୍ ରାୟଙ୍କ କାର୍ଯ୍ୟାବଳୀକୁ ବର୍ତ୍ତମାନର ଯୁବପିଢ଼ି ନିକଟରେ ଉପସ୍ଥାପନ କରାଇବା ଏହାର ଉଦ୍ଦେଶ୍ୟ। ଏହି ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଫିଲ୍ମ ସୋସାଇଟି ପକ୍ଷରୁ ଏକ ଫିଲ୍ମ ଫେଷ୍ଟିଭାଲ ପାଇଁ ହୋଇଥିବା ଯୋଜନା ବହୁ ବାଦବିବାଦ ପରେ ଶୁକ୍ରବାର ଆରମ୍ଭ ହୋଇଛି। ତେବେ ଗୁରୁବାର ଫିଲ୍ମ ଫେଷ୍ଟିଭାଲ ଆରମ୍ଭ ହେବାକୁ ଥିବାବେଳେ ଗେ ଇଣ୍ଡିଆ ମାଟ୍ରିମୋନି ଓ ହଦ ଅନହଦ ଫିଲ୍ମକୁ ପ୍ରଦର୍ଶନ ନ କରିବା ଲାଗି ଉଠିଥିବା ବିରୋଧ ସମ୍ଭାଳିବାକୁ ଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇଟି ଫିଲ୍ମର ପ୍ରଦର୍ଶନ ଉପରେ ରୋକ୍ ଲଗାଯାଇଛି। ହେଲେ ୩ ଦିନିଆ ଫିଲ୍ମ ଫେଷ୍ଟିଭାଲ ଏବେ ୨ ଦିନରେ ଶେଷହେବ ବୋଲି ଜଣାଯାଇଛି।

ଶୁକ୍ରବାର ପ୍ରଥମ ଦିନର ଫିଲ୍ମ ପ୍ରଦର୍ଶନ ଆରମ୍ଭ ହେବା ପୂର୍ବରୁ ମଞ୍ଚରେ ଅତିଥି ଭାବେ ଦିଲ୍ଲୀରୁ ଆସିଥିବା ସିନେ ଜଗତର ବିଶିଷ୍ଟ ଫଟୋଗ୍ରାଫର ପଦ୍ମଶ୍ରୀ ପାବଲୋ ବାର୍ଥୋଲୋମିଉ ଉପସ୍ଥିତ ଥିଲେ। ସେ ସତ୍ୟଜିତ୍ ରାୟଙ୍କ ସହ କାମ କରିବାର ଅନୁଭୂତି ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ବଖାଣିଥିଲେ। ସତ୍ୟଜିତ୍‌ଙ୍କ ସିନେମା ସେଟ୍ ପ୍ରସ୍ତୁତିର ଡିଜାଇନ୍ ଅତ୍ୟନ୍ତ କଳାତ୍ମକ ରହୁଥିଲା। ସେ ସିନେମାର ଗୁଣାତ୍ମକ ଦିଗ ପ୍ରତି ବେଶ୍ ସଚେତନ ରହୁଥିଲେ। ତାଙ୍କ ଭଳି ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଭାରତୀୟ ସିନେ ଜଗତରେ ବିରଳ ବୋଲି ସେ କହିଥିଲେ।

୨୦୨୨ରେ ନିର୍ମିତ କମଲ କେ.ଏମ୍.ଙ୍କ ନିର୍ଦ୍ଦେଶିତ ମାଲୟାଲମ ଫିଲ୍ମ ପଦ ଓ ୧୯୫୫ରେ ନିର୍ମିତ ସତ୍ୟଜିତ୍ ରାୟଙ୍କ ନିର୍ଦ୍ଦେଶିତ ବଙ୍ଗଳା ଫିଲ୍ମ ପାଥେର ପାଞ୍ଚାଲି ପ୍ରଦର୍ଶିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ପ୍ରେକ୍ଷାଳୟରେ ଛାତ୍ରୀଛାତ୍ରମାନେ ଏହାକୁ ଉପଭୋଗ କରିଥିଲେ। ଏହାପରେ ମୋଇନାକ ବିଶ୍ୱାସ ମଞ୍ଚକୁ ଆସି ଦିବଂଗତ ଓଡ଼ିଆ ସିନେ ନିର୍ଦ୍ଦେଶକ ନିରଦ ମହାପାତ୍ର ସ୍ମାରକୀ ବକ୍ତୃତାରେ ସତ୍ୟଜିତ୍ ରାୟ ଆଣ୍ଡ ଦି ସେନ୍ସ ଅଫ୍ ୱଣ୍ଡର ଶୀର୍ଷକରେ ଆଲୋଚନା କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ୨୦୧୫ରେ ନିର୍ମିତ ତରୁଣ ମିଶ୍ରଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା ଦି ରେଫେରେଣ୍ଡମ ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁଚରଣ ମଲ୍ଲିକ, ବିଶ୍ୱବିଦ୍ୟାଳୟ କଲ୍‌ଚରାଲ କାଉନ୍‌ସିଲ୍ ଚେୟାର ପର୍ସନ ଡ. ଉର୍ମିଶ୍ରୀ ବେଦମାତା, ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟସ୍ ୱେଲ୍‌ଫେୟାର ନିର୍ଦ୍ଦେଶକ ଡ. ଅଳକାନନ୍ଦା ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଦର୍ଶକ ଗ୍ୟାଲେରିରେ ବସି ଫିଲ୍ମ ଦେଖିଥିଲେ। ଏହି ଅବସରରେ ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ପରିସରରେ ସତ୍ୟଜିତ୍‌ଙ୍କ ପାଥେର ପାଞ୍ଚାଲିର ବିଭିନ୍ନ ଦୃଶ୍ୟର ଫଟୋଚିତ୍ରଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ କରାଯାଇଛି। ରେଭେନ୍‌ଶା ଫିଲ୍ମ ସୋସାଇଟିର କର୍ମକର୍ତ୍ତାଙ୍କ ସମେତ ଜ୍ଞାନେଷୁ ଜେନା, ନିବେଦିତା ବେହେରା, ଦେବାଂଶୁ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପୋଲିସ ନିୟୋଜନ ପାଇଁ ଅନୁରୋଧ କରାଯିବା ପରେ ପ୍ରାୟ ୧୦ ଜଣ କର୍ମଚାରୀଙ୍କୁ ସେଠାରେ ନିୟୋଜିତ କରାଯାଇଥିବା ମାଲଗୋଦାମ ଥାନାଧିକାରୀ ରଜନୀକାନ୍ତ ଦାସ କହିଛନ୍ତି। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ପ୍ରଫେସର ଧର୍ମବ୍ରତ ମହାପାତ୍ର କହିଛନ୍ତି, ଏକ ଗୋଷ୍ଠୀ ଦୁଇଟି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରିବା ହେତୁ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପ୍ରଥମ ଦିନ ସାମୟିକ ଭାବେ ଫିଲ୍ମ ଫେଷ୍ଟିଭାଲକୁ ବନ୍ଦ କରାଯାଇଥିଲା। ଏବେ ସବୁକିଛି ଠିକ୍ ଅଛି। ଶାନ୍ତିଶୃଙ୍ଖଳାର ସହ ଫିଲ୍ମ ଫେଷ୍ଟିଭାଲ ଆରମ୍ଭ ହୋଇଛି।

### ସେମାନେ କୁହନ୍ତି...



ବିଶ୍ୱବିଦ୍ୟାଳୟ ଇତିହାସରେ ଏଭଳି ଫିଲ୍ମ ଫେଷ୍ଟିଭାଲ ପ୍ରଥମଥର ପାଇଁ ହେଲା। ସମସ୍ତ ପ୍ରକାରର ସହଯୋଗ ଆମ ସୋସାଇଟିକୁ ମିଳିଛି। ସତ୍ୟଜିତ୍ ରାୟଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଆମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସେଥିପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଶାସନ ନିକଟରେ ଆମେ କୃତଜ୍ଞ।

– ଶୁଭ ସୁଦର୍ଶନ ନାୟକ, ସମ୍ପାଦକ, ରେଭେନ୍‌ଶା ଫିଲ୍ମ ସୋସାଇଟି



ଫିଲ୍ମ ଫେଷ୍ଟିଭାଲ ଆୟୋଜନ ପାଇଁ ୧୦ ଦିନ ହେବ ଆମେମାନେ ପରିଶ୍ରମ କରିଛୁ। ସତ୍ୟଜିତ୍ ରାୟ ହେଉଛନ୍ତି ଜଣେ ବିଶ୍ୱବିଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ। ତାଙ୍କ ଚଳଚ୍ଚିତ୍ରଗୁଡ଼ିକୁ ବଡ଼ ପରଦାରେ ଦେଖିବାର ସୁଯୋଗ ମିଳିଲା। ସମସ୍ତେ ବହୁତ ଉତ୍ସାହିତ ଅଛୁ।

– ସୋନିଆ ଚାନ୍ଦ, ସଦସ୍ୟ, ରେଭେନ୍‌ଶା ଫିଲ୍ମ ସୋସାଇଟି

## ହାତୀ ଆକ୍ରମଣରେ ୨ ଜୀବନ ଗଲା

**ବାରିପଦା ଅଫିସ/ଠାକୁରମୁଣ୍ଡା, ୩।୩ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲାରେ ହାତୀ ଆକ୍ରମଣରେ ୨ ଜଣଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ଥାନା କମାରଡିହା ପଞ୍ଚାୟତ ଝରିଆ ଗ୍ରାମର ଭୁଲ ରାମ ଓ କରଞ୍ଜିଆ ବନଖଣ୍ଡ ରରୁଆଁ ବ୍ଲକ ବାଟିସାହିର ରୁଟିଆ ହେମ୍ବ୍ରମ। ସୂଚନାଯୋଗ୍ୟ, ଶୁକ୍ରବାର ଭୋର ପ୍ରାୟ ୫ଟା ସମୟରେ ଭୁଲ ରାମ କବାଟ ଖୋଲିଲା ବେଳକୁ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନ ପହଞ୍ଚିବାରୁ ଉତ୍ତେଜନା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ପରେ ରାସଗୋବିନ୍ଦପୁର ପୋଲିସ ସହ ନାକିଚୁଆ ଫରେଷ୍ଟର ଉପସ୍ଥିତ ହୋଇ ବୁଝାଶୁଝା କରିବାରୁ ଲୋକେ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲେ। ସେହିପରି ଗୁରୁବାର ବିଳମ୍ବିତ ରାତିରେ ବାଟିସାହିର ରୁଟିଆ ହେମ୍ବ୍ରମ ଘର ଭିତରେ ଶୋଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣର ଶିକାର ହୋଇଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ ଗାଁର ଲୋକେ ଦାବି କରିଛନ୍ତି।

## କୋରାପୁଟ, ରାୟଗଡ଼ାରେ ମୃଦୁ ଭୂମିକମ୍ପ

### ରିକ୍ଟର ସ୍କେଲରେ ତୀବ୍ରତା ୩.୮

**କୋରାପୁଟ/ ସୁନାବେଡ଼ା/ସେମିଲିଗୁଡା, /ନାରାୟଣପାଟଣା/ରାୟଗଡା/ଟିକିରି, ୩।୩ (ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ଓ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଭୋର ୫ଟାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୮ ଥିଲା ବୋଲି କୋରାପୁଟ ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। କୋରାପୁଟ ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, ଦଶମନ୍ତପୁର, ସୁନାବେଡ଼ା ଓ ସେମିଲିଗୁଡ଼ା ଅଞ୍ଚଳରେ ୨ରୁ ୩ ସେକେଣ୍ଡ ଧରି ଭୂକମ୍ପ ଅନୁଭୂତ ହୋଇଥିଲା। ଉପରୋକ୍ତ ଅଞ୍ଚଳରେ କେତେକ ଘରେ ସାମାନ୍ୟ ଫାଟ ସୃଷ୍ଟି ହୋଇଥିବା କୁହାଯାଉଛି। ସେହିଭଳି ରାୟଗଡ଼ା ସହର ସମେତ କାଶୀପୁର, ଟିକିରି, କୋଲନରା, କଲ୍ୟାଣସିଂହପୁର ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ଟିକିରିଠାରେ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୫ ଥିଲା। ତେବେ ଭୂକମ୍ପ ଯୋଗୁ କୌଣସି ସ୍ଥାନରେ କ୍ଷୟକ୍ଷତିର ଖବର ହସ୍ତଗତ ହୋଇ ନ ଥିବା ଜଣାପଡିଛି।

MOTHER DAIRY
MOTHER DAIRY ICE CREAM DIVISION
REQUIRES
SALES EXECUTIVE TO BE PLACED UNDER SUPER STOCKIST AT BHUBANESWAR
NAME OF THE POSITION : PILOT SALES REPRESENTATIVE
QUALIFICATION :- +2 WITH HAVING EXPERIENCE OF SALES IN FMCG SECTOR
SALARY :- 10,000/- PER + TRAVEL EXPENCES @ 100 Rs PER DAY
CONTACT :- SAGEN TRADING M:-9874062623
INTERESTED CANDIDATES MAY email THEIR RESUME TO sagen.trade@gmail.com

WANTED
ଧରିତ୍ରୀ DHARITRI Oriya daily
is looking for
RECOVERY EXECUTIVES
- Minimum 4-5 years experience in recovery. Working with targets and tight deadlines will be needed.
- Tracking outstanding debts.
- Update account status and database regularly.
- Graduates with good knowledge of MS Office, TALLY and databases.
Apply immediately to :
recruitment@dharitri.com
Attractive salary commensurate with experience

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**

# ଡେପୁଟେଶନ ଦୌଡ଼



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପଞ୍ଜାବରେ ଅଜ୍‌ନାଲା ଘଟଣା ଭୟଙ୍କର 'ଖଲିସ୍ଥାନ' ଶବ୍ଦକୁ ପୁନର୍ବାର ସାମ୍ନାକୁ ଆଣିଛି। ଏହା ସହ ଆଉ ଏକ ଚରମପନ୍ଥୀ ବିଚାରଧାରାର ଉତ୍‌ଥାନ ବିସ୍ମରିତ ଅତୀତର ସ୍ମୃତିକୁ ଉଜାଗର କରିଛି। ଏହି ସ୍ଥିତିରେ ସ୍ଥିରତା ନାହିଁ ଓ ପରିବର୍ତ୍ତନ ହେବାର ଆଶଙ୍କା ରହିଛି। ଉକ୍ତ ପରିପ୍ରେକ୍ଷୀରେ ରାଜ୍ୟରେ ବରିଷ୍ଠ ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀମାନେ ସାଧାରଣରେ ସକାରାତ୍ମକ କିମ୍ବା ପ୍ରେରଣାଦାୟକ ସଙ୍କେତ ପ୍ରକାଶ କରୁନାହାନ୍ତି। ସୂତ୍ରରୁ ଜଣାପଡ଼ିଛି , ପଞ୍ଜାବ ଛାଡ଼ି କେନ୍ଦ୍ର ଡେପୁଟେଶନ(କେନ୍ଦ୍ରୀୟ ପ୍ରତିନିଯୁକ୍ତି)ରେ ଯିବା ଲାଗି ବରିଷ୍ଠ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରେ ଏକ ପ୍ରକାର ଦୌଡ଼ ଆରମ୍ଭ ହୋଇଯାଇଛି। ରାଜ୍ୟରୁ ୫ରୁ ୬ ଜଣ ଅଧିକାରୀ ରାଜ୍ୟ ଛାଡ଼ି ସାରିଥିଲେ ବି ଅତି କମ୍‌ରେ ଆଉ ୭ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଉଭୟ ୨୦୦୫ ବ୍ୟାଚ୍ ଅଧିକାରୀ ଶିବିନ ସି ଏବଂ ୨୦୧୧ ବ୍ୟାଚ୍‌ର କୁମାର ସୌରଭ ଏବଂ ବି.ଶ୍ରୀନିବାସନ। ଆଇପିଏସ୍ ଅଧିକାରୀମାନଙ୍କ ମଧ୍ୟରୁ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଯାଇସାରିଥିବା ଅଧିକାରୀମାନେ ହେଲେ ଦିନ୍‌କର ଗୁପ୍ତା (ଏନ୍‌ଆଇଏ ମୁଖ୍ୟ), ସାମନ୍ତ ଗୋଏଲ ( ର ମୁଖ୍ୟ) ଏବଂ ହର୍‌ପ୍ରୀତ ସିଦ୍ଧୁ ଯିଏ କି ପୂର୍ବରୁ ଏସ୍‌ଟିଏଫ୍ ମୁଖ୍ୟ ରହିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ଡିଜିପି ଭି.କେ.ଭୱରଙ୍କ ସମେତ ଆଉ କେତେଜଣ ଆଇପିଏସ୍ ଅଧିକାରୀ ମଧ୍ୟ କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଡେପୁଟେଶନ ସମ୍ପର୍କରେ ଅଧିକ କିଛି ଜାଣି ନ ଥିବା ପ୍ରତ୍ୟେକ ଆଇଏଏସ୍ ଅଧିକାରୀଙ୍କ ପାଇଁ ଅତି କମ୍‌ରେ ୨ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ ଯିବା ଗୁରୁତ୍ୱପୂର୍ଣ୍ଣ, କାରଣ ଏହାଦ୍ୱାରା ଆଗକୁ ପଦୋନ୍ନତିରେ କୌଣସି ବାଧା ରହେନାହିଁ। ବହୁ ସମୟରେ ରାଜ୍ୟ ସହ ଭଲ ସମ୍ପର୍କ ନ ଥିବା ଅଧିକାରୀମାନେ ମଧ୍ୟ କେନ୍ଦ୍ରୀୟ ପ୍ରତିନିଯୁକ୍ତିକୁ ପସନ୍ଦ କରିଥାନ୍ତି। ଏହି କାରଣରୁ କ'ଣ କେନ୍ଦ୍ରୀୟ ପ୍ରତି ନିଯୁକ୍ତିରେ ଯିବା ଲାଗି ଚାଲିଥିବା ଦୌଡ଼ ପାଇଁ ଦ୍ୱାର ଖୋଲି ଦିଆଯିବ ?

### ଆକସ୍ମିକ ପରିବର୍ତ୍ତନ

ନୀତି ଆୟୋଗ ସିଇଓ ପରମେଶ୍ୱରନ ଆୟରଙ୍କ ସ୍ଥାନରେ ପୂର୍ବତନ ବାଣିଜ୍ୟ ସଚିବ ବିଭିଆର୍ ସୁବ୍ରମଣ୍ୟମଙ୍କୁ ଅବସ୍ଥାପିତ କରାଯିବା ଅନେକ ବାବୁ ପର୍ଯ୍ୟବେକ୍ଷକଙ୍କୁ ବିସ୍ମିତ କରିଛି। ଗତବର୍ଷ ଜୁଲାଇରେ ଆୟରଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିଲା। ଏଣୁ ମାତ୍ର ୮ ମାସ ପରେ ସେହି ପଦବୀରୁ ତାଙ୍କୁ ହଠାତ୍ ହଟାଇବାର ରହସ୍ୟ ବୁଝିବା କଷ୍ଟକର। କେତେଜଣ ବିଶ୍ୱାସ କରନ୍ତି ଯେ, ଅମିତାଭ କାନ୍ତଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ନୀତି ଆୟୋଗ ମଧ୍ୟରେ କିଛି ଅସ୍ଥିରତା ଥିଲା। ସେ ଯାହା ହେଉ ନା କାହିଁକି ଏହି ପଦକ୍ଷେପ ପଛରେ କିଛି ବିଶ୍ୱାସଯୋଗ୍ୟ କାରଣ ରହିଛି। ଆୟର ଏବେ ବିଶ୍ୱ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ତିନି ବର୍ଷ ପାଇଁ ୱାଶିଂଟନ ଡିସି ଯାଉଛନ୍ତି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିଜ ହରିୟାଣା କ୍ୟାଡରକୁ ପ୍ରତ୍ୟାବର୍ତ୍ତନ କରିଥିବା ରାଜେଶ ଖୁଲାରଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଛି। ଆୟର ଆମେରିକାରେ ପୁଣି ରହିବାକୁ ଚାହିଁଥିଲେ ବୋଲି କେତେକେ ବିଶ୍ୱାସ କରୁଥିବାବେଳେ ଆଉ କେତେଜଣ କହନ୍ତି ଯେ, ହରିୟାଣା ସରକାର ରାଜ୍ୟରେ ଖୁଲାର କାମ କରନ୍ତୁ ବୋଲି ଅତ୍ୟଧିକ ଆଗ୍ରହୀ ଥିଲେ। ଗତ ବର୍ଷ ଅବସର ନେବାକୁ ଥିବାବେଳେ ବିଭିଆର୍‌ଙ୍କୁ ଭାରତୀୟ ବାଣିଜ୍ୟ ବିକାଶ ସଂଗଠନ (ଆଇଟିପିଓ)ର ଅଧ୍ୟକ୍ଷ ପଦବୀ ଦେବାକୁ ମନା କରାଯିବା ପରେ ସେ ଆଉ ସରକାରଙ୍କ ପସନ୍ଦ ନୁହନ୍ତି ବୋଲି ଅନେକ ବାବୁ ପର୍ଯ୍ୟବେକ୍ଷକ ଭାବିଥିଲେ। କିନ୍ତୁ ଏହି ସମୟରେ ବିଭିଆର୍‌ଙ୍କ ପାଇଁ କେନ୍ଦ୍ରର ନିଷ୍ପତ୍ତି ତାଙ୍କ ପ୍ରତି ଥିବା ସମର୍ଥନର ଏକ ସଙ୍କେତ। ମୋଦି ସରକାରରେ ଜଣେ ପ୍ରିୟ ହିଁ ସରକାରଙ୍କର ସବୁବେଳେ ପ୍ରିୟ ହୋଇ ରହିବେ, ଏହି ଦୃଷ୍ଟିକୋଣକୁ ପୂରା ଅଧ୍ୟାୟ ସ୍ପଷ୍ଟ କରିଛି।

### ଯୋଜନାର ଶ୍ରେୟ

ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ଯୋଜନାର ତ୍ରୟୋଦଶ କିସ୍ତିରେ ୮ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ୧୬,୮୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଦେଶର କୃଷକମାନଙ୍କୁ ଲଗାତର ଭାବେ ସିଧାସଳଖ ସହାୟତା ଯୋଗାଇ ଦେବାରେ ଏହାକୁ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି। ଡିସେମ୍ବର ୨୦୧୮ରେ ଲାଗୁ ହୋଇ ଏହି ଯୋଜନା ଫେବୃୟାରୀ ୨୦୧୯ରେ ଆରମ୍ଭ କରାଯାଇଥିଲା ଏବଂ କରୋନା ମହାମାରୀର ଭୟଙ୍କର ସମୟରେ ମଧ୍ୟ ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା ବୋଲି କୃଷି ମନ୍ତ୍ରଣାଳୟ ନିଶ୍ଚିତ କରିଛି। ସୂତ୍ରରୁ ପ୍ରକାଶ ଯେ, ମନ୍ତ୍ରଣାଳୟରେ ବାବୁମାନେ ବିଶେଷ କରି କୃଷି ସଚିବ ମନୋଜ ଆହୁଜା କୃଷକମାନଙ୍କ ଆୟ ବୃଦ୍ଧି କରିବା ସହ କୃଷି ଅଭିବୃଦ୍ଧିରେ ସେମାନଙ୍କ ଯୋଗଦାନ ବଢ଼ାଇବା ଲାଗି କୃଷକମାନଙ୍କୁ ଆଖିଦୃଶିଆ ସହଯୋଗ ରାଶି ଯୋଗାଇ ଦେବାରେ ଅଧିକ ସଫଳ ହୋଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ କୃଷକ-କୈନ୍ଦ୍ରିକ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରାଯାଇଛି, ଯାହା ବିନା ମଧ୍ୟସ୍ଥରେ ଦେଶର ସବୁ ଭାଗରେ ଥିବା ସମସ୍ତ କୃଷକ ମୁଖ୍ୟତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ଯୋଜନାର ଲାଭ ପହଞ୍ଚିଥିବା ନିଶ୍ଚିତ କରିଛି। ମୋଦି ସରକାର ତାଙ୍କ ନିଜ ଯୋଜନାରେ କୃଷକମାନଙ୍କୁ ଦେଇଥିବା ସକାରାତ୍ମକ ଲାଭ ବିଷୟରେ ଗଳା ଫଟାଇ ପ୍ରଶଂସା କରୁଥିବାବେଳେ କୃଷି ମନ୍ତ୍ରଣାଳୟରେ ବାବୁମାନେ ଏହାର ସଫଳତାକୁ ନେଇ ଶ୍ରେୟ ଦାବି କରିବା ସ୍ୱାଭାବିକ।

Email: dilipcherian@gmail.com

# ଅପ୍ରିୟ ସତ୍ୟ ଓ ଉପସ୍ଥିତ ବୁଦ୍ଧି



**ନାରାୟଣ ମିଶ୍ର**

ସତ କହିବା ଆଉ ଶୁଣାଯାଉନାହିଁ। ଘରେ ଥାଇ ବି ମୋବାଇଲ୍‌ରେ କୁହାଯାଉଛି- ଭାଇ ଗାଡ଼ି ଚଳାଉଛି, ଟିକେ ପରେ ଫୋନ୍ କର। କୋର୍ଟ କଚେରିରେ ଗୀତା ଛୁଇଁ ତାହା ମିଛ କହିବା ଆଇନ ଏବେ ବି ବଳବତ୍ତର ଅଛି। ତେଣୁ ସତ ପ୍ରାୟ ହଜିଗଲାଣି। ଚାରିଲିଟର ପାଣିରେ ଲିଟରଟାଏ କ୍ଷୀର ମିଶାଇ ଗୋପାଳବାବୁ ଖାଣ୍ଟି କ୍ଷୀର କହି ବିକ୍ରି କରି ଚାଲିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଜଣେ ସତକଥା କହୁଥିଲେ ବି ଆମକୁ ମିଛପରି ଲାଗୁଛି। ସତଟାକୁ ବ୍ୟଙ୍ଗାତ୍ମକ ସମାଲୋଚନା ଭାବି ଏହାକୁ ଆତ୍ମସମ୍ମାନ ଦୃଷ୍ଟିରୁ ଅପ୍ରିୟସତ୍ୟ ଆଖ୍ୟା ଦେଇ ଏଡାଇ ଯିବାକୁ ପଡୁଛି। ବେଳେ ବେଳେ ସତ କହିଲେ ଗୋ ହତ୍ୟା ଓ ମିଛ କହିଲେ ବ୍ରହ୍ମହତ୍ୟା ଦୋଷ ହେବ ଭାବି ମଣିଷ ତ୍ରିଶଙ୍କୁ ଅବସ୍ଥାରେ ପଡିଯାଉଛି। ଥରେ ଗୋଟିଏ ଜଳ ଜାହାଜରେ ଯାତ୍ରା କରୁଥିବା କ୍ୟାପ୍‌ଟେନ ଜାହାଜରେ ଥିବା ଅଭିଯୋଗ ଲେଖାଯାଉଥିବା ବହିରେ ଲେଖିଲେ ଯେ ନିର୍ଦ୍ଦିଷ୍ଟ ନାବିକ ପିଲାଟି ଗତ ରାତିରେ ମଦ ପିଇଛି। ଜାହାଜର ମାଲିକ ପ୍ରତି ପନ୍ଦର ଦିନରେ ଅଭିଯୋଗ ଖାତା ପଢ଼ନ୍ତି ଓ ଦୋଷ ଦେଖି ଶାରୀରିକ ବା ଅର୍ଥଦଣ୍ଡ ଦିଅନ୍ତି। ନାବିକ ପିଲାଟି ତା' ନାଁରେ ଅଭିଯୋଗ ଲେଖାଥିବା ଦେଖି କ୍ୟାପ୍‌ଟେନଙ୍କ ପାଖକୁ ଯାଇ ଅନୁରୋଧ କଲା ସେ ଅଭିଯୋଗଟି କାଟିଦେବା ପାଇଁ ଏବଂ ପୁଣି କହିଲା ଯଦି ନ କାଟିବେ, ତେବେ 'ଗତ ରାତିରେ' ପୂର୍ବରୁ 'କେବଳ' ଶବ୍ଦଟି ଯୋଡ଼ି ଦିଅନ୍ତୁ। କ୍ୟାପ୍‌ଟେନ୍ କହିଲେ ମୁଁ ସତ ହିଁ ଲେଖିଛି, ତେଣୁ ବଦଳେଇବି ନାହିଁ। ମନ ଦୁଃଖରେ ଫେରି ନାବିକ ପିଲାଟି ବହୁ ଚିନ୍ତା କରି ସେଇ ଅଭିଯୋଗ ବହିରେ ଲେଖିଦେଲା 'କ୍ୟାପ୍‌ଟେନ ଆଜି ରାତିରେ ମଦ ପିଇନାହାନ୍ତି।' କ୍ୟାପ୍‌ଟେନ ଅଭିଯୋଗ ପଢ଼ି ନାବିକ ପିଲାକୁ କହିଲେ- 'ତୁ ଯାହା ଲେଖିଛୁ ସତ, କିନ୍ତୁ ୟା'ର ଅର୍ଥ ମୁଁ ସବୁଦିନ ମଦ ପିଏ, ତେଣୁ ତୁ ରାତିରେ ଶବ୍ଦ ପରେ 'ମଧ୍ୟ' ଶବ୍ଦଟିଏ ଯୋଗ କରିଦେ, ତେଣୁ ୟା'ର ଅର୍ଥ ହୋଇଯିବ କ୍ୟାପ୍‌ଟେନ ଆଜି ରାତିରେ ମଧ୍ୟ ମଦ ପିଇନାହାନ୍ତି। କିନ୍ତୁ ନାବିକ ପିଲାଟି କ୍ୟାପ୍‌ଟେନଙ୍କ ଭାଷା ଅନୁକରଣ କରି କହିଲା- ମୁଁ ସତ ଲେଖିଛି, ତେଣୁ ବଦଳେଇବି ନାହିଁ। ତା' ପରେ ଉଭୟ ସେମାନଙ୍କ ଅଭିଯୋଗ ଦ୍ୱୟ ଅଭିଯୋଗ ବହିରୁ କାଟି ଉଡାଇଦେଲେ। ତେଣୁ ସତ୍ୟ ହେଲେ ବି ଅପ୍ରିୟ ସତ୍ୟକୁ ସମ୍ଭାଳି ହୁଏନି। ଆଉ ଏକ ଘଟଣାକ୍ରମେ ଗୋଟାଏ ଡକାୟତ ପୋଲିସମାନଙ୍କଠାରୁ ରକ୍ଷା ପାଇବାକୁ ନିକଟସ୍ଥ ଏକ ଆଶ୍ରମ ଭିତରକୁ ଯାଇ ଲୁଚିଗଲା। ଏକଥା ଆଶ୍ରମରେ ରହୁଥିବା ଋଷି ଜଣକ ଦେଖିଛନ୍ତି। ସଙ୍ଗେସଙ୍ଗେ ପୋଲିସ ଦଳ ସେଠାରେ ପହଞ୍ଚି ମୁନିଙ୍କୁ ପଚାରିଲେ- ହେ ଭଗବାନ, ଆପଣ ମିଛ କୁହନ୍ତି ନାହିଁ ବୋଲି ଆମେ ଜାଣୁ। ତେଣୁ କୁହନ୍ତୁ। ଏଇ କିଛିକ୍ଷଣ ପୂର୍ବରୁ ଜଣେ ଡକାୟତ ଆଶ୍ରମ ଭିତରକୁ ପଶି ଆସିବାର ଆପଣ ଜାଣନ୍ତି କି ? ଋଷି କହିଲେ-ଯିଏ ଦେଖିଛି, ସିଏ କହିପାରିବ ନାହିଁ ଆଉ ଯିଏ କହିପାରିବ ତା'ର ଦୃଷ୍ଟିଶକ୍ତି ନାହିଁ। ଅର୍ଥାତ୍ ଆଖି ଦେଖିଛି କିନ୍ତୁ ଆଖିର ବାକ୍‌ଶକ୍ତି ନାହିଁ ଏବଂ ପାଟିର ବାକ୍‌ଶକ୍ତି ଅଛି କିନ୍ତୁ ଦେଖିପାରିବା କ୍ଷମତା ନାହିଁ। ଋଷିଙ୍କର କଥା ଚାତୁରି ଡକାୟତକୁ ରକ୍ଷା କରିଦେଲା ସତ, କିନ୍ତୁ ସତକୁ ଅପ୍ରିୟ ନ କରି ବୁଦ୍ଧି ପ୍ରୟୋଗ କରିବା ଦ୍ୱାରା ପୋଲିସ ଦଳ କିଛି ନ ବୁଝି ଋଷିଙ୍କୁ ବଦ୍ଧପାଗଳ ଭାବି ଫେରିଗଲେ।




ରାଜା ବିକ୍ରମାଦିତ୍ୟ ଥରେ ଖବର ପାଇଲେ ଯେ ତାଙ୍କର ଶ୍ରେଷ୍ଠ ପଣ୍ଡିତ କାଳିଦାସ ବାରମ୍ବାର ଜଣେ ସୁନ୍ଦରୀ ବେଶ୍ୟା ଘରକୁ ଯିବା ଆସିବା କରୁଛନ୍ତି। ରାଜାଙ୍କୁ ଏହା ଭଲ ଲାଗିଲା ନାହିଁ। କାଳିଦାସଙ୍କୁ ପନ୍ଦର ଦିନ ପରେ ବସିବାକୁ ଯାଉଥିବା ରାଜସଭାରେ ଅପଦସ୍ଥ କରିବାକୁ ରାଜା ଗୋଟିଏ ଉପାୟ ଚିନ୍ତା କଲେ। ବେଶ୍ୟାକୁ ଟିକେ ଅଧିକା ଟଙ୍କା ଦେଇ କହିଲେ, ତୁ ଏବେ କାଳିଦାସ ଆସିଲେ ତାଙ୍କୁ ଲଣ୍ଡା ହୋଇ ଆସିଲେ ହିଁ ମିଶିବାକୁ ଦେବି ବୋଲି କହିବୁ। ବେଶ୍ୟା ରାଜି ହୋଇ କାଳିଦାସଙ୍କୁ କହିବା ମାତ୍ରେ ସେ ରାଜି ହୋଇ ଲଣ୍ଡା ହୋଇଗଲେ। କିନ୍ତୁ ଲଣ୍ଡା ହେବା ବୁଦ୍ଧି ରାଜାଙ୍କର ବୋଲି କାଳିଦାସ ଅନୁମାନ କରିନେଲେ। କାଳିଦାସ ତା'ପରଦିନ ଗୈରିକ ବସନ ପିନ୍ଧି ସନ୍ଧ୍ୟାରେ ରାଣୀ ଉଆସକୁ ଗଲେ। ମୁହଁକୁ ଅଧା ଘୋଡାଯାଇଛି, ଗୈରିକ ବସନ ଓ ମୁଣ୍ଡରେ କେଶ ନାହିଁ- ଏସବୁ ଦେଖି ରାଣୀ ହଠାତ୍ ଚିହ୍ନିପାରିଲେ ନାହିଁ। କାଳିଦାସ କହିଲେ- ମୁଁ ଆପଣଙ୍କ ବାପଘର ଗାଁର ଜଣେ ବିଖ୍ୟାତ ଜ୍ୟୋତିଷ, ରାଜାଙ୍କର ଏକ ରିଷ୍ଟ ପଡିଛି। ତେଣୁ ପନ୍ଦରଦିନ ମଧ୍ୟରେ ତା'ର ପ୍ରତିକାର ନ କଲେ ରାଜା ମୃତ୍ୟୁମୁଖରେ ପଡିପାରନ୍ତି। ରାଣୀ ବିଚଳିତ ହୋଇ ପ୍ରତିକାର କ'ଣ ପଚାରିବାରୁ କାଳିଦାସ କହିଲେ- ଥରେ ମାତ୍ର ରାଜାଙ୍କୁ ରାତ୍ରିର ନିର୍ଜନ ପ୍ରହରରେ ଆପଣଙ୍କ ଶୟନ କକ୍ଷରେ ଘୋଡାପରି ଆଣ୍ଠେଇ ଆପଣ ତାଙ୍କ ଉପରେ ବସିବେ। ଚାରି ପାଞ୍ଚ ହାତ ଏଇଭଳି ଚାଲିବା ବେଳେ ରାଜାଙ୍କୁ କହିବେ ସେ ଘୋଡାପରି ହୀଁ ହୀଁ ଶବ୍ଦ କରିବେ। ବାସ୍, ଏତିକିରେ ରିଷ୍ଟ କଟିଯିବ। ରାଣୀ ରାଜି ହେଲେ ଓ ପରଦିନ ରାତିରେ ସେତକ ବି କରାଇନେଲେ।

ରାଜସଭା ବସିବା ପରେ କାଳିଦାସଙ୍କୁ ଦେଖି ରାଜା କହିଲେ- 'କେବଣ ତୀର୍ଥେ ଲଣ୍ଡିତ ମୁଣ୍ଡଂ ?' କାଳିଦାସ କହିଲେ- 'ଯେବଣ ତୀର୍ଥେ ହୀଁ ହୀଁ ତୁଣ୍ଡଂ।' ରାଜା ବୁଝିପାରିଲେ ନାହିଁ, କାରଣ ତାଙ୍କର ଘୋଡା ଭଳି ହୋଇ ହୀଁ ହୀଁ ଶବ୍ଦ କରିବା କଥା କାଳିଦାସଙ୍କର ଜାଣିବାର ବାଟ ନାହିଁ ବୋଲି ରାଜା ଭାବୁଥାନ୍ତି। ତା'ପରେ ପୁଣି ରାଜା କହିଲେ – 'କିଂ କୁର୍ବନ୍ତି ନ କୁର୍ବନ୍ତି କାମିନୀ ବଶବା ନରାଃ ! କାଳିଦାସ କହିଲେ- ଯଥା ରାତ୍ରେ ନିର୍ଜନେ ଚ ଘୋଟକ କାମିନୀ ଆୟତ୍ତେ। ଏସବୁ ସତ୍ୟ, କିନ୍ତୁ ଅପ୍ରିୟ ହେଲେ ବି ଉପସ୍ଥିତ ବୁଦ୍ଧି କାହାରିକୁ ଅପଦସ୍ଥ କରିପାରିଲା ନାହିଁ।

ସତ୍ୟକୁ ପ୍ରିୟ କରିବାକୁ ଚେଷ୍ଟା କଲେ ଆମେ ତାକୁ ତେଲମାଲିସ କହୁ। ଆମଠାରୁ ବାରମ୍ବାର ସାହାଯ୍ୟ ନେଇ ଉପକୃତ ହୋଇଥିବା ବ୍ୟକ୍ତି ଜଣକ କେବେ ବି ଚାହେଁ ନାହିଁ ଯେ ଅନ୍ୟମାନେ ଏକଥା ଜାଣନ୍ତୁ। ଯଦି ପାନ ଦୋକାନୀ ଆମେ ତା'ଠାରୁ ବାକି ଖାଉଥିବା କଥା ଅନ୍ୟ ଆଗରେ ଗପୁଛି ବୋଲି ଆମେ ଶୁଣୁ, ତତ୍‌କ୍ଷଣାତ ଆମେ ପାନଦୋକାନୀ ପାଖକୁ ଯାଇ କହୁ- ''ଭାଇ, ମୁଁ ଆଉ ତୁମ ଦୋକାନକୁ ଆସିବି ନାହିଁ। ଯେଉଁମାନଙ୍କ ଆଗରେ ମୁଁ ବାକି ନେବା କଥା ଗପୁଛ, ସେଇମାନଙ୍କଠାରୁ ମୋ ବାକି ଟଙ୍କା ଆଦାୟ କର।'' ନ ମାଗିଲେ ମନକୁ ମନ କେବେ ବି ଆମେ ବାକି ଶୁଝୁନୁ। ଆଉ ମାଗି ମାଗି ଥକିବା ପରେ ଥରେ ଅଧେ ପାଟିରୁ ବାକି କଥା ଅନ୍ୟ ଆଗରେ ବାହାରିଗଲେ ବାକି ଖାଉଥିବା ଗରାକେଶ୍ୱର ରାଗି ଅନ୍ୟଆଡେ ଚାଲି ଯାଉଛନ୍ତି- ତେବେ ଉପାୟ କ'ଣ ? ଉପାୟ ଅଛି, ଆଉ ତା' ହେଲା ବାକ୍ ସଂଯମତା- ବୁଦ୍ଧି ପ୍ରୟୋଗ କରି ସତ କହିବା, କିନ୍ତୁ ଅପ୍ରିୟ ସତ୍ୟକୁ ଅନ୍ୟକୁ ନ ବାଧିବା ଭଳି ବଦଳେଇ କହିବା-ଏତକ ନ କରିପାରିଲେ, ଚୁପ୍ ରହିବା!

ମୋ:୯୯୩୭୪୬୩୭୭

# ଜୀବନ ନେଉଛି କୀଟନାଶକ



**ଡ.ଜୀବନ କୃଷ୍ଣ ମିଶ୍ର**

୨୦୨୩ ମସିହାର ପ୍ରାରମ୍ଭିକ ପର୍ଯ୍ୟାୟରେ ସମଗ୍ର ପୃଥିବୀର ମୋଟ ଜନସଂଖ୍ୟା ଆନୁମାନିକ ଆଠଶହ କୋଟିରେ ପହଞ୍ଚିଛି ବୋଲି ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି ସମୟରେ ଭାରତ ଉପମହାଦେଶର ଜନସଂଖ୍ୟା ପ୍ରାୟତଃ ୧୪୧.୭୦ କୋଟିରେ ପହଞ୍ଚି ସାରା ଜଗତରେ ସର୍ବାପେକ୍ଷା ଜନବହୁଳ ରାଷ୍ଟ୍ରରୂପେ ପରିଗଣିତ ହୋଇସାରିଲାଣି। ଏଣୁ ଆମ ଦେଶରେ ସମ୍ପ୍ରତି ଚାଇନା ଅପେକ୍ଷା ପ୍ରାୟ ୫୦ଲକ୍ଷ ଅଧିକ ଲୋକ ରହୁଛନ୍ତି। ବିପୁଳ ଜନସଂଖ୍ୟାକୁ ତାଳ ଦେଇ ଭାରତ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥାତ ମହାକାଶ ବିଜ୍ଞାନଠାରୁ ଆରମ୍ଭ କରି କୃଷିରେ ଉନ୍ନତି କରିପାରିଛି। ବିବିଧ ଉଲ୍ଲେଖନୀୟ ଘଟଣା ଭିତରେ କିଛି କିଛି ଅଘଟଣ ଏପରି ଘଟୁଛି, ଯାହା କି ସମସ୍ତଙ୍କୁ ଚକିତ କରିଦେଇଛି। ଉତ୍ତରପ୍ରଦେଶ ମହାରାଜଗଞ୍ଜ ଜିଲାରେ ହୋଇଥିବା ୧୦ ମାସ ତଳର ଏକ ବିପର୍ଯ୍ୟୟ ସାମ୍ନାକୁ ଆସିଛି। ଲକ୍ଷ୍ନୌର କୁଇନ ମେରୀ ହସ୍‌ପିଟାଲର ତଥ୍ୟ ଅନୁଯାୟୀ ଗର୍ଭବତୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସ ବା କୀଟନାଶକର ତତ୍ତ୍ୱ ଥିଲା। ଫଳ ସ୍ୱରୂପ ୧୧୧ ନିଷ୍ପାପ ଶିଶୁ ସନ୍ତାନ ପ୍ରାଣ ହରାଇଥିଲେ, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ପ୍ରଫେସର ସୁଜାତା ଦେବ, ଡକ୍ଟର ଆବାସ୍ ଅଲ୍ଲୀ ମେହେଦି ଓ ଡକ୍ଟର ନୈନା ଦ୍ୱିବେଦୀ ଗବେଷଣା ମାଧ୍ୟମରେ ଏହି ନିରାଟ ସତ୍ୟକୁ ପ୍ରତିପାଦିତ କରିଥିଲେ। ୧୩୦ ଜଣ ଶାକାହାରୀ ଓ ଆମିଷାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ସୂକ୍ଷ୍ମ ତତ୍ତ୍ୱ ନିମ୍ନ ହାରରେ ଥିଲେ ମଧ୍ୟ, ଏହା ହିଁ ଶିଶୁ ମୃତ୍ୟୁର କାରଣ ବୋଲି ଗବେଷକ ଓ ଗବେଷିକାମାନେ ସ୍ପଷ୍ଟ କରିଛନ୍ତି। ସେମାନେ ମଧ୍ୟ ପ୍ରକାଶ କରିଛନ୍ତି ଯେ, ଶାକାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ମାତ୍ରା, ଆମିଷାହାରୀ ମହିଳାଙ୍କ କ୍ଷୀରଠାରୁ ଯଥେଷ୍ଟ କମ୍। ଆହୁରି ପାଦେ ଆଗେଇ ଯାଇ ଗବେଷକବୃନ୍ଦ ସୂଚାଇ ଦେଇଛନ୍ତି ଯେ, ଅତ୍ୟନ୍ତ ଶୁଦ୍ଧ ଓ ସରଳ ଜୀବନଯାପନ କରୁଥିବା ମହିଳାଙ୍କ କ୍ଷୀରରେ ମଧ୍ୟ ସାମାନ୍ୟ ବିଷାକ୍ତ ପେଷ୍ଟିସାଇଡ୍‌ସ ତତ୍ତ୍ୱ ରହୁଛି। ସର୍ବୋପରି ସେମାନେ ଦର୍ଶାଇଛନ୍ତି ଯେ, ଶାକାହାରୀ ମହିଳାଙ୍କ କ୍ଷୀର ଅପେକ୍ଷା, ଆମିଷାହାରୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍‌ସର ପରିମାଣ ପ୍ରାୟ ତିନିଗୁଣ ଅଧିକ। କାରଣରେ ଦର୍ଶାଯାଇଛି ଯେ, ଗୃହପାଳିତ ପଶୁ ତଥା ଛେଳି ଓ ମେଣ୍ଢାଙ୍କୁ ଦୀର୍ଘ, ସୁସ୍ଥ ଓ ବଳିଷ୍ଠ କରିବା ପ୍ରୟାସରେ ସେମାନଙ୍କୁ ବିଭିନ୍ନ ବଳକାରକ ଔଷଧ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ବହୁ ରାସାୟନିକ ଉପାଦାନର ମିଶ୍ରଣରେ ପ୍ରସ୍ତୁତ ଇଞ୍ଜେକ୍‌ସନର ସହାୟତା ନିଆଯାଉଛି। ଏତାଦୃଶ ପ୍ରକ୍ରିୟାରେ ଗୃହପାଳିତ ପଶୁଙ୍କର ମାଂସପେଶୀ ଓ ସଞ୍ଚାଳନରେ ସାମାନ୍ୟ ପରିମାଣର ପେଷ୍ଟିସାଇଡ୍‌ସ ସଂରକ୍ଷିତ ହୋଇ ରହୁଛି। ଏହି ମାଂସ ଭକ୍ଷଣ ହେତୁ ଆମିଷାହାରୀ ମହିଳାଙ୍କ କ୍ଷୀରରେ ହାଲୁକା ବିଷାକ୍ତ ତତ୍ତ୍ୱ ରହୁଛି। ଗବେଷକମାନେ ଆଉ ଏକ ନିର୍ଦ୍ଦିଷ୍ଟ ମତାମତ ପ୍ରଦାନ କରିଛନ୍ତି; ମାତ୍ରାଧିକ ରାସାୟନିକ ସାର, (ଗ୍ରୋମୋର, ପୋଟାସ୍, ୟୁରିଆ, ସୋରିଷ ପିଡ଼ିଆ), କୀଟାଣୁ ନାଶକ ଔଷଧ (ଗାମାକ୍ସିନ, ହିଟ ସ୍ପ୍ରେ) ଏବଂ ପତ୍ରମୋଡ଼ା, ପତ୍ର ଝାଉଁଳା ଓ ଜଉ ପୋକ ଇତ୍ୟାଦିର ବିନାଶ ପାଇଁ ନିର୍ଦ୍ଧାରିତ ଥିବା ରାସାୟନିକ ଦ୍ରବ୍ୟର ପ୍ରୟୋଗ, ସିଞ୍ଚନ ଫଳରେ କୃଷିଜାତ ଫସଲ ଓ ଉଦ୍ଭିଦଜ ଉତ୍ପାଦ ବିଷାକ୍ତ ହୋଇ ଶରୀର ଏବଂ ପରିବେଶକୁ ପ୍ରଭାବିତ କରୁଛି।



ଉତ୍ତର ପ୍ରଦେଶସ୍ଥ ଲକ୍ଷ୍ନୌ ସହରରେ ଥିବା କୁଇନ୍ ମେରୀ ହସ୍‌ପିଟାଲର ଗବେଷକମାନେ ରାସାୟନିକ ପ୍ରଣାଳୀରେ ଅଧିକ ଅମଳ କରୁଥିବା ଫସଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଚାଷୀ ଓ କୃଷକ ଗୋଷ୍ଠୀଙ୍କୁ ତାଗିଦ୍ କରିବା ସହିତ, ବୈଜ୍ଞାନିକମାନେ ସରକାରଙ୍କୁ ମଧ୍ୟ ଏହି ଭୟାବହ ପରିସ୍ଥିତି ବିଷୟରେ ଅବଗତ କରିଛନ୍ତି। ଉପରୋକ୍ତ କାରଣରୁ ଓ ପେଷ୍ଟିସାଇଡ୍‌ସର ବ୍ୟାପକ ବ୍ୟବହାର ପାଇଁ ବିଶ୍ୱରେ ବାର୍ଷିକ ପାଖାପାଖି ୧୦,୦୦୦ (ଦଶ ହଜାର) ଜୀବନ ନଷ୍ଟ ହେଉଛି; ଏହାର ତିନି ଚତୁର୍ଥାଂଶ ବିକାଶଶୀଳ ରାଷ୍ଟ୍ର ଏବଂ ଏକ ଚତୁର୍ଥାଂଶ ବିକଶିତ ରାଷ୍ଟ୍ରମାନଙ୍କରେ ଘଟୁଛି। ମତାମତରୁ ଆହୁରି ସ୍ପଷ୍ଟ ଯେ, ଖାଦ୍ୟରେ ଅପମିଶ୍ରିତ ଓ ବିଷାକ୍ତ ପେଷ୍ଟିସାଇଡ୍‌ସର କିୟଦଂଶ ରହିଲେ, ରକ୍ତ ସଞ୍ଚାଳନରେ 'ଫଲିକ ଏସିଡ୍‌ର' ମାତ୍ରା କମିଯାଇ ସ୍ନାୟୁଗତ ସମସ୍ୟା ପରିଦୃଶ୍ୟମାନ ହୋଇଥାଏ।

ଏବେକାର ସ୍ଥିତି ପୂର୍ବରୁ, ୨୦୧୯ ମସିହାରେ ଲକ୍ଷ୍ନୌସ୍ଥ ସିନାହାଟ୍ ଅଞ୍ଚଳରେ ଗୋଟିଏ ପେଷ୍ଟିସାଇଡ୍ କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ତରଳ ପଦାର୍ଥ ବିରାଟ ଜଳାଶୟରେ ରହୁଥିଲା। ଏହି ପାଣି ପିଇ ଆନୁମାନିକ ୧୫ (ପନ୍ଦର) ଗୋରୁଙ୍କ ମୃତ୍ୟୁ ହେବା ସହିତ ୪୦ଟି ଗୋ-ଜାତୀୟ ଜନ୍ତୁ ଅଚେତ ଓ ରୋଗାକ୍ରାନ୍ତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି, ଇଣ୍ଡଷ୍ଟ୍ରିଆଲ ଟକ୍ସିକୋଲୋଜି ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଆଉ ଏକ ମନ୍ତବ୍ୟ ଦେଇଥିଲେ ଯେ, ଯେଉଁ ପେଷ୍ଟିସାଇଡ୍‌ସରେ 'ଅର୍ଗାନୋ ଫସ୍‌ଫରସ କମ୍ପାଉଣ୍ଡ' ର ମାତ୍ରା ଅଧିକ ଥାଏ, ସେଗୁଡ଼ିକ ଅବଶ୍ୟ ଭୟାବହ ପରିସ୍ଥିତି ଉପୁଜାଇଥାଏ, କଅଁଳିଆ ବାଚ୍ଛୁରୀ ଓ କତିପୟ କୋମଳମତି ଶିଶୁଙ୍କର ପ୍ରାଣହାନି ମଧ୍ୟ ଘଟିଥାଏ। ସମସ୍ୟା, ଲକ୍ଷ୍ନୌଭଳି ସହରରେ ବାରମ୍ବାର କାହିଁକି ଘଟୁଛି, ତାହା ବାସ୍ତବରେ ଚିନ୍ତାର କାରଣ। ତେଣୁ ଏହାର ସମାଧାନର ସୂତ୍ର ଶୀଘ୍ର ବାହାର କରିବା ଜରୁରୀ ମନେହୁଏ। ସରକାର, ଫୋରେନ୍‌ସିକ ବିଭାଗ ଓ ବୈଜ୍ଞାନିକମାନେ ପେଷ୍ଟିସାଇଡ୍‌ସଗୁଡ଼ିକର ଯଥାର୍ଥ ବିଶ୍ଳେଷଣ କରି, ତା'ର ଯଥୋଚିତ ବିନିଯୋଗର ଉପାୟ ଚାଷୀ ଓ କୃଷକଙ୍କୁ ଅବଗତ କରିବା ଆବଶ୍ୟକ।

ମୋ : ୯୯୩୮୬୫୮୭୫୬

## ଏଇ ଭାରତରେ

ନିଜେ ଓ ନିଜର ପରିବାରକୁ ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବାରେ ଯୋଡ଼ି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଗୁଜରାଟ ଦିସାର ଆଶାବେନ ରାଜପୁରୋହିତ। ୩୦ ବର୍ଷୀୟା ଆଶା ଏବେ ୨୨ ଜଣ ବୃଦ୍ଧାବୃଦ୍ଧଙ୍କ ସେବା କରୁଛନ୍ତି। ଆଶା ଆଶ୍ରୟସ୍ଥଳୀର ନାମ ଦେଇଛନ୍ତି 'ସୁଦାମା ବୃଦ୍ଧାଶ୍ରମ'। ଏହି ବୃଦ୍ଧାଶ୍ରମ ତାଙ୍କ ପିତା କାନ୍ତିଲାଲ ରାଜପୁରୋହିତ ୧୨ ବର୍ଷ ପୂର୍ବେ ଆରମ୍ଭ କରିଥିଲେ । ଏହାକୁ କାନ୍ତିଲାଲ ୧୦ ବର୍ଷ ସଫଳତାର ସହ ଚଳାଇଥିଲେ । କାନ୍ତିଲାଲଙ୍କ ଦେହାନ୍ତ ପୂର୍ବରୁ ସେ ଆଶ୍ରମର ଦାୟିତ୍ୱ ତାଙ୍କ ଝିଅ ଆଶାଙ୍କୁ ଦେଇଥିଲେ। ସେ ତାଙ୍କ ପିତାଙ୍କୁ ଦେଇଥିବା କଥା ରଖିବା ଲାଗି ଏହି କାମ କରୁଛନ୍ତି। ବୃଦ୍ଧାବୃଦ୍ଧଙ୍କ ସେବା କରିବା ଲାଗି ସେ ଗୃହସ୍ଥ ଜୀବନ ଛାଡ଼ି ଆଶ୍ରମରେ ରହୁଛନ୍ତି। ଏପରିକି ଆଶା ତାଙ୍କ ପୁଅକୁ ବି ନିଜଠାରୁ ଦୂରରେ ରଖିଛନ୍ତି। ପ୍ରଥମେ ଏହି ଆଶ୍ରମରେ ୧୦ରୁ ୧୪ ଜଣ ବୃଦ୍ଧ ରହୁଥିଲେ। ବୃଦ୍ଧାଶ୍ରମ ଲୋକଙ୍କ ସାହାଯ୍ୟରେ ଚାଲୁଛି। ଆଶ୍ରମରେ ଅର୍ଥାଭାବ ଥିବାରୁ ଆଶା ନିଜେ ରୋଷେଇଠାରୁ ଆରମ୍ଭକରି ଘର ସଫା କରିବା ଓ ବୃଦ୍ଧାବୃଦ୍ଧମାନଙ୍କୁ ଔଷଧ ସେବନ କରାଉଛନ୍ତି। ସେ ୪ ବର୍ଷ ହେଲା ଆଶ୍ରମରେ ରହୁଛନ୍ତି। ତାଙ୍କୁ ସେହି ଜାଗା ଏତେ ଭଲ ଲାଗୁଛି ଓ ତାଙ୍କ ମା' ତାଙ୍କୁ ଏଭଳି ସେବା କରିବାକୁ ଜନ୍ମ ଦେଇଛନ୍ତି ବୋଲି କହନ୍ତି ଆଶା।

## ୨୫ ବର୍ଷ ତଳର ଧରିତ୍ରୀ

୪ ମାର୍ଚ୍ଚ ୧୯୯୮

- ପାକିସ୍ତାନରେ ପ୍ରବଳ ବର୍ଷା ଫଳରେ ବିଭିନ୍ନ ନଦୀରେ ବନ୍ୟା ଆସି ୨୫୦ ନିଖୋଜ।
- କାମ୍ବୋଡିଆରେ ଯୁଦ୍ଧବିରତିକୁ ଏକ ରାଜନୈତିକ ପ୍ରହସନ ବୋଲି ବର୍ଣ୍ଣନା କରି ବିଦ୍ରୋହୀ ଖମେର ରୁଜ ଗେରିଲା ଗୋଷ୍ଠୀଙ୍କ ପ୍ରତ୍ୟାଖ୍ୟାନ।
- ତ୍ରିପୁରା ବିଧାନସଭା ନିର୍ବାଚନରେ ସିପିଆଇ (ଏମ୍) ନେତୃତ୍ୱରେ ପରିଚାଳିତ ବାମ ସାମ୍ମୁଖ୍ୟର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 6 | | | | | 3 |
| 4 | 2 | | | | | | | 6 |
| | | 8 | | | | | 4 | |
| | | | | | | | 9 | 2 |
| | | | | 5 | | 7 | | |
| | | 2 | | | 7 | 3 | | |
| | | | | 7 | | | 6 | |
| 6 | | | 9 | 1 | | | | |
| 8 | | 3 | | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 4 | 6 | 1 | 5 | 3 | 2 | 8 |
| 1 | 3 | 8 | 2 | 7 | 9 | 5 | 4 | 6 |
| 6 | 5 | 2 | 8 | 4 | 3 | 1 | 9 | 7 |
| 2 | 8 | 5 | 4 | 3 | 1 | 6 | 7 | 9 |
| 3 | 9 | 1 | 7 | 2 | 6 | 8 | 5 | 4 |
| 7 | 4 | 6 | 5 | 9 | 8 | 2 | 3 | 1 |
| 5 | 1 | 9 | 3 | 8 | 7 | 4 | 6 | 2 |
| 8 | 2 | 3 | 9 | 6 | 4 | 7 | 1 | 5 |
| 4 | 6 | 7 | 1 | 5 | 2 | 9 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପାଉନାହାନ୍ତି ନ୍ୟାଯ୍ୟ ପ୍ରାପ୍ୟ

ମହାଶୟ,

ନିକଟରେ ରାଜ୍ୟ ସରକାରଙ୍କ ବଜେଟ ଘୋଷିତ ହୋଇଛି। ତେବେ ଅତ୍ୟନ୍ତ ପରିତାପ ଓ ଦୁଃଖର ପ୍ରସଙ୍ଗ ବିଶେଷକରି ସମାଜର ଅବହେଳିତ, ଶୋଷିତ ଓ ସର୍ବାଧିକ କାର୍ଯ୍ୟକରି କମ୍ ଦରମା ପାଉଥିବା କର୍ମୀମାନଙ୍କ ପ୍ରତି ଅବହେଳା କରାଯାଇଛି। ସରକାରଙ୍କ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ପାଠପଢ଼ାଠାରୁ ସ୍ୱାସ୍ଥ୍ୟ ସେବା, ଜନଗଣନାଠାରୁ ଆପଦକାଳୀନ ସୂଚନା ଏହିସବୁ କାର୍ଯ୍ୟ ଏହି କର୍ମୀମାନେ ହିଁ ତୁଲାଇଥାନ୍ତି। କିନ୍ତୁ ବଜେଟ ଅଙ୍ଗନୱାଡ଼ି, ଆଶାକର୍ମୀ ଏବଂ ଶ୍ରମଜୀବୀଙ୍କୁ ନିରାଶ କରିଛି। ଚଳିତ ବଜେଟରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ତଥା ସାଧାରଣ ଶ୍ରମିକଙ୍କ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ବାବଦରେ ବ୍ୟୟ ବରାଦକୁ ଗୁରୁତ୍ୱ ଦିଆଯାଇନାହିଁ। ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ। ବଜାର ଦର ହୁ ହୁ ହୋଇ ବଢ଼ି ଚାଲିଛି। ସ୍ୱଳ୍ପଭତ୍ତାରେ ପରିବାର ଚଳିବା କଷ୍ଟ ହୋଇପଡୁଛି। ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ୨୬ ହଜାର ଦରମା, ୧୦ ହଜାର ପେନ୍‌ସନ, ଅବସର ବୟସ ୬୫, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ପ୍ରଭୃତି ମୁଖ୍ୟ ପ୍ରସଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏଡ଼ାଇ ଦେଉଛନ୍ତି। ସରକାର ଭୋଟବ୍ୟାଙ୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଖର୍ଚ୍ଚ ବିଭିନ୍ନ ବିଭାଗ ପାଇଁ କରିଛନ୍ତି। କିନ୍ତୁ ଉପରୋକ୍ତ କର୍ମୀମାନଙ୍କ ଦୁଃଖ, ଦୁର୍ଦ୍ଦଶାକୁ ଦେଖି ପାରୁନାହାନ୍ତି। ସରକାର ତୁରନ୍ତ ଏ କ୍ଷେତ୍ରକୁ ଦୃଷ୍ଟି ଦେବା ସହ ଅଧିକ ପାଣ୍ଠିର ବ୍ୟବସ୍ଥା କରନ୍ତୁ।

**-ଯୁଧିଷ୍ଠିର ମହାରଣା, ସିଡିଏ, କଟକ**

## ଜୟପୁର ଷ୍ଟେଶନର ଆଧୁନିକୀକରଣ କରାଯାଉ

କୋରାପୁଟ ଜିଲା ଜୟପୁର ରେଳ ଷ୍ଟେଶନ ଦେଇ ପ୍ରତ୍ୟହ ଜଗଦଳପୁର-ଭୁବନେଶ୍ୱର (ହୀରାଖଣ୍ଡ), ଜଗଦଳପୁର-ହାୱଡ଼ା (ସମଲେଶ୍ୱରୀ), କିରନ୍ଦୁଲ- ବିଶାଖାପାଟଣା (ଏକ୍ସପ୍ରେସ୍), କିରନ୍ଦୁଲ-ବିଶାଖାପାଟଣା (ପାସେଞ୍ଜର), ଜଗଦଳପୁର-ରାଉରକେଲା ଏକ୍ସପ୍ରେସ୍ ପ୍ରତ୍ୟହ ଯାତାୟାତ କରୁଛି। ୧ ନମ୍ବର ପ୍ଲାଟ୍‌ଫର୍ମରେ ସମସ୍ତ ଟ୍ରେନ୍ ରହୁଛି। କିନ୍ତୁ କେଉଁ ବଗି/କୋଚ କେଉଁଠି ରହିବ ତାହା ଯାତ୍ରୀମାନେ ଜାଣିପାରୁ ନାହାନ୍ତି। ବିଶେଷକରି ରିଜର୍ଭେଶନ କରିଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାର ସୂଚନାର ଆଧୁନିକୀକରଣ ହେବା ଆବଶ୍ୟକ।

**କହ୍ନେଇ ଚରଣ ନନ୍ଦୀ**
**ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ରାଇରଙ୍ଗପୁର,୩।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲର ଜଣେ ବିଚାରାଧୀନ ବନ୍ଦୀଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ତିରିଂ ଥାନା ଅଧୀନ ଜଟା ଗ୍ରାମର ଗୋବିନ୍ଦ ବିନ୍ଧାଣୀ(୫୧)। ଏକ ଠକେଇ ମାମଲା(ନଂ.୨/୨୩)ରେ ତିରିଂ ଥାନା ପୋଲିସ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗତ ଜାନୁୟାରୀ ୩ ତାରିଖଠାରୁ ସେ ରାଇରଙ୍ଗପୁର ସବ୍ ଜେଲରେ ବିଚାରାଧୀନ ବନ୍ଦୀଭାବେ ରହି ଆସୁଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ଜେଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଅପରାହ୍ନ ସାଢ଼େ ଗୋଟାଏ ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ରାଇରଙ୍ଗପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଥିବା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

# ଓଡ଼ିଶାର ମା'ମାନେ ଏବେ ରୂପାନ୍ତରର ସାରଥି: ମୁଖ୍ୟମନ୍ତ୍ରୀ

## ଅନ୍ତର୍ଜାତୀୟ ମହିଳା ଦିବସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ମହିଳା ସଶକ୍ତୀକରଣ ଏବେ କେବଳ ସ୍ଲୋଗାନ ନୁହେଁ ଏହା ବର୍ତ୍ତମାନ ଏକ ବାସ୍ତବତା। ଓଡ଼ିଶାର ମା'ମାନେ ଏବେ ରୂପାନ୍ତରର ସାରଥି ହୋଇଛନ୍ତି। ୭୦ ଲକ୍ଷ ମା'ଙ୍କ ବିଶାଳ ସଙ୍ଗଠନ ଆଜି ଏସ୍ଏଚ୍ଜିରୁ ଏସ୍ଏମ୍ଇ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟର ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସପ୍ତାହେବ୍ୟାପୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନେ ଉଦ୍ୟୋଗୀ ହେବାକୁ ଯାତ୍ରା ଆରମ୍ଭ କରିସାରିଛନ୍ତି। ସେମାନେ ନିଜ ପ୍ରତିଭା ଓ ଦକ୍ଷତା ଦ୍ୱାରା ସମାଜରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେମାନେ ପ୍ରମାଣିତ କରିପାରିଛନ୍ତି ଝିଅ ଆଜି ପରିବାର ପାଇଁ ବୋଝ ନୁହେଁ ବରଂ ମଣି।

ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ 'ନବ ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଲିଙ୍ଗଗତ ସମାନତା ହାସଲ' ସମ୍ପର୍କିତ ବିଷୟବସ୍ତୁ ସମ୍ପର୍କରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି ବିଦ୍ୟା ଆମକୁ ସମାଜରେ ଲିଙ୍ଗଗତ ବିଭେଦ ଦୂରକରିବା ପାଇଁ ଏକ ଅନନ୍ୟ ସୁଯୋଗ ଦେଇଛି। ଇନୋଭେସନ ଓ ଟେକ୍ନୋଲୋଜିର ପ୍ରୟୋଗରେ ଶିକ୍ଷା, ନିଯୁକ୍ତି, କର୍ମକ୍ଷେତ୍ର ଏବଂ ସମାଜର ବିଭିନ୍ନ କ୍ଷେତ୍ରରେ ବିଭେଦ ଦୂରକରାଯାଇ ନାରୀମାନଙ୍କ ଅଧିକାରର ସୁରକ୍ଷା କରାଯାଇପାରୁଛି। ଇନୋଭେସନ ଏବଂ ଟେକ୍ନୋଲୋଜିର ଅଧିକ ପ୍ରୟୋଗକରି ମହିଳାଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ ସହିତ ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନରେ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ମହିଳା ଓ ଶିଶୁବିକାଶ ବିଭାଗ ମହିଳାଙ୍କ ସଶକ୍ତୀକରଣ ଓ ଅଧିକାରର ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁବିକାଶ ବିଭାଗର ଯୁବ ମାସ୍କଟ 'କୁନି'ର ଶୁଭାରମ୍ଭ କରିଛନ୍ତି। ଏହି ମାସ୍କଟ କିଶୋରୀକିଶୋରମାନଙ୍କୁ ଶିକ୍ଷା, ଅଧିକାର ଓ ଅନ୍ୟାନ୍ୟ କ୍ଷେତ୍ରରେ ସଚେତନ କରିବା ପାଇଁ କାର୍ଯ୍ୟ କରିବ। ଏହାସହ ରାଜ୍ୟର ନୂଆ ଶିଶୁନୀତି 'ପ୍ରାରମ୍ଭ' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହାସହିତ ଆଶୀର୍ବାଦ ଯୋଜନାର ଏମ୍ ଆଇଏସ୍ ପୋର୍ଟାଲ ଏବଂ ୱାନ୍ ଷ୍ଟପ୍ ସେଣ୍ଟର ଓ ମହିଳା ହେଲ୍‌ପଲାଇନରେ ସଫଳ ମହିଳାଙ୍କ କାହାଣୀ ଉପରେ ଏକ କେସ୍ ଷ୍ଟଡି ବୁକ୍‌ଲେଟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଜାନକୀ ବିଶ୍ୱାଳ ଏବଂ ବିଏମ୍‌ସି ଅଙ୍ଗନୱାଡି କର୍ମୀ ଆରତୀ ସାହୁ ପ୍ରମୁଖ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୩ ଜଣ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ଶ୍ରେଷ୍ଠ ଜିଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଶ୍ରେଷ୍ଠ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳାଙ୍କୁ ପୁରସ୍କୃତ କରୁଛନ୍ତି।

# ଏଲ୍‌ଭିପିଇଆଇ ପକ୍ଷରୁ ବିଜୟାନନ୍ଦ ପଟ୍ଟନାୟକ ବକ୍ତୃତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୩।୩




ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ)ର ମିଥୁ ତୁଳସୀ ଚନରାଇ କ୍ୟାମ୍ପସ ଭୁବନେଶ୍ୱର ପକ୍ଷରୁ ୧୩ତମ ବିଜୟାନନ୍ଦ ପଟ୍ଟନାୟକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'କର୍ମଯୋଗ-ଜୀବନର ସାରତତ୍ତ୍ୱ' ଶୀର୍ଷକ ବକ୍ତୃତା ଦେଲାବେଳେ କର୍ମଯୋଗ ଏବଂ ଜୀବନର ନିରାସକ୍ତ ଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଲ୍‌ଭିପିଇଆଇ ନେଟ୍‌ୱର୍କର ବ୍ୟକ୍ତିଗଣ, ଦାତାଗଣ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ଅନୁଷ୍ଠାନର ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ସେହିଭଳି ଏଲ୍‌ଭିପିଇଆଇ ମିଥୁ ତୁଳସୀ ଚନରାଇ କ୍ୟାମ୍ପସର ମୁଖ୍ୟ ଡା. ଶ୍ରୀକାନ୍ତ ସାହୁ ରାଜ୍ୟପାଳଙ୍କ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବ୍ୟାଖ୍ୟାନ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରଫେସର ବିଜୟାନନ୍ଦ ପଟ୍ଟନାୟକ ବକ୍ତୃତାମାଳାର ମହତ୍ତ୍ୱ ଏବଂ ଏହା କିପରି ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ତା'ର ଉଚ୍ଚ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ବିଜୟାନନ୍ଦ ପଟ୍ଟନାୟକ ବକ୍ତୃତା ଓଡ଼ିଶାରେ ଗୁଣାତ୍ମକ ଚକ୍ଷୁସେବା ଯୋଗାଇଦେବା ପାଇଁ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ଦୃଢ଼ ସମର୍ଥକ ପ୍ରଫେସର ବିଜୟାନନ୍ଦ ପଟ୍ଟନାୟକଙ୍କ ସମ୍ମାନରେ ଏକ ସ୍ମାରକୀ ବକ୍ତୃତାମାଳା ଆରମ୍ଭ ହୋଇଥିଲା। ବିଜ୍ଞାନଠାରୁ ଆରମ୍ଭ କରି କଳା, ଦର୍ଶନ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ନିଜର ଜ୍ଞାନ ବାଣ୍ଟିବା ପାଇଁ ବକ୍ତୃତାମାଳାରେ ବିଶିଷ୍ଟ ବକ୍ତା ଓ ବ୍ୟକ୍ତିତ୍ୱମାନେ ବିଭିନ୍ନ ସମୟରେ ଆସିଛନ୍ତି। ବର୍ଷ ବର୍ଷ ଧରି ଅନେକ ବ୍ୟକ୍ତି ଏଥିରୁ ଉପକୃତ ହୋଇଆସିଛନ୍ତି ଏବଂ ବିଭିନ୍ନ ଦୃଷ୍ଟିକୋଣରୁ ଜିନିଷଗୁଡ଼ିକୁ କିପରି ଦେଖିବେ ସେ ବିଷୟରେ ଜ୍ଞାନଲାଭ କରିଛନ୍ତି।

# 'କାର୍ଯ୍ୟ କରୁନି, ଲାଭ ନେଉଛି ଏସ୍ଏଚ୍ଜି'

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଟାର୍ଗେଟ କଲେ ଅନୁଗୋଳ ନଗରପାଳ

**ଅନୁଗୋଳ ଅଫିସ, ୩।୩:** ଅନୁଗୋଳ ସଭାଘରଠାରେ ଶୁକ୍ରବାର 'ଆମ ପୋଖରୀ' କ୍ଲଷ୍ଟରସ୍ତରୀୟ କର୍ମଶାଳା ଚାଲିଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)କୁ ସିଧାସଳଖ ଟାର୍ଗେଟ କରିଛନ୍ତି ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ। ପୌରାଞ୍ଚଳରେ ଏସ୍ଏଚ୍ଜି କୌଣସି ଉନ୍ନୟନ କାର୍ଯ୍ୟ କରୁନାହିଁ। ଏହା ଠିକାଦାର କରୁଛନ୍ତି। ହେଲେ ଏସ୍ଏଚ୍ଜି ମାଧ୍ୟମରେ ତାହା କରାଯାଇଥିବା ସମସ୍ତେ ଜାଣୁଛନ୍ତି। କିନ୍ତୁ ଏସ୍ଏଚ୍ଜି ଆକାଉଣ୍ଟକୁ କେବଳ ଟଙ୍କା ଯାଉଛି। ସେମାନେ ତାଙ୍କର ଲାଭ ନେଇ ବସିଯାଉଛନ୍ତି। ଯଦି କୌଣସି କାରଣରୁ ଠିକାଦାରଙ୍କ ସହ ଏସ୍ଏଚ୍ଜିଙ୍କ ତାଳମେଳ ନ ରହିବ ତେବେ ସମସ୍ୟା ଉପୁଜିବ। ଏଥିରେ ପରିବର୍ତ୍ତନ ନ ହେଲେ ଆଗକୁ ବିପଦ ସୃଷ୍ଟି ହେବ ବୋଲି ନଗରପାଳ କର୍ମଶାଳାରେ ମତ ରଖିବା ସହ ଏ ନେଇ ସରକାରଙ୍କୁ ଅବଗତ କରିବାକୁ କର୍ମଶାଳାରେ ଉପସ୍ଥିତ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏହାଛଡ଼ା ମାସିକ ଭତ୍ତା ମିଳୁ ନ ଥିବାରୁ କାଉନସିଲର ଓ ନଗରପାଳଙ୍କ ଠାରୁ ଭିକାରୀଙ୍କ ରୋଜଗାର ଅଧିକ ବୋଲି ସେ କ୍ଷୋଭବ୍ୟକ୍ତ କରିବା ସହ ଯଦି ସମାଜ ସେବା ପାଇଁ ଆମେ ନିଜକୁ ଉତ୍ସର୍ଗ କରୁଛୁ, ତେବେ ବିଧାୟକ ଓ ଏମ୍‌ପିଙ୍କ ଦରମା ବନ୍ଦ କରାଯାଉ ବୋଲି ନଗରପାଳ ଜୋର୍ ଦେଇଥିଲେ। ତେବେ ଅନୁଗୋଳ ନଗରପାଳଙ୍କ ଏପରି ପ୍ରସ୍ତାବକୁ କର୍ମଶାଳାରେ ଉପସ୍ଥିତ ରାଜ୍ୟର ବିଭିନ୍ନ ପୌରପାଳିକାରୁ ଆସିଥିବା ଅଧିକାରୀ, ଜନପ୍ରତିନିଧି ଗ୍ରହଣ କରି ନ ଥିଲେ। ସରକାରଙ୍କ ଆଭିମୁଖ୍ୟ ଠିକାଦାରମୁକ୍ତ ପୌରାଞ୍ଚଳ। ତେଣୁ ମିଶନ ଶକ୍ତି ମାଧ୍ୟମରେ ସମଗ୍ର ଉନ୍ନୟନ କାର୍ଯ୍ୟ ପରିଚାଳନା କରାଯାଉଥିବା ସେମାନେ କହିଥିଲେ। ଏ ସମ୍ପର୍କରେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ କହିଛନ୍ତି, ମା'ମାନଙ୍କ ହାତକୁ କାମ ଦେବା ସରକାରଙ୍କ ଲକ୍ଷ୍ୟ। ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରୁଛନ୍ତି।

# ଆଇଆର୍‌ଏସ୍ ଅଧିକାରୀ ରେଶ୍‌ମା ଲଖାନୀଙ୍କ ବିରୋଧରେ ଏତଲା

## ଶ୍ରୀମନ୍ଦିରକୁ ଜୋରଜବରଦସ୍ତ ପ୍ରବେଶ ଉଦ୍ୟମ ଘଟଣା

ପୁରୀ ଅଫିସ, ୩।୩

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଉଚ୍ଚପଦସ୍ଥ ଅଧିକାରୀ ରେଶ୍‌ମା ଲଖାନୀ ଶ୍ରୀମନ୍ଦିର ପରମ୍ପରା ଭାଙ୍ଗିବା ସହ ସେବାୟତମାନଙ୍କୁ ନିଲମ୍ବନ ପାଇଁ ଏତଲା ଦେଇଛନ୍ତି। ଏପରିକି ନିଜ ପଦବୀର ଦୁରୁପଯୋଗ କରି ଜଣେ ପ୍ରୋଟୋକଲ ଅଫିସରଙ୍କୁ ବଦଳି କରିଛନ୍ତି। ଏପରି ଭାବେ ଆଇନ ଅବମାନନାକୁ ଶ୍ରୀଜଗନ୍ନାଥ ସେନା ବିରୋଧ କରିବା ସହ ଶୁକ୍ରବାର ପୁରୀ ସିଂହଦ୍ୱାର ଥାନାରେ ରେଶ୍‌ମାଙ୍କ ବିରୋଧରେ ଏତଲା ଦେଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ରେଶ୍‌ମା ଜଣେ ଅଣହିନ୍ଦୁ ହୋଇ ମଧ୍ୟ ଜୋରଜବରଦସ୍ତ ଭାବେ ଗତ ଫେବୃୟାରୀ ୨୪ରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ହେଲେ ଶ୍ରୀମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଥିବାରୁ ସେ ଯାଇପାରିବେ ନାହିଁ ବୋଲି ପ୍ରୋଟୋକଲ ସୁପରିଣ୍ଟେଣ୍ଡେଣ୍ଟ ରୋଶନ ଯାଦବ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କୁ କହିଥିଲେ। ମାତ୍ର ସେମାନଙ୍କ କଥା ନ ଶୁଣି ସେ ଜୋରଜବରଦସ୍ତି ମନ୍ଦିର ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ଭିତରକୁ ନ ଛଡ଼ା ଯିବାରୁ ସେ ଆକ୍ରୋଶମୂଳକ ଭାବେ ରୋଶନଙ୍କୁ ଦୂରକୁ ବଦଳି କରିଛନ୍ତି। ସେହିପରି ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କଠାରୁ ରିପୋର୍ଟ ତଲବ କରିବା ପାଇଁ ଓଡ଼ିଶା ଡିଜିପିଙ୍କୁ ଚିଠି ଲେଖିଛନ୍ତି। ସେପଟେ ପୋଲିସ ନିଜ ଦାୟିତ୍ୱ ଠିକ ଭାବେ ତୁଲାଇଥିବାବେଳେ ରେଶ୍‌ମାଙ୍କ ମନ୍ଦିର ପ୍ରବେଶ ଉଦ୍ୟମ ଘଟଣାକୁ ସେବାୟତମାନେ ଦୃଢ଼ ନିନ୍ଦା କରିଛନ୍ତି। ରେଶ୍‌ମା ଜଣେ ଉଚ୍ଚପଦସ୍ଥ ଅଧିକାରୀ ହୋଇ ମଧ୍ୟ କିପରି ଏମିତି କାର୍ଯ୍ୟ କଲେ ଓ ସେବାୟତଙ୍କ ବିରୋଧରେ ଏତଲା ଦେଲେ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏହାକୁ ସେ ବିରୋଧ କରିବା ସହ ତୁରନ୍ତ ରେଶ୍‌ମାଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି।



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି।


## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ମହିନ୍ଦ୍ରା ବିଏଲ୍ଏଜେଡ୍‌ଓ୩୭ ସିଏବି ଚେସିସ୍ ଗାଡ଼ି ନଂ. ଓଡି୧୬ଇ୩୦୭୮, ନିର୍ମାଣ ବର୍ଷ - ୨୦୧୮
ସଂରକ୍ଷିତ ମୂଲ୍ୟ - ୧୨୫୧୧୮୨.୫୯

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**



## ପୂର୍ବ ତଟ ରେଳପଥ

**ଭାରତ ସରକାର**
ପୂର୍ବ ତଟ ରେଳପଥ
ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୩୪୩ ତା.୨୩/୦୨/୨୦୨୩

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ଭାଲୁକି, ଥାନା-ଖମାର, ଥାନା ନମ୍ବର-୮୯ ରୁ ୦.୨୮୦ ଏକର ପରିମିତ ପ୍ରଜା ଭୂମି ଆବଶ୍ୟକ ହେଇଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧- ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ – ୭୫୯୧୨୩

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ. ୮୯, ତହସିଲ: ପାଲହଡ଼ା, ମୌଜା-ଭାଲୁକି

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ ନାମ ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୨ | ୫୩୬ | ଟୈଲା-II | ଦର୍ଶନି ନାଏକ ପି. ସାହେବ ନାଏକ ଜା. ଗଣ୍ଡା ବା. ନିଜଗାଁ | ୧.୨୬୦ | ୦.୨୮୦ | |
| | | | | ମୋଟ | | ୦.୨୮୦ | |

PR-176/CF/22-23 ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ


# ବ୍ଲକ୍ ଚେନ୍ ୩ୟ ପକ୍ଷର ଆବଶ୍ୟକତା ଦୂରକରିଥାଏ: ରାଜସ୍ୱ ସଚିବ

## ଇ-ଗଭର୍ନାନ୍ସରେ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଟେକ୍ ବୁଟ୍‌କ୍ୟାମ୍ପ ଉଦ୍‌ଘାଟିତ

ଭୁବନେଶ୍ୱର,୩।୩(ବ୍ୟୁରୋ)

ଇ-ଗଭର୍ନାନ୍ସରେ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଏନ୍ଆଇସି, ଭୁବନେଶ୍ୱରଠାରେ ଟେକ୍ ବୁଟ୍‌କ୍ୟାମ୍ପକୁ ଶୁକ୍ରବାର ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିକେନ୍ଦ୍ରିତ ଲେଜର ଟେକ୍ନୋଲୋଜି ଆଧାରିତ ବ୍ଲକ୍ ଚେନ୍ ବିଶ୍ୱାସର ପ୍ରତୀକ ଏବଂ କାରବାରକୁ ବୈଧ କରିବା ପାଇଁ ୩ୟ ପକ୍ଷର ଆବଶ୍ୟକତା ଦୂରକରିଥାଏ। ଜମି ପଞ୍ଜୀକରଣ, ଜମି ପରିବର୍ତ୍ତନ, ଭୂ-ନକ୍ସା ଇତ୍ୟାଦି ସହିତ ଜମି ରେକର୍ଡ ବ୍ୟବସ୍ଥା ବ୍ଲକ୍ ଚେନ୍ କାର୍ଯ୍ୟକାରୀ କରିବା ପାଇଁ ଏକ ସର୍ବୋତ୍ତମ କ୍ଷେତ୍ର। ଏହା ବିଶ୍ୱସନୀୟତା, ଅଡିଟ୍ ଦକ୍ଷତା, ତଥ୍ୟ ଠାବ କରିବା ଦକ୍ଷତା ଏବଂ ତଥ୍ୟର ଅପରିବର୍ତ୍ତନୀୟତା ବୃଦ୍ଧି କରିବ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ମଧୁସ୍ମିତା ସାହୁ କହିଛନ୍ତି, ବ୍ଲକ୍ ଚେନ୍ ଟେକ୍ନୋଲୋଜିରେ କ୍ରିପ୍ଟୋଗ୍ରାଫି ଏବଂ ନୋଡ୍‌ଗୁଡିକର ପିୟର-ଟୁ-ପିୟର ନେଟ୍‌ୱାର୍କ ବିତରଣର ଅନନ୍ୟ ମିଶ୍ରଣ ତଥ୍ୟର ରକ୍ଷଣାବେକ୍ଷଣ ତଥା ବୈଧତାକୁ ଏକ ବିଶ୍ୱସ୍ତ ଇକୋସିଷ୍ଟମ ମାଧ୍ୟମରେ ସୁନିଶ୍ଚିତ କରିଥାଏ। ଜମି ରେକର୍ଡ ବ୍ୟବସ୍ଥାର ଏକୀକରଣ ପାଇଁ ବ୍ଲକ୍ ଚେନ୍ ଆଇଡି ଭାବେ ସ୍ୱତନ୍ତ୍ର ଜମି ପାର୍ସଲ ପରିଚୟକୁ ଏକକ ଭାବରେ ଗ୍ରହଣକରି ରାଜ୍ୟରେ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ। ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରି ଏସ୍. ଜୟନ୍ତୀ କହିଛନ୍ତି, ବାଙ୍ଗାଲୋର, ହାଇଦ୍ରାବାଦ, ଭୁବନେଶ୍ୱର ଏବଂ ପୁଣେରେ ୟୁନିଫାଏଡ୍ ବ୍ଲକ୍ ଚେନ୍ ଫ୍ରେମ୍‌ୱାର୍କ ସେଟ୍‌ଅପ୍ ପାଇଁ ପ୍ରକଳ୍ପର ଏକ ଅଂଶ ଭାବେ ନିର୍ମାଣ କରାଯାଉଛି। ଏହି କର୍ମଶାଳାକୁ ଏନ୍ଆଇସି ଓଡ଼ିଶାର ବରିଷ୍ଠ ନିର୍ଦ୍ଦେଶିକା (ଆଇଟି) ସୁଜାତା ଦାସ ପରିଚାଳନା କରିଛନ୍ତି। ବିଭିନ୍ନ ବିଭାଗର ୬୦ରୁ ଅଧିକ ଅଧିକାରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି।


## TPCODL
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**
NIT No: TPCODL/P&S/NIT/22-23/020

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee inclusive of GST (Rs.) | EMD (Rs. Lakhs) | Last date & time of payment of Tender Fee |
|---|---|---|---|---|---|
| 1 | SITC work of Air-Conditioning System at TPCODL-Technology Centre-Bhubaneshwar | TPCODL/P&S/ 1000000349/2022-23 | 5,000/- | 2.0 | 14/03/2023, 17.00 Hrs. |
| 2 | SITC work of Fire-Fighting System at TPCODL-Technology Centre-Bhubaneshwar | TPCODL/P&S/ 1000000350/2022-23 | 5,000/- | 2.0 | 14/03/2023, 17.00 Hrs. |
| 3 | Meter Data Analysis Service at TPCODL | TPCODL/P&S/ 1000000353/2022-23 | 5,000/- | 5.66 | 13/03/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.



## कार्यपालक अभियंता का कार्यालय
## पेयजल एवं स्वच्छता प्रमंडल, मेदिनीनगर

**शुद्धि–पत्र**

पेयजल एवं स्वच्छता प्रमंडल, मेदिनीनगर अन्तर्गत आमंत्रित ई–प्रोक्योरमेंट अल्पकालीन निविदा आमंत्रण सूचना संख्या–DWSD/SVS (JJM)/Med-36/2022-23 (1st Call) जो PR No. 291087 द्वारा विभिन्न समाचार पत्रों में प्रकाशित है; के वेबसाइट पर निविदा प्रकाशन की तिथि एवं अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने की स्थल निम्न प्रकार संशोधित किया जाता है :–

| विवरण | पूर्व प्रकाशित तिथि | संशोधित तिथि |
|---|---|---|
| वेबसाइट पर निविदा प्रकाशन की तिथि एवं समय | 28/02/2023 / 12.30 P.M. | 03/03/2023 / 12.30 P.M. |
| विवरण | पूर्व प्रकाशित स्थल | संशोधित स्थल |
| अग्रधन की राशि एवं परिमाण विपत्र का मूल्य (हार्ड कॉपी) जमा करने का स्थल | 1. Office of the Superintending Engineer, W&S Circle, Medininagar 2. Office of the Executive Engineer, DW&S Division, Medininagar | 1. Office of the Regional Chief Engineer, D W & S Department, Ranchi Zone Ranchi. 2. Office of the Superintending Engineer, DW&S Circle, Medininagar 3. Office of the Executive Engineer, DW&S Division, Medininagar |

यह शुद्धि–पत्र परिमाण विपत्र का भाग होगा एवं शेष पूर्ववत् रहेंगे।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।

PR.NO. 291768 Drinking Water and Sanitation(22-23):D



## E-Procurement cell
## Office of the Executive Officer
## Nagar Panchayat Mahagama , Jharkhand
## Urban Development & Housing Department

**e-procurement Notice, Very short Tender notice**

NIT No. – UDD/NPM/21/2022-23, Date:-01.03.2023

| Sl. NO | E-TENDER REF NO. | NAME OF WORK | TENDER VALUE | TIME OF COMPLETION | EARNEST MONEY DEPOSIT | BID DOCUMENT FEES |
|---|---|---|---|---|---|---|
| 1 | NPM/21/ 2022-23 | REJUVENATION OF DURGA MANDIR TALAB, (WARD NO 07) Under Nagar Panchayat Mahagama | Rs. 102.20 Lakhs | 06 months | Rs. 2,10,000.00 | Rs. 10,000.00 |
| 2 | Date of Publication of tender on website | | | 06.03.2023 | | |
| 3 | Closing date and time for receipt of tender on website | | | 15.03.2023 at 02.00 PM | | |
| 4 | Date and place of receiving tender fee, EMD | | | 16.03.2023 till 03.00 PM at tenders inviting office | | |
| 5 | Opening date and time of opening of technical bid | | | 16.03.2023 at 04.00 PM | | |
| 6 | Name and address of office inviting tender | | | Office of Executive Officer, Nagar Panchayat Mahagama. | | |
| 7 | Helpline number of e-procurement cell | | | +91 9771212473 | | |

NOTE: AUTHORITY RESERVES THE RIGHT TO CANCEL TENDER WITHOUT SIGHTING ANY REASON THEREOF. FURTHER DETAILS CAN BE SEEN ON WEBSITE http://jharkhandtenders.gov.in

Executive Officer
Nagar Panchayat Mahagama

PR 291777 District(22-23)#D



## झारखण्ड सरकार
## कार्यपालक अभियंता का कार्यालय,
## ग्रामीण विकास विशेष प्रमण्डल, रामगढ़

**ई–अति अल्पकालीन निविदा आमंत्रण सूचना**
ई–निविदा सं० :–*RDSD/RAMGARH/08/2022-23*

1.कार्य की विस्तृत विवरणी :– **DMFT** मद अन्तर्गत।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड | पंचायत | आँगनबाडी केन्द्रो का नाम | प्राक्कलित राशि (लाख में) | अग्रधन की राशि (रू०) | निविदा शुल्क | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/ DMFT /01/2022-23 | रामगढ | नगर परिषद | सवैया गढ़ा | 720950.00 | 15000.00 | 1250.00 | 30.06.2023 तक होगी। |
| 2 | RDSD/RAMGARH/ DMFT /02/2022-23 | रामगढ | नगर परिषद | तिवारी टोला | 339700.00 | 7000.00 | 750.00 | 30.06.2023 तक होगी। |
| 3 | RDSD/RAMGARH/ DMFT /03/2022-23 | रामगढ | नगर परिषद | बरधरवा | 638650.00 | 13000.00 | 1250.00 | 30.06.2023 तक होगी। |
| 4 | RDSD/RAMGARH/ DMFT /04/2022-23 | रामगढ | नगर परिषद | चेटर | 614700.00 | 13000.00 | 1250.00 | 30.06.2023 तक होगी। |

2. वेबसाईट में निविदा प्रकाशन की तिथि :– दिनांक 10.03.2023
3. ई–निविदा प्राप्ति की अंतिम तिथि एवं समय :– दिनांक 16.03.2023 अपराह्न 5.00 बजे तक।
4. निविदा शुल्क, अग्रधन की राशि एवं शपथपत्र के मूलप्रति जमा करने की तिथि एवं समय दिनांक 17.03.2023 को अपराह्न 5.00 बजे तक, स्थान– जिला परिषद रामगढ़ के सभागार कक्ष में लिया जायेगा।
5. निविदा खोलने की तिथि एवं समय :– 18.03.2023 अपराह्न 02:00 बजे
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई–निविदा प्रकोष्ठ का दूरभाष सं० :– 8986791292, 8210703869
8. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट या बैंकर्स चेक जो कार्यपालक अभियंता, ग्रामीण विकास विशेष प्रमण्डल, रामगढ़ के पदनाम से देय हो देना होगा। जो स्टेट बैंक ऑफ इंडिया, मुख्य शाखा, रामगढ़ (Branch Code-00164) में भुगतेय होगा। प्राईवेट बैंक का D.D/ Bankas Cheque मान्य नहीं होगा।
9 **अग्रधन की राशि राष्ट्रीय बचत पत्र (NSC) 05 वर्षीय/03 वर्षीय/डाकघर सावधि जमा पत्र/03 वर्षीय/05 वर्षीय/बैंक सावधि जमा पत्र (F.D) 05 वर्षीय/03 वर्षीय, जो की कार्यपालक अभियंता के नाम से प्रतिज्ञिप्त होगा, मान्य होगा।**
10. परिमाण विपत्र की राशि घट–बढ़ सकती है। तदनुसार परिमाण विपत्र की राशि का 02 प्रतिशत राशि अग्रधन की राशि के रूप में जमा करना होगा।
11. सरकार के संयुक्त सचिव, ग्रामीण कार्य विभाग, झारखण्ड सरकार, राँची का पत्रांक– 653 दिनांक 28.02.2023 के आलोक में "The System of taking tender document in offine manner, should be sotpped w.,e.f. 01.03.2023." का अनुपालन सुनिश्चित करते हुए यह स्पष्ट किया जाता है कि केवल ई–निविदा ही मान्य होगा तथा निविदा अभिलेख का Hard Copy समर्पित नहीं किया जायेगा।
12. विशेष परिस्थिति में बिना कारण बताए निविदा रद्द करने अथवा स्थगित करने का अधिकार अद्योहस्ताक्षरी को सुरक्षित होगा।

विस्तृत जानकारी के लिए वेबसाईट ***Jharkhandtenders.gov.in*** एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल, रामगढ़।

PR 291824 (Rural Work Department) 22-23 (D)

**ରାଜଦୋଳ ମେଳଣ**

ଖୁଣ୍ଟୁଣୀ,(ଡି.ଏନ୍.ଏ.)ଆଠଗଡ଼ ବ୍ଲକ ଅଧୀନ ନ'ବେଢ଼ାର ପ୍ରସିଦ୍ଧ ରାଜଦୋଳ ମେଳଣ ଖୁଣ୍ଟୁଣୀ ଥାନା ଖମାରନୂଆଗାଁରୁ ଶୁକ୍ରବାର ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମର ଠାକୁର ସୁସଜ୍ଜିତ ଦୋଳ ବିମାନରେ ଆସି ଅପରାହ୍ନ ୨ଟା ସୁଦ୍ଧା ଖମାରନୂଆଗାଁର ଗୋପୀନାଥଜୀଉଙ୍କ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରେ ଖମାରନୂଆଗାଁର ଗୋପୀନାଥଜୀଉ ମେଳଣ ପଡିଆକୁ ଆସିଥିଲେ। ସେଠାରେ ଠାକୁରଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଠାକୁରମାନଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ମେଳଣ କମିଟି ଓ ସଂକୀର୍ତ୍ତନ ଗୋଷ୍ଠୀର ଉପଦେଷ୍ଟା ହୃଦାନନ୍ଦ ବେଉରା, ଗୋକୁଳାନନ୍ଦ ରାଉତଙ୍କ ସମେତ ଗ୍ରାମ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିନା ସୂଚନା ଫଳକରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ

କଟକ ସଦର,୩।୩(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୧ ମାସ ହେବ ଏକ କୋଠା ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ଏହି ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଏହି କାର୍ଯ୍ୟ କେଉଁ ବିଭାଗ କରୁଛି ତାହା ଜଣାପଡୁନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିର୍ମାଣ ସ୍ଥଳରେ ଠିକାଦାର ଓ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ କାମ ସମ୍ପର୍କରେ କେହି କିଛି କହି ପାରୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାମ ସାଧାରଣତଃ ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ବ୍ଲକ ଦ୍ୱାରା କରାଯାଏ। ମାତ୍ର କୋଠା ନିର୍ମାଣ କାର୍ଯ୍ୟ ୧୦ ଲକ୍ଷରୁ ଅଧିକ ଟଙ୍କା ହୋଇଥିବାରୁ ବ୍ଲକ ପ୍ରଶାସନ କିମ୍ବା ଆରଡ଼ି ବିନା ଟେଣ୍ଡରରେ କରିପାରିବା କଥା ନୁହେଁ। ଏ ସମ୍ପର୍କରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବଞ୍ଜୁ ମାରାଣ୍ଡିଙ୍କୁ ପଚାରିବାରୁ ସେ ଏହା ଉପରେ କିଛି କହିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ତୁରନ୍ତ ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

### ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଚୌଦ୍ୱାର,୩।୩(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକାର ପାରିଷଦମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଆନୁକୂଲ୍ୟରେ ପୌର ସଭାଗୃହରେ ଆୟୋଜିତ କର୍ମଶାଳାରେ ଜିଲା ସ୍ୱାସ୍ଥ୍ୟ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଶୁଭ୍ରାଜ୍ୟୋତି ପାଲ ଯୋଗଦେଇ ସହରାଞ୍ଚଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ନିରାକରଣ ଦିଗରେ ସ୍ୱାସ୍ଥ୍ୟକର୍ମୀ, ରୋଗୀ କଲ୍ୟାଣ ସମିତି, ନିର୍ବାଚିତ କାଉନ୍ସିଲରଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଏଥିରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ସମସ୍ତ କାଉନ୍ସିଲର ଓ ପୌର କର୍ମଚାରୀ ଯୋଗ ଦେଇଥିଲେ। ରୋଗୀ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ପୌର ପ୍ରତିନିଧି ଓ କାଉନ୍ସିଲରମାନଙ୍କ ମିଳିତ ଉଦ୍ୟମରେ ୱାର୍ଡଗୁଡ଼ିକରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର ସମ୍ପର୍କରେ ସଚେତନ କରାଯିବ ବୋଲି ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି।

### ସୁବାସ ଚନ୍ଦ୍ର ହେଲେ ଓକିଲ ସଂଘ ନିର୍ବାଚନ ଅଧିକାରୀ

ବାଙ୍କୀ,୩।୩ (ସ୍ୱ.ପ୍ର.):ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର ବାଙ୍କୀ ଓକିଲ ସଂଘର ନିର୍ବାଚନ କାର୍ଯ୍ୟ ପରିଚାଳନା କରିବା ପାଇଁ ନିଯୁକ୍ତ ହୋଇଛନ୍ତି। ମାର୍ଚ୍ଚ ୨୫ରେ ହେବାକୁ ଥିବା ନିର୍ବାଚନ ପାଇଁ ଶନିବାର ଠାରୁ ନାମାଙ୍କନପତ୍ର ବିକ୍ରି ଆରମ୍ଭ ହେବ। ୬ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ବିକ୍ରି ଓ ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଛି। ୯ରେ ନାମାଙ୍କନପତ୍ର ଯାଞ୍ଚ , ୧୧ରେ ପ୍ରାର୍ଥି ତାଲିକା ପ୍ରକାଶ ପାଇବ। ୮ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୩ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୫ତାରିଖରେ ମତଦାନ ଓ ଭୋଟ ଗଣତି ହେବ।

# ବ୍ଲକ କାର୍ଯ୍ୟାଳୟ ଘେରାଉ ପରେ ବୋମାମାଡ଼



ଆନ୍ଦୋଳନକାରୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

- ଆନ୍ଦୋଳନକାରୀ ଆସିଥିବା ୨ ଗାଡ଼ି କ୍ଷତିଗ୍ରସ୍ତ
- ମିଶନ ଶକ୍ତିରେ ବେଆଇନ ନିଯୁକ୍ତିକୁ ବିରୋଧ

ଟିଗିରିଆ,୩।୩(ଡି. ଏନ. ଏ. )

ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହିଳା ଗୋଷ୍ଠୀ କର୍ମକର୍ତ୍ତା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆନ୍ଦୋଳନକାରୀମାନେ ଯେଉଁ ଗାଡ଼ିରେ ଆସିଥିଲେ ତା'ଉପରକୁ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଟିଗିରିଆ ଥାନାରେ ମାମଲା (ନଂ. ୪୩/୨୩) ରୁଜୁ ହୋଇଛି। ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ମିଶନ ଶକ୍ତି ଅଧୀନରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ କରି ଅପରାହ୍ନରେ ବହୁ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠଗଡ଼ର ବିଜେଡିର ଯୁବ ସଙ୍ଗଠକ ଅଭୟ ବାରିକ ଏହାର ନେତୃତ୍ୱ ନେଇଥିଲେ। ଖବରପାଇ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ପହଞ୍ଚି ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନେ ଇସ୍ତଫା ଦେଇଥିବା କହିଥିଲେ। ଶନିବାର ଅପରାହ୍ନରେ ସେମାନଙ୍କ ଇସ୍ତଫାପତ୍ର ଯୁବ ସଙ୍ଗଠକଙ୍କୁ ପ୍ରଦାନ କରାଯିବ ବୋଲି କହିବା ପରେ ଆନ୍ଦୋଳନକାରୀମାନେ ଫେରିଯାଇଥିଲେ। ଏହାପରେ ଆନ୍ଦୋଳନକାରୀ ଆସିଥିବା ଏକ ସ୍କର୍ପିଓ ଏବଂ ଅଟୋ ନିକଟସ୍ଥ ଶିବ ମନ୍ଦିର ପାଖରେ ଥୁଆ ହୋଇଥିଲା। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ଏକ ସ୍କୁଟିରେ ଆସି ଉକ୍ତ ଗାଡ଼ି ଉପରକୁ ବୋମାମାଡ଼ କରି ପଳାଇଯାଇଥିଲେ। ଏଥିରେ ସ୍କର୍ପିଓର ପଛ କାଚ ଭାଙ୍ଗିଯାଇଥିବାବେଳେ ଅଟୋ ଚକାରେ ବୋମା ବାଜିଛି। ମାତ୍ର ବିଶେଷ କିଛି କ୍ଷୟକ୍ଷତି ହୋଇନାହିଁ। ସେହି ସମୟରେ ଗାଡ଼ିରେ କେହି ନ ଥିବାରୁ କାହାର କୌଣସି କ୍ଷତି ହୋଇନାହିଁ। ଏନେଇ ଅଭୟ ଥାନାରେ ଅଭିଯୋଗ କରିବା ପରେ ଆଠଗଡ ଡିଏସ୍‌ପି ବିଜୟ କୁମାର ବିଶି, ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, କାନପୁର ଆଇଆଇସି ରବୀନ୍ଦ୍ର ଭୁଜବଳ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।





ବୋମାମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଗାଡ଼ି।

# ଚାକିରି ଦେବା ନାଁରେ ଠକେଇ ଅଭିଯୋଗ



ଖବରଦାତା ସମ୍ମିଳନୀରେ ଯୁବକମାନେ ଠକେଇ ସମ୍ପର୍କରେ ସୂଚନା ଦେଉଛନ୍ତି।

ଟିଗିରିଆ,୩।୩ (ଡି.ଏନ୍.ଏ.)

ଚାକିରି କରାଇ ଦେବା ନାଁ ରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଶୁକ୍ରବାର ଟିଗିରିଆ ଥାନାରେ ୩ ଜଣ ଯୁବକ ଅଭିଯୋଗ କରିବା ସହିତ ଏକ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଏନେଇ ଥାନାରେ ୩ଟି ମାମଲା ରୁଜୁ ହୋଇଛି। ସେମାନେ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ମିଥୁନ ଭୂୟାଁ, ଆକାଶ ଭୂୟାଁ ଓ ପ୍ରଦୀପ ଭୂୟାଁ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଠଗଡ଼ର ଜଣେ ଯୁବସଙ୍ଗଠକ ସେମାନଙ୍କୁ ବିଭନ୍ନ ସଂସ୍ଥାରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସମ୍ପୃକ୍ତ ଯୁବକ ସେମାନଙ୍କ ଠାରୁ ୭ ଲକ୍ଷ ୩୫ ହଜାର ଟଙ୍କା ନେଇଥିଲେ। ପରେ ଆଉ ଫେରାଇ ନ ଥିଲେ। ଟଙ୍କା ମାଗିବାରୁ ସମ୍ପୃକ୍ତ ଯୁବକ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ ବୋଲି ଖବରଦାତା ସମ୍ମିଳନୀରେ ଓ ଥାନାରେ ଅଭିଯୋଗ କରାଯାଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା ନଂ. ୪୦,୪୧,୪୨/୨୩)ରୁଜୁ ହୋଇଛି। ଟିଗିରିଆ ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ଜନ ପ୍ରତିନିଧିମାନେ ବେଆଇନ ଭାବେ ନିଯୁକ୍ତି ପାଇଥିବା ଅଭିଯୋଗ କରି ଅଭୟ ବାରିକଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିବା ବେଳେ ଏଭଳି ଅଭିଯୋଗ ସାମନାକୁ ଆସିଛି। ଏନେଇ ରାଜନୀତି ସରଗରମ ହୋଇଛି।

# ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ପ୍ରସଙ୍ଗରେ ଆଲୋଚନା

### କଟକ ଆସିବେ ପାଟ୍‌ନା ମେୟର

କଟକ ଅଫିସ,୩।୩

ବିହାରର ରାଜଧାନୀ ପାଟ୍‌ନାଠାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବର୍ଜ୍ୟବସ୍ତୁ ପରିଚାଳନା, ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବସ୍ତି ସମସ୍ୟାର ସମାଧାନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଓ ପରିବହନ ବ୍ୟବସ୍ଥା ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପାଟ୍‌ନା ମହାନଗର ନିଗମର ମେୟର ସୀତା ସାହୁ, କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ, ପାଟନା ମହାନଗର ନିଗମର ଷ୍ଟାଣ୍ଡିଂ କମିଟି ଅଧକ୍ଷ, ଡ. ଆଶିଷ ସିହ୍ନା, ଅସଫର୍ ଅହମ୍ମଦ, ଶିଶିର କୁମାରଙ୍କ ସହ ୧୦ଜଣିଆ ପ୍ରତିନିଧି ସାମିଲ ହୋଇଥିଲେ। କଟକରେ ମୋ ୱାର୍ଡ ଅଭିଯାନ, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ସ୍ୱଚ୍ଛତା ଦିଗରେ ନିଆଯାଇଥିବା ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ। ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଉଦ୍ୟୋଗୀ କରିବା ଦିଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସେମାନଙ୍କୁ ଆକୃଷ୍ଟ କରିଥିଲା। ଶନିବାର ସକାଳ ୬ଟାରେ ସିଏମ୍‌ସି ମେୟର ପାଟ୍‌ନା ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଓ ପରିମଳ ବ୍ୟବସ୍ଥା ଦେଖିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମେୟର ସିଂ ପାଟନା ମହାନଗର ନିଗମର ମେୟର, ଡେପୁଟି ମେୟର ଓ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଏବଂ ସଦସ୍ୟମାନଙ୍କୁ କଟକ ଆସିବା ପାଇଁ କହିଥିଲେ। ଏଥିରେ ସେମାନେ ସହମତି ପ୍ରକାଶ କରିଥିଲେ।



ବୈଠକରେ ପାଟ୍‌ନା ଓ ସିଏମ୍‌ସି ମେୟରଙ୍କ ସହ ଅନ୍ୟମାନେ।

### ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଗଣ୍ଡରପୁର କ୍ଲବ ବିଜୟୀ

ବାଙ୍କୀ,୩।୩ (ସ୍ୱ.ପ୍ର.)

ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଭୁବନେଶ୍ୱର ଗଣ୍ଡରପୁର ଫୁଟବଲ୍ କ୍ଲବ ମଧ୍ୟରେ କଚେରି ପଡିଆରେ ହୋଇଯାଇଛି। ଡମପଡ଼ା ବ୍ଲକ ବିଡିଓ ଶ୍ୟାମଳ କୁମାର ରାୟ ଓ ଆଇନଜୀବୀ ଜୟପ୍ରକାଶ ମିଶ୍ର ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଞ୍ଜୀବ କୁମାର ଦାସ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ସରୋଜ ବକ୍ସ, ଅମୂଲ୍ୟ ସାମଲ ଲାଇନ୍ସମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ଭୁବନେଶ୍ୱର ଗଣ୍ଡରପୁର ଦଳ ବାଙ୍କୀ କ୍ରୀଡ଼ା ସଂସଦକୁ ୪-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ଧାରା ବିବରଣୀ ସଞ୍ଜୀବ ସ୍ୱାଇଁ ପ୍ରଦାନ କରିଥିଲେ ।

# ମହୁଚାଷ ପ୍ରଶିକ୍ଷଣ ଶିବିର

ବାଙ୍କୀ,୩।୩(ସ୍ୱ.ପ୍ର.)

ବାଙ୍କୀ ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ସୁଲେଇ ଛକଠାରେ ଭାରତ ସରକାରଙ୍କ କେଭିଆଇସି ଏବଂ ଏଲ୍‌ଏର ମିଳିତ ଆନୁକୂଲ୍ୟରେ ମା'ଚର୍ଚ୍ଚିକା ଉତ୍ପାଦକ କମ୍ପାନୀ ପକ୍ଷରୁ ମହିଳାଚାଷୀଙ୍କ ପାଇଁ ମହୁଚାଷ ବିଷୟରେ ଏକ ୫ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଟେକ୍ନିକାଲ ମେଣ୍ଟ ତଥା ମହୁଚାଷ ପ୍ରଶିକ୍ଷକ ଆଲୋକ କୁମାର ପ୍ରଧାନ ଏବଂ ମା'ଚର୍ଚ୍ଚିକା ଏଫ୍‌ପିଓର ମ୍ୟାନେଜିଂ ଡାଇରେକ୍ଟର ଅଜୟ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଫ୍‌ପିଓର ସୁରେଶ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଦେବା ସହ ବିଡିଓ କବିରାଜ ଦାଶ ଅଭିଭାଷଣ ରଖିଥିଲେ। ଅଜୟ କୁମାର ସ୍ୱାଇଁ ନିଜ ଅଭିଭାଷଣରେ କିପରି ସ୍ୱଳ୍ପ ଅର୍ଥ ଓ ସମୟ ବିନିଯୋଗରେ ମହୁ ଚାଷୀମାନେ ଅଧିକ ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ କହିଥିଲେ। ପ୍ରଶିକ୍ଷକ ଆଲୋକ କୁମାର ପ୍ରଧାନ କିପରି ମହୁମାଛି ପାଳନ କରାଯିବା ସହ ଆଧୁନିକ ଯାନ୍ତ୍ରିକ କୌଶଳ ପ୍ରୟୋଗ କରାଯାଇ ମହୁସଂଗ୍ରହ କରାଯିବ ସେ ବିଷୟରେ କହିଥିଲେ। ଏଫ୍‌ପିଓର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମଦନମୋହନ ରାଉତ ସମସ୍ତ ବ୍ୟବସ୍ଥାକୁ ତଦାରଖ କରିଥିଲେ।

# 'ଓଡ଼ିଶାରେ ଭାଜପା ସରକାର ଗଠନ କରିବ'

ସାଲେପୁର,୩।୩(ଡି.ଏନ୍.ଏ.)

ଓଡ଼ିଶାରେ ଭାଜପା ସରକାର ଗଠନ କରିବ। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସାଲେପୁର ମଧୁସ୍ମୃତି ମଣ୍ଡପ ପରିସରରେ ଶୁକ୍ରବାର ଭାଜପା ପକ୍ଷରୁ ଆୟୋଜିତ ଏକ ବୈଠକରେ ଏହା କହିଛନ୍ତି। ସାଲେପୁର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଧାନସଭା ସ୍ତରୀୟ କୋର କମିଟି ଏବଂ ସଞ୍ଚାଳନ ସମିତିର ଏହି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ରାୟ ଉଭୟ ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାଙ୍କ ସହ ସାଙ୍ଗଠନିକ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରୟାସ ଦେଶ, ଗାଁ ଗାଁ ଓ ଘରେ ଘରେ ପହଁଚୁଛି। ମୋଦି ଓଡ଼ିଶାକୁ ବିକାଶ ପହଁଚାଉଛନ୍ତି। କିନ୍ତୁ ବିଜେଡି ସରକାର ଏହାକୁ ବିରୋଧ କରୁଥିବା ନେଇ ମନ୍ତ୍ରୀ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଦେଉଥିବା ଯୋଜନାକୁ ଓଡ଼ିଶା ସରକାର ନିଜ ନାମରେ କରି ପ୍ରସିଦ୍ଧି ଲାଭ କରୁଛନ୍ତି। ଓଡ଼ିଶା ହେଉଛି ବୀର ଭୂମି, ସାହିତ୍ୟ ଭୂମି। ଏହି ଭୂମିର ଜନତା ୨୦୨୪ ନିର୍ବାଚନରେ ବିଜେଡିକୁ ଧୂଳିସାତ୍ କରିବେ ବୋଲି ସେ କହିଛନ୍ତି। ବୈଠକରେ କଟକ ଜିଲା ଭାଜପା ସଭାପତି ତଥା ସାଲେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ରାୟଙ୍କୁ କଟକ ଜିଲା ଭାଜପା ସଭାପତି ବେହେରା ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଯୋଗ ଶିବିର

ସାଲେପୁର,୩।୩(ଡି.ଏନ୍.ଏ.)

ସାଲେପୁର ଫାର୍ମାସୀ କଲେଜରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ୩ ଦିନ ବ୍ୟାପୀ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ରାଜ୍ୟ କିଷାନ ପ୍ରଭାରୀ ଏସ୍‌ପିଡିଆର ମହାପାତ୍ର, ସମିତି ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ଦେଇଥିଲେ। ଉଦ୍‌ଯାପନୀ ସଭାରେ ପ୍ରଭାରୀ ଏସ୍‌ପିଡିଆର ମହାପାତ୍ର ପୌରୋହିତ୍ୟ କରିଥିଲେ। ଅତିଥିଭାବେ ଫାର୍ମାସୀ କଲେଜର ଉପାଧକ୍ଷ ପ୍ରବୀର କୁମାର ସିହ୍ନାମହାପାତ୍ର, ବିଶ୍ୱରଞ୍ଜନ ମହାନ୍ତି, ଡା. ସଜିତ ଦାଶ, ଡା. ମୀନକେତନ ସାହୁ, ଡା. ସୱାଲିନ ପରିଜା ଯୋଗଦେଇ ଥିଲେ। ଶିବିରରେ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର



ବଡ଼ମ୍ବା,୩।୩(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଷୟିକ ଶିକ୍ଷା ମାଧ୍ୟମରେ ବାଳିକାଙ୍କ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିବା ମୁଖ୍ୟଅତିଥି ତଥା ବ୍ଲକ ଉପାଧକ୍ଷ ସ୍ୱର୍ଣ୍ଣଲତା ବେହେରା କହିଛନ୍ତି। ଏଥିରେ ଜିଲାର ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନର କର୍ମକର୍ତ୍ତା,ଶତାଧିକ ଛାତ୍ରୀ ଓ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ରମେଶ କୁମାର ଜେନା,ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ ପଣ୍ଡିତ, ଜିଲା କର୍ମନିଯୋଜନ ଅଧିକାରୀ ଶୁଭେନ୍ଦୁ ଦାସ, ବିପିଏମ ମୋନାଲିସା ତ୍ରିପାଠୀ, ଆର୍ମି ଅଫିସର ରାହୁଲ ଶର୍ମା ଯୋଗ ଦେଇ ବୈଷୟିକ ଶିକ୍ଷା ମାଧମରେ ଭବିଷ୍ୟତ ଗଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

# ଫଜୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ପ୍ରତାପ କ୍ଲବ

ଟିଗିରିଆ,୩।୩(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୬ ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨ୟ ସେମିଫାଇନାଲ ମ୍ୟାଚରେ ପପୁଲାର କ୍ଲବ ନରଣପୁର (ଢେଙ୍କାନାଳ )କୁ ୩/୨ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ (କଟକ )ଫାଇନାଲରେ ପ୍ରବେଶ କରିଛି । ପ୍ରତାପ କ୍ଲବ ଖେଳାଳି ବାପୁନି ବିନ୍ଧାଣୀ ଓ ବିକାଶ ସାହୁ ଦୁଇଟି ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ରାମ ଜେନା ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବବୁଲ ରାଉତ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ରାମ ଜେନା ୨ଟି ଗୋଲ ସ୍କୋର କରିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ୩ /୨ ସ୍ଥିତିରେ ପ୍ରତାପ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ । ପୂର୍ବରୁ ଆୟୋଜକ ଯୁବଜ୍ୟୋତି କ୍ଲବ ଫାଇନାଲରେ ପ୍ରବେଶ କରିଛି ।

ଅତିଥିଭାବେ କ୍ଲବ ପ୍ରାକ୍ତନ ଖେଳାଳି ମହମ୍ମଦ ସୁବାନ, ଏଯାବୁଲ ଖାଁ, ସଲିମ ଖାଁ, ମହମ୍ମଦ ବେଶାରତ, ଅବୁବକର ଖାଁ, ମହମ୍ମଦ ମୋବେସର, ଅତାବୁ ଖାଁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ରେଫରି ଜ୍ୟୋତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ତାଙ୍କ ଲାଇନର ଆଲୋକ ଦେହୁରୀ ଓ ଧନେଶ୍ୱର ସର୍ଦାର ସହଯୋଗ କରିଥିଲେ। ୪ର୍ଥ ରେଫରି ଭାବେ ମହମ୍ମଦ ଅନାସ କାର୍ଯ୍ୟ ତୁଲାଇଥିଲେ। ଫାଇନାଲ ମ୍ୟାଚ ରବିବାର ଯୁବଜ୍ୟୋତି କ୍ଲବ ଏବଂ ପ୍ରତାପ କ୍ଲବ କଟକ ମଧ୍ୟରେ ଖେଳାଯିବ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ୫ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ

### ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

ନିଶ୍ଚିନ୍ତକୋଇଲି,୩।୩(ସ୍ୱ.ପ୍ର.)

ପ୍ରାଥମିକ ଶିକ୍ଷାକୁ ବାଧତାମୂଳକ କରିବା ସହ ଏହା ଏକ ମୌଳିକ ଆବଶ୍ୟକତା ଭାବେ ଗ୍ରହଣ କରି ସରକାର ବିଦ୍ୟାଳୟର ଭିତି ଭୂମି ବିକାଶରେ କୋଟି କୋଟି ଟଙ୍କା ବ୍ୟୟ କରି ବିଦ୍ୟାଳୟକୁ ଆଧୁନିକ ଓ ଶିକ୍ଷଣ ଉପଯୋଗୀ କରିଛନ୍ତି। ଶିକ୍ଷାଦାନ ବ୍ୟବସ୍ଥା ଠିକ ନ ରହିବା କାରଣରୁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଏପରିଏକ ନଜିର ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନ ସହଦେବପୁର ପ୍ରାଥମିକ ବିଦ୍ୟାଳୟ। ଏଠି ୫ଟି ଶ୍ରେଣୀରେ ୨୩ ଜଣ ଛାତ୍ରୀ ଛାତ୍ରଙ୍କୁ ମାତ୍ର ଜଣେ ଶିକ୍ଷକ ପାଠ ପଢାଉଛନ୍ତି। ଶିକ୍ଷାକୁ ସାର୍ବଜନୀନ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିନିମନ୍ତେ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ମଧାହ୍ନ ଭୋଜନ,ପୁଷ୍ଟିକର ଅଣ୍ଡା,ପାଠ୍ୟ ପୁସ୍ତକ,ସାଇକେଲ, ପୋଷାକ, ଛାତ୍ରବୃତି ଦିଆଯାଉଥିଲା ବେଳେ ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ ସହଦେବପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ନିମନ୍ତେ ମାତ୍ର ଜଣେ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଥିବା କାରଣରୁ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡିଛି। ସହଦେବପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗତ ୨୦୦୬ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟର ୫ଟି ଶ୍ରେଣୀରେ ୨୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ବିଦ୍ୟାଳୟରେ ଏକମାତ୍ର ଶିକ୍ଷୟିତ୍ରୀ ରୂପେ ସନ୍ଧ୍ୟାରାଣୀ ନାୟକ କାର୍ଯ୍ୟ କରୁଛନ୍ତି। ଶ୍ରୀମତୀ ନାୟକ ଅତ୍ୟନ୍ତ ଦୟନୀୟ ଭାବେ ଗୋଟିଏ ଶ୍ରେଣୀ କକ୍ଷରେ ୫ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବାର ଦେଖିବାକୁ ମିଳିଛି। ତେବେ ଏହି ବ୍ଲକରେ ବହୁ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ହେଉଥିବା କାରଣରୁ ଶିକ୍ଷୟିତ୍ରୀ ଜଣକ ଅନୁପସ୍ଥିତ ରହିଲେ ବିଦ୍ୟାଳୟରେ ତାଲା ଝୁଲୁଛି। ଏପରିକି ଏହି ବିଦ୍ୟାଳୟଟି ଲୁଣା ନଦୀ କୂଳରେ ଓ କେନାଲ ପାର୍ଶ୍ୱରେ ଅବସ୍ଥିତ ଅଟେ। ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିବା ଦିନ ଛାତ୍ର ଛାତ୍ରୀମାନେ ଶିକ୍ଷାଦାନ କରିନପାରି ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ସେହିପରି ଭାବେ ଏହି ବିଦ୍ୟାଳୟ ନିମନ୍ତେ କାର୍ଯ୍ୟକରୁଥିବା ଶିକ୍ଷକ ଆଲୋକ କୁମାର ସ୍ୱାଇଁଙ୍କୁ କେରିଲୋ ବିଦ୍ୟାଳୟକୁ ସପ୍ତାହରେ ୩ ଦିନ ଡେପୁଟେସନରେ ପଠାଇ ଦିଆଯାଇଥିବା କାରଣରୁ ଶିକ୍ଷକ ଅଭାବରୁ ଏହି ବିଦ୍ୟାଳୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ଥ ହୋଇପଡିଛି। ଶିକ୍ଷକ ଅଭାବରୁ ଏହି ବିଦ୍ୟାଳୟରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ଥ ହୋଇପଡିଥିବାରୁ ଅଭିଭାବକ ମାନେ ସେମାନଙ୍କ ପିଲାଙ୍କ ନାମ ଏହି ବିଦ୍ୟାଳୟରେ ଲେଖିବାକୁ ଉଚିତ ମନେକରୁନାହାନ୍ତି। ଫଳରେ ଦିନକୁ ଦିନ ଏହି ବିଦ୍ୟାଳୟରେ ଛାତ୍ର ଛାତ୍ରୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟକୁ ଆବଶ୍ୟକୀୟ ଶିକ୍ଷକ ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।ଏସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି ବର୍ତ୍ତମାନ ସ୍କୁଲର ପିଲାଙ୍କ ଅନୁପାତରେ ଶିକ୍ଷକ ଦିଆଯାଉଛି। ଯଦିଓ ଜଣେ ଶିକ୍ଷକ ୫ଟି ଶ୍ରେଣୀରେ ପଢାଇବା ସମ୍ଭବ ନୁହେଁ ତେଣୁ ଅନ୍ୟଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଏହି ବିଦ୍ୟାଳୟକୁ ପଠାଯାଇଛି।



ସହଦେବପୁର ପ୍ରାଥମିକ ବିଦ୍ୟାଳୟ।

**କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟର ଶିଳାନ୍ୟାସ**

ଖୋର୍ଦ୍ଧା ଅଫିସ : ଖୋର୍ଦ୍ଧା ଉପକଣ୍ଠ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ପଲ୍ଲା ହାଇସ୍କୁଲ ନିକଟରେ କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟ ସ୍ଥାପନା ନିମନ୍ତେ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ମ୍ୟାନେଜିଂ ଟ୍ରଷ୍ଟି ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ରଜନୀକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନଡିଆ ବାଡେଇ, ଫୁଲପୁଷ୍ପ ଦେଇ ଆନୁଷ୍ଠାନିକ ଭାବେ ଶିଳାନ୍ୟାସ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ନାରାୟଣ ରାଓ, ବୁଦ୍ଧିଜୀବୀ ଦେବ ପ୍ରସାଦ ମଜୁମଦାର, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସଭାପତି ନରସିଂହ ଜେନା, ହଳଦିପଦା ହାଇସ୍କୁଲ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ଏସବିଆଇ ମୁଖ୍ୟ ପ୍ରବନ୍ଧକ ମଙ୍ଗୁଳିଚରଣ ନାୟକ, ସଂଯୁକ୍ତା ଦାଶଙ୍କ ସମେତ ଖବରଦାତା ଧନେଶ୍ୱର ବିଧାର,ନିରଞ୍ଜନ ଦୋରା, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିମାନରେ ଗ୍ରାମ ବୁଲିଲେ ଶ୍ରୀକପିଳେଶ୍ୱର



ନିରାକାରପୁର,୩।୩(ଡି.ଏନ୍.ଏ.): ଦୋଳପୂର୍ଣ୍ଣମୀ ଉପଲକ୍ଷେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ଶ୍ରୀକପିଳେଶ୍ୱର ଦେବଙ୍କ ଯଜ୍ଞ ଉତ୍ସବରେ ଠାକୁର ଶୁକ୍ରବାର ଦୋଳବିମାନରେ ଗ୍ରାମ ପରିକ୍ରମା କରିଛନ୍ତି। ଶ୍ରୀକପିଳେଶ୍ୱର ଦେବ ପ୍ରଥମେ ତାଙ୍କ ଦେଉଳରୁ ବାହାରି ଏକ ସ୍ୱତନ୍ତ୍ର ପୁଷ୍ପମାଳାରେ ସଜ୍ଜିତ ବିମାନରେ ଗୋପାଳମାନଙ୍କ ସାହାଯ୍ୟରେ ଆସି ଗ୍ରାମ ପରିକ୍ରମା କରି ଦୁଆରେ ଦୁଆରେ ବୁଲି ଭୋଗ ଖାଇଥିବାର ଅପୂର୍ବଦୃଶ୍ୟ ଦେଖିବାକୁ ମିଳିଥିଲା। ଏଭଳି ଦୃଶ୍ୟ ଉକ୍ତ ପଞ୍ଚାୟତ ଡିଆ, ଭଟ୍ଟସାହି, ଭୋଇସାହି ଓ କୋଲସାହି ଗ୍ରାମରେ ଦେଖିବାକୁ ମିଳିଛି। ତେବେ ଏହି ପର୍ବରେ ଠାକୁରଙ୍କ ପାଖରେ ଏକ ସ୍ୱତନ୍ତ୍ର ଶୁଖିଲି ଭୋଗ ଅର୍ପଣ କରାଯାଇଥାଏ। ବିଶେଷ କରି ଚଣା, ଖଇ, ସାକର, ଭୋଗଲାଗି କରାଯାଇଥାଏ। ଏହି ପର୍ବ ହୋଲି ଖେଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଠାକୁରଙ୍କ ପରିଚାଳନା କମିଟିର ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର କୁମାର ଦାଶ ଓ ସାରଙ୍ଗଧର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଅଫିସ,୩।୩ : ଝିଙ୍କିଝାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଦାୟୀ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଦେଈଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗଙ୍ଗାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଇଓ ସନ୍ଧ୍ୟାରାଣୀ ରାଉତ ମୁଖ୍ୟଅତିଥି, ଏବିଇଓ ଭରତ ଚନ୍ଦ୍ର ପ୍ରଧାନ, ସିଆରସିସି ଧ୍ରୁବଚରଣ ରଣା, ଯୁଧିଷ୍ଠିର ସାହୁ ଓ ରବି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଛାତ୍ରବତ୍ସଳତା, ଶିକ୍ଷାଦାନର ପ୍ରଂଶସା କରିଥିଲେ। ଏହି ଅବସରରେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ମାନେ ପୃଥକ ଭାବେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଆଶାଲତା ଦେଈ, ସ୍ନେହାଞ୍ଜଳି ମହାନ୍ତି, ଏସଏମସି ସଭାପତି ସ୍ମୃତିମୟୀ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଅନୁଜ କୁମାର ସାହୁ, ପ୍ରାଣନାଥ ମହାପାତ୍ର, ଖବରଦାତ ରାମ ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଜମିଜମା ସ୍ୱତ୍ୱାଧିକାର ପରିବର୍ତ୍ତନ ଦାବି ତେଜିଲା

ଖୋର୍ଦ୍ଧା ଅଫିସ,୩।୩



ଜମିଜମା ସ୍ୱତ୍ୱାଧିକାର ପରିବର୍ତ୍ତନ ଦାବି ନେଇ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

ଏଖରାଜାତ ମାହାଲ ଜମିଜମା ସ୍ୱତ୍ୱାଧିକାରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖିବା ଦାବିରେ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଖୋର୍ଦ୍ଧାରେ ଆନ୍ଦୋଳନକୁ ଜୋର କରିଛି। ଶୁକ୍ରବାର ପୂର୍ବାହ୍ନରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ପ୍ରତିବାଦ ସଭା କରିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏଥିସହ ଜମିଜମା ରେକର୍ଡ ସଂଶୋଧନ ଦାବିରେ କାର୍ଯ୍ୟାଳୟ ନିକଟରେ ଗଣଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ୨୦୨୧ରେ ଆଇନ ବିଭାଗ ଓ ୭ଜଣିଆ କମିଟି ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ। ଦୀର୍ଘ ୬୦ବର୍ଷ ଧରି ବନ୍ଦୋବସ୍ତ ହୋଇ ନ ଥିବା ଏଖରାଜାତ ମାହାଲର ବନ୍ଦୋବସ୍ତ କରାଯାଇ ସ୍ୱତ୍ୱଲିପି ପ୍ରଦାନ ତଥା ଜମିଦାରଙ୍କ ନାମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଆଡମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବାକୁ ଦାବି ହୋଇଛି। ଧାରଣାସ୍ଥଳରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆନ୍ଦୋଳନକୁ ସେମାନେ ପରୋକ୍ଷ ଭାବେ ସମର୍ଥନ ଜଣାଇଥିବା ସୂଚନା ମିଳିଛି।

ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତିର ଦାବି ମୁତାବକ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ୧୫ଟି ରାଜସ୍ୱ ଗ୍ରାମର ଶତାଧିକ ବାସିନ୍ଦା ଦୀର୍ଘବର୍ଷ ଧରି ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ଦାବି କରି ଆସୁଥିବାବେଳେ ପ୍ରତିଥର ପ୍ରଶାସନ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀ ହଇରାଣ ହେଉଛନ୍ତି। ସରକାର ଜଙ୍ଗଲ ଜମି, କାଜୁ ଜଙ୍ଗଲ ପ୍ରଭୃତି ଶତାଧିକ ଏକର ଏକର ଜମି ଖଣି, କମ୍ପାନୀକୁ ଟେକି ଦେଉଥିବା ବେଳେ ବଂଶାନୁକ୍ରମେ ଦୀର୍ଘବର୍ଷ ଧରି ଭୋଗ କରି ଆସୁଥିବା ଜମିର ରେକର୍ଡ ସଂଶୋଧନ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ପାଇକ ବୀରଙ୍କ ମାଟି ପ୍ରତି ସରକାର ଅବହେଳା ଓ ଅଣଦେଖା କରୁଛନ୍ତି। ୧୮୦୩ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଖୋର୍ଦ୍ଧାଗଡ଼କୁ ଦଖଲ କରିନେଇଥିଲା। ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକବୀରମାନେ ଇଂରେଜଙ୍କ ବିରୋଧରେ ଲଢିଥିଲେ। ରାଜାଙ୍କ ଜମିଦାରି ଭାଙ୍ଗି ଖୋର୍ଦ୍ଧାକୁ ଖାସମାହାଲ କରିଦେଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ତାପଙ୍ଗ ଓ ରାମେଶ୍ୱର ପ୍ରଭୃତି ଅଞ୍ଚଳର ୧୫୬ ଗ୍ରାମର ପ୍ରଜା ମେଳି ହୋଇ ଯୁଦ୍ଧରେ ସାମିଲ ହୋଇଥିଲେ। ୧୮୧୭ ବିପ୍ଳବରେ ପାଇକ ବୀର ସଂଗ୍ରାମ କରିଥିଲେ। ତେବେ ଏହି ୧୫୬ଖଣ୍ଡ ଗ୍ରାମବାସୀ ଇଂରେଜଙ୍କ ବଶତା ସ୍ୱୀକାର କରି ନ ଥିଲେ। ଏହି ଗ୍ରାମ ୧୮୫୮ ଓ ୧୮୬୩ରେ ଇଂରେଜଙ୍କ ଦ୍ୱାରା ଦୁଇଟି ଚୁକ୍ତି ବଳରେ ରାଜସ୍ୱ ଦେଇ ଶ୍ରୀମନ୍ଦିର ପରିଚାଳନା କମିଟି ଅଧୀନକୁ ଚାଲିଯାଇଥିଲା। ଫଳରେ ୧୫୬ ଗ୍ରାମ ଏଖରାଜାତ ମାହାଲ ଭାବେ ପରିଗଣିତ ହେଲା। ଜମିଦାରି ଉଚ୍ଛେଦ ଅଧିନିୟମ କାର୍ଯ୍ୟକାରୀ ହେବା ପରେ ୧୯୯୮ ମସିହାରେ ଏହି ୧୫୬ ଗ୍ରାମର ସତ୍ତ୍ୱାଧିକାରୀ ସତ୍ତ୍ୱ ଉଚ୍ଛେଦ ବାବଦକୁ ଜମିଦାରୀ ଉଚ୍ଛେଦ ଅଧିନିୟମର ଧାରା–୨୩ ଅନୁଯାୟୀ ସାବ୍ୟସ୍ତ କ୍ଷତିପୂରଣ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା କମିଟିକୁ ପଇଠ କରିସାରିଛନ୍ତି। ଏଣୁ ଏହି ରାଜସ୍ୱ ଗ୍ରାମର ଜମିଗୁଡିକ ଉପରେ ଶ୍ରୀମନ୍ଦିର ପରିଚାଳନା କମିଟିର କୌଣସି ସ୍ୱତ୍ୱାଅଧିକାର ନାହିଁ। ଉକ୍ତ ମାହାଲର ଜମିଦାରି ଉଚ୍ଛେଦ ପରେ ୧୫୬ଟି ଗ୍ରାମରୁ ୧୨୦ଟି ଗ୍ରାମକୁ ରେକର୍ଡଭୁକ୍ତ (୧୯୬୨–୬୫) ସ୍ଥିତିବାନ ପ୍ରଜାମାନଙ୍କ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ଚୂଡ଼ାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯାଇଛି। ସେହିପରି ଅବଶିଷ୍ଟ ୩୬ଟି ଗ୍ରାମକୁ ଓଡ଼ିଶା ସରକାର ଚୂଡ଼ାନ୍ତ ସତ୍ତ୍ୱଲିପି ପ୍ରଦାନ କରାଯିବାକୁ କମିଟି ପ୍ରସ୍ତାବ ଦେଇଥିଲା। ତେବେ ଏହି ପ୍ରସ୍ତାବକୁ ୧୬ ମାସ ବିତିଲାଣି, ହେଲେ କାର୍ଯ୍ୟକାରୀ କରାଯାଉନାହିଁ।

ଜମିଜମାର ସ୍ୱତ୍ୱାଧିକାରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିଚାଳନା କମିଟି, ପୁରୀଙ୍କ ନାମରେ ହୋଇଥିବାରୁ ଗ୍ରାମବାସୀ କୌଣସି ଅତ୍ୟାବଶ୍ୟକ ସମୟରେ ଜମି ବିକ୍ରୀ କରିପାରୁନାହାନ୍ତି । ଜମିପଟ୍ଟାରେ ଓଡ଼ିଶା ସରକାର ଲେଖା ନ ଥିବାରୁ ଆବାସ ଓ ଋଣ ଆଦି ସରକାରୀ ସୁବିଧା ପାଇପାରୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଆନ୍ଦୋଳନରେ ସମିତିର ସଭାପତି ଗୋଦାବରୀଶ ଗୁମାନସିଂ, ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନଙ୍କ ସମେତ ବୈକୁଣ୍ଠନାଥ ମାର୍ଥା, ମିତାରାଣୀ ବେହେରା, ରୁଦ୍ରଭାନୁ ନରେନ୍ଦ୍ରସିଂ, ଅମରେନ୍ଦ୍ର ବଳିଆରସିଂ, ଅବକାଶ ମହାନ୍ତି, କାଳୁ ବଳିୟାରସିଂ, ଲକ୍ଷ୍ମୀକାନ୍ତ ନନ୍ଦ, ସୌଭାଗ୍ୟ ରଞ୍ଜନ ରାୟସିଂ, ଦେବୀ ପ୍ରସାଦ ରାଉତରାୟ, କୈଳାସ ବଳିୟାରସିଂ, ଅଶୋକ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଛନ୍ତି।

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ**

- ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତିର ଆନ୍ଦୋଳନ
- ୩ ଦଳର ସମର୍ଥନ, ଦାବି ପୂରଣ ଯାଏ ଧାରଣା

## ପୋଲିସ ବିରୋଧରେ ଥାନାରେ ଏତଲା

**ଲୋୟର ପିଏମ୍‌ଜିରେ ଭାଜପା କର୍ମୀଙ୍କୁ ଆକ୍ରମଣକୁ ନିନ୍ଦା**

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର,୩।୩(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଆଇନ ବିଶୃଙ୍ଖଳା ନେଇ ଗତ ୨୮ତାରିଖରେ ଭାଜପା ଯୁବମୋର୍ଚ୍ଚା ଓଡ଼ିଶା ପ୍ରଦେଶ ତରଫରୁ ବିଧାନସଭା ଘେରାଉ କରାଯାଇଥିଲା। ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଛକକୁ ଯିବା ବାଟରେ ପୋଲିସ ଭାଜପା ଯୁବ କର୍ମକର୍ତ୍ତାଙ୍କୁ ଉଠାଇ ନେବା ସହ ମାଡ଼ ମାରିବା ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ଅନେକ ଭାଜପା କର୍ମୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଡିଜି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଘଟଣାର ନିରପେକ୍ଷ ତଦନ୍ତ ନ କରି ଆକ୍ରୋଶମୂଳକ ଭାବେ ଭାଜପା କର୍ମକର୍ତ୍ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାଦ୍ୱାରା ପୋଲିସର ବିଶ୍ୱସନୀୟତା ଉପରେ ସନ୍ଦେହର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ନେଇ ପୋଲିସ ଡିଜି, ପୋଲିସ କମିଶନର, ଡିସିପିଙ୍କ ବିରୋଧରେ ଟାଙ୍ଗୀ ବ୍ଲକର ଭାଜପା ପକ୍ଷରୁ ଏକ ଅଭିଯୋଗପତ୍ର ଟାଙ୍ଗୀ ଥାନାଧିକାରୀଙ୍କୁ ଦିଆଯାଇଛି। ଏନେଇ ସଦସ୍ୟ କାଳୁ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ରାଲିରେ ରଘୁନାଥ ସାହୁ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, କିଶୋର ବରାଳଙ୍କ ସହିତ କର୍ମୀ ସାମିଲ ହୋଇଥିଲେ। ସେହିପରି ଜଙ୍କିଆ, ନିରାକାରପୁର ଥାନାରେ ମଧ୍ୟ ଭାଜପା ପକ୍ଷରୁ ଏତଲା ଦିଆଯାଇଛି।



ଆମ ଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ପାଇକ ଆଖଡ଼ା ପରିବେଷଣ କରୁଛନ୍ତି।

# ମନ ମୋହିଲା ପାଇକ ଆଖଡ଼ା

**ଆମ ଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ,୩।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମରେ ଆୟୋଜିତ ଆମ ଗାଁ ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପାଇକ ଆଖଡ଼ା ନୃତ୍ୟ ଦର୍ଶକମାନଙ୍କର ମନ ମୋହିଥିଲା। ମହୋତ୍ସବ କମିଟିର ସଭାପତି ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କ୍ୟାପଟେନ ସିଦ୍ଧାର୍ଥ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଟାବାଡ ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତି ମୁଖ୍ୟ ବକ୍ତା ଏବଂ ଶାଖାର କୋଷାଧ୍ୟକ୍ଷ ସତ୍ୟବାଦୀ ଦୋରା, ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହାପରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତେବେ ଗାଁରେ ବୁଡି ଯାଉଥିବା ଅନେକ ସଂସ୍କୃତି, ପରମ୍ପରା, ଲୋକକଳାକୁ ନେଇ ମଞ୍ଚ ଦୁଲୁକିଥିଲା। ଓଡ଼ିଶା ସଂସ୍କୃତି ବିଭାଗ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କୁହୁଡିର ପାଇକ ଆଖଡ଼ାର ଝଲକ ଦର୍ଶକଙ୍କୁ ଛୁଇଁଯାଇଥିଲା। ପରେ ଓଡ଼ିଶୀ ନୃତ୍ୟ, ଲୁଇସିଙ୍ଗାର ଢୋଲ ମହୁରି, ଗଞ୍ଜାମର ମୁଖା କଣ୍ଢେଇ ନାଚ ଏବଂ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଭାମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତା ଭଗବାନ ପଣ୍ଡା, ବିବେକାନନ୍ଦ ମିଶ୍ର, ଗୋବିନ୍ଦ ରଥ, ଦୁର୍ଗାପ୍ରସାଦ ଦାସ, ସଞ୍ଜୀବ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉକି, ଆୟୋଜକ କମିଟି ପକ୍ଷରୁ ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ ମହୋତ୍ସବର ମଞ୍ଚ ଉପରକୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲା। ହେଲେ କେହି ଜଣେ ହେଲେ ଅଧିକାରୀ ଆସି ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ହେଉଛି।

## ଅସହାୟ ଦିବ୍ୟାଙ୍ଗ ପରିବାରକୁ ସହାୟତା କଲେ ଜିଲାପାଳ

ବାଲୁଗାଁ, ୩।୩(ଡି.ଏନ୍.ଏ.)

ବାଲୁଗାଁ ଅଞ୍ଚଳରେ ଅସହାୟ ଅବସ୍ଥାରେ ଥିବା ଏକ ଦିବ୍ୟାଙ୍ଗ ପରିବାରକୁ ସହାୟତା କରିଛନ୍ତି ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ। ଏହି ପରିବାର କହିଲେ ଦିବ୍ୟାଙ୍ଗ ମାଆ ମାମି ନନ୍ଦ ଏବଂ ଦୁଇ ଝିଅ ମଧ୍ୟରୁ ବଡ଼ଝିଅ ବର୍ଷା ମଧ୍ୟ ପିଲାଟି ବେଳରୁ ଦିବ୍ୟାଙ୍ଗ। ସ୍ୱାମୀ ପରିବାର ଛାଡ଼ି ଅନ୍ୟତ୍ର ରହୁଥିବା ବେଳେ ୮୦ବର୍ଷର ବୃଦ୍ଧ ପିତାଙ୍କ ଉପରେ ବୋଝ ପାଲଟିଛନ୍ତି ମାମିଙ୍କ ପରିବାର। ସରକାରୀ ସହାୟତା ସତେ ଯେପରି ଏହି ପରିବାର ପ୍ରତି ସାତସପନ ହୋଇପଡ଼ିଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ୟକ୍ ସହାୟତା ପ୍ରଦାନ କରିଥିଲେ ହେଁ ତାହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ନୁହେଁ। କିଛି ଦିନ ପୂର୍ବେ ଏହି ଦିବ୍ୟାଙ୍ଗ ପରିବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିଜର ଅଭାବ ଅନଟନ ନେଇ ଗୁହାରି ଜଣାଇବା ପରେ ଜିଲାପାଳ ସହୃଦୟତାବଶତଃ ଶୁକ୍ରବାର ପୂର୍ବାହ୍ନରେ ବାଲୁଗାଁରେ ପହଞ୍ଚି ଚିଲିକା ରୋଡସ୍ଥିତ ସେନାପତି କଲୋନୀରେ ଆଶ୍ରୟ ନେଇଥିବା ଉକ୍ତ ପରିବାରକୁ ଭେଟିଥିଲେ। ଜିଲାପାଳଙ୍କ ସହିତ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ୱପ୍ନାରାଣୀ ପାଢ଼ୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ମଧ୍ୟ ଉପସ୍ଥିତ ରହି ଉକ୍ତ ପରିବାରର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳ ଅତିଶୀଘ୍ର ସରକାରଙ୍କ ପକ୍ଷରୁ ଏକ ବାସଗୃହ ଏବଂ ପରିବାର ପ୍ରତିପୋଷଣ ପାଇଁ ୨ଲକ୍ଷ ଟଙ୍କାର ଋଣ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କିଛିଦିନ ପୂର୍ବେ ଜିଲାପାଳ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି।

## ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ,୩।୩

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଉଦ୍‌ଘାଟକ ଭାବେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ସମବାୟ କିଭଳି ପ୍ରତ୍ୟେକ ଘରେ ପହଞ୍ଚିବ ସେନେଇ ବିଭିନ୍ନ ସରଳ ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଓ ବିଭିନ୍ନ ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ। ବିଶେଷ କରି ରାଜ୍ୟ ସରକାର ପ୍ରତ୍ୟେକ ଚାଷୀଙ୍କୁ ବିନା ସୁଧରେ ୧ଲକ୍ଷ ଟଙ୍କା ଦେବା ଘୋଷଣା କରିଥିବା ବେଳେ, ଚାଷୀମାନେ ଏହାର ଲାଭ ଉଠାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଆର୍‌ସିଏସ୍ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲାପାଳ କେ .ସୁଦର୍ଶନ ଚକ୍ରବର୍ତ୍ତୀ, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ବନଶ୍ରୀ ମଲ୍ଲିକ, ଅଳକାନନ୍ଦ ଜେନା ପ୍ରମୁଖ ଯୋଗଦେଇ କୃଷକ ଉନ୍ନତି ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲାରେ ଥିବା ସମସ୍ତ ସୋସାଇଟି କାର୍ଯ୍ୟାଳୟର ନବୀକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି କର୍ମଶାଳା ଉପଲକ୍ଷେ ସକାଳ ସମୟରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା। ଗଣଦୌଡ଼ ଜିଲାପାଳ ଅଫିସରୁ ବାହାରି ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଶତାଧିକ ମହିଳା, ଯୁବକ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ।

## ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ,୩।୩

ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତ ଅନ୍ତର୍ଗତ ବିଙ୍କୁଡ଼ିଆଠାରେ ଉଦ୍ୟୋଗ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କଟକ ଓ କାଉନସିଲ ଫର ଲିଗାଲ ଏଡ୍ ଏବଂ ସୋସିଆଲ ସର୍ଭିସ (କ୍ଲାସ)ର ସହଭାଗିତାରେ ଏହି ୩୦ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ଦିବସ ରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କଟକ ର ସହକାରୀ ନିର୍ଦ୍ଦେଶକ ସୁବାସ କୁମାର ସାହୁଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥିରୂପେ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶୀନି ପାତ୍ର, ମଲ୍ଲିପୁର ସରପଞ୍ଚ ସୁଦାମ ଚରଣ ସେଠି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଶସକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହି ଶିବିରରେ ୩ ଭାଗ ମହିଳା ଓ ଉଚ୍ଚ ଶିକ୍ଷିତ ଝିଅ ମାନେ ଯୋଗ ଦେଇଥିବାରୁ ଓ ନିଜେ ଆତ୍ମ ନିର୍ଭରଶୀଳ ପାଇଁ ପ୍ରଶିକ୍ଷଣ ନେଇଥିବାରୁ ସେମାନଙ୍କୁ ମୁଁ ଧନ୍ୟବାଦ ଦେଇଥିଲେ । ୩୦ଟି କାର୍ଯ୍ୟ ଦିବସର ଏହି ଶିବିର ରେ ମୋଟ ୨୮ ଜଣ ପ୍ରଶିକ୍ଷଣ ନେଇଥିଲେ। ବିଶେଷ କରି କାଗଜ ରେ ପ୍ରସ୍ତୁତ ପେପର ଦନା,ଖଲି,, କ୍ୟାରି ବ୍ୟାଗ,,ଲଫାପା, ଫାଇଲି କଭର,,ଆଦି ଯାହା ଘରେ ରହି ମଧ୍ୟ କରାଯାଇପାରିବ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ଏହି ଶିବିରକୁ ଯାଆଁଳା ବଜରଙ୍ଗୀ ଇଣ୍ଡଷ୍ଟ୍ରି ଖଲି ତିଆରି ଅଟୋମେଟିକ ମେଶିନ ଯୋଗାଇଦେଇଥିଲେ। ସମସ୍ତ ପ୍ରଶିକ୍ଷଣାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ ମହାନ୍ତି, ନିରଞ୍ଜନ ବେହେରା,ଅବଦୁଲ ହାକିମ ଖାଁ,,ସୁବ୍ରତ କୁମାର ପଟ୍ଟନାୟକ,ବିଶ୍ୱଜିତ ସାହୁ, ସୁଶାନ୍ତ ଚନ୍ଦ୍ର ବସ୍ତୁ, ଖୋର୍ଦ୍ଧା ୟୁକୋ ବ୍ୟାଙ୍କ ପରିଚାଳକ ବଜରଙ୍ଗ ସାହୁ,ଯୋଗ ଦେଇଥିଲା ବେଳେ ପ୍ରଶାନ୍ତ କୁମାର ଦାସ,ପ୍ରଦୀପ୍ତ କୁମାର ଦାସ,ପିତାମ୍ବର ରଣା ପରିଚାଳନା କରିଥିଲେ ଶେଷରେ କ୍ଲାସ ଅନୁଷ୍ଠାନ ର ଅଧ୍ୟକ୍ଷ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ମାସେ ହେବ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା

ନିରାକାରପୁର,୩।୩(ଡି.ଏନ୍.ଏ.)



ଚିତ୍ରକୂଟ ବିହାରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଣି ସମସ୍ୟା ନେଇ ଛାତ୍ରୀଛାତ୍ର, ଶିକ୍ଷକ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ଶିକ୍ଷା ସର୍କଲ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତସ୍ଥିତ ଚିତ୍ରକୂଟ ବିହାରରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ମାସେ ହେବ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଯାଉଛି। ପାଣି ନ ଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଶୁକ୍ରବାର ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପଦ୍ମପୁରରୁ ମଞ୍ଜରିଆ ମୁଖ୍ୟ ରାସ୍ତା ଉପରେ ଧାରଣା ଦେଇଥିଲେ। ପରେ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ପାଣି ମିଳିବା ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ର ଚାଲୁଛି। ବିଦ୍ୟାଳୟରେ ମୋଟ ୬୮ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ସେଥିରେ ୧୮ଜଣ ଅଙ୍ଗନୱାଡି ପିଲା ରହିଛନ୍ତି। ତେବେ ଚଳିତ ବର୍ଷ ଜାନୁୟାରୀ ୩୦ରୁ ସ୍କୁଲକୁ ଏକମାତ୍ର ଭରସା ଥିବା ନଳକୂପଟି ଖରାପ ହୋଇଯାଇଥିଲା। ଫଳରେ ପିଲାମାନେ ପାଣି ଟୋପେ ପାଇପାରୁ ନ ଥିବାବେଳେ ମଧ୍ୟାହ୍ନଭୋଜନ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସ୍କୁଲ ଶିକ୍ଷକମାନେ ସୂଚନା ଦେଇଛନ୍ତି। ଏନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଶିକ୍ଷାଧିକାରୀଙ୍କ ନିକଟକୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଛାତ୍ରୀଛାତ୍ରଙ୍କ ସହ ରାସ୍ତାରେ ବସିବାକୁ ବାଧ୍ୟ ହେଲୁ ବୋଲି ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ କହିଛନ୍ତି। ରାସ୍ତା ଅବରୋଧ ଯୋଗୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦେଈଙ୍କୁ ପଚାରିବାରେ ଫେବୃୟାରୀ ୧୩ରେ ୧୫ ଦିନ ହେଲା ସ୍କୁଲର ପାନୀୟ ସମସ୍ୟା ନେଇ ସରପଞ୍ଚ, ବ୍ଲକ ଶିକ୍ଷାଧିକାରୀ ଏବଂ ଅନ୍ୟମାନଙ୍କୁ ଲିଖିତ ଅଭିଯୋଗ କରିଥିଲି। ହେଲେ କେହି କର୍ଣ୍ଣପାତ କରି ନ ଥିଲେ ବୋଲି ସେ କହିଛନ୍ତି। ଫଳରେ ଆମେ ପାଣି ପାଇଁ ନାନା ହଇରାଣ ହେଉଛୁ। ଏନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସାବିତ୍ରୀ ସାହୁଙ୍କୁ ପଚାରିବାରେ ବିଡିଓଙ୍କୁ କହି ସପ୍ଲାଇ ପାଣି ଦେଇଛୁ। ସେମାନେ ସରପଞ୍ଚଙ୍କୁ କହି ତାକୁ ଶର୍ଟଆଉଟ୍ କରନ୍ତୁ ବୋଲି କହିଛନ୍ତି। ପ୍ରାୟ ୨ଘଣ୍ଟା ପରେ ଖବରପାଇ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓଙ୍କ ନିର୍ଦ୍ଦେଶରେ ୨ଜଣ ମେକାନିକଙ୍କୁ ନଳକୂପ ସଜାଡ଼ିବାକୁ ତୁରନ୍ତ ସ୍କୁଲକୁ ପଠାଯାଇଥିଲା। ମେକାନିକଦ୍ୱୟ ଆସି ନଳକୂପ ଦେଖିବା ସହ ଶନିବାର ସୁଦ୍ଧା ମରାମତି ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସମସ୍ତେ ରାସ୍ତାରୁ ଉଠିଥିଲେ।

**ଛାତ୍ରୀଛାତ୍ର, ଶିକ୍ଷକଙ୍କ ରାସ୍ତା ଅବରୋଧ**

**ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ**

ବାଲିଅନ୍ତା,(ଡି.ଏନ୍.ଏ.)- ଯୌତୁକ ପାଇଁ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପାହାଳ ଥାନା ପୋଲିସ ହଂସପାଳ ଗ୍ରାମର ଆଲୋକ ମହାନ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୬୮/୨୩) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଓସେପା ବରିଷ୍ଠ କର୍ମଚାରୀଙ୍କ ଅବସର ଗ୍ରହଣ

ଭୁବନେଶ୍ୱର, ୩।୩ (ବ୍ୟୁରୋ)- ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ବରିଷ୍ଠ କାର୍ଯ୍ୟାଳୟ ସହାୟକ ରମେଶ ଚନ୍ଦ୍ର ପାଲ ଫେବୃୟାରୀ ୨୮ରେ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୨୬ ବର୍ଷ ଚାକିରି ଜୀବନ ଅତିବାହିତ କରିବା ପରେ ଓସେପାର ବିଭିନ୍ନ ବିଭାଗରେ କାର୍ଯ୍ୟ କରି ୬୦ ବର୍ଷ ବୟସରେ ସେ ଅବସର ନେଇଛନ୍ତି। ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓସେପା ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ସନ୍ଥ ଚରଣ ସ୍ୱାଇଁଙ୍କ ସ୍ମୃତିସଭା

ଭୁବନେଶ୍ୱର, ୩।୩ (ବ୍ୟୁରୋ) - ଅବସରପ୍ରାପ୍ତ ଶିକ୍ଷକ ସନ୍ଥ ଚରଣ ସ୍ୱାଇଁଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଖୋର୍ଦ୍ଧା ଶଗଡ଼ଭଙ୍ଗାସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ମୁହୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସଭାରେ ବେଗୁନିଆ ବ୍ଲକ୍ ତଥା ଆଖପାଖ ଅଞ୍ଚଳର ବହୁ ଶିକ୍ଷକ ଓ ବୁଦ୍ଧିଜୀବୀ ଯୋଗଦେଇ ଥିଲେ। ଏହି ଅବସରରେ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୁସ୍ତକ 'ସ୍ମୃତିହାର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନାତୁଣୀ କଲ୍ୟାଣୀ ଅଜାଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଜ୍ୟେଷ୍ଠ ପୁତ୍ର ପୁଷ୍ପକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସାମ୍ବାଦିକ ଅଜିତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୩ (ବ୍ୟୁରୋ)- ସାମ୍ବାଦିକ ତଥା ସାହିତ୍ୟିକ ଅଜିତ କୁମାର ମହାନ୍ତିଙ୍କ ବିୟୋଗରେ ଭୁବନେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ଶୁକ୍ରବାର ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଭାଗବତ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା, ଉଚ୍ଚମାନର ନିଚ୍ଛକ ସାମ୍ବାଦିକତା ଓ ସାହିତ୍ୟ ରଚନା ଉପରେ ଆଲୋକପାତ କରାଯାଇଥିଲା। ଜଣେ ସରଳ, ଅମାୟିକ, କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ ସାମ୍ବାଦିକ ଭାବେ ସେ ବେଶ୍ ଜଣାଶୁଣା ଥିଲେ। ସୃଜନଶୀଳ ସାହିତ୍ୟ ରଚନା କରି ସ୍ୱର୍ଗତ ମହାନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ପରିବାରବର୍ଗଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ଦିଆଯିବ ବୋଲି ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିପିନ୍ ସିଂହ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହଳଧର ଧୀର, ସନତ୍ ମିଶ୍ର, ସଞ୍ଜୟ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ପାର୍ଥସାରଥୀ ଜେନା, ବିଜୟ କୁମାର ପଣ୍ଡା, ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବ ବେହୁରା, ବଳରାମ ପ୍ରସାଦ ନନ୍ଦ, ଅବିନାଶ ମିଶ୍ର, କିଶୋର ଚନ୍ଦ୍ର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ତୁଷାର ପଟ୍ଟନାୟକ, ବିମଳ ଦାସ, ଅଜୟ ଦାସ, ସୁକାନ୍ତ ମହାନ୍ତି ଓ ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନିଶାସକ୍ତ ବ୍ୟକ୍ତିଙ୍କ ଉନ୍ମତ୍ତକାଣ୍ଡ
### ହୋଟେଲରେ ଗ୍ରାହକଙ୍କ ଖାଇବା ଫୋପାଡିଲେ, ରୋଷେୟାଙ୍କୁ ମାରିଲେ

ଭୁବନେଶ୍ୱର,୩।୩ (ବ୍ୟୁରୋ) : ନିଶାସକ୍ତ ଅବସ୍ଥାରେ ଆସି ହୋଟେଲରେ ଗ୍ରାହକଙ୍କୁ ଗାଳିଗୁଲଜ କରିବା ସହ ଜଣେ ରୋଷେୟାଙ୍କୁ ତଣ୍ଟି ଚିପି ମାରିଦେବା ଲାଗି ଉଦ୍ୟମ କରିବା ଅଭିଯୋଗରେ ମୈତ୍ରୀ ଥାନା ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ସେ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ଯାଜପୁର ଜିଲାର ଶ୍ରୀନିବାସ ଓଝା । ସୂଚନାନୁଯାୟୀ ମୈତ୍ରୀବିହାର ଥାନା ବିଡିଏ ଅନ୍ତର୍ଗତ ଓରଟେଲ ଅଫିସ ନିକଟରେ ଥିବା ମା ହୋଟେଲକୁ ଅଭିଯୁକ୍ତ ନିଶାଶକ୍ତ ଅବସ୍ଥାରେ ପ୍ରଥମେ ହୋଟେଲ ଆଗରେ ଲୋକଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରୁଥିଲେ। ପରେ ହୋଟେଲ ଭିତରେ ପଶି ଭୋଜନ କରୁଥିବା ଗ୍ରାହକ ମାନଙ୍କୁ ଗାଳି କରିବା ସହିତ ଗ୍ରାହକଙ୍କ ଥାଳି ନେଇ ବାହାରେ ଫୋପାଡି ଦେଇଥିଲେ । ଏହାକୁ ଜଣେ ରୋଷେୟା ବିରୋଧ କରିବାରୁ ଅଭିଯୁକ୍ତ ଶ୍ରୀନିବାସ ରାଗିଯାଇ ତାଙ୍କ ତଣ୍ଟିକୁ ଚିପି ଧରି ଜୀବନରୁ ମାରିଦେବାଲାଗି ଉଦ୍ୟମ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଗ୍ରାହକମାନେ ରୋଷେୟାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିବା ସହିତ ପିସିଆରକୁ ସୂଚନା ଦେଇଥିଲେ । ଖବର ପାଇ ସମ୍ପୃକ୍ତ ଥାନାର ପିସିଆର ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ ।

# ଟିକସ ଆଦାୟ ଚିନ୍ତା, ଶେଷବେଳକୁ ତତ୍ପରତା

■ କ୍ୟୁ-ଆର୍ କୋଡ୍‌ରେ ଘରଘର ବୁଲି ଟିକସ ଆଦାୟ କରିବେ ୱାର୍ଡ ଅଫିସର

■ କୋଡ୍ ପରିଚାଳନା ଅନେକଙ୍କୁ ଅଜଣା

ଭୁବନେଶ୍ୱର, ୩।୩ (ବ୍ୟୁରୋ)

ବାହାଘର ବେଳେ ବାଇଗଣ ରୁଆ ଭଳି ଶେଷ ବେଳକୁ ବିଏମ୍‌ସିର ଚେତା ପଶିଛି। କେମିତି ଧାର୍ଯ୍ୟ ଟିକସ ଆଦାୟ ହେବ ସେ ନେଇ ତନାଘନା ଆରମ୍ଭ ହୋଇଯାଇଛି। ବର୍ଷତମାମ ଅଧିକାରୀଙ୍କର ରାଜସ୍ୱ ଆଦାୟ ପ୍ରତି ଆନ୍ତରିକତା ଦେଖିବାକୁ ମିଳୁ ନ ଥିଲା। ଏବେ ହାତରେ ଆଉ ୨୦/୨୫ଦିନ ଥିବାବେଳେ ଅଧିକ ତତ୍ପର ହୋଇପଡିଛି ବିଏମ୍‌ସି। ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ୨୭୭ କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଥିଲା। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ କୋଷ ଦୂରରେ ଥିବାବେଳେ ଆର୍ଥିକ ବର୍ଷର ଶେଷ ବେଳକୁ କ୍ୟୁ-ଆର୍ କୋଡ ଧରି ଘରକୁ ଘର ବୁଲି ରାଜସ୍ୱ ଆଦାୟ ବଢାଇବାକୁ ବିଏମ୍‌ସି ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛି। ପ୍ରତ୍ୟେକ ୱାର୍ଡ ଅଫିସର ନିଜ ନିଜ ଜୋନ କାର୍ଯ୍ୟାଳୟରୁ କ୍ୟୁ-ଆର୍ କୋଡ୍ ନେବାକୁ ଜୋନାଲ ଡେପୁଟି କମିଶନର (ଜେଡିସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ଏହି କ୍ୟୁ-ଆର୍ କୋଡ୍ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ। ୱାର୍ଡ ଅଫିସରମାନେ ଘରକୁ ଘର ବୁଲି ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାଜସ୍ୱ ଆଦାୟ କରିବେ। ଏଥିସହ ନିଜ ନିଜ ୱାର୍ଡରେ ପହଞ୍ଚି ସେଲଫି ପଠାଇବେ। ଯଦି କେହି ନିର୍ଦ୍ଧାରିତ ସମୟ ମଧ୍ୟରେ ନ ପହଞ୍ଚିବେ, ତେବେ ସେଦିନ ତାଙ୍କ ଉପସ୍ଥାନ ପଡିବ ନାହିଁ ବୋଲି ବିଏମ୍‌ସି ରୋକଠୋକ ଶୁଣାଇ ଦେଇଛି। ଅପରପକ୍ଷେ କ୍ୟୁଆର୍ କୋଡ୍ ଧରି ଘରଘର ବୁଲିବାକୁ କେତେଜଣ ୱାର୍ଡ ଅଫିସର ନାପସନ୍ଦ କରିଛନ୍ତି। ଏପରିକି କେମିତି କ୍ୟୁ-ଆର୍ କୋଡ୍ ସାହାଯ୍ୟରେ ଟିକସ ଆଦାୟ କରିବେ ସେ ନେଇ ସେମାନଙ୍କୁ ଜଣା ନ ଥିବା କେତେଜଣ ଅଭିଯୋଗ କରିଛନ୍ତି। ତେଣୁ ହାତରେ ଅଳ୍ପ ସମୟ ଥିବାବେଳେ ବିଏମ୍‌ସି ଟିକସ ଆଦାୟ କରିବ ନା, ୱାର୍ଡ ଅଫିସରଙ୍କୁ କ୍ୟୁ-ଆର୍ କୋଡ୍ ପରିଚାଳନା ପାଇଁ ତାଲିମ୍ ଦେବ ସେ ନେଇ ଚିନ୍ତାରେ ପଡିଛି।

### ଆଜିଠାରୁ ବିଏମ୍‌ସିର ଟିକସ ଆଦାୟ କ୍ୟାମ୍ପ

ଶନିବାରଠାରୁ ଜୋନ୍ ସ୍ତରରେ ଟିକସ ଆଦାୟ ପାଇଁ ବିଏମ୍‌ସି ପକ୍ଷରୁ କ୍ୟାମ୍ପର ଆୟୋଜନ କରାଯାଉଛି। ଟିକସଦାତାମାନେ ନିଜ ୱାର୍ଡରେ ହୋଇଥିବା ଶିବିରକୁ ଯାଇ ସିଧା ସଳଖ ଟିକସ ପଇଠ କରିପାରିବେ। ଦକ୍ଷିଣ-ପୂର୍ବ ଜୋନ୍‌ରେ ଶନିବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପ ହେବ। ସେହିପରି ମୋଟ୍ ୧୩ଟି ସ୍ଥାନରେ ଭିନ୍ନଭିନ୍ନ ଦିନ କ୍ୟାମ୍ପ ଆୟୋଜିତ ହେବ। ସକାଳ ୯ଟାରୁ ଅପରାହ୍ନ ୫ଟା ମଧ୍ୟରେ ଟିକସଦାତା ଆସି ଟିକସ ପଇଠ କରିପାରିବେ। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ମୋଟ୍ ୩ଟି ସ୍ଥାନରେ କ୍ୟାମ୍ପ ଆୟୋଜନ କରାଯିବ। ରେଣ୍ଟାଲସ୍ଥିତ ଡେ କେୟାର ସେଣ୍ଟରରେ ମାର୍ଚ୍ଚ ୯ରୁ ୧୧, ୟୁନିଟ-୮ କମ୍ୟୁନିଟି ସେଣ୍ଟରରେ ୧୩ରୁ ୧୫ ତାରିଖ ଏବଂ ଆଇଜିଣିଆସ୍ଥିତ ଡେ କେୟାର ସେଣ୍ଟରରେ ୧୬ରୁ ୧୮ ତାରିଖ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କ୍ୟାମ୍ପ ପଡିବ। ସେହିପରି ଉତ୍ତର ଜୋନ୍‌ରେ ଶନିବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଏବଂ ୱାର୍ଡ ଅଫିସ୍‌ରେ କ୍ୟାମ୍ପ ଆୟୋଜନ କରାଯିବ। ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ଟିକସ ପଇଠ ହେବ। ଟିକସ ଆଦାୟ ପାଇଁ ୱାର୍ଡ ଅଫିସର ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଅନ୍ୟ କର୍ମଚାରୀମାନେ ରହିବେ। ଅପରପକ୍ଷେ ବିଏମ୍‌ସି ଅଞ୍ଚଳରେ ମୋଟ୍ ୬୭ଟି ୱାର୍ଡ ରହିଥିବାବେଳେ ୬୩ଟି ୱାର୍ଡ ପାଇଁ କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିରୁ ୱାର୍ଡ ନଂ ୧୭, ୧୮ ,୧୯ ଏବଂ ୨୧ ନମ୍ବର ୱାର୍ଡକୁ ବାଦ୍ ଦିଆଯାଇଛି।



ଭୁବନେଶ୍ୱର ଆଇଆର୍‌ସି ଭିଲେଜରେ ଜବରଦଖଲରେ ନିର୍ମାଣ କରାଯାଇଥିବା ପାଚେରିକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି ।

## ଜାଗମରା ଅଞ୍ଚଳରୁ ୫୦ ଆମିଷ ଦୋକାନ ଉଚ୍ଛେଦ

**ବିମାନରେ ପକ୍ଷୀ ମାଡ଼ ହେବା ପରେ ଚେତିଲା ବିଏମ୍‌ସି**

ଭୁବନେଶ୍ୱର, ୩।୩ (ବ୍ୟୁରୋ)

ଗୁରୁବାର ଭୁବନେଶ୍ୱରରୁ ପୁନେ ଯାଉଥିବା ଏୟାର ଏସିଆ ବିମାନରେ ପକ୍ଷୀ ମାଡ ହେବା ପରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏବଂ ବିଏମ୍‌ସି ଘଟଣାକୁ ଗୁରୁତର ସହ ନେଇଛନ୍ତି। ରେଡ୍ ଜୋନ୍‌ରେ ଥିବା ଜାଗମରା ଅଞ୍ଚଳରୁ ଶୁକ୍ରବାର ବିଏମ୍‌ସି ଓ ବିଡିଏ ପକ୍ଷରୁ ରାସ୍ତା କଡ଼ରେ ଥିବା ଆମିଷ ଦୋକାନକୁ ହଟା ଯାଇଛି। ଏହି କ୍ରମରେ ପ୍ରାୟ ୫୦ଟି ମାଛ ଓ ଚିକେନ୍ ଦୋକାନକୁ ହଟା ଯାଇଛି। ସମ୍ପୃକ୍ତ ଅଞ୍ଚଳ ବିମାନ ବନ୍ଦର ନିକଟରେ ରହିଛି। ସେଠାରେ ଆମିଷ ଦୋକାନ ଥିବାରୁ ଆମିଷ ଗନ୍ଧରେ କାଉ ଏବଂ ଅନ୍ୟାନ୍ୟ ପକ୍ଷୀମାନେ ସେଠାକୁ ଆସୁଛନ୍ତି। ଫଳରେ ଏଭଳି ଏକ ଘଟଣା ଘଟିଛି। ତେଣୁ ଘଟଣାକୁ ଗୁରୁତର ସହ ନେଇ ବିଏମ୍‌ସି ଓ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ଆଗକୁ ସମ୍ପୃକ୍ତ ଅଞ୍ଚଳରେ ଥିବା ଫାଷ୍ଟଫୁଡ୍ ଦୋକାନକୁ ମଧ୍ୟ ହଟାଯିବ ବୋଲି ସୂଚନା ଦିଆଯାଇଛି। ଏଥିରେ ୩ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସାମିଲ ହୋଇଥିଲେ। ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ବିନୟ କୁମାର ଦାଶ କହିଛନ୍ତି, ବିମାନ ବନ୍ଦର ଅଞ୍ଚଳରେ ଆମିଷ ଏବଂ ଖାଦ୍ୟାପେୟ ଦୋକାନ ନ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଆବଶ୍ୟକ ହେଲେ ଏନ୍‌ଫୋର୍ସମେଣ୍ଟ ମଧ୍ୟ କରାଯାଉଛି। ତେବେ ଏଥିରେ ଲୋକମାନେ ମଧ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।



ପରିଚୟ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଆର୍ଯ୍ୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଅନ୍ୟ ଅତିଥିମାନେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରୁଛନ୍ତି ।

### ଲିଙ୍ଗରାଜ ଲସି ସେଣ୍ଟରରେ ମାନ ପରୀକ୍ଷଣ

ଭୁବନେଶ୍ୱର,୩।୩(ବ୍ୟୁରୋ)

ଖରା ବଢ଼ିବା ସହ ଭୁବନେଶ୍ୱରରେ ମୃଦୁ ପାନୀୟର ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ବିଭିନ୍ନ ମୃଦୁପାନୀୟର ମାନ ଯାଞ୍ଚ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛି। ଏହି କ୍ରମରେ ଶୁକ୍ରବାର ଶହୀଦ ନଗରସ୍ଥିତ ଲିଙ୍ଗରାଜ ଲସି ସେଣ୍ଟରରେ ବିଏମ୍‌ସି ଟିମ୍ ପହଞ୍ଚି ଖାଦ୍ୟ ନିରାପତ୍ତା ଯାଞ୍ଚ କରିଛନ୍ତି। ପାନୀୟରେ ବ୍ୟବହୃତ ସାମଗ୍ରୀ ଆଦି ଯାଞ୍ଚ କରିବା ସହ ଲସିର ନମୁନା ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରେମ ନିବେଦନ କରି ବିଫଳ ହେବାରୁ ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୩।୩ (ବ୍ୟୁରୋ) :

ପ୍ରେମ ନିବେଦନ କରି ବାରମ୍ବାର ବିଫଳ ହେବାରୁ ଜଣେ ବିବାହିତା ମହିଳାଙ୍କୁ ରାସ୍ତାରେ ମାଡ଼ମାରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର କାର୍ତ୍ତିକ ମୁଦୁଲି । ପୋଲିସ ନଂ ୩୨/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୀଡ଼ିତା ମହିଳା ଜଣକ ହାଉସ୍ ମେଡ କାମ କରନ୍ତି । ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଏକପାଖିଆ ଭଲପାଇବା ସହିତ ତାଙ୍କର ନିକଟତର ହେବା ପାଇଁ ନିୟମିତ ଚେଷ୍ଟା କରିଆସୁଥିଲେ । ଏନେଇ ପୀଡ଼ିତା ରାଜି ନ ହେବାରୁ ଅଭିଯୁକ୍ତଜଣକ ଗତ କିଛିଦିନ ହେବ ଭିନ୍ନ ଭିନ୍ନ ସମୟରେ ତାଙ୍କର ପିଛା କରି ସର୍ବସାଧାରଣ ସ୍ଥାନରେ ତାଙ୍କୁ ହଇରାଣ କରୁଥିଲେ । ଶୁକ୍ରବାର ସନ୍ଧ୍ୟାରେ ମହିଳା ଜଣକ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ରାସ୍ତାରେ ଅଟକାଇ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହିତ ମାଡ଼ ମାରିଥିଲେ । ପରେ ସେ ପିନ୍ଧିଥିବା ସୁନା କାନଫୁଲକୁ ଜୋର୍ ଜବରଦସ୍ତ ଛଡ଼ାଇ ନେଇଯାଇଥିଲେ । ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ।

### ପରିମଳ ନିୟମ ଖିଲାପକାରୀଙ୍କୁ ଜରିମାନା

ଭୁବନେଶ୍ୱର,୩।୩(ବ୍ୟୁରୋ)

ପରିମଳ ବ୍ୟବସ୍ଥାରେ ସହରବାସୀଙ୍କ ସାମାନ୍ୟ ଖିଲାପ ହେଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଳିଆ ଆବର୍ଜନା ପରିଚାଳନା ନେଇ ବିଏମ୍‌ସି ପକ୍ଷରୁ କରାଯାଇଥିବା ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ବ୍ୟକ୍ତିବିଶେଷ ଓ ଅନ୍ୟାନ୍ୟ ଅନୁଷ୍ଠାନଠାରୁ ଜରିମାନା ଆଦାୟ କରାଯାଉଛି। ଆବଶ୍ୟକସ୍ଥଳେ ବିଭିନ୍ନ ଅନୁଷ୍ଠାନକୁ ସିଲ୍ ମଧ୍ୟ କରାଯାଉଛି। ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ଓମ୍‌ଫେଡ୍ ଷ୍ଟଲରୁ ବାହାରିଥିବା ଆବର୍ଜନାକୁ ଜଳାଇ ବ୍ୟବସାୟୀ ହଟହଟା ହୋଇଛନ୍ତି। ତାଙ୍କଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ ସହ ଷ୍ଟଲକୁ ସିଲ୍ କରାଯାଇଛି। ଅନ୍ୟପଟେ ପାତ୍ରପଡ଼ା ଅଞ୍ଚଳରେ ଜଣେ ମହିଳା ଏକ କାର୍‌ରେ ଆବର୍ଜନା ଆଣି ଖୋଲାସ୍ଥାନରେ ପକାଉଥିବାରୁ ତାଙ୍କଠାରୁ ମଧ୍ୟ ବିଏମସି ଜରିମାନା ଆଦାୟ କରିଛି। ରାତିରେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଅଳିଆ ପକାଇବାକୁ ଚେଷ୍ଟା କରୁଥିବା ବେଳେ ବିଏମ୍‌ସି ଟିମ୍ ନିକଟରେ ଧରାପଡ଼ି ୧୦ ହଜାର ଟଙ୍କା ଜରିମାନା ଦେଇଛନ୍ତି।

## ତୁଳସୀ ମୁଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**୧୮ ସଫଳ ମହିଳାଙ୍କୁ 'ଆର୍ଯ୍ୟ ପୁରସ୍କାର'**

ଭୁବନେଶ୍ୱର,୩।୩ (ବ୍ୟୁରୋ)

ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାଙ୍କୁ ନେଇ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଛନ୍ତି, ସମାଜର ମହିଳାଙ୍କ ସଫଳତାକୁ ସ୍ୱୀକୃତି ଦେଇ ଅନ୍ୟମାନଙ୍କୁ ଆଗକୁ ବଢ଼ିବାକୁ ଏହି ପ୍ରୟାସ ପ୍ରେରଣା ଦେବ। ଅନ୍ୟତମ ଅତିଥି ଭାବେ ଅଭିନେତା ପ୍ରଶାନ୍ତ ନନ୍ଦ, ମୋ କଲେଜ ଅଧ୍ୟକ୍ଷ ତଥା ଅଭିନେତା ଆକାଶ ଦାସ ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗୀତିକାର ଦେବଦାସ ଛୋଟରାୟ, ଓଡ଼ିଶୀ ଶିଳ୍ପୀ ଶାଶ୍ୱତ ଯୋଶୀ, ଡ. ଅମ୍ରିତା ପଟ୍ଟଯୋଶୀ, କବି ଫନୀ ମହାନ୍ତି, ବିଜୟଲକ୍ଷ୍ମୀ ପାଢଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ମୋଟ ୧୮ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କ୍ଷେତ୍ରରେ ସ୍ନେହା ମିଶ୍ର, ସଙ୍ଗୀତରେ ସୁସ୍ମିତା ଦାସ, ଗଣମାଧ୍ୟମରେ ମୌନିକା ନୈୟାର ପଟ୍ଟନାୟକ, କଳା, ସଂସ୍କୃତି କ୍ଷେତ୍ରରେ ସୁହାଗ ନଳିନୀ ଦାସ ଓ ସରିତା ମିଶ୍ର, ଶିକ୍ଷାରେ ହେନା ମହାପାତ୍ର, ଚିକିତ୍ସା ବିଜ୍ଞାନରେ ସୁସ୍ମିତା ଦାସ, ଷ୍ଟାର୍ଟଅପରେ ଡ.ଲିତା ମହାପାତ୍ର, ସ୍ୱତନ୍ତ୍ର ଟ୍ରେଣ୍ଡସେଟର ଭାବେ ପ୍ରିୟଦର୍ଶୀ ଦାସଙ୍କୁ ଆର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଉଦ୍ୟୋଗ କ୍ଷେତ୍ରରେ ସୁକୀର୍ତ୍ତି ପଟ୍ଟନାୟକ ଓ ସୋନି ସାମଲ, ମନୋରଞ୍ଜନ ପାଇଁ ଏଲିନା ସାମନ୍ତରାୟ, ସମାଜକୁ ପ୍ରଭାବିତ କରୁଥିବା ବ୍ୟକ୍ତିତ୍ୱ ଭାବେ ସେଫ ସ୍ମୃତିଶ୍ରୀ ସିଂ, ସାହିତ୍ୟରେ ମୋନାଲିସା ସାହୁ ଓ ବନସ୍ମିତା ପତି, ପରିବେଶ କ୍ଷେତ୍ରରେ ମୋନାଲିସା ପଣ୍ଡା, କ୍ରୀଡ଼ା କ୍ଷେତ୍ରରେ ସୁମିତ୍ରା ନାୟକଙ୍କୁ ପୁରସ୍କୃତ କରାଯାଇଛି। ଡ. ସୁନୀତା ମହାନ୍ତି ପଟ୍ଟନାୟକ ଓ ଡ. ନମିତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆମ ଗାଁ, ଆମ ପୋଷାକ ଥିମ୍‌ରେ ଶୋ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା। ଶେଷରେ ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ ପାଟଶାଣୀ ଧନ୍ୟବାଦ ଦେଇଥିଲେ।



ବିଦେଶୀ ମହିଳା ଓଡ଼ିଆରେ ଗୀତ ଗାଉଛନ୍ତି ।

### ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କୁ ସମ୍ବର୍ଦ୍ଧନା



ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ନବ ନିଯୁକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ତାଙ୍କୁ ଲୋକସେବା ଭବନରେ ସାକ୍ଷାତ୍ କରି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ କଲ୍ୟାଣ ବୋର୍ଡର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂତନ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଥମ ମହିଳା ପ୍ରଶାସିକା ଅନୁ ଗର୍ଗଙ୍କୁ ମଧ୍ୟ ବୋର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

### ଆଇସିଏଆଇ ଭୁବନେଶ୍ୱର ଶାଖାର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର, ୩।୩ (ବ୍ୟୁରୋ)

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଶାଖାର ୨୦୨୩-୨୪ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଅଧ୍ୟକ୍ଷ ଭାବେ ସିଏ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନ ଅଧ୍ୟକ୍ଷ ଭାବେ ସିଏ ଗଗନ ବିହାରୀ ଦାସ, ସଚିବ ଭାବେ ସିଏ ମହେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ସିଏ ଶାଶ୍ୱତ ତ୍ରିପାଠୀ, ଏମ୍‌ସି ସଦସ୍ୟ ଭାବେ ସିଏ ଜାହ୍ନବୀ ଦେଓ, ସିଏ ଗୌତମ ଲେଙ୍କା ଏବଂ ପୂର୍ବତନ ଚେୟାରମ୍ୟାନ୍ ତଥା ସିଏ ରଞ୍ଜନ କୁମାର ପୃଷ୍ଟି ଚୟନ ହୋଇଛନ୍ତି। ନୂତନ ପରିଚାଳନା କମିଟି ସଦସ୍ୟମାନେ ଆଇସିଏଆଇର ସାମଗ୍ରିକ ଉନ୍ନତି ପାଇଁ କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବା ସହ ନେଶନ ବିଲ୍ଡିଂ ଦିଗରେ ସହଯୋଗ କରିବାକୁ ସଂକଳ୍ପ ନେଇଥିଲେ।



ଆଇସିଏଆଇ ଭୁବନେଶ୍ୱର ଶାଖାର ୨୦୨୩-୨୪ ନିମନ୍ତେ ମନୋନୀତ ହୋଇଥିବା ଅଧ୍ୟକ୍ଷ ଓ ଅନ୍ୟ କର୍ମକର୍ତ୍ତାମାନେ ।

## ବ୍ଲକ କାର୍ଯ୍ୟାଳୟ ଘେରାଉ ପରେ ବୋମା ମାଡ଼

■ ଆନ୍ଦୋଳନକାରୀ ଆସିଥିବା ୨ ଗାଡ଼ି କ୍ଷତିଗ୍ରସ୍ତ

■ ମିଶନ ଶକ୍ତିରେ ବେଆଇନ ନିଯୁକ୍ତିକୁ ବିରୋଧ

ଟିଗିରିଆ,୩। ୩(ଡି. ଏନ. ଏ. )

ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହିଳା ଗୋଷ୍ଠୀ କର୍ମକର୍ତ୍ତା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆନ୍ଦୋଳନକାରୀମାନେ ଯେଉଁ ଗାଡ଼ିରେ ଆସିଥିଲେ ତା'ଉପରକୁ ବୋମାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଟିଗିରିଆ ଥାନାରେ ମାମଲା (ନଂ. ୪୩/୨୩) ରୁଜୁ ହୋଇଛି। ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ମିଶନ ଶକ୍ତି ଅଧୀନରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ କରି ଅପରାହ୍ନରେ ବହୁ ମହିଳା ଓ ପୁରୁଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଠଗଡ଼ର ବିଜେଡିର ଯୁବ ସଙ୍ଗଠକ ଅଭୟ ବାରିକ ଏହାର ନେତୃତ୍ୱ ନେଇଥିଲେ। ଖବରପାଇ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା ପହଞ୍ଚି ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନେ ଇସ୍ତଫା ଦେଇଥିବା କହିଥିଲେ। ଶନିବାର ଅପରାହ୍ନରେ ସେମାନଙ୍କ ଇସ୍ତଫାପତ୍ର ଯୁବ ସଙ୍ଗଠକଙ୍କୁ ପ୍ରଦାନ କରାଯିବ ବୋଲି କହିବା ପରେ ଆନ୍ଦୋଳନକାରୀମାନେ ଫେରିଯାଇଥିଲେ। ଏହାପରେ ଆନ୍ଦୋଳନକାରୀ ଆସିଥିବା ଏକ ସ୍କର୍ପିଓ ଏବଂ ଅଟୋ ନିକଟସ୍ଥ ଶିବ ମନ୍ଦିର ପାଖରେ ଥୁଆ ହୋଇଥିଲା। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ଏକ ସ୍କୁଟିରେ ଆସି ଉକ୍ତ ଗାଡ଼ି ଉପରକୁ ବୋମାମାଡ଼ କରି ପଳାଇଯାଇଥିଲେ। ଏଥିରେ ସ୍କର୍ପିଓର ପଛ କାଚ ଭାଙ୍ଗିଯାଇଥିବାବେଳେ ଅଟୋର ଚକରେ ବୋମା ବାଜିଛି। ମାତ୍ର ବିଶେଷ କିଛି କ୍ଷୟକ୍ଷତି ହୋଇନାହିଁ। ସେହି ସମୟରେ ଗାଡ଼ିରେ କେହି ନ ଥିବାରୁ କାହାର କୌଣସି କ୍ଷତି ହୋଇନାହିଁ। ଏନେଇ ଅଭୟ ଥାନାରେ ଅଭିଯୋଗ କରିବା ପରେ ଆଠଗଡ ଡିଏସ୍‌ପି ବିଜୟ କୁମାର ବିଶି, ଟିଗିରିଆ ଆଇଆଇସି ସୁଚିତ୍ରା ଜେନା, କାନପୁର ଆଇଆଇସି ରବୀନ୍ଦ୍ର ଭୁଜବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।





ବୋମାମାଡରେ କ୍ଷତିଗ୍ରସ୍ତ ୨ ଗାଡି ।

## ସଂକ୍ଷେପରେ

### ପ୍ରଫୁଲ୍ଲ ପଟ୍ଟନାୟକଙ୍କ ସ୍ମୃତିସଭା

ପୁରୀ ଅଫିସ, ୩।୩ : ଭୂସମ୍ପତ୍ତି ସୁରକ୍ଷା ପରିଷଦର ଉପଦେଷ୍ଟା ପ୍ରଫୁଲ୍ଲ ପଟ୍ଟନାୟକଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଗୁଣ୍ଡିଚା ମନ୍ଦିରସ୍ଥିତ ଦଶାବତାର ମଠ ପରିସରରେ ଆୟୋଜିତ ଏହି ସ୍ମୃତିସଭାରେ ପରିଷଦର ସଭାପତି ପୁଷ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ପରିଷଦର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଜଗନ୍ନାଥ ଦେଓ, ସହସମ୍ପାଦକ ସୁଧାଂଶୁ ରାଏ, ସଂଯୋଜକ ଦେବେନ୍ଦ୍ର ବହ୍ମଚାରୀ, ସଭ୍ୟ ଅଭିମନ୍ୟୁ ଜେନା, ସଂଗ୍ରାମ କୁମାର ମିଶ୍ର ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ନିଶାସକ୍ତଙ୍କ ଉନ୍ମତ୍ତକାଣ୍ଡ

#### ହୋଟେଲରେ ଗ୍ରାହକଙ୍କ ଖାଇବା ଫୋପାଡିଲେ, ରୋଷେୟାଙ୍କୁ ମାଡ଼ ମାରିଲେ

ଭୁବନେଶ୍ୱର,୩।୩ (ବ୍ୟୁରୋ) : ନିଶାସକ୍ତ ଅବସ୍ଥାରେ ଆସି ହୋଟେଲରେ ଗ୍ରାହକଙ୍କୁ ଗାଳିଗୁଲଜ କରିବା ସହ ଜଣେ ରୋଷେୟାଙ୍କୁ ବେକ ଚିପି ମାରିଦେବା ଲାଗି ଉଦ୍ୟମ କରିବା ଅଭିଯୋଗରେ ମୈତ୍ରୀ ଥାନା ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ସେ ହେଲେ ଚନ୍ଦ୍ରଶେଖରପୁରରେ ରହୁଥିବା ଯାଜପୁର ଜିଲାର ଶ୍ରୀନିବାସ ଓଝା । ସୂଚନାନୁଯାୟୀ ମୈତ୍ରୀବିହାର ଥାନା ବିଡିଏ ଅନ୍ତର୍ଗତ ଓରଟେଲ ଅଫିସ ନିକଟରେ ଥିବା ମା ହୋଟେଲକୁ ଅଭିଯୁକ୍ତ ନିଶାଶକ୍ତ ଅବସ୍ଥାରେ ପ୍ରଥମେ ହୋଟେଲ ଆଗରେ ଲୋକଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରୁଥିଲେ । ପରେ ହୋଟେଲ ଭିତରେ ପଶି ଭୋଜନ କରୁଥିବା ଗ୍ରାହକ ମାନଙ୍କୁ ଗାଳି କରିବା ସହିତ ଗ୍ରାହକଙ୍କ ଥାଳି ନେଇ ବାହାରେ ଫୋପାଡି ଦେଇଥିଲେ।ଏହାକୁ ଜଣେ ରୋଷେୟା ବିରୋଧ କରିବାରୁ ଅଭିଯୁକ୍ତ ଶ୍ରୀନିବାସ ରାଗିଯାଇ ତାଙ୍କ ବେକକୁ ଚିପି ଧରି ଜୀବନରୁ ମାରିଦେବାଲାଗି ଉଦ୍ୟମ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଗ୍ରାହକମାନେ ରୋଷେୟାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିବା ସହିତ ପିସିଆରକୁ ସୂଚନା ଦେଇଥିଲେ । ସୂଚନା ପାଇ ସମ୍ପୃକ୍ତ ଥାନାର ପିସିଆର ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲେ ।

### ୨୨ ଟ୍ୟାପ୍ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୩।୩ (ବ୍ୟୁରୋ) : ନିର୍ମାଣଧୀନ ଘରୁ ଟ୍ୟାପ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଡୁମୁଡୁମା ଅଞ୍ଚଳର ମନୋଜ ବେହେରା । ତାଙ୍କଠାରୁ ୨୨ଟି ଟ୍ୟାପ୍ ଜବତ କରାଯାଇଛି। ଉକ୍ତ ଥାନା ଅନ୍ତର୍ଗତ ପଞ୍ଚସଖା ନଗରଠାରେ ତିନି ମହଲା ବିଶିଷ୍ଟ ନିର୍ମାଣଧୀନ ଘର ପାଚେରି ଡେଇଁ ଚୋରି କରିଥିଲେ । ଏନେଇ ଘର ମାଲିକ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ ।

# ସମୟ ସୀମା ଶେଷ ସତ୍ତ୍ୱେ ସରୁନି ରାସ୍ତା କାମ

ବଲଙ୍ଗା,୩।୩(ଡି.ଏନ୍.ଏ.)



ଗ୍ରାମାଞ୍ଚଳରେ ସଡ଼କଠାରୁ ଆରମ୍ଭ କରି ଜଳ, ବିଦ୍ୟୁତ୍ ଭଳି ସବୁ କ୍ଷେତ୍ରରେ ବିକାଶ କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତମାନର କାର୍ଯ୍ୟ କରାଯାଉଛି। ହେଲେ ସରକାରୀ ଅଧିକାରୀମାନେ କାର୍ଯ୍ୟଗୁଡ଼ିକର ତଦାରଖ କରୁ ନ ଥିବାରୁ ତାହା ବିଳମ୍ବ ହେବା ସହ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ବଲଙ୍ଗା ବ୍ଲକ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବାୟାବରଠାରୁ ଖେଲାର ପର୍ଯ୍ୟନ୍ତ ୬ କି.ମି.୫୦୫ମି ରାସ୍ତା ୪ କୋଟି ୫୫ ଲକ୍ଷ ୪୩ହଜାର ଟଙ୍କା ବ୍ୟୟରେ ୨୦୨୧ ଡିସେମ୍ବର ୮ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ଡିସେମ୍ବର ୮ ତାରିଖ ମଧ୍ୟରେ ଶେଷ ହେବାର ସୂଚନା ରହିଛି। କିନ୍ତୁ ନିର୍ଦ୍ଧାରିତ ସମୟଠାରୁ ୩ ମାସ ବିଳମ୍ବ ହୋଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଫଳରେ ଉକ୍ତ ରାସ୍ତାରେ ଯାତାୟାତରେ ଲୋକଙ୍କୁ ବହୁ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଅନ୍ୟପଟେ କୁଅଁରପୁର ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ଶିଶୁ ମନ୍ଦିର ନିକଟରେ ପ୍ରାୟ ଏକ ଶହ ମିଟର ରାସ୍ତା ଦୀର୍ଘ ବର୍ଷ ପରେ ବ୍ୟକ୍ତିଗତ ମାଲିକାନା ଥିବା ଦର୍ଶାଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ସମ୍ପୃକ୍ତ ସ୍ଥାନରେ ଗୋଡି ସବୁ ବିକ୍ଷିପ୍ତ ହୋଇପଡ଼ିଥିବାରୁ ପ୍ରାୟତଃ ଛାତ୍ରୀଛାତ୍ର ଓ ପଥଚାରୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସେହିପରି କାଟେଣିପଡିଆ ସଫେଇ ନାଳ ଉପରେ ଥିବା ପୁରାତନ ବ୍ରିଜ୍‌ଠାରୁ ରାସ୍ତା ପ୍ରାୟ ୪ଫୁଟ ଉଚ୍ଚତାରେ ରହିଛି। ବନ୍ୟା ସମୟରେ ଧନୁଆ ନଦୀ ବ୍ରିଜ୍ ଉପରେ ୬ ଫୁଟରୁ ଊର୍ଦ୍ଧ୍ୱ ଜଳ ପ୍ରବାହିତ ହେବାବେଳେ ନିକଟସ୍ଥ ୫୦ଟି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେଉଥିଲେ ମଧ୍ୟ ଉଚ୍ଚ ବ୍ରିଜ ନିର୍ମାଣ ହେଉ ନ ଥିବାରୁ ସମସ୍ୟା ଲାଗି ରହିଛି। ବହୁ ବର୍ଷ ପୂର୍ବରୁ ରାସ୍ତାର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ନିମନ୍ତେ ବସିଥିବା ପୋଲ ପକ୍କା କରା ନ ଯାଇ ମରାମତି କରାଯାଉଥିବାରୁ ସ୍ଥାୟୀ ନେଇ ଆଶଙ୍କା ଦେଖାଦେଇଛି। ପୋଲରେ ଯଥେଷ୍ଟ ପରିମାଣରେ ଜଳ ନିଷ୍କାସନ ନ ହେବାରୁ ଦୀର୍ଘ ଦିନ ପାଣି ଜମି ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ମୁଖ୍ୟ ରାସ୍ତାରେ ଲୋକେ ଧନୁଆ, ବାଇଶି ଶାସନ, ରେଞ୍ଜା, ହରିପୁର, ଗଡପଦନପୁର, ଗୋପୀନାଥପୁର, କୋଟକୁସାଙ୍ଗ ସମେତ ବଲଙ୍ଗା, ଖେଲାର, ଭୁବନେଶ୍ୱର, ନିମାପଡ଼ା, ପିପିଲି ଅନେକ ସ୍ଥାନକୁ ଯାତାୟାତ କରିଥାନ୍ତି। ତେଣୁ ଯଥାଶୀଘ୍ର ଉକ୍ତ ରାସ୍ତାର କାର୍ଯ୍ୟ ସବୁ ଉଚ୍ଚ ଏବଂ ଆବଶ୍ୟକ ସ୍ଥାନରେ ବ୍ରିଜ୍ ନିର୍ମାଣ କରିବାକୁ ସମ୍ପୃକ୍ତ ପଞ୍ଚାୟତବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଶାଶ୍ୱତ ବିଦ୍ୟାନିକେତନର ବାର୍ଷିକୋତ୍ସବ



ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

କଣାସ,୩।୩(ଡି.ଏନ୍.ଏ.)

କଣାସ ବ୍ଲକର ତ୍ରିଲୋଚନପୁର ପଞ୍ଚାୟତର ଚାନ୍ଦପଡ଼ା-ବଳାଜିତ୍‌ପୁରସ୍ଥିତ ଶାଶ୍ୱତ ବିଦ୍ୟାନିକେତନର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାବେଶରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ବିଡିଓ ପବିତ୍ର ବେହେରା, ମଣ୍ଡଳ ସହଶିକ୍ଷାଧିକାରୀ ନାରଣ ପ୍ରଧାନ, ଶିକ୍ଷାବିତ୍ ରାଜକିଶୋର ମହାପାତ୍ର, ବିଦ୍ୟାନିକେତନ ପୂର୍ବତନ ସମ୍ପାଦକ ଶେଖର ବାରିକ, ସ୍ଥାନୀୟ ସରପଞ୍ଚ ବିଜୟିନୀ ପାତ୍ର, ଓଷ୍ଟା ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି, ଅଗ୍ନିତେଜ ଶିକ୍ଷକ ମହାସଂଘର ମହାସଚିବ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୋମଳମତି ଶିଶୁଙ୍କୁ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀରେ ବିଦ୍ୟାଳୟର ଶ୍ରେଣୀଗୃହ, ଖେଳପଡ଼ିଆ, ପାନୀୟଜଳ ସମସ୍ୟା ନେଇ ଦର୍ଶାଇଥିଲେ। ଏହାର ସମାଧାନ ଖୁବ୍‌ଶୀଘ୍ର କରିବାକୁ ବ୍ଲକ ଉନ୍ନୟନ ଅଧିକାରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଆଶିଷପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ‘ମହିଳାଙ୍କୁ ଉଦ୍ୟୋଗୀ କରିବାକୁ ସରକାରଙ୍କ ପରିକଳ୍ପନା’




କାର୍ଯ୍ୟକ୍ରମରେ ଜଣେ କୃତୀ ମହିଳାଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମ୍ବର୍ଦ୍ଧିତ କରୁଛନ୍ତି ।

ନିମାପଡ଼ା,୩।୩(ଡି.ଏନ୍.ଏ.)

ରାଜ୍ୟରେ ମହିଳାମାନଙ୍କୁ ଉଦ୍ୟୋଗୀ କରିବାକୁ ରାଜ୍ୟ ସରକାର ପରିକଳ୍ପନା କରି ପ୍ରୟାସ ଚଳାଇଛନ୍ତି। ଏଥିପାଇଁ ୫୦ହଜାର କୋଟି ଟଙ୍କା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜରିଆରେ ବିନିଯୋଗ ହେବ ବୋଲି ନିମାପଡ଼ାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରଯୁକ୍ତି ବିଦ୍ୟା ସହିତ ଆମଙ୍କୁ ଆଗକୁ ଯିବାକୁ ପଡ଼ିବ ଓ ଉଦ୍ୟୋଗୀ ହେବାକୁ ପଡ଼ିବ, ମହିଳାମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଓ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଜାଗେଶ୍ୱରୀ ଯୁବକ ସଂଘ ସହାୟତାରେ ନିମାପଡ଼ା ଟାଉନ ହଲଠାରେ ଅନ୍ତର୍ଜାତିକ ମହିଳା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ସିଡିପିଓ ତନୁପ୍ରଭା ଦେହୁରୀ, ନିମାପଡ଼ା ସୁରକ୍ଷା ପ୍ରକଳ୍ପ ସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଦେବକୀ ସାହୁ, ଜାଗେଶ୍ୱରୀ ଯୁବକ ସଂଘର ସମ୍ପାଦକ ନକୁଳଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ମହିଳା ଦିବସ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ମହିଳାମାନଙ୍କର ବିକାଶମୁଖି କାର୍ଯ୍ୟ ପାଇଁ ଶିଶୁ ବିକାଶ ପ୍ରକଳ୍ପର ବିଭିନ୍ନ ସୁପରଭାଇଜର, ପ୍ରକଳ୍ପସ୍ତରୀୟ ମହିଳା ମହାସଂଘର ସଭାପତି, ସମ୍ପାଦିକା, ବହୁ ପ୍ରତିଷ୍ଠିତ ମହିଳାମାନଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଶତାଧିକ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଂଗଠନର ପ୍ରାୟ ୫ଶହ ମହିଳା ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

### ପ୍ରେମରେ ବିଫଳ ହେବାରୁ ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୩।୩ (ବ୍ୟୁରୋ): ପ୍ରେମ ନିବେଦନ କରି ବିଫଳ ହେବାରୁ ଜଣେ ବିବାହିତା ମହିଳାଙ୍କୁ ରାସ୍ତାରେ ମାଡ଼ମାରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ର କାର୍ତ୍ତିକ ମୁଦୁଲି । ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।ପୀଡ଼ିତାଙ୍କୁ ଅଭିଯୁକ୍ତ ତାଙ୍କୁ ଏକପାଖିଆ ଭଲପାଇବା ସହିତ ତାଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିଆସୁଥିଲେ। ଏଥିରେ ପୀଡ଼ିତା ରାଜି ନ ହେବାରୁ ଅଭିଯୁକ୍ତ ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ମାଡ଼ ମାରିଥିଲେ।

## ଖବରଦାତା ଅଜିତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୩ (ବ୍ୟୁରୋ)

ଖବରଦାତା ତଥା ସାହିତ୍ୟିକ ଅଜିତ କୁମାର ମହାନ୍ତିଙ୍କ ବିୟୋଗରେ ଭୁବନେଶ୍ୱର ଖବରଦାତାମାନଙ୍କ ପକ୍ଷରୁ ଶୁକ୍ରବାର ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଭାଗବତ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା, ଉଚ୍ଚମାନର ନିଚ୍ଛକ ସାମ୍ବାଦିକତା ଓ ସାହିତ୍ୟ ରଚନା ଉପରେ ଆଲୋକପାତ କରାଯାଇଥିଲା। ଜଣେ ସରଳ, ଅମାୟିକ, କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ ସାମ୍ବାଦିକ ଭାବେ ସେ ବେଶ୍ ଜଣାଶୁଣା ଥିଲେ। ସୃଜନଶୀଳ ସାହିତ୍ୟ ରଚନା କରି ସ୍ୱର୍ଗତ ମହାନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ପରିବାରବର୍ଗଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ଦିଆଯିବ ବୋଲି ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ଶୋକସଭାରେ ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ମହାନ୍ତି, ବିପିନ୍ ସିଂହ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ହଳଧର ଧୀର, ସନତ୍ ମିଶ୍ର, ସଞ୍ଜୟ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ପାର୍ଥସାରଥୀ ଜେନା, ବିଜୟ କୁମାର ପଣ୍ଡା, ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବ ବେହୁରା, ବଳରାମ ପ୍ରସାଦ ନନ୍ଦ, ଅବିନାଶ ମିଶ୍ର, କିଶୋର ଚନ୍ଦ୍ର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ତୁଷାର ପଟ୍ଟନାୟକ, ବିମଳ ଦାସ, ଅଜୟ ଦାସ, ସୁକାନ୍ତ ମହାନ୍ତି ଓ ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କବିତା ସଂକଳନ ‘ଭିନ୍ନ ଏକ ଯଜ୍ଞର କାହାଣୀ’ ଲୋକାର୍ପିତ




ଅତିଥିମାନେ କବିତା ସଂକଳନ ‘ଭିନ୍ନ ଏକ ଯଜ୍ଞର କାହାଣୀ’କୁ ଲୋକାର୍ପଣ କରୁଛନ୍ତି ।

ପୁରୀ ଅଫିସ, ୩।୩

ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଗୁରୁବାର ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହଙ୍କ ଲିଖିତ କବିତା ସଂକଳନ ‘ଭିନ୍ନ ଏକ ଯଜ୍ଞର କାହାଣୀ’ ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟିରେ ସତୀଙ୍କ ଅନୁତାପ ବେଦନା ନେଇ ଆର୍ତ୍ତତ୍ରାଣଙ୍କ ପ୍ରାଣସ୍ପର୍ଶୀ ଅନୁଭବ ସମ୍ପର୍କରେ ଅନୁଷ୍ଠାନର ମାର୍ଗଦର୍ଶକ ଡ. ବଳରାମ ଦାସ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ତଥା ପୁସ୍ତକର ପ୍ରକାଶକ ଇଂ. ମୀନକେତନ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଗୀତିକାର ବଦ୍ରି ମିଶ୍ର ସତୀଙ୍କ ବେଦନା ବିଦଗ୍ଧ କାହାଣୀର ବର୍ଣ୍ଣନା କରିଥିଲେ। ଓଡ଼ିଆ ସାହିତ୍ୟର ସମାଲୋଚକ ତଥା ସମୀକ୍ଷକ ଡ. ଦିଲୀପ ସ୍ୱାଇଁ ଯୋଗଦେଇ କହିଥିଲେ, ଭିନ୍ନ ଏକ ଯଜ୍ଞ କାହାଣୀ ହେଉଛି ନିଃସର୍ଗ ଭାବେ ଅନେକ ଦିବ୍ୟତର ଚେତନାର ଏହି ଦୀର୍ଘ କବିତା ଅତ୍ୟନ୍ତ ପ୍ରାଣସ୍ପର୍ଶୀ। ଏହା ପୁରାଣ ଲିଖନ ନୁହେଁ। ଏହା ଏକ ସଫଳ ଅନୁଭବର କାଳଜୟୀ ଉତ୍ତରଣ ବୋଲି ସ୍ୱାଇଁ ମତବ୍ୟକ୍ତ କରିଥିଲେ। କବି ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କବି ପ୍ରତିମା ମିଶ୍ର, ଆଲୋକ ପ୍ରଧାନ, ସୁଚିତ୍ରା ରଥ, ବିରେନ୍ଦ୍ର ମହାନ୍ତି, ସତ୍ୟନାରାୟଣ ମିଶ୍ର, ସୁବାସିନୀ ଧଳ, ମହେନ୍ଦ୍ର କୁମାର ଦାଶ, ଭଗବାନ ଦାଶ ଏବଂ ରାଜକିଶୋର ମିଶ୍ରଙ୍କ ସମେତ ଅନେକ କବି ଉପସ୍ଥିତ ଥିଲେ।



ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ଶୁକ୍ରବାର ନିମାପଡ଼ା ଥାନାକୁ ଏତଲା ଦେବାକୁ ଆସିଥିବା ଭାଜପା କର୍ମୀମାନେ ।

### ବିମାନରେ ଗ୍ରାମ ପରିକ୍ରମା କଲେ ଶ୍ରୀକପିଳେଶ୍ୱର

ନିରାକାରପୁର,୩।୩(ଡି.ଏନ୍.ଏ.): ଦୋଳପୂର୍ଣ୍ଣମୀ ଉପଲକ୍ଷେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ଶ୍ରୀକପିଳେଶ୍ୱର ଦେବଙ୍କ ଯଜ୍ଞ ଉତ୍ସବରେ ଠାକୁର ଶୁକ୍ରବାର ଦୋଳବିମାନରେ ଗ୍ରାମ ପରିକ୍ରମା କରିଛନ୍ତି। ଶ୍ରୀକପିଳେଶ୍ୱର ଦେବ ଦେଉଳରୁ ବାହାରି ଏକ ସ୍ୱତନ୍ତ୍ର ବିମାନରେ ଗୋପାଳମାନଙ୍କ ଦ୍ୱାରା ଆସି ଗ୍ରାମ ପରିକ୍ରମା କରି ଦୁଆର ଦୁଆର ବୁଲି ଭୋଗ ଖାଇଥିଲେ। ଠାକୁରଙ୍କ ପାଖରେ ସ୍ୱତନ୍ତ୍ର ଶୁଖିଲି ଭୋଗ ଅର୍ପଣ କରାଯାଇଥାଏ।

## ପିପିଲିକୁ ହରାଇ ସେମିରେ ଭୁବନେଶ୍ୱର

### ମା’ ତାରିଣୀ କ୍ରିକେଟ କପ୍

ଅସ୍ତରଙ୍ଗ,୩।୩(ଡି.ଏନ୍.ଏ.)




ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଅସ୍ତରଙ୍ଗର ମା’ ତାରିଣୀ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ନିକଟସ୍ଥ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଶେଷ କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସନସାଇନ ପିପିଲିକୁ ହରାଇ ମଞ୍ଚେଶ୍ୱର ଭୁବନେଶ୍ୱର ସେମିରେ ପ୍ରବେଶ କରିଛି। ମଞ୍ଚେଶ୍ୱର ଭୁବନେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ସନସାଇନ ପିପିଲି ସମସ୍ତ ଉଇକେଟ୍ ହରାଇ ୧୩୮ ରନ୍ କରି ପରାଜିତ ହୋଇଥିଲା। ମଞ୍ଚେଶ୍ୱରର ଖେଳାଳି ରବୀନ୍ଦ୍ର ୪ ଓଭର ବୋଲିଂରେ ୨୬ ରନ ଦେଇ ୩ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ସନ୍ତୋଷ ଏବଂ କୁମାର ବାପି ଅମ୍ପାୟରର ଦାୟିତ୍ୱ ତୁଲାଇଥିଲେ। କ୍ଲବ ସଭାପତି ମନୋଜ ବିଶ୍ୱାଳ, କ୍ରୀଡ଼ା ସମ୍ପାଦକ ସମୀର କର, ସଂଯୋଜକ ସୁଦୀପ୍ତ ରାଉତ, ସରୋଜ ପ୍ରଧାନ, ସଞ୍ଜୟ ପ୍ରଧାନ, ଦିଲ୍ଲୀପ ଦାସ, ମହେଶ ସାର, ପ୍ରକାଶ ବେହେରା, ରମାରଞ୍ଜନ ମହାନ୍ତି ଏବଂ କ୍ଲବର ଅନ୍ୟ ସମସ୍ତ ସଭ୍ୟ ବୃନ୍ଦ ମ୍ୟାଚ ପରିଚାଳନା କରିଥିଲେ। ମହେଶ ସାର, ଦୀପକ ଦାସ ଖେଳର ଧାରା ବିବରଣୀ ଦେଇଥିଲେ।

## ନୈତିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ ପାଇଁ ଆହ୍ୱାନ

### ବୀରହରେକୃଷ୍ଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ପୁରୀ ଅଫିସ, ୩।୩

ବୀରହରେକୃଷ୍ଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡିକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ୧୯୭୨ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଏହାର ସ୍ଥିତି ଓ ବର୍ତ୍ତମାନର ସ୍ଥିତି ମଧ୍ୟରେ ଅନେକ ପ୍ରଭେଦ ରହିଛି। ଭିତ୍ତିଭୂମିର ବିକାଶ ହୋଇପାରିଛି। ତେବେ ଗୁଣାତ୍ମକ ଶିକ୍ଷା ଉପରେ ବିଧାୟକ ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ଶିକ୍ଷାନୁଷ୍ଠାନକୁ ମନ୍ଦିର ବୋଲି ଅଭିହିତ କରିବା ସହ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉନ୍ନତ ଚରିତ୍ର ଗଠନ ଓ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ସପ୍ତାହରେ ଅନ୍ତତଃ ଗୋଟିଏ ପିରିୟଡ଼କୁ ନୈତିକ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ପାଇଁ ଉପଯୋଗ ଉପରେ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ତଥା ସୋଆର ଭାଇସ ଚାନ୍‌ସେଲର ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ, କେବଳ ଜ୍ଞାନ ଆହରଣ ବା ଡିଗ୍ରୀ ପାଇଁ ନୁହେଁ ବରଂ ମୂଲ୍ୟବୋଧ, ସଂସ୍କାର, ଉନ୍ନତ ଚରିତ୍ର ଗଠନ, ଦେଶପ୍ରେମ, ସକାରାତ୍ମକ ଭାବନା, ନୂତନ ଗବେଷଣା ଓ ସୃଜନାତ୍ମକ ପ୍ରକ୍ରିୟା ମାଧ୍ୟମରେ ସାମାଜିକ ଅଭିବୃଦ୍ଧିର ବିକାଶ ହେବା ଜରୁରୀ। ଅନ୍ୟତମ ବକ୍ତା ଭାବେ କିଟ୍ ବିଜ୍ଞାନ କଲେଜର ଅଧ୍ୟକ୍ଷ ଡ. ଚିତ୍ତ ରଞ୍ଜନ ମିଶ୍ର ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଅବକ୍ଷୟ ଘଟୁଛି ବୋଲି କହି ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଶିକ୍ଷା, ଶିକ୍ଷାନୁଷ୍ଠାନ, ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସୁସମନ୍ୱୟ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଜଟାଧାରୀ ମିଶ୍ର ଏଥିରେ ସଭାପତିତ୍ୱ କରିବା ସହ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ ଅରବିନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୁରାତନ ଶିକ୍ଷୟିତ୍ରୀ ଶିକ୍ଷକ, ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଧାର ଟଙ୍କା ପାଇଁ ଶ୍ରମିକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର,୩।୩ (ବ୍ୟୁରୋ) : ଧାର ନେଇଥିବା ଟଙ୍କା ନ ଦେବାରୁ ଜଣେ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଭରତପୁର ଥାନା ପୋଲିସ ତିନି ମାସ ପରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲାର ରାହୁଲ ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଥିବା ରାହୁଲଙ୍କ ବାପା ସମିରନ ଫେରାର ଅଛନ୍ତି। ଆକ୍ରମଣର ଶିକାର ଶ୍ରମିକ ଜଣକ ଘର ନିକଟରେ ରହୁଥିବା ସମିରନଙ୍କଠାରୁ ୬୦୦ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଆର୍ଥିକ ସମସ୍ୟା କାରଣରୁ ସେ ଉକ୍ତ ଟଙ୍କା ଫେରାଇ ପାରି ନ ଥିଲେ। ସମିରନ ଗତ ୨୦୨୨ ନଭେମ୍ବର ୧୨ରେ ଶ୍ରମିକଙ୍କୁ ରାସ୍ତାରେ ଅଟକାଇବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଶ୍ରମିକ ତାଙ୍କୁ ୫୦୦ ଟଙ୍କା ଫେରାଇଥିବାବେଳେ ବାକି ୧୦୦ ଦୁଇଦିନ ପରେ ଫେରାଇଦେବେ ବୋଲି କହିଥିଲେ। କିନ୍ତୁ ସମିରନ ସେଥିରେ ରାଜି ହୋଇ ନ ଥିଲେ। ପରେ ସମିରନ ଦାସ ତାଙ୍କ ପୁଅ ରାହୁଲଙ୍କୁ ଧରି ଶ୍ରମିକଙ୍କୁ ଲୁହାଛଡ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଟଙ୍କା ନେଇ ଜମି ନ ଦେବା ଅଭିଯୋଗରେ ଜଣେ ଗିରଫ

ବାରଙ୍ଗ,୩।୩(ଡି.ଏନ୍.ଏ.)- ଜମି ଦେବାକୁ ଟଙ୍କା ନେଇ ଚୁକ୍ତି ମୁତାବକ ଜମି କିମ୍ବା ଟଙ୍କା ନ ଫେରାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟଙ୍କପାଣି ରୋଡ଼ ପାଣ୍ଡବ ନଗରରେ ରହୁଥିବା ଶକ୍ତି ଡେଭଲପର୍ସର ମ୍ୟାନେଜିଂ ଡାଇରେକ୍ଟର ରମେଶ ଚନ୍ଦ୍ର ମହାପାତ୍ର(୭୦)। ଏନେଇ ପୋଲିସ ଏକ ମାମଲା (ନଂ. ୧୧୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ୨୦୧୯ରେ ସରକାରୀ ଚାକିରିରୁ ଅବସରପ୍ରାପ୍ତ ଶୈଳଶ୍ରୀବିହାରର ଅତୁଲ୍ୟ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ସହ ରମେଶଙ୍କ ପରିଚୟ ଥିଲା। ଏହି ସୁଯୋଗରେ ରମେଶ ତାଙ୍କୁ ଫସାଇ ଜମି ବ୍ୟବସାୟରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଇ ଥିଲେ। ଅଧିକ ଲାଭ ଆଶା ଦେଖାଇ ଅତୁଲ୍ୟଙ୍କଠାରୁ ୧୯ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ସମୟରେ ରମେଶ ଏବଂ ଅତୁଲ୍ୟଙ୍କ ସ୍ତ୍ରୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ୧୫୦୦ ସ୍କୋୟାର ଫୁଟର ଏକ ଜମି ଅତୁଲ୍ୟଙ୍କ ନାମରେ ରେଜିଷ୍ଟ୍ରି କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଯଦି ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ତାଙ୍କ ନାମରେ ଜମି ରେଜିଷ୍ଟ୍ରି ନ କରିପାରନ୍ତି ତା' ହେଲେ ଟଙ୍କା ଫେରାଇ ନେବାକୁ ଅତୁଲ୍ୟଙ୍କୁ ଏକ ଚେକ୍ ମଧ ଦେଇଥିଲେ। ପରେ ଚୁକ୍ତି ଅନୁଯାୟୀ ଜମି ରେଜିଷ୍ଟ୍ରି ନ ହୋଇପାରିବାରୁ ଅତୁଲ୍ୟ ବ୍ୟାଙ୍କରେ ଚେକ୍ ଲଗାଇଥିଲେ ମଧ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା।

# ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସହଭାଗିତା ଜରୁରୀ

■ଡ. ସୁଧାକର କରଙ୍କୁ 'ଓଡ଼ିଶା ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'

■୫ଜଣଙ୍କୁ ବନମିତ୍ର ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୩।୩(ବ୍ୟୁରୋ)

ବିଶ୍ୱ ବନ୍ୟପ୍ରାଣୀ ଦିବସରେ ଶୁକ୍ରବାର ସୂଚନା ଭବନରେ ଓଡ଼ିଶାର ପ୍ରକୃତି ଓ ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ଓ ଏଭର୍ ଗ୍ରୀନ ଫୋରମ୍ ପକ୍ଷରୁ ଓଡ଼ିଶା ବନ୍ୟପ୍ରାଣୀ କନ୍‌କ୍ଲେଭ୍ ୨୦୨୩ ଆୟୋଜିତ ହୋଇଥିଲା। ବିଷୟବସ୍ତୁ ଥିଲା 'ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସହଭାଗିତା'। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସମ୍ମିଳନୀକୁ ଉଦ୍‌ଘାଟନ କରି ପରିବେଶ ସନ୍ତୁଳନ ପାଇଁ ବନ୍ୟପ୍ରାଣୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ତଥା ଏନ୍‌ଡବ୍ଲ୍ୟୁସିଏସ୍‌ଓର ସଭାପତି ସରୋଜ କୁମାର ପଟ୍ଟନାୟକ ଯୋଗଦେଇ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସହଭାଗିତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କନ୍‌କ୍ଲେଭ୍ ଅଧ୍ୟକ୍ଷ ତଥା ପୂର୍ବତନ ଏଡିଜି ଡ. ଅନୁପ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଏବଂ ଓଡ଼ିଆ ପୁସ୍ତକ 'ପାଣିର ରାଜା କୁମ୍ଭୀର' ଉନ୍ମୋଚିତ ହୋଇଥିଲା। ଓଡ଼ିଶା ବନ ବିଭାଗର ୨ଜଣ ଅବସରପ୍ରାପ୍ତ ବନ୍ୟପ୍ରାଣୀ ଅନୁସନ୍ଧାନ ଅଧିକାରୀଙ୍କ ଦ୍ୱାରା ଏହି ପୁସ୍ତକ ଲେଖାଯାଇଛି। ବରିଷ୍ଠ ବନ୍ୟପ୍ରାଣୀ ଅନୁସନ୍ଧାନକାରୀ ଡ. ସୁଧାକର କରଙ୍କୁ 'ଓଡ଼ିଶା ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏ ବାବଦକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଫରେଷ୍ଟର ତ୍ରିନାଥ ବିସିରାଟନା, ମୟୂରଭଞ୍ଜର ପୂର୍ବତନ ବନ୍ୟପ୍ରାଣୀ ୱାର୍ଡେନ ଭାନୁମିତ୍ର ଆଚାର୍ଯ୍ୟ, ପକ୍ଷୀ ବିଶେଷଜ୍ଞ ହୃଦାନନ୍ଦ ଜେନା, ରାଉରକେଲାର ରଣଜିତା ବେହେରା ଏବଂ ଆଙ୍ଗୁଲର ଆଦିତ୍ୟ ଚନ୍ଦ୍ର ପଣ୍ଡାଙ୍କୁ 'ବନମିତ୍ର ପୁରସ୍କାର' ପ୍ରଦାନ କରାଯିବା ସହ ଏ ବାବଦକୁ ୧୦ହଜାର ଟଙ୍କାର ଅର୍ଥ ରାଶି ଦିଆଯାଇଥିଲା। ଡ. ସୁଧାକର କର, ଡ. ଲାଲା ଅଶ୍ୱିନୀ କୁମାର ସିଂ, ଡ. ଖଗେଶ୍ୱର ନାୟକ, ଡ. ସୁଦର୍ଶନ ପଣ୍ଡା, ସୁରେଶ ଚନ୍ଦ୍ର ମହାନ୍ତି, ଡ. ରାଜେଶ ମହାପାତ୍ର, ଡ. ମନୋଜ ଭି ନାୟାର ଏବଂ ଡ. ଦେବବ୍ରତ ସ୍ୱାଇଁ ରାଜ୍ୟର ବନ୍ୟପ୍ରାଣୀ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତିହେଜ୍‌ମାଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁଗ୍ମସଚିବ ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ। ପୋଷ୍ଟର ପ୍ରଦର୍ଶନୀରେ ଶ୍ରେଷ୍ଠ ୩ ପୋଷ୍ଟରକୁ ନଗଦ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ସଭାପତି ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।



ବନ୍ୟପ୍ରାଣୀ କନ୍‌କ୍ଲେଭ୍‌ରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

# 'ହାଇସ୍କୁଲ ରୂପାନ୍ତରଣ' ଓ 'ମୋ ସ୍କୁଲ ଅଭିଯାନ'କୁ ପ୍ରଶଂସା

ଭୁବନେଶ୍ୱର,୩।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି 'ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ' ଏବଂ 'ମୋ ସ୍କୁଲ ଅଭିଯାନ'କୁ ନୂଆଦିଲ୍ଲୀସ୍ଥିତ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି) ପକ୍ଷରୁ ପ୍ରଶଂସା କରାଯାଇଛି । ଏହି ପରିଷଦର ଏକ ୧୦ ଜଣିଆ ଟିମ୍ ଶୁକ୍ରବାର 'ମୋ ସ୍କୁଲ' ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସି ଓଡ଼ିଶାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷକମାନଙ୍କ ଦକ୍ଷତା ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହି ୧୦ ଜଣିଆ ଟିମ୍‌ର ପ୍ରତିନିଧିତ୍ୱ କରୁଥିବା ଏସ୍‌ସିଇଆର୍‌ଟିର ନୋଡାଲ ଅଫିସର ପ୍ରୀତି ଖତ୍ରି ରାଜ୍ୟ ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଡିଜିଟାଲ ଉପକରଣ ଯୋଗାଇ ଦିଆଯାଇଛି । ଗ୍ରାମାଞ୍ଚଳ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଜ୍ଞାନକୌଶଳ ତାଲିମ ଦିଆଯାଉଛି । ସମସ୍ତ ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଉନ୍ନତ ଶିକ୍ଷା ସୁନିଶ୍ଚିତ କରିଥିବା ଓଡିଶା ସରକାରଙ୍କ 'ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ' ମାଧ୍ୟମରେ ଉକ୍ତ ବିଦ୍ୟାଳୟଗୁଡିକରେ ଉନ୍ନତ ଭିତ୍ତିଭୂମି, ମୌଳିକ ଆବଶ୍ୟକୀୟ ଶିକ୍ଷା ଉପକରଣ ଏବଂ ବିଦ୍ୟାଳୟସ୍ତରରେ କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯାଉଛି । ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ମାଧ୍ୟମରେ ପୁରାତନ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟର ବିକାଶ ପ୍ରକ୍ରିୟାରେ ନିଜକୁ ଅନ୍ତର୍ଭୁକ୍ତ କରିପାରୁଛନ୍ତି । ଏହା ସମସ୍ତଙ୍କ ପାଇଁ ଉଦାହରଣଯୋଗ୍ୟ ବୋଲି ଖତ୍ରି କହିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଓ 'ଆକାଂକ୍ଷୀ' କାର୍ଯ୍ୟକ୍ରମକୁ ପ୍ରଶଂସା କରି ଏହି ଟିମ୍‌ର ପ୍ରତିନିଧିମାନେ କହିଛନ୍ତି, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ କରିବାରେ ଏହା ବେଶ୍ ସହାୟକ ହେବ । ଏହି ଅବସରରେ ଉକ୍ତ ଟିମ୍ 'ମୋ ସ୍କୁଲ ଅଭିଯାନ' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ଏବଂ ମୋ ସ୍କୁଲ ଟିମ୍ ସହ ଆଲୋଚନା କରିଥିଲେ ।



# ଶ୍ୟାମପୁର ମେଳଣରେ ଫଗୁ ଖେଳ

### ରାଜଧାନୀରେ ହୋଲିକୁ ସ୍ୱାଗତ

ଭୁବନେଶ୍ୱର,୩।୩ (ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ଶ୍ୟାମପୁରସ୍ଥିତ ସିଦ୍ଧେଶ୍ୱର ପଡ଼ିଆରେ ଚାଲିଥିବା ମେଳଣ ଶୁକ୍ରବାର ଫଗୁଖେଳରେ ଶେଷ ହୋଇଛି। ଏହିଠାରୁ ରାଜଧାନୀର ହୋଲି ଆରମ୍ଭ ହୋଇଛି। ଲୋକଙ୍କ ମନରେ ଓ ଦେହରେ ଲାଗିଛି ରଙ୍ଗର ପ୍ରଥମ ଛିଟା। ପରମ୍ପରା ଅନୁସାରେ, ଏଠାରେ ମେଳଣ ଓ ଫଗୁ ଖେଳ ପରେ ଭୁବନେଶ୍ୱରର ଅନ୍ୟସବୁ ସ୍ଥାନରେ ଏପରି ଆୟୋଜନ କରାଯାଇଥାଏ। ତେବେ ମେଳଣ ପଡ଼ିଆଠାରେ ହରିହର ଭେଟ ଦେଖିବାକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ସିଦ୍ଧେଶ୍ୱର ଠାକୁରଙ୍କ ଏହା ହେଉଛି ପୁରୁଣା ପରମ୍ପରା। ଭଗବାନ ସିଦ୍ଧେଶ୍ୱରଙ୍କ ସହ ଶିବ ଓ ରାଧାକୃଷ୍ଣଙ୍କ ମିଳନରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ତମାଣ୍ଡୋ, ପାଇକରାପୁର, କଣ୍ଟାବାଡ଼, ପାଟେଣି, କାଶିପୁର ଆଦି ସ୍ଥାନରୁ ବିମାନରେ ଠାକୁରମାନେ ଆସି ଏହି ପଡ଼ିଆରେ ଏକତ୍ରିତ ହୋଇଥିଲେ। ଲୋକମାନେ ଏକତ୍ରିତ ହୋଇ ଠାକୁରଙ୍କ ସହ ହୋଲି ଖେଳିଥିଲେ। ପରସ୍ପରକୁ ରଙ୍ଗ ଲଗାଇ ହୋଲିକୁ ସ୍ୱାଗତ କରିଥିଲେ।


ଫଟୋ: ବିକାଶ

# ୨୧ ଦାମୀ ମୋବାଇଲ ଜବତ, ୪ ଗିରଫ

■ର୍‌ୟାକେଟରେ ସମ୍ପୃକ୍ତ ଏକାଧିକ ଫେରାର

■ଜାତୀୟ ରାଜପଥ,ବସ୍ ଷ୍ଟାଣ୍ଡରେ ସକ୍ରିୟ ଥିଲେ

ଭୁବନେଶ୍ୱର,୩।୩ (ବ୍ୟୁରୋ)

ରାଜଧାନୀ ଓ ଆଖପାଖ ଅଞ୍ଚଳରେ ଉତ୍ପାତ କରୁଥିବା ଏକ ଲୁଟେରା ଗ୍ୟାଙ୍ଗକୁ ଭରତପୁର ଥାନା ପୋଲିସ ଧରିଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କ ଗିରଫ କରିବା ସହ ର୍‌ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ରିସିଭର ହୋଇଥିବାବେଳେ ଅନ୍ୟ ୩ ମୋବାଇଲ ଲୁଟେରା। ରିସିଭର ଜଣକ ହେଲେ ଭରତପୁର ଥାନା ଅଞ୍ଚଳର ଅଶୋକ କୁମାର ନାୟକ ଓ ଅନ୍ୟ ତିନି ଜଣ ଲୁଟେରା ହେଲେ ମୈତ୍ରୀ ବିହାର ଥାନା ସାଲିଆ ସାହିରେ ରହୁଥିବା ସତ୍ୟବ୍ରତ ଦାସ, ଗଞ୍ଜାମର ବିଶ୍ୱଜିତ ଦାସ ଓ ଯାଜପୁରର ଔଲା ତାରା। ସେମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୨୧ ଦାମୀ ମୋବାଇଲ ଫୋନ୍, ଗୋଟିଏ ସ୍କୁଟି ଓ ପଲସର ଜବତ ହୋଇଛି। ତେବେ ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୁକ୍ତ ବିଶ୍ୱଜିତଙ୍କ ନାମରେ ନୟାପଲ୍ଲୀ ଥାନାରେ ୩ ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଥିବାବେଳେ ଔଲା ତାରୋଙ୍କ ନାମରେ ପୂର୍ବରୁ ଖଣ୍ଡଗିରି ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି । ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଏମାନେ ମୁଖ୍ୟତଃ ବସ୍‌ଷ୍ଟାଣ୍ଡ, ଜାତୀୟ ରାଜପଥ ଓ ଗହଳି ସ୍ଥାନରେ ସକ୍ରିୟ ରୁହନ୍ତି। ଗତ ୨ ତାରିଖ ଦିନ ଜଣେ ମହିଳା ଘାଟିକିଆ ବସ୍ ଷ୍ଟାଣ୍ଡ ନିକଟରେ ଛିଡା ହୋଇ ହୋଇଥିବା ବେଳେ ଅଭିଯୁକ୍ତ ବିଶ୍ୱଜିତ ଓ ସତ୍ୟବ୍ରତ ଏକ ସ୍କୁଟିରେ ଆସି ତାଙ୍କ ହାତରୁ ମୋବାଇଲ ନେଇ ପଳାଇଥିଲେ। ଏହାପରେ ସେମାନେ ଉକ୍ତ ମୋବାଇଲକୁ ଅଶୋକଙ୍କୁ କମ୍ ଟଙ୍କାରେ ବିକ୍ରି କରିଦେଇଥିଲେ। ଅଭିଯୁକ୍ତ ଅଶୋକ ମୋବାଇଲକୁ ବିକ୍ରି କରିବା ଲାଗି ଗ୍ରାହକ ଖୋଜୁଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଧରିବା ସହ ତାଙ୍କଠାରୁ ୨ଟି ମୋବାଇଲ ଜବତ କରିଥିଲା। ପଚରାଉଚରା ପରେ ପୋଲିସ ଚଢ଼ାଉ କରି ସତ୍ୟବ୍ରତ ଓ ବିଶ୍ୱଜିତଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ୭ଟି ମୋବାଇଲ ସହ ଗୋଟିଏ ସ୍କୁଟି ଜବତ କରିଥିଲା। ଅନ୍ୟପଟେ ଅଭିଯୁକ୍ତ ଔଲା ତାଙ୍କର ଜଣେ ସହଯୋଗୀଙ୍କୁ ଧରି ପଲସରରେ ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ସ୍ଥାନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଜାତୀୟ ରାଜପଥରୁ ଲୁଟ କରି ସିଧା ଯାଜପୁର ପଳାଉଥିଲେ। ଉକ୍ତଦିନ ଜଣେ ଯୁବକ ତାଙ୍କର ବନ୍ଧୁଙ୍କୁ ଛାଡିବା ଲାଗି ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଯାଇଥିଲେ। ସେଠାରେ ସେ ଫୋନ୍‌ରେ କଥା ହେଉଥିବାବେଳେ ଅଭିଯୁକ୍ତ ଔଲା ଓ ଜଣେ ସହଯୋଗୀ ପଲସରରେ ପଛରୁ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ନେଇ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ଏକ କାର ସହିତ ତାଙ୍କ ମୋଟରସାଇକେଲର ଦୁର୍ଘଟଣା ଘଟିଥିଲା। ଏହାପରେ ସେଠାରେ ଉପସ୍ଥିତ ଥିବା ଲୋକେ ଔଲାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସହଯୋଗୀ ଫେରାର ହୋଇଯାଇଥିଲେ।

# ଏକାମ୍ର ହାଟରେ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର,୩।୩ (ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ(ଉତ୍କଳିକା) ପକ୍ଷରୁ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଏକାମ୍ର ହାଟଠାରେ ଆୟୋଜିତ ହୋଇଛି। ମାର୍ଚ୍ଚ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀକୁ ଶୁକ୍ରବାର ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ସହନିର୍ଦ୍ଦେଶକ ଅଶୋକ କୁମାର ହୋତା ଓ ପରିଚାଳିକା କଲ୍ୟାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ହସ୍ତଶିଳ୍ପ ବିକାଶ ଆୟୁକ୍ତ ଭାରତ ସରକାର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶାର ଆର୍ଥିକ ସହାୟତାରେ ଆୟୋଜିତ ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ୪ ରାଜ୍ୟର ୫୦ଜଣ ହସ୍ତଶିଳ୍ପ କାରିଗର ଭାଗ ନେଇ ନିଜ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ କରିବା ସହ ବିକ୍ରୟ କରୁଛନ୍ତି। ଓଡ଼ିଶାର ୧୨ ଜିଲା ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କଟକ, ବାଲେଶ୍ୱର, ନୟାଗଡ଼, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ ଓ ନବରଙ୍ଗପୁରର ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀର ଶୋଭା ବର୍ଦ୍ଧନ କରୁଛି। ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ୍ ଗ୍ରାସ ଶିଳ୍ପ, ଚାନ୍ଦୁଆ, ପଟ୍ଟଚିତ୍ର, ରୂପା ତାରକସୀ, ଆଦିବାସୀ ଜୁଏଲାରୀ, କତାଶିଳ୍ପ, ତାଳ ପତ୍ର ଖୋଦେଇ, ଶାମୁକା, କାର୍ପେଟ, କଂସା ଓ ପିତ୍ତଳ, ଢୋକ୍ରା, ଶିଙ୍ଘ, ଝୋଟ କାମ ଭଳି ହସ୍ତଶିଳ୍ପ ସାମଗ୍ରୀର ପସରା ମେଳିଛି। ଚଳିତବର୍ଷ ପ୍ରାୟ ୨୫ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଛି।


ଉତ୍କଳିକା ପକ୍ଷରୁ ଏକାମ୍ର ହାଟଠାରେ ଆୟୋଜିତ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଖାଦ୍ୟନଳୀଜନିତ ରୋଗର ଚିହ୍ନଟ, ନିରାକରଣ ବଡ଼ ଆହ୍ୱାନ

### ଏମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ସମ୍ମିଳନୀ

ଭୁବନେଶ୍ୱର, ୩।୩ (ବ୍ୟୁରୋ)

ପାକସ୍ଥଳୀ ତଥା ଖାଦ୍ୟନଳୀଜନିତ ବିଭିନ୍ନ ସମସ୍ୟା ଜରୁରୀକାଳୀନ ଚିକିତ୍ସା ପରିସ୍ଥିତିର ଏକ ପ୍ରମୁଖ ଅଂଶ। ଏଥିସହିତ ବିଭିନ୍ନ କାରଣରୁ ସମାଜରେ ଯକୃତଜନିତ ନାନା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଲିଭର ଫେଲ୍ ହେବା ସହ ମସ୍ତିଷ୍କ ଅକାମୀ ହୋଇପଡୁଛି। ସେହିପରି ବିଳମ୍ବରେ ରୋଗ ଚିହ୍ନଟ ଓ ଚିକିତ୍ସା ମୃତ୍ୟୁର କାରଣ ପାଲଟୁଛି। ଉପର ଓ ନିମ୍ନ ପାଚନତନ୍ତ୍ରରୁ ରକ୍ତସ୍ରାବ, ଅଗ୍ନାଶୟରେ ସମସ୍ୟା, ଷ୍ଟୋନ୍ ସମସ୍ୟା, ଜଣ୍ଡିସ, ବାରମ୍ବାର ଜ୍ୱର ଏବଂ ସେପ୍‌ସିସ୍ କାରଣରୁ ଉପୁଜୁଥିବା ଗୁରୁତର ସମସ୍ୟା, ଗମ୍ଭୀର ଅଲ୍‌ସର ଜନିତ ବେମାରୀ ଚିକିତ୍ସକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରୁଛି। ଏହିସବୁ ଜରୁରିକାଳୀନ ପରିସ୍ଥିତିକୁ ଠିକ ଢଙ୍ଗରେ ବୁଝିବା ସହ ଏହାର ସଫଳ ଚିକିତ୍ସା କରିବା ଏବେ ବଡ଼ ଆହ୍ୱାନ ପାଲଟିଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏମ୍‌ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ଶୁକ୍ରବାର 'ନୂଆ ନୂଆ ଉଭା ହେଉଥିବା ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟାଇନାଲ୍‌ଜନିତ ଜରୁରିକାଳୀନ ପରିସ୍ଥିତି: ପ୍ରମାଣ ଭିତ୍ତିକ ଉପାୟ' ଶୀର୍ଷକ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର ପ୍ରେସିଡେଣ୍ଟ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡିନ୍ ଡା. ପି. ଆର. ମହାପାତ୍ର, ଡା. ବିନୋଦ କୁମାର ପାତ୍ର, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡା. ଏସ୍.ସି. ସାମଲ, ଡା. ମାନସ କୁମାର ପାଣିଗ୍ରାହୀ, ଆଇଜିକେସି ହସ୍ପିଟାଲ ଏମ୍‌ଡି ତଥା ସମ୍ମିଳନୀ ଆୟୋଜନ କମିଟିର ସହ-ଅଧ୍ୟକ୍ଷ ଡା. ପି. ସି. ଦଳାଇ ପ୍ରମୁଖ ଉପସ୍ଥିତ ରହି ରୋଗ ଓ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘକାଳୀନ ଯକୃତ ରୋଗରେ ଆକ୍ରାନ୍ତ ରୋଗୀମାନେ କୋମା, ନିଶ୍ୱାସ ନେବାରେ ଗମ୍ଭୀର ସମସ୍ୟା ଓ ରକ୍ତସ୍ରାବ ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ରକ୍ତବାନ୍ତି, କଳା ଝାଡ଼ା ଏବଂ ଝାଡ଼ାରେ ରକ୍ତ ପଡ଼ିବା ଭଳି ସମସ୍ୟା ଦେଖା ଦେଇଥାଏ। ସମ୍ମିଳନୀରେ ଏହି ସମସ୍ତ ସମସ୍ୟାର ସମାଧାନ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାସ୍ଥ୍ୟସେବାର ବିଭିନ୍ନ ସ୍ତରରେ ରୋଗୀ ସେବାରେ ଉନ୍ନତି ଏବଂ ଗ୍ୟାଷ୍ଟ୍ରିକ ସମସ୍ୟା ଜନିତ ବିଭିନ୍ନ ଜରୁରିକାଳୀନ ପରିସ୍ଥିତି ପରିଚାଳନା ପାଇଁ ଯୁବ ଚିକିତ୍ସକ, ସର୍ଜନ ତଥା ମେଡିକାଲ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ସମ୍ମିଳନୀର ଲକ୍ଷ୍ୟ ବୋଲି ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଆସୋସିଏଟ୍ ପ୍ରଫେସର ତଥା ସମ୍ମିଳନୀ ଆୟୋଜକ କମିଟିର ଅଧ୍ୟକ୍ଷ ଡା. ମାନସ କୁମାର ପାଣିଗ୍ରାହୀ କହିଥିଲେ।



ଏମ୍‌ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ସମ୍ମିଳନୀକୁ ଉଦ୍‌ଘାଟନ ଅବସରରେ ବିଶେଷଜ୍ଞମାନେ।

## ସଂକ୍ଷେପରେ

### ୩ କୁଇଣ୍ଟାଲ ଲୁହାଛଡ଼ ଚୋରି

**ଯାଁଳା,୩।୩(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଗୁରୁବାର ବିଳମ୍ବିତ ରାତ୍ରରେ ଚୋରି ହୋଇଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ବ୍ରଜବିହାରୀ ସୁବୁଦ୍ଧି ଘର କାମ ପାଇଁ ୭ କୁଇଣ୍ଟାଲ ଲୁହାଛଡ କିଣି ରଖିଥିଲେ। ସବୁଦିନ ଭଳି ଘର ପାଖରେ ସାମଗ୍ରୀ ସବୁ ରହିଥିଲା। ହେଲେ ସକାଳୁ ବ୍ରଜବିହାରୀ ଉଠି ଦେଖିବା ବେଳେ ପ୍ରାୟ ୩ କୁଇଣ୍ଟାଲ ଛଡ଼ ଚୋରି ହୋଇଯାଇଥିଲା। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆସି ଉକ୍ତ ଛଡ଼ ଚୋରି କରି ନେଇଥିବା ସନ୍ଦେହ କରୁଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ବ୍ରଜବିହାରୀ ଚୋରି ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି।

### ବ୍ରାଉନସୁଗାର ବେପାରୀ ଗିରଫ

**ଜଟଣୀ,୩।୩(ଡି.ଏନ୍.ଏ.):** ବେଆଇନ ଭାବେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଟଣୀ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ୟୁନିଟ -୬, କ୍ୟାପିଟାଲ ହସ୍ପିଟାଲ ପଛ ପାଖ ହରିଜନ ବସ୍ତିର ଅଜୟ ଓରଫ ସୁକାନ୍ତ ନାୟକ(୨୭)। ଅଭିଯୁକ୍ତଙ୍କ ପାଖରୁ ୫.୩୫ ଗ୍ରାମର ବ୍ରାଉନସୁଗାର, ଏକ ମୋବାଇଲ ଫୋନ ଏବଂ ନଗଦ ୮୦୦ ଟଙ୍କା ଜବତ କରିଛି। ଏନେଇ ଏନଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୮୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବ୍ରାଉନସୁଗାର କାରବାର ବାବଦରେ ଖବରପାଇ ଜଟଣୀ ଥାନାର ସ୍ପେଶାଲ ଟିମ୍ ପୌରାଞ୍ଚଳ ଅନ୍ତର୍ଗତ ରେଲୱେ ଲୋକ କଲୋନୀସ୍ଥ ମା’ ଭଗବତୀଙ୍କ ମନ୍ଦିର ନିକଟରେ ଚଢ଼ାଉ କରିଥିଲା। ସେଠାରେ ବେଆଇନ ଭାବେ ଉକ୍ତ ଅଞ୍ଚଳରେ ନିଶା ଦ୍ରବ୍ୟ ବିକ୍ରି କରୁଥିବା ଯୁବକଙ୍କୁ କାବୁ କରିଥିଲା।

### ମଣିକର୍ଣ୍ଣିକେଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ

**ଜଟଣୀ,୩।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ମୁଣ୍ଡଳ ଗ୍ରାମର ପ୍ରସିଦ୍ଧ ଶ୍ରୀ ମଣିକର୍ଣ୍ଣିକେଶ୍ୱର ଦେବଙ୍କ ପୀଠରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍ଯାପିତ ହୋଇଛି। ଗତ ୨୮ ତାରିଖଠାରୁ ଏହି ଯଜ୍ଞ ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ବଳଭଦ୍ର ପଣ୍ଡା ଏବଂ କୁଳପୁରୋଧା ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ବୁଧବାର ବିଧିବଦ୍ଧ ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ହରିବୋଲ, ହୁଳହୁଳି, ଘଣ୍ଟ, କାହାଳି ଧ୍ୱନିରେ ଏକ କଳସ ଶୋଭାଯାତ୍ରାରେ ଆସିଥିଲେ। ପାରମ୍ପରିକ ରୀତିନୀତିରେ କଳସଗୁଡ଼ିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ଏବଂ କୁଳପୁରୋଧାଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ, ଅଙ୍କୁରାଧିବାସ, ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ। ପୂର୍ଣ୍ଣାହୁତିରେ ପ୍ରାୟ ୫ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୨୮ରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ନାମ ସଂକୀର୍ତ୍ତନ, ଭଜନ ସମାରୋହ ଅନୁଷ୍ଠିତ କରାଯାଇଥିଲା।

# କବାଡ଼ିଆ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

**ଖୋର୍ଦ୍ଧା ଅଫିସ,୩।୩**

ଖୋର୍ଦ୍ଧା ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟ ଏକ କବାଡ଼ିଆ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ବାଜପୁର ରୋଡ୍‌ରେ ଥିବା ଏହି ଗୋଦାମରେ ଭୟାବହ ଅଗ୍ନିକାଣ୍ଡରେ ବ୍ୟାପକ ଜିନିଷ ଜଳିପୋଡି ପାଉଁଶ ହୋଇଯାଇଛି। ଏଥିସହିତ ୭ରୁ ୮ଟି ବାଇକ୍ ସହ ଗୋଟିଏ ଟାଟା ଏସିଇ ଗାଡ଼ି ମଧ୍ୟ ଜଳିଯାଇଛି। ଗୋଟିଏ ପଟେ ଜଙ୍ଗଲ, ଅନ୍ୟପଟେ ନିକଟରେ ଗ୍ରାମାଞ୍ଚଳ ରହିଥିବାରୁ ଗ୍ରାମକୁ ନିଆଁ ମାଡିଯିବା ନେଇ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ ଟିମ୍ ପହଞ୍ଚି ଲାଇନ୍ କାଟିଥିଲେ। ସେପଟେ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲା। ଏଥିସହ ବନ ବିଭାଗ ଟିମ୍ ମଧ୍ୟ ପହଞ୍ଚି ଯେପରି ଜଙ୍ଗଲକୁ ନିଆଁ ନ ବ୍ୟାପିବ ସମସ୍ତ ସରଞ୍ଜାମ ଧରି ସଜାଗ ରହିଥିଲା। ପରେ ଜିଲା ପ୍ରଶାସନ ଏବଂ ପୋଲିସ ଟିମ୍ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟରେ ଅବୁଲ କମ୍ପାନୀ ନାମକ ଏକ ପ୍ଲାଷ୍ଟିକ କବାଡ଼ିଆ ଗୋଦାମ ରହିଛି। ଏଥିରେ ପ୍ରାୟ ଲକ୍ଷାଧିକ ଟଙ୍କା କବାଡିଆ ପ୍ଲାଷ୍ଟିକ ଗଚ୍ଛିତ ହୋଇ ରହିଥିବା ଜଣାପଡିଛି। ଏଠାରେ ଦୈନିକ ୧୦ରୁ ୧୫ଜଣ ଶ୍ରମିକ କାମ କରୁଥିବା ବେଳେ ଶୁକ୍ରବାର ସକାଳ ୮ଟାରେ ପହଞ୍ଚି କାମରେ ଲାଗିଥିଲେ। ମଧ୍ୟାହ୍ନ ୧୨ଟାରେ ଗୋଦାମର ଗୋଟିଏ ପାର୍ଶ୍ୱରୁ ନିଆଁ ଜଳୁଥିବା, ଧୂଆଁ ବାହାରୁଥିବା ସେମାନେ ଦେଖିଥିଲେ। ଭୟରେ ସମସ୍ତେ ଅନ୍ୟ ରାସ୍ତା ଦେଇ ବାହାରକୁ ଚାଲିଯାଇଥିଲେ। ବଡ଼ ଗୋଦାମ ହୋଇଥିବାରୁ କ୍ଷଣିକ ମଧ୍ୟରେ ନିଆଁବ୍ୟାପୀ ଗୋଦାମର ଚାରିପଟେ ଲାଗିଯାଇଥିଲା। ଏହାର ପ୍ରକୋପ ଏତେ ତୀବ୍ର ଥିଲା ଯେ, ହୁ ହୁ ହୋଇ ଜଳିବାକୁ ଲାଗିଲା। ଗୋଦାମରେ ଅଧିକ ପ୍ଲାଷ୍ଟିକ ସାମଗ୍ରୀ ରହିଥିବାରୁ ନିଆଁଧାସ ବହୁ ଉପରକୁ ଉଠିଥିଲା। ଆକାଶ ପୂରା ଧୂଆଁମୟ ହୋଇଯାଇଥିଲା। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ପରେ ବେଗୁନିଆ, ଜଟଣୀ, ଭୁବନେଶ୍ୱରରୁ ମଧ ପ୍ରାୟ ୧୦ ଗାଡ଼ି ପହଞ୍ଚିଥିଲା। ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ। ପ୍ରାୟ ୬ଘଣ୍ଟା ପରେ ଅର୍ଥାତ୍ ସନ୍ଧ୍ୟା ୬ଟାରେ ସ୍ଥିତି ସ୍ୱାଭାବିକ ହେଇଥିଲା। ନିଆଁର ଭୟାବହତା ଏତେ ତୀବ୍ରତର ଥିଲା ଯେ, ଅଗ୍ନିଶମ କର୍ମଚାରୀଙ୍କୁ ନିଆଁକୁ ଆୟତ୍ତ କରିବା ଲାଗି ନାକେଦମ ହେବାକୁ ପଡିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ତହସିଲଦାର ବିବାଶ ପାଣିଗାହୀ, ସଦର ଏସଡିପିଓ ଦିଲୀପ ଦାସ, ଟାଉନ ଥାନାଧିକାରୀ ତାରିକ ଅହମ୍ମଦଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେପଟେ ନିଆଁଧାସ ଉଡି ନିକଟ ବରୁଣେଇ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନାକୁ ଏଡାଇବା ଲାଗି ଖୋର୍ଦ୍ଧା ବନଖଣ୍ଡ ଏସିଏଫ୍ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବନ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଫରେଷ୍ଟର ସାଧୁ ମହାନ୍ତି, ଫରେଷ୍ଟଗାର୍ଡ ବିକ୍ରମ ଜେନାଙ୍କ ସମେତ ଫାୟାର ୱାଚର, ବନ୍ୟଜନ୍ତୁ ପାରାଷ୍ଟାଫ ଆଦି ୨୦ଜଣ ଷ୍ଟାଫ୍ ପହଞ୍ଚି ନିଆଁ କୁହୁଳିଥିବା ସ୍ଥାନରେ ଫାୟାର ବ୍ଲୋୟର ମାଧ୍ୟମରେ ଆୟତ୍ତ କରିଥିବା ବନ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।


ବରୁଣେଇ ପାହାଡ଼ ନିକଟ ଏକ କବାଡିଆ ଗୋଦାମରେ ନିଆଁ ଲାଗିଯାଇଛି।

### ଲକ୍ଷାଧିକ ଟଙ୍କାର ସାମଗ୍ରୀ, ୯ ଗାଡ଼ି ଜଳିଗଲା

ଗୋଦାମରେ ନିଆଁ ଲାଗିବାର କାରଣ ଜଣାପଡ଼ିନି। ପ୍ରାୟ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ ସାମଗ୍ରୀ ଜଳିଯାଇଛି। ଏଠାରେ ପ୍ଲାଷ୍ଟିକ ସାମଗ୍ରୀକୁ ରିସାଇକ୍ଲିଂ କରି ବାହାର ରାଜ୍ୟକୁ ପଠାଯାଉଛି। ଦୀର୍ଘ ବର୍ଷ ଧରି ଏହି ୟୁନିଟ୍ କାମ କରୁଛି।

**ଅନସର, ଗୋଦାମ ମାଲିକଙ୍କ ପୁଅ**

ନିଆଁକୁ ଆୟତ୍ତ କରିବା ଲାଗି ଅଗ୍ନିଶମ ଟିମ୍ ସହିତ ବନ ବିଭାଗ ଟିମ୍ ମଧ୍ୟ ଜଙ୍ଗଲରେ ସଜାଗ ରହିଛନ୍ତି। ନିକଟବର୍ତ୍ତୀ ବସ୍ତି ଉପରେ ନଜର ରଖାଯାଇଛି। ସେଠାରେ ପ୍ରଶାସନ, ପୋଲିସ ଅଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଗଢି ଉଠିଥିବା କୋଠା, ଫାର୍ମହାଉସ, ଗୋଦାମ ଘର ଥିଲେ ଏହାକୁ ଉଚ୍ଛେଦ କରାଯିବ।

**କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲାପାଳ**

ନିଆଁକୁ ଆୟତ୍ତ କରିବା ଲାଗି ଖୋର୍ଦ୍ଧା ଟିମ୍‌କୁ ସହଯୋଗ କରିବା ଲାଗି ଅନ୍ୟ ସ୍ଥାନର ଟିମ୍ ପହଞ୍ଚିଥିଲେ। ତେବେ ନିଆଁ ଲାଗିଲା ନା କିଏ ଲଗାଇଦେଲା ତା’ର ତଦନ୍ତ କରାଯିବ।

**ସିଦ୍ଧାର୍ଥ କଟାରିଆ, ଏସ୍‌ପି**

ଅଗ୍ନିକାଣ୍ଡ ଖବରପାଇ ତୁରନ୍ତ ଏକ ଟିମ୍ ପହଞ୍ଚି ପରିସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଥିଲା। ବିଭାଗ ପକ୍ଷରୁ ନିଆଁ ଲିଭାଇବା ଯନ୍ତ୍ର ଧରି ନିଆଁ ଲାଗିବା ସମ୍ଭାବନା ଥିବା ସ୍ଥାନରେ ଗ୍ୟାସ୍ ମାଧ୍ୟମରେ ଲିଭାଯାଇଥିଲା। ଫାୟାର ୱାଚର ଓ ବନ୍ୟଜନ୍ତୁ ପାରା ଷ୍ଟାଫ୍‌କୁ ନିୟୋଜିତ କରାଯାଇଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

**ଜୟକୃଷ୍ଣ ପଣ୍ଡା, ଖୋର୍ଦ୍ଧା ବନ ଅଧିକାରୀ**

### ଶବ୍ଦ ପ୍ରଦୂଷଣକାରୀ ୨ ବାଇକ୍ ଜବତ, ଜଣେ ଗିରଫ

**ବାଲୁଗାଁ,୩।୩(ଡି.ଏନ୍.ଏ.)**

ବାଲୁଗାଁ ଅଞ୍ଚଳରେ କିଛିଦିନ ହେଲା ଦ୍ରୁତଗତିରେ ବାଇକ୍ ଚାଳନା ସହ ସାଇଲେନ୍ସରେ ଗୁଳିଫୁଟିବା ପରି ଶବ୍ଦ କରି ଚଳାଉଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପୋଲିସ୍‌ରେ ଅଭିଯୋଗ ହୋଇଥିଲା। ତେବେ ବାଲୁଗାଁ ପୋଲିସ ଗୁରୁବାର ରାତ୍ରିରେ ଚଢ଼ାଉ କରି ଶବ୍ଦ ପ୍ରଦୂଷଣ କରି ଦ୍ରୁତ ଗତିରେ ଯାଉଥିବା ଏକ ବୁଲେଟ୍ ଓ ଆଉ ଏକ ଦାମୀ ବାଇକ୍‌କୁ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଦୁଇ ଚାଳକଙ୍କ ମଧ୍ୟରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉ କି, ରାସ୍ତାରେ ବାଇକ୍ ଚାଳନାବେଳେ ପ୍ରଚଣ୍ଡ ଶବ୍ଦ ଯୋଗୁ ପଥଚାରୀଠାରୁ ଆରମ୍ଭ କରି ଅନ୍ୟ ଯାନବାହନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ ହେବା ପରେ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସ୍ଥାନୀୟ ଚକ୍ରଧରପୁର ସାହିର ବିଭୂତି ସାହୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବ୍ୟବହୃତ ବୁଲେଟ୍ ଗାଡ଼ି ଏବଂ ଅନ୍ୟ ଏକ ସ୍ଥାନରୁ ଏକ ବାଇକ୍ ଜବତ କରିଥିଲେ। ତେବେ ସମ୍ପୃକ୍ତ ବାଇକ୍ ଚାଳକ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନଂ.୫୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଗାମୀ ଦିନରେ ଏହିପରି ଶବ୍ଦ ପ୍ରଦୂଷଣକାରୀ ଏବଂ ଦ୍ରୁତ ବାଇକ୍ ଆରୋହୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାସ ପ୍ରକାଶ କରିଛନ୍ତି ।

# ବାଣପୁରର ବିଭିନ୍ନ ସ୍କୁଲ ବୁଲିଲେ ଜିଲାପାଳ


ବାଣପୁର ବ୍ଲକ୍ ଅଞ୍ଚଳର ଏକ ବିଦ୍ୟାଳୟକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରିଦର୍ଶନ କରୁଛନ୍ତି।

**ବାଣପୁର/ଗମ୍ଭାରୀମୁଣ୍ଡା, ୩।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ଅଚାନକ ବାଣପୁରରେ ପହଞ୍ଚି ଥିଲେ। ବାଣପୁର ବ୍ଲକ ଏବଂ ଏନ୍‌ଏସିରେ ଥିବା ବିଭିନ୍ନ ସ୍କୁଲ, ଯାହାକି ୫-ଟିରେ ସାମିଲ ହୋଇଛି, ସେସବୁ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ତେବେ ତନ୍ମଧ୍ୟରୁ ବାଣପୁର ବିଜ୍ଞାପିତ ଅଞ୍ଚଳରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଣପୁର ବ୍ଲକର ମାଣିକପୁରସ୍ଥିତ ଶାଳିଆ ବିଦ୍ୟା ନିକେତନ, ଅଲାଇଡିହସ୍ଥିତ ପଦ୍ମଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣତସ୍ଥିତ ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ସିରେଇପୁରସ୍ଥିତ ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବାଙ୍କିଆପଲ୍ଲିସ୍ଥିତ ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ଆଦି ପରିଦର୍ଶନ କରିଥିଲେ। ୫-ଟି ନିମିତ୍ତ ଆସିଥିବା ଅନୁଦାନରେ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପଗୁଡିକର ତଦାରଖ ମଧ୍ୟ କରିଥିଲେ। ତେବେ କେତେକ ପ୍ରକଳ୍ପକୁ ଯଥାଶୀଘ୍ର ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖଣତ ୟୁଜି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ୟୁନିଫର୍ମ ପରିଧାନ କରି ନ ଥିବାରୁ ଏବଂ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଇଓ ସନାତନ ଜାଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜିଲାପାଳ ବାଣପୁର ଏନ୍‌ଏସିରେ ଡ୍ରେନେଜ ନିର୍ମାଣ, ବାଇପାସ୍‌ରୁ ନନ୍ଦପୁର ପର୍ଯ୍ୟନ୍ତ ନୂତନ ଷ୍ଟ୍ରିଟ୍‌ଲାଇଟ ସ୍ଥାପନ ଏବଂ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରୋଡ ମରାମତି ବିଷୟରେ ଗୁରୁତ୍ୱ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବାଣପୁର ବିଡିଓ ବୁଲବୁଲ ବେହେରା, ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମିଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

### ଟଙ୍କା ନେଇ ଜମି ନ ଦେବା ଅଭିଯୋଗରେ ଜଣେ ଗିରଫ

**ବାରଙ୍ଗ,୩।୩(ଡି.ଏନ୍.ଏ.)**

ଜମି ଦେବାକୁ ଟଙ୍କା ନେଇ ଚୁକ୍ତି ମୁତାବକ ଜମି କିମ୍ବା ଟଙ୍କା ନ ଫେରାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟଙ୍କପାଣି ରୋଡ଼ ପାଣ୍ଡବ ନଗରରେ ରହୁଥିବା ଶକ୍ତି ଡେଭଲପର୍ସର ମ୍ୟାନେଜିଂ ଡାଇରେକ୍ଟର ରମେଶ ଚନ୍ଦ୍ର ମହାପାତ୍ର(୭୦)। ଏନେଇ ପୋଲିସ ଏକ ମାମଲା (ନଂ. ୧୧୯/୧୯) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ୨୦୧୯ରେ ସରକାରୀ ଚାକିରିରୁ ଅବସରପ୍ରାପ୍ତ ଶୈଳଶ୍ରୀବିହାରର ଅତୁଲ୍ୟ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ସହ ରମେଶଙ୍କ ପରିଚୟ ଥିଲା। ଏହି ସୁଯୋଗରେ ରମେଶ ତାଙ୍କୁ ଫସାଇ ଜମି ବ୍ୟବସାୟରେ ଟଙ୍କା ଲଗାଇବାକୁ ପ୍ରବର୍ତ୍ତାଇ ଥିଲେ। ଅଧିକ ଲାଭ ଆଶା ଦେଖାଇ ଅତୁଲ୍ୟଙ୍କଠାରୁ ୧୯ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ସମୟରେ ରମେଶ ଏବଂ ଅତୁଲ୍ୟଙ୍କ ସ୍ତ୍ରୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲ। ଚୁକ୍ତି ମୁତାବକ, ୧୫୦୦ ସ୍କୋୟାର ଫୁଟର ଏକ ଜମି ଅତୁଲ୍ୟଙ୍କ ନାମରେ ରେଜିଷ୍ଟ୍ରି କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଯଦି ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ତାଙ୍କ ନାମରେ ଜମି ରେଜିଷ୍ଟ୍ରି ନ କରିପାରନ୍ତି ତା’ ହେଲେ ଟଙ୍କା ଫେରାଇ ନେବାକୁ ଅତୁଲ୍ୟଙ୍କୁ ଏକ ଚେକ୍ ମଧ୍ୟ ଦେଇଥିଲେ। ପରେ ଚୁକ୍ତି ଅନୁଯାୟୀ ଜମି ରେଜିଷ୍ଟ୍ରି ନ ହୋଇପାରିବାରୁ ଅତୁଲ୍ୟ ବ୍ୟାଙ୍କରେ ଚେକ୍ ଲଗାଇଥିଲେ ମଧ୍ୟ ଚେକ୍‌ଟି ବାଉନ୍ସ ହୋଇଯାଇଥିଲା।

# ବରୁଣେଇ ଉପର ପାହାଡ଼ରେ ନିଆଁ

**ଖୋର୍ଦ୍ଧା ଅଫିସ,୩।୩**

ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟ ଏକ ପ୍ଲାଷ୍ଟିକ ଗୋଦାମରେ ଶୁକ୍ରବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ବେଳେ ସନ୍ଧ୍ୟାରେ ବରୁଣେଇ ପୀଠ ଉପର ପାହାଡ଼ ଜଙ୍ଗଲରେ ନିଆଁ ଲାଗିଛି। ଖବର ଲେଖାହେବା ସୁଦ୍ଧା ଉପର ପାହାଡ ଜଙ୍ଗଲରେ ନିଆଁ ବଢୁଥିବା ଜଣାପଡିଛି। ଖବରପାଇ ବନ ବିଭାଗର ଏକ ଟିମ୍ ବରୁଣେଇ ପୀଠ, ଗଡ଼ଖୋର୍ଦ୍ଧା ପଟୁ ଜଙ୍ଗଲ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ତେବେ ନିଆଁ କିପରି ଲାଗିଲା, ଅଥବା କେହି ଦୁର୍ବୃତ୍ତ ପାହାଡ଼ ବୁଲିବାକୁ ଆସି ବିଡି, ସିଗାରେଟ ଲଗାଇ ଫୋପାଡି ଦେବା ଫଳରେ ନିଆଁ ଲାଗିଥିବା ବନ ବିଭାଗର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ତେବେ ପୀଠ ପଟୁ ପାହାଡ ଉପରକୁ ଯିବାକୁ କୌଣସି ବାଟ ନ ଥିବାରୁ ବନ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡିଛି।

ମିଳିଥିବା ସୂଚନା ପ୍ରକାରେ, ମାର୍ଚ୍ଚରୁ ପ୍ରଚଣ୍ଡ ଖରା ଅନୁଭୂତ ହେଉଛି। ଏହି ସମୟରେ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ରହୁଛି। ପ୍ରତିବର୍ଷ ବରୁଣେଇ ଜଙ୍ଗଲରେ ନିଆଁ ଲାଗିଥାଏ। ବରୁଣେଇ ଏକ ଜଙ୍ଗଲ ହୋଇଥିବା ବେଳେ ଖରାଦିନେ ଅନେକ ବୃକ୍ଷ ପତ୍ରଝଡା ଦେଇଥିବା ବେଳେ ବହୁ ଗଛପତ୍ର ଶୁଖି ଗଲାଣି। ଫଳରେ ନିମ୍ନଭାଗରେ ହେଉ ଅଥବା ଉପର ମୁଣ୍ଡରେ କେହି ନିଆଁ ଲଗାଇ ଦେଲେ ଏହା ସହଜରେ ବ୍ୟାପିବାର ସମ୍ଭାବନା ଅଧିକ ରହିଛି। ତେବେ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ କୌଣସି କାରଣରୁ ପାହାଡ଼ ଉପର ଭାଗରେ ନିଆଁ ଲାଗିଯାଇଥିବା ବେଳେ ବନ ବିଭାଗ ଟିମ୍ ଲିଭାଇବାକୁ ଚେଷ୍ଟା ଜାରିରଖିଛି। ଏ ନେଇ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ବରୁଣେଇ ପୀଠ ଉପର ପାହାଡରେ ନିଆଁ ଲାଗିଥିବା ଖବରପାଇବା ପରେ ତୁରନ୍ତ ଟିମ୍ ଜଙ୍ଗଲକୁ ପଠାଯାଇଛି। ନିଆଁକୁ ନିୟନ୍ତ୍ରଣ ଲାଗି ପ୍ରଚେଷ୍ଟା ଚାଲିଛି। ବରୁଣେଇ ବଡ଼ ଜଙ୍ଗଲ ହୋଇଥିବାରୁ ଖରାଦିନ ଆସିଲେ, ନିଆଁ ଦାଉରୁ ରକ୍ଷା କରିବା ଲାଗି ବ୍ୟାପକ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ଜଙ୍ଗଲରେ ଫାୟାର ଲାଇନ କଟାଯାଇଛି। ଏଥିସହିତ ସଂରକ୍ଷିତ ଏବଂ ଡିପିଏଫ୍ ଜଙ୍ଗଲରେ ଫାୟାର ୱାଚର, ବନ୍ୟଜନ୍ତୁ ପାରା ଷ୍ଟାଫ୍‌ଙ୍କ ସମେତ ଜଙ୍ଗଲ ରାତ୍ରି ଜଗୁଆଳି କର୍ମଚାରୀ ନିୟୋଜିତ ରହିଛନ୍ତି। ସ୍ୱତନ୍ତ୍ର ଟିମ୍ ୨୪ ଘଣ୍ଟା ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ପଇଁତରା ମାରୁଛନ୍ତି। ନିଆଁ ଲିଭା ମେସିନ ମହଜୁଦ ରଖାଯାଇଛି। କୌଣସି ପରିସ୍ଥିତିରେ ମଧ୍ୟ ଜଙ୍ଗଲରେ ନିଆଁ ଲାଗିଲେ, ଆୟତ୍ତ କରିବା ଲାଗି ବନ ବିଭାଗ ଟିମ୍ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି।

### ନିଆଁ ଲାଗିବାର କାରଣ ଅସ୍ପଷ୍ଟ

# ଚଳିତବର୍ଷ ୦.୫୨ ମିଲିୟନ ଟନ୍ ଅଧିକ ମାଲ୍ ପରିବହନ

**ଜଟଣୀ, ୩।୩(ଡି.ଏନ୍.ଏ.)**



ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଫେବୃୟାରୀ -୨୦୨୩ରେ ଡିଭିଜନ୍‌ର ବିଭିନ୍ନ ଲୋଡିଂ ପଏଣ୍ଟରୁ ୧୨.୫୯ ମିଲିୟନ ଟନ୍ ମାଲ୍ ପରିବହନ କରିଛି, ଯାହା ଗତ ଆର୍ଥିକ ବର୍ଷ ଅର୍ଥାତ୍ ଫେବୃୟାରୀ ୨୦୨୨ ତୁଳନାରେ ୦.୫୨ ମିଲିୟନ ଟନ୍ ଅଧିକ। ଫେବୃୟାରୀ ୨୦୨୩ରେ ତାଳଚେର, ପାରାଦୀପ, ଧାମରା, ନୟାଗଡ଼, ମେରାମଣ୍ଡଳି, ସୁକିନ୍ଦା, ଟମକା ଇତ୍ୟାଦି ବିଭିନ୍ନ ଲୋଡିଂ ପଏଣ୍ଟରୁ ବିଭାଗ ଦ୍ୱାରା ଦିନକୁ ହାରାହାରି ୧୨୧.୧ ର୍‍ୟାକ୍ ମାଲ୍ ପରିବହନ କରାଯାଇଛି। କୋଇଲା, ଲୁହାପଥର, ସାର, ପେଟ୍ରୋଲିୟମ, ବିଭିନ୍ନ ପାୱାର ହାଉସ୍, ଉତ୍ପାଦନକାରୀ କମ୍ପାନୀ, ଉତ୍ପାଦନ ୟୁନିଟ୍ ଏବଂ ଇଣ୍ଡଷ୍ଟ୍ରିଜ୍ ପାଇଁ ଉତ୍ପାଦ, କଞ୍ଚାମାଲ ଇତ୍ୟାଦି ତାଳଚେର, ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରରୁ ଦିନକୁ ୫୦୯୪ ୱାଗନ୍ କୋଇଲା ଏବଂ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୩୧୦ ୱାଗନ୍ କଞ୍ଚାମାଲ୍‌ର ପରିବହନ ଏକ ରେକର୍ଡ ବ୍ରେକିଂ ଲୋଡିଂ କରାଯାଇଥିଲା। ପାରାଦୀପ ବନ୍ଦର ପ୍ରତିଦିନ ୨୬.୪ ର୍‍ୟାକ୍ ଲୋଡିଂକରି ରେକର୍ଡ କରିଛି। ଚଳିତ ଆର୍ଥିକ ବର୍ଷରେ ଅର୍ଥାତ୍ ୧ ଏପ୍ରିଲ୍ ୨୦୨୨ରୁ ୨୮ ଫେବୃୟାରୀ ୨୦୨୩ ପର୍ଯ୍ୟନ୍ତ ଡିଭିଜନ୍ ୧୪୦.୮ ମିଲିୟନ ଟନ୍ ମାଲ୍ ପରିବହନ କରିଛି, ଯାହା ଗତ ଆର୍ଥିକ ବର୍ଷର ଲୋଡିଂ ତୁଳନାରେ ୧.୬୬ ପ୍ରତିଶତ ଅଧିକ। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ଲାଗି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ମଧ ନୂତନ ମାଇଲଖୁଣ୍ଟ ହାସଲ କରିବାକୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଉଦ୍ୟମ ଜାରି ରଖିବ ବୋଲି ସେ କହିଛନ୍ତି।

# ବେଗୁନିଆ ପାଇଁ ଗୌରବ ଯୁବ ଚାଷୀ ସୁରେଶ

**ବେଗୁନିଆ,୩।୩(ଡି.ଏନ୍.ଏ.)**

- ଚାକିରି ଆଶା ଛାଡ଼ି ସମନ୍ୱିତ ଚାଷ କରିଛନ୍ତି
- ରାଜ୍ୟସ୍ତରୀୟ କୃଷି ଓଡ଼ିଶା-୨୦୨୩ରେ ସମ୍ମାନିତ



କୃଷକ ମେଳାରେ ଚାଷୀ ସୁରେଶ କୁମାର ମହାପାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଅନେକ ଯୁବପିଢ଼ି ଏବେ ଚାକିରି ନିଶାରେ ନ ପଡ଼ି ଆତ୍ମନିର୍ଭରଶୀଳ ହେବାକୁ ଇଚ୍ଛା କରୁଛନ୍ତି। ବହୁ ପାଠ ପଢ଼ିବା ସହ ବଡ଼ ଚାକିରି କରିଥିଲେ ମଧ୍ୟ ନିଜ ଚେଷ୍ଟାରେ କରିଥିବା ବ୍ୟବସାୟ, ଚାଷରୁ ଅଧିକ ଆୟ କରିବା ସହ ଅନ୍ୟକୁ ରୋଜଗାରକ୍ଷମ ମଧ୍ୟ କରିପାରୁଛନ୍ତି। ଏଭଳି ଜଣେ ଯୁବକ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡି ଗ୍ରାମର ଯୁବ ଚାଷୀ ସୁରେଶ କୁମାର ମହାପାତ୍ର(୩୦)। ସେ ସମନ୍ୱିତ ଚାଷ କରି ଆତ୍ମନିର୍ଭରଶୀଳ ହେବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ପାଠ ପଢ଼ି ଚାକିରି କରିବା ନିଶା ଛାଡ଼ି ସେ ସମନ୍ୱିତ ଚାଷକୁ ଆପଣେଇ ନେଇଥିଲେ। ଏହି ଚାଷ କରି ମାସକୁ ସେ ୩୦ ହଜାର ଟଙ୍କା ରୋଜଗାର ସକ୍ଷମ ହୋଇଛନ୍ତି। ସୁରେଶଙ୍କୁ କୃଷି କ୍ଷେତ୍ରରେ ପାରଦର୍ଶିତା ପାଇଁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷିମେଳା-୨୦୨୩ ଉତ୍ସବରେ ସମ୍ମାନିତ କରାଯାଇଛି। ବିଭାଗୀୟ ମନ୍ତ୍ରୀ, ରାଜ୍ୟପାଳ ଏବଂ ବିଭଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କଠାରୁ ନଗଦ ୧୦ହଜାର ଟଙ୍କା ଏବଂ ମାନପତ୍ର ପାଇଛନ୍ତି। ସେ ନିଜକୁ ଉତ୍ସାହିତ କରିବା ସହ ବ୍ଲକ କୃଷି ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ଏହାଦ୍ୱାରା ସେ ବେଗୁନିଆ ଅଞ୍ଚଳ ତଥା ଯୁବସମାଜ ପାଇଁ ଗୌରବ ପାଲଟିଛନ୍ତି।

କ୍ଷୀରୋଦ ମହାପାତ୍ରଙ୍କ ପୁଅ ସୁରେଶ ୨୦୦୪ରେ ମାଟ୍ରିକ ପାସ୍ କରିବା ପରେ ପରିବାର ପ୍ରତିପୋଷଣ ଚିନ୍ତା ଘାରିଥିଲା। ୪ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚାକିରି ପାଇଁ ଖୋଜି ଶେଷରେ ୨୦୦୮ରେ ସେ ସମନ୍ୱିତ ଚାଷକୁ ଆପଣେଇ ନେଇଥିଲେ। ପାରିଶ୍ରମିକକୁ ଖାତିର ନ କରି କୃଷି କ୍ଷେତରେ ଅକ୍ଳାନ୍ତ ପରିଶ୍ରମ କରି ଚାଲିଥିଲେ। ସେ ୨୦ଏକର ଜମିରେ ଧାନଠାରୁ ଆରମ୍ଭ କରି ମୁଗ, ବିରି, ମକା, ସୂର୍ଯ୍ୟମୁଖୀ, ମାଣ୍ଡିଆ, କାକୁଡି, ଭେଣ୍ଡି ଏବଂ ଜହ୍ନି ଚାଷ କରୁଥିଲେ। ଏଥିସହ ଏକ ପୋଖରୀ କରି ମାଛ ଚାଷ କରିବା ସହିତ କୁକୁଡ଼ା ଫାର୍ମ ମଧ୍ୟ କରିଛନ୍ତି। ସେ ଏବେ ନିଜେ ରୋଜଗାରକ୍ଷମ ହେବା ସହ ୪ଜଣଙ୍କୁ ରୋଜଗାର ଦେଇ ତାଙ୍କ ପରିବାର ପାଇଁ ସାହାରା ପାଲଟିଯାଇଛନ୍ତି। ତେବେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷିମେଳାରେ ସୁରେଶଙ୍କୁ ସମ୍ମାନିତ ପାଇଁ ଚୟନ କରାଯାଇଥିଲା। ପରେ କୃଷିମେଳାରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟପାଳ ଗଣେଶୀ ଲାଲ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ ପାଢ଼ୀ, ଡାଇରେକ୍ଟର ପ୍ରେମଚନ୍ଦ୍ର ଚୌଧୁରୀଙ୍କ ସମେତ ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସୁରେଶଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସେଠାରେ ସେ ଆଧୁନିକ ଯନ୍ତ୍ରପାତି ଉପରେ ଶିକ୍ଷାଲାଭ କରିଥିଲେ। ସେହିପରି ସୁରେଶ ସଫଳ ଚାଷୀ ଭାବେ ୨୦୧୩ରୁ ବ୍ଲକ, ଜିଲା, ରାଜ୍ୟ ଓ ବାହାର ରାଜ୍ୟରୁ ଅନେକଥର ସମ୍ମାନିତ ହୋଇଛନ୍ତି। ତେବେ ଯୁବପିଢି ସମନ୍ୱିତ ଚାଷକୁ ଆପଣେଇ ପାରିଲେ ସେମାନେ ମଧ୍ୟ ମୋ ଭଳି ଭଲ ରୋଜଗାରକ୍ଷମ ହୋଇପାରିବେ ବୋଲି ସୁରେଶ କହିଛନ୍ତି।

## ସଂକ୍ଷେପରେ

### ଚୋରି ଘଟଣାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଖୁଣ୍ଟୁଣୀ,୩।୩(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ଗ୍ରାମ ପାର୍ଶ୍ୱ ଏକ ପରିତ୍ୟକ୍ତ କାରଖାନାରୁ ତମ୍ବା ଓ ଲୁହା ସ୍କ୍ରାପ ଚୋରି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା କପୁରସିଂ ଗ୍ରାମର ଜଗନ ଘଡେଇ ଓ ଜିତୁ ପ୍ରଧାନ। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣ ଫେରାର ଅଛନ୍ତି। ଜଗନ ଓ ଜିତୁ ପ୍ରତିଦିନ ରାତିରେ କେତେଜଣ ସହଯୋଗୀଙ୍କ ସହିତ ମିଶି ଗ୍ୟାସ୍ କଟରରେ ତମ୍ବା ଓ ଲୁହା ଖଣ୍ଡ କାଟି ଗାଡିରେ ଚାଲାଣ କରୁଥିଲେ। ମାଲିକଙ୍କ ପକ୍ଷରୁ ମାହାଙ୍ଗା ଥାନା ଅଧୀନ ସାହାପୁର ଗ୍ରାମର ମକର ସାହୁ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୮/୨୩) ରୁଜୁ କରିଥିଲା।

### ୫ରେ ବରିଷ୍ଠ ନାଗରିକ ପେନ୍ସନରଙ୍କ ସମ୍ମିଳନୀ

**କଟକ ଅଫିସ, ୩।୩:** ରାଜ୍ୟ ସରକାରୀ ପେନ୍ସନରମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହା ବିରୋଧରେ ବରିଷ୍ଠ ନାଗରିକ ପେନ୍ସନରମାନଙ୍କ ସମ୍ମିଳନୀ ଆସନ୍ତା ୫ ତାରିଖରେ କଟକ ଯୋବ୍ରା ରୋଡସ୍ଥିତ ଏସ୍.ଏନ୍. ସରକାର ସ୍ମୃତି ଭବନରେ ଅନୁଷ୍ଠିତ ହେବ। ଏଥିରେ ପେନ୍ସନ୍‌ଭୋଗୀଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ୬୫ ବର୍ଷରୁ ଅତିରିକ୍ତ ପେନ୍ସନ୍, ପେନ୍ସନ୍ ନିର୍ଦ୍ଧାରଣରେ ଥିବା ତ୍ରୁଟି ସଂଶୋଧନ, କମ୍ୟୁଟେସନ ଦେୟ ପରିଶୋଧର ଅବଧି ୧୨ ବର୍ଷକୁ ହ୍ରାସ, ରେଳ ଯାତ୍ରାରେ ରହାତି ପୁନର୍ବାର ଚାଲୁ କରିବା ପ୍ରସଙ୍ଗ ଉପରେ ଆଲୋଚନା ହେବ। ଏଥିରେ ରାଜ୍ୟ ମହାସଂଘର ନେତୃତ୍ୱମାନଙ୍କ ସହିତ ନୂଆବଜାର, ଖପୁରିଆ, ସିଡିଏ, ୪୨ ମୌଜା, ବେଲେଶ୍ୱର ଓ ଯୋବ୍ରା ଜଗତପୁର ଜୋନ୍‌ର ବରିଷ୍ଠ ପେନ୍ସନରମାନେ ଯୋଗଦେବେ ବୋଲି ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଯୋବ୍ରା ଜଗତପୁର ଜୋନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ ଏକ ପ୍ରେସ୍ ବିବୃତିରେ ଶୁକ୍ରବାର ସୂଚନା ଦେଇଛନ୍ତି।

### ରାଧାମୋହନଜୀଉଙ୍କ ଦୋଳ ମେଳଣ

**ଚୌଦ୍ୱାର,୩।୩(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଓଟିଏମ୍ କଲୋନୀରେ ରାଧାମୋହନଜୀଉଙ୍କ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଧା ମୋହନ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ୨ଦିନ ଧରି ଅନୁଷ୍ଠିତ ଉତ୍ସବରେ ଠାକୁର ଘର ଘର ବୁଲି ଭୋଗ ଖାଇବା ପରେ ଶୋଭାଯାତ୍ରାରେ ଓଟିଏମ୍ କଲୋନି ପରିକ୍ରମା କରାଯାଇଥିଲା। ୪ଟି ବିମାନ ଦୋଳ ପଡ଼ିଆରେ ପହଞ୍ଚିବା ପରେ ମେଳଣ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି, କାଉନସିଲର ବିନୋଦିନୀ ରାଉତରାୟ, ଦିଲୀପ ସାହୁ, ଆଶୁତୋଷ ଦାସ, ବିଜୟ କୁମାର ସାହୁ, ପୂର୍ବତନ କାଉନସିଲର ମନୋଜ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଟୁକୁ ପ୍ରଧାନ, ଲୋକନାଥ ସାହୁ, ଭାସ୍କର ଚନ୍ଦ୍ର ରାଉତରାୟ, ପ୍ରମୋଦ ଜେନା, ଅଶ୍ୱିନୀ କୁମାର ଜେନା, ଦୁଲାଳସେନ ସ୍ୱାଇଁ, ଭୀମସେନ ବିଶ୍ୱାଳ, ରାଜ କିଶୋର ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରଘୁନାଥଜୀଉ ଡିଗ୍ରୀ କଲେଜରେ ପାଠଚକ୍ର

**କଟକ ଅଫିସ, ୩।୩:** ସ୍ଥାନୀୟ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ଇତିହାସ ବିଭାଗର ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ପ୍ରଫେସର ଡ. ହରିହର ପଣ୍ଡା ଉଦ୍‌ଘାଟନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ। କଲେଜ ଅଧକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଇତିହାସର ଗୁରୁତ୍ୱ ବିଷୟରେ କହିଥିଲେ। ଏହି ଅବସରରେ ବିଭାଗର ବାର୍ଷିକ ପତ୍ରିକା 'ବାରବାଟୀ' ଉନ୍ମୋଚିତ ହୋଇଥିଲା। ଏହାପରେ ଇତିହାସ ସମ୍ବନ୍ଧୀୟ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ଇତିହାସ ବିଭାଗର ମୁଖ୍ୟ କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା, ଅଧାପିକା ଚନ୍ଦନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଧାପକ ଡ. ସରୋଜ କୁମାର ଦାଶ, ପ୍ରିୟନାଥ ମିଶ୍ର, ଅକ୍ଷୟ କୁମାର ନାୟକ, ନିହାର ରଞ୍ଜନ ରଥ, ଅନିରୁଦ୍ଧ ଦାସ, ଅଧାପିକା ଅମ୍ରିତା ଲେଙ୍କା, ରୋଜାଲିନ ସାମଲ ଯୋଗ ଦେଇଥିଲେ। ଅଧାପିକା କ୍ରିଷ୍ଣା ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'କୃଷି କ୍ଷେତ୍ରରେ ବିକଳ୍ପ ଯୋଜନା ପ୍ରସ୍ତୁତ ଆବଶ୍ୟକ'

**କଟକ ଜିଲା ପରିଷଦ ବୈଠକ**

■ଜିଲା ପରିଷଦର ନବୀକରଣ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

କଟକ ଅଫିସ, ୩।୩



ବୈଠକରେ ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ଜନହିତକର କାର୍ଯ୍ୟ ନିର୍ବାହ ପୂର୍ବରୁ ତାହାର ଆନୁଷଙ୍ଗିକ ଦିଗକୁ ଧ୍ୟାନ ଦେବା ଆବଶ୍ୟକ। ଏଥିସହ କାର୍ଯ୍ୟଶୈଳୀର ଅନୁଶୀଳନ ଓ ପ୍ରଗତିକୁ ତୁଳନାତ୍ମକ ବିଚାର କଲେ କାର୍ଯ୍ୟଧାରାରେ ପରିବର୍ତ୍ତନ ଅଣାଯାଇପାରିବ। ଜିଲା ପରିଷଦର ସଭ୍ୟାସଭ୍ୟମାନେ ସ୍ଥାନୀୟ ବିଧାୟକଙ୍କ ସହିତ ସମନ୍ୱୟ ରକ୍ଷା କରି ବିକାଶ ଧାରାକୁ ପର୍ଯ୍ୟାପ୍ତ କରିବାର ସମୟ ଉପନୀତ ହୋଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଜିଲା ପରିଷଦର ନବୀକରଣ ସମ୍ମିଳନୀ କକ୍ଷକୁ ମନ୍ତ୍ରୀ ସ୍ୱାଇଁ ଶୁକ୍ରବାର ଉଦ୍‌ଘାଟନ କରିଥିଲେ। ଏହାପରେ ଉକ୍ତ ସମ୍ମିଳନୀ କକ୍ଷରେ କଟକ ଜିଲା ପରିଷଦର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସ୍ୱାଇଁ ଅତିଥି ଭାବେ ଯୋଗଦେଇ କହିଥିଲେ, ଜନପ୍ରତିନିଧିମାନେ ଯୋଜନାଗୁଡ଼ିକର ବ୍ୟୟ ଅଟକଳ ସମ୍ବନ୍ଧରେ ସବିଶେଷ ଜ୍ଞାନ ଆହରଣ କରିବା ଉଚିତ୍। ଫଳରେ ଯୋଜନାକୁ ସଫଳ ଭାବରେ ପ୍ରଣୟନ କରିବାରେ ବାଧା ଉପୁଜିବ ନାହିଁ। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବ୍ୟୟ କରିବାର ବ୍ୟବସ୍ଥା କରିଛନ୍ତି। କୃଷି କ୍ଷେତ୍ରରେ ବିକଳ୍ପ ଯୋଜନା ପ୍ରସ୍ତୁତ କରିବାକୁ ସମସ୍ତ କର୍ତ୍ତୃପକ୍ଷ ଏକପ୍ରକାର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ତେଣୁ ଏ କ୍ଷେତ୍ରରେ ବିକଳ୍ପ ଯୋଜନା ପ୍ରସ୍ତୁତ ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ରାସ୍ତାଘାଟ ନିର୍ମାଣ ଓ ବିଜୁ ସେତୁ ଯୋଜନା ମାଧ୍ୟମରେ ସଂଯୋଗୀକରଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ସେ କହିଥିଲେ।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ପ୍ରମୋଦ କୁମାର ମଲ୍ଲିକ କହିଥିଲେ, ଗ୍ରାମାଞ୍ଚଳର ବିକାଶ ପାଇଁ ଜିଲା ପରିଷଦ ଏକ ପ୍ରମୁଖ ପ୍ରତିଷ୍ଠାନ। ନଳକୂପ ମରାମତି, ପାଇପ ଲାଇନ ତଥା ପାଣି ଟାଙ୍କି ନିର୍ମାଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ଜିଲା ପରିଷଦ ଉପ ସଭାପତି ସୁଭଦ୍ରା ଦାସ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମ୍ବର କୁମାର କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ ଓ ପରିମଳ, ଜଳସେଚନ, ଉଠା ଜଳସେଚନ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା ଓ ସ୍ୱଚ୍ଛତା ଶିକ୍ଷା, କୃଷି, ଆଲୋକୀକରଣ ସମ୍ବନ୍ଧରେ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଶିଷ କୁମାର ସାହୁ, ଦେବାଶିଷ ଷଡଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

## ୧୧ରେ ଜିଲାସ୍ତରୀୟ ଲୋକ ଅଦାଲତ

କଟକ ଅଫିସ, ୩।୩

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ଲୋକ ଅଦାଲତ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଏହା ଜିଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ ସେବା ପ୍ରାଧିକରଣ ପରିସରରେ ଆୟୋଜନ କରାଯିବ। ଏହି ଅଦାଲତରେ ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ଭୂମି ଅଧିଗ୍ରହଣ ମାମଲା, ପାରିବାରିକ, ଆଇପିଆର୍, ଉପଭୋକ୍ତା ମାମଲା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯିବ। ଲୋକ ଅଦାଲତରେ ମାମଲା କିମ୍ବା ବିବାଦର ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଏଥିସହ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ବୋଲି ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଶୁକ୍ରବାର ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ୫ ମୋବାଇଲ ଜବତ, ୨ ଗିରଫ

କଟକ ଅଫିସ,୩।୩

ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ମଧୁପାଟଣା ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲା ତେଲଝାଡ଼ି ଥାନା ଅନ୍ତର୍ଗତ ନୟାଟୋଲା ମହାରାଜପୁର ବାସିନ୍ଦା ରାଜ କୁମାର ଓ ୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆର ଲକି ଓରଫ ବିଶ୍ୱନାଥ ପଟ୍ଟନାୟକ। ଖାନ୍‌ନଗରର ପିନିକି ନାଗଭୂଷଣ ଗୁରୁ ପରିବାର ଲୋକଙ୍କ ସହ ପ୍ରେସ୍ ଛକଠାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ମୋ' ବସ୍‌କୁ ଅପେକ୍ଷା କରିଥିଲେ। ହଠାତ୍ ଜଣେ ଯୁବକ ଆସି ତାଙ୍କର ପକେଟରୁ ଦୁଇଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ କରି ରାଜ କୁମାରଙ୍କୁ ଗିରଫ କରିବା ସହ ୪ଟି ମୋବାଇଲ ଜବତ କରିଥିଲା। ପରେ ବିଶ୍ୱନାଥଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଗୋଟିଏ ଚୋରି ମୋବାଇଲ ଫୋନ୍ ଜବତ କରିଥିଲା। ଉକ୍ତ ମୋବାଇଲ ମାହାଙ୍ଗାର ବୀରେନ ପ୍ରସାଦଙ୍କର ବୋଲି ପୋଲିସ ଜାଣିବାକୁ ପାଇଛି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଲମଛାଡ଼ ଆନ୍ଦୋଳନ


ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆର୍‌ଆଇ ଓ ତହସିଲ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରୁଛନ୍ତି।

ମଙ୍ଗୁଳି-ଜଗତପୁର,୩।୩(ଡି.ଏନ.ଏ.)

ଜଗତପୁରସ୍ଥିତ ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସମସ୍ତ ଆର୍‌ଆଇ ଓ ତହସିଲ କର୍ମଚାରୀ ଶାନ୍ତିପୂର୍ଣ୍ଣ ଭାବେ କଲମ ଛାଡ ଆନ୍ଦୋଳନ କରିଥିଲେ। ଲିଗାଲ ହେୟାର ସାର୍ଟିଫିକେଟକୁ କେନ୍ଦ୍ରକରି ଏହି ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ଆର୍‌ଆଇ ଅଫିସରେ ଗତ ୨୧ ତାରିଖରେ ଆର୍‌ଆଇ ବସନ୍ତ କୁମାର ଦେଉରୀଙ୍କୁ ୪ ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଏ ନେଇ ସେ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୭/୨୩)ରୁଜୁ କରିଥିଲା। ହେଲେ ଆକ୍ରମଣକାରୀଙ୍କୁ ଏପର୍ଯ୍ୟନ୍ତ ପୋଲିସ ଗିରଫ କରିପାରିନାହିଁ। ଏହାର ପ୍ରତିବାଦରେ ୩ଦିନ ପୂର୍ବରୁ କଲମଛାଡ଼ ଆନ୍ଦୋଳନ ପାଇଁ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ଏ ନେଇ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଆନ୍ଦୋଳନକୁ ମୁଁ ସମର୍ଥନ ଜଣାଇଛି। ସନ୍ଧ୍ୟାରେ ଉପ ଜିଲାପାଳ କମଳଜିତ୍ ଦାସଙ୍କ ସହ ଆଲୋଚନା କରିଛି। ୭ ଦିନ ପାଇଁ ସେ ସମୟ ମାଗିଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀଙ୍କୁ ଜଣାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଆକ୍ରମଣକାରୀ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏହି ଆନ୍ଦୋଳନରେ ବରଦା ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ବେହେରା, ସୁବ୍ରତ ନାୟକ, ଦିଲୀପ ପ୍ରଧାନ, ସୋମ୍ୟ ରଞ୍ଜନ ସ୍ୱାଇଁ, ଗୋକୁଳାନନ୍ଦ ବେହେରା, ସରୋଜ କୁମାର ସେଠୀ ଓ ଜ୍ଞାନେନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ୨ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ମଙ୍ଗୁଳି-ଜଗତପୁର,୩।୩(ଡି.ଏନ.ଏ.)

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥରେ ଶୁକ୍ରବାର ଅପରାହ୍ନରେ ଦୁଇଟି ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ଭାପୁର ଅଞ୍ଚଳର ଇନ୍ଦ୍ରମଣି ପ୍ରଧାନ ପୁଅ ବାହାଘର କାର୍ଡ ଓ ଗୁଆ ନେଇ ବାଇକରେ ବନ୍ଧୁ ଘରକୁ ଯାଉଥିଲେ। ପୁରୁଣା ଟୋଲ୍‌ଗେଟ ନିକଟରେ ଏକ ବସ୍ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଇନ୍ଦ୍ରମଣି ବାଇକରୁ ପଡିଯିବାରୁ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇବା ସହ ତଦନ୍ତ ଜାରି ରଖିଛି। ସେହିପରି ଗୋବିନ୍ଦପୁର ଛକ ନିକଟରେ ଜଣେ ବାଇକ ଆରୋହୀ କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବାବେଳେ ଏକ ଟ୍ରକ ସାଇଡ୍ ମାରିଥିଲା। ଫଳରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିବାରୁ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

## ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ


ସିଡ଼ିଏ ଅଧ୍ୟକ୍ଷ ଅନିଲ ସାମଲ ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ନିର୍ମାଣାଧୀନ ପ୍ରକଳ୍ପ ତଦାରଖ କଲେ ସିଡିଏ ଅଧ୍ୟକ୍ଷ**

କଟକ ଅଫିସ,୩।୩

କଟକ ସହରରେ ଚାଲିଥିବା ଏକାଧିକ ନିର୍ମାଣାଧୀନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡ଼ିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ସହରରେ ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିବା ସହିତ ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ରାଣୀହାଟ ନିକଟସ୍ଥ ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କରିବା ସହ ସେଠାରେ ନିର୍ମାଣାଧୀନ 'କ୍ଲକ୍ ଟାୱାର' କାର୍ଯ୍ୟର ତଦାରଖ କରିଥିଲେ। ରାଣୀହାଟ ପୋଲ ନିକଟରୁ ଗୋଶାଳା ପର୍ଯ୍ୟନ୍ତ ଚାଲିଥିବା ରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରିତ ବେଗରେ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ଛତ୍ରବଜାରଠାରେ ନିର୍ମାଣାଧୀନ ଅର୍ବାନ ହାଟ ପରିଦର୍ଶନ କରିଥିଲେ। ମାର୍ଚ୍ଚ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ଆଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ସେଠାରେ ଏକ ମାଛ ମାର୍କେଟର ସ୍ଥାପନ ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ଅନୁଧ୍ୟାନ କରିବା ସହ କାର୍ଯ୍ୟ ଆରମ୍ଭ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ ପରାମର୍ଶ କରିଥିଲେ। ସେହିପରି ମାତୃଭବନ ନିକଟରେ ଚାଲିଥିବା ଜଳ ନିଷ୍କାସନ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିବା ସହ ବର୍ଷାଦିନ ପୂର୍ବରୁ ପମ୍ପିଂ ଷ୍ଟେଶନ କାର୍ଯ୍ୟକ୍ଷମ କରିବାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଆଦେଶ ଦେଇଥିଲେ। ପରେ ସେ ନୂଆବଜାର ଓଭରବ୍ରିଜକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ତଦାରଖ କରିଥିଲେ। ପରେ ସେ ଯୋବ୍ରାରେ ପହଞ୍ଚି ନିର୍ମାଣାଧୀନ ଇକୋ ଟୁରିଜିମ୍ ପ୍ରକଳ୍ପ, ବୋଟିଂ, ଫୁଡ୍‌ପାର୍କ ସହ କେନାଲଫ୍ରଣ୍ଟ ଡେଭଲପମେଣ୍ଟ କାର୍ଯ୍ୟର ତଦାରଖ କରିଥିଲେ। ଏହି ତଦାରଖ ବେଳେ ଆର୍‌ଆଣ୍ଡବି ଯନ୍ତ୍ରୀ, ସିଡିଏ ଅଧିକାରୀ, ୱାଟ୍‌କୋ ଯନ୍ତ୍ରୀ ଓ ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ୨୪୬ ବରିଷ୍ଠ ନାଗରିକ

କଟକ ଅଫିସ, ୩।୩

୨୪୬ ଜଣ ବରିଷ୍ଠ ନାଗରିକ ପୁଷ୍କର ଓ ଆଜମେର ତୀର୍ଥଯାତ୍ରାରେ ବାହାରିଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଜରିଆରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଟକ ଜିଲାରୁ ୨୪୬ ଜଣ ବରିଷ୍ଠ ନାଗରିକଙ୍କୁ ଚୟନ କରାଯାଇଥିଲା। ରାଜସ୍ଥାନର ପୁଷ୍କର ଓ ଆଜମେର ତୀର୍ଥଯାତ୍ରା ନିମନ୍ତେ ୬ଟି ବସ୍ ଯୋଗେ ସେମାନଙ୍କୁ ଭୁବନେଶ୍ୱର ପଠାଯାଇଛି। ସେଠାରେ ଶୁକ୍ରବାର ରାତିରେ ରହଣି ପରେ ଶନିବାର ଟ୍ରେନ ଯୋଗେ ଉକ୍ତ ସ୍ଥାନକୁ ଭ୍ରମଣ କରିବେ। ସେଠାରୁ ଆସନ୍ତା ୯ ତାରିଖରେ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି ବୋଲି ଡେପୁଟି କଲେକ୍ଟର ଅଳକାରାଣୀ ଦେବତା ସୂଚନା ଦେଇଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଧାୟକ ମହମ୍ମଦ ମୋକିମ୍ ଓ ସୌଭିକ୍ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶିବ ଟପୋ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ବିଧାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି।

# ପୋଲିସ ଡିଜି, କମିଶନର, ଡିସିପିଙ୍କ ବିରୋଧରେ ଏତଲା

**ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ ଘଟଣା**

କଟକ ଅଫିସ/କଣ୍ଟାପଡା/ ମଙ୍ଗୁଳି-ଜଗତପୁର, ୩।୩(ଡି.ଏନ୍.ଏ.)


ଭାଜପା କଟକ ନଗର ପକ୍ଷରୁ ପୁରୀଘାଟ ଥାନାଧିକାରୀଙ୍କୁ ଏତଲା ଦିଆଯାଉଛି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଏହି ସମୟରେ କମିଶନରେଟ ପୋଲିସ ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏପରିକି ସେଠାରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୋଲିସ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସହ ୨୨ ଜଣଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିଲା। ଏହା ବିରୋଧରେ ଦଳ ପକ୍ଷରୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଥିଲା। ହେଲେ ପୋଲିସ ଏତଲାକୁ ପଞ୍ଜୀକୃତ କଲା ନାହିଁ। ଏତଲା ପଞ୍ଜୀକୃତ ନ କରିବା ଓ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଦଳ ପକ୍ଷରୁ ଶୁକ୍ରବାର କଟକ ସହରର ସମସ୍ତ ଥାନାରେ ଡିଜିପି, ଭୁବନେଶ୍ୱର-କଟକ ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଏତଲା ଦିଆଯାଇଛି। କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବକ୍ସୁ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ବିବେକାନନ୍ଦ ନାଏକ, ନିତାଇ ଚରଣ ନନ୍ଦ, ମହମ୍ମଦ ସବୀର, ପ୍ରବୀଣା ମହାପାତ୍ର, ସ୍ମୃତି ପଟ୍ଟନାୟକ, ସତ୍ୟବ୍ରତ ମିଶ୍ର, ସୁଶାନ୍ତ ମହାନ୍ତି, ମନମୋହନ ଉପାଧ୍ୟାୟ, ମଣ୍ଡଳ ସଭାପତି ଲଲାଟେନ୍ଦୁ ଦାସଙ୍କ ସହ ଅନ୍ୟମାନେ ପ୍ରତ୍ୟେକ ଥାନାରେ ଏତଲା ଦେଇଥିଲେ।

ସେହିପରି ପୋଲିସର ଏଭଳି ଆକ୍ରମଣ ପ୍ରତିବାଦରେ କଣ୍ଟାପଡା ମଣ୍ଡଳ ସଭାପତି ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ନମାମୀ ଗଙ୍ଗେ ସହ ସଂଯୋଜକ ଅଶୋକ ରଥ, କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ଭାଜପା ନେତା ଦ୍ୱାରିକାନାଥ ଦାଶ, ପ୍ରଶାନ୍ତ ପ୍ରଧାନ, ପ୍ରିୟ ରାଉତରାୟ, କାଶୀନାଥ ପାଢ଼ୀଙ୍କ ସମେତ ବହୁ କର୍ମୀ ଶୋଭାଯାତ୍ରାରେ ଓଲଟପୁର ଥାନାକୁ ଆସିଥିଲେ। ଆଇଆଇସି ବିଜୟା ସାହୁଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଗୋବିନ୍ଦପୁର ମଣ୍ଡଳ ଭାଜପା ପକ୍ଷରୁ ଭାଜପା ନେତା ପ୍ରଶାନ୍ତ ବେହେରା, ଲଲାଟେନ୍ଦୁ ଦାଶଙ୍କ ସମେତ ବହୁସଂଖ୍ୟକ କର୍ମୀ ଗୋବିନ୍ଦପୁର ଥାନାଧିକରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଟାଙ୍ଗୀ-ସାଲେପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଟାଙ୍ଗୀ ଥାନାରେ ଶୁକ୍ରବାର ଏତଲା ଦିଆଯାଇଥିଲା। ଏତଲା ଦେବା ସମୟରେ ବିରଜା ପ୍ରସାଦ ରାଉତ, ଟାଙ୍ଗୀ ମଣ୍ଡଳ ସଭାପତି ଅମୂଲ୍ୟ ବେଉରା, ଭଟିମୁଣ୍ଡା ମଣ୍ଡଳ ସଭାପତି ଧନେଶ୍ୱର ନାୟକ, ଜିଲା ଉପସଭାପତି ଦୁର୍ଗାପ୍ରସାଦ ସାହୁ, ଓବିସି ମୋର୍ଚ୍ଚା ଜିଲା ଉପ ସଭାପତି ଆକାଶ ପାତ୍ର ଓ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ କୁଇଣ୍ଟାଲ ଲୁହାଛଡ଼ ଚୋରି

ଯାଁଳା,୩।୩(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଗୁରୁବାର ବିଳମ୍ବିତ ରାତ୍ରରେ ଚୋରି ହୋଇଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ବ୍ରଜବିହାରୀ ସୁବୁଦ୍ଧି ଘର କାମ ପାଇଁ ୭ କୁଇଣ୍ଟାଲ ଲୁହାଛଡ କିଣି ରଖିଥିଲେ। ସବୁଦିନ ଭଳି ଘର ପାଖରେ ସାମଗ୍ରୀ ସବୁ ରହିଥିଲା। ହେଲେ ସକାଳୁ ବ୍ରଜବିହାରୀ ଉଠି ଦେଖିବା ବେଳେ ପ୍ରାୟ ୩ କୁଇଣ୍ଟାଲ ଛଡ଼ ଚୋରି ହୋଇଯାଇଥିଲା। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆସି ଉକ୍ତ ଛଡ଼ ଚୋରି କରି ନେଇଥିବା ସନ୍ଦେହ କରୁଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ବ୍ରଜବିହାରୀ ଚୋରି ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି।

### ବ୍ରାଉନସୁଗାର ବେପାରୀ ଗିରଫ

ଜଟଣୀ,୩।୩(ଡି.ଏନ୍.ଏ.): ବେଆଇନ ଭାବେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଟଣୀ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ୟୁନିଟ -୬, କ୍ୟାପିଟାଲ ହସ୍ପିଟାଲ ପଛ ପାଖ ହରିଜନ ବସ୍ତିର ଅଜୟ ଓରଫ ସୁକାନ୍ତ ନାୟକ(୨୭)। ଅଭିଯୁକ୍ତଙ୍କ ପାଖରୁ ୫.୩୫ ଗ୍ରାମର ବ୍ରାଉନସୁଗାର, ଏକ ମୋବାଇଲ ଫୋନ ଏବଂ ନଗଦ ୮୦୦ ଟଙ୍କା ଜବତ କରିଛି। ଏନେଇ ଏନଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୮୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବ୍ରାଉନସୁଗାର କାରବାର ବାବଦରେ ଖବରପାଇ ଜଟଣୀ ଥାନାର ସ୍ପେଶାଲ ଟିମ୍ ପୌରାଞ୍ଚଳ ଅନ୍ତର୍ଗତ ରେଲୱେ ଲୋକ କଲୋନୀସ୍ଥ ମା' ଭଗବତୀଙ୍କ ମନ୍ଦିର ନିକଟରେ ଚଢ଼ାଉ କରିଥିଲା। ସେଠାରେ ବେଆଇନ ଭାବେ ଉକ୍ତ ଅଞ୍ଚଳରେ ନିଶା ଦ୍ରବ୍ୟ ବିକ୍ରି କରୁଥିବା ଯୁବକଙ୍କୁ କାବୁ କରିଥିଲା।

### ମଣିକର୍ଣ୍ଣକେଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୩।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ମୁଣ୍ଡଳ ଗ୍ରାମର ପ୍ରସିଦ୍ଧ ଶ୍ରୀ ମଣିକର୍ଣ୍ଣକେଶ୍ୱର ଦେବଙ୍କ ପୀଠରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗତ ୨୮ ତାରିଖଠାରୁ ଏହି ଯଜ୍ଞ ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ବଳଭଦ୍ର ପଣ୍ଡା ଏବଂ କୁଳପୁରୋଧା ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ବୁଧବାର ବିଧିବଦ୍ଧ ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ହରିବୋଲ, ହୁଳହୁଳି, ଘଣ୍ଟ, କାହାଳି ଧ୍ୱନିରେ ଏକ କଳସ ଶୋଭାଯାତ୍ରାରେ ଆସିଥିଲେ। ପାରମ୍ପରିକ ରୀତିନୀତିରେ କଳସଗୁଡ଼ିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ଏବଂ କୁଳପୁରୋଧାଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ, ଅଙ୍କୁରାଧିବାସ, ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ। ପୂର୍ଣ୍ଣାହୁତିରେ ପ୍ରାୟ ୫ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୨୮ରୁ ୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ନାମ ସଂକୀର୍ତ୍ତନ, ଭଜନ ସମାରୋହ ଅନୁଷ୍ଠିତ କରାଯାଇଥିଲା।

# ନୀତି ପାଇଁ ସଜେଇହେଉଛି ଦୋଳବେଦି

ପୁରୀ ଅଫିସ, ୩।୩

ଚଳିତ ମାସ ୬ତାରିଖରେ ମହାପ୍ରଭୁଙ୍କ ଦୋଳବେଦି ପରିସରରେ ମେଣ୍ଢା ପୋଡ଼ି ଉତ୍ସବ ନୀତି ସହ ୭ତାରିଖରେ ଦୋଳ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦୋଳବେଦି ସଜେଇ ହେବାରେ ଲାଗିଛି। ବର୍ଷକୁ ଦୋଳପୂର୍ଣ୍ଣିମା ଅବସରରେ ଠାକୁରଙ୍କ ଚଳନ୍ତି ପ୍ରତିମା ଦୋଳବେଦିକୁ ଆସି ନୀତି ସମ୍ପାଦନ କରିଥାନ୍ତି। ତେଣୁ ଠାକୁରଙ୍କ ଆଗମନକୁ ଦୃଷ୍ଟିରେ ରଖି ଦୋଳବେଦି ଓ ଏହା ପରିସରକୁ ସଜାଯାଉଛି। ଦୋଳବେଦିକୁ କାରିଗରମାନେ ରଙ୍ଗ କରୁଛନ୍ତି। ସେହିପରି ଦୋଳବେଦି ପରିସରକୁ ସଫାସୁତରା କରାଯାଉଛି। ଠାକୁରଙ୍କ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଠାକୁର ଚତୁର୍ଦ୍ଦଶୀ ତିଥିରେ ଆସି ଦୋଳବେଦିରେ ମେଣ୍ଢାପୋଡ଼ି ଓ ଦୋଳ ପୂର୍ଣ୍ଣିମା ନୀତି ସମ୍ପାଦନ କରିବେ। ପୂର୍ଣ୍ଣିମା ଦିନ ଠାକୁର ଦୋଳିରେ ବସି ଦୋଳି ଖେଳିବେ। ତେଣୁ ଦୋଳବେଦିରେ ଲାଗିବାକୁ ଥିବା ଦୋଳିକୁ ରଙ୍ଗ କରାଯିବା ସହ ବେଦିର ଶିଙ୍କୁଳିଗୁଡିକରେ ଭୋଇସେବକମାନେ ତେଲ ବୋଳିଛନ୍ତି। ଅପରପକ୍ଷରେ ଉକ୍ତ ଦିନ ଠାକୁର ବିମାନରେ ବସି ଦୋଳବେଦି ପରିସର ଓ ଦୋଳବେଦିରେ ପରିକ୍ରମା କରିବାର ବିଧି ରହିଛି। ତେବେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ କାରାଣରୁ ଦୋଳବେଦିର କାନ୍ଥର କିଛି ଅଂଶକୁ ଭଙ୍ଗାଯାଇ ରାସ୍ତା କାମ କରାଯାଇଥିଲା। ଫଳରେ ଚଳିତଥର ଠାକୁରଙ୍କ ନୀତି ସମ୍ପାଦନ ନେଇ ଆଶଙ୍କା ଦେଖାଯାଇଥିଲା ତେବେ ଦୋଳପୂର୍ଣ୍ଣିମାର ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ତେବେ ଦୋଳପୂର୍ଣ୍ଣିମାକୁ ଆଉ ୩ଦିନ ବାକି ଥିବାବେଳେ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପାଇଁ ଦୋଳବେଦିର ଭଙ୍ଗାଯାଇଥିବା କାନ୍ଥଗୁଡିକ ପୁଣି ନିର୍ମାଣ କରାଯାଇଛି। କାନ୍ଥଗୁଡିକ କଳିଙ୍ଗ କଳା ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯାଉଛି। ସେହିପରି ଶ୍ରୀମନ୍ଦିରଠାରୁ ଦୋଳବେଦି ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନେଜ କାର୍ଯ୍ୟ ମଧ୍ୟ ଦ୍ରୁତ କାର୍ଯ୍ୟରେ ଆଗେଇ ଚାଲିଛି। ଏ ନେଇ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ଦୋଳବେଦିଠାରେ ନୀତି ପାଇଁ ଚଳିତ ମାସ ୬ ଓ ୭ତାରିଖରେ ମହାପ୍ରଭୁଙ୍କ ଚଳିତ ପ୍ରତିମା ଦୋଳବେଦିକୁ ଆସିବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଙ୍ଗ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ଓବିସିସିର ଜେନରାଲ ମ୍ୟାନେଜର ପ୍ରଭାତ କୁମାର ପାଣିଗ୍ରାହୀ ସୂଚନା ଦେଇ କହିଛନ୍ତି, ଦୋଳବେଦିରେ ଦୋଳପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ନୀତି ଥିବାରୁ ପ୍ରାଥମିକତା ଦିଆଯାଇ କାର୍ଯ୍ୟ କରାଯାଉଛି। ଦୋଳବେଦିର କମ୍ପାଉଣ୍ଡ କାନ୍ଥ, ଯାହା ଭାଙ୍ଗିଯାଇଥିଲା ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଉଛି। କଳିଙ୍ଗ କଳା ସ୍ଥାପତ୍ୟରେ ନିର୍ମାଣ କରାଯାଇଛି। ଏଥିରେ ଖଣ୍ଡୋଲାଇଟ୍ ପଥର ବ୍ୟବହାର କରାଯାଇଛି। ଯାହା ଭାଙ୍ଗିଥିଲା ତାହା ନିର୍ମାଣ ଶେଷ ହୋଇଛି। ଭିତର ରଙ୍ଗ କାର୍ଯ୍ୟ କରାଯିବା ସହ ସଫା କରାଯାଉଛି। ତେଣୁ ନୀତିକାନ୍ତି ପାଇଁ କୌଣସି ଅସୁବିଧା ହେବ ନାହିଁ। ଶ୍ରୀମନ୍ଦିରଠାରୁ ଦୋଳବେଦି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ଲଙ୍ଗୁଳିମଠଠାରୁ ମେଘନାଦ ପାଚେରୀ ମଧ୍ୟରେ ଯେଉଁ ରାସ୍ତା କାମ ଚାଲିଛି ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସରିବ। ମହାପ୍ରଭୁଙ୍କ ନୀତିରେ କୌଣସି ଅସୁବିଧା ହେବ ନାହିଁ ବୋଲି ଷଡଙ୍ଗୀ ପ୍ରକାଶ କରିଛନ୍ତି।


ଦୋଳବେଦିରେ ରଙ୍ଗ ଦିଆଯାଉଛି।

# ପୋଲିସ ବିରୋଧରେ ଏତଲା ଦେଲା ଭାଜପା


ଭାଜପା ନେତୃବୃନ୍ଦ ପୁରୀ ଟାଉନ ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

ପୁରୀ ଅଫିସ, ୩।୩

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି ଭାଜପା ପୁରୀ ଶାଖା ପକ୍ଷରୁ ଶୁକ୍ରବାର କୁମ୍ଭାରପଡ଼ା, ଚନ୍ଦନପୁର, ସଦର ଓ ଟାଉନ୍ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗପତ୍ରରେ ଦର୍ଶାଇଯାଇଛି ଯେ, ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗତ ୨୮ତାରିଖରେ ଶାନ୍ତିପୂର୍ଣ୍ଣ ଭାବେ ବିଧାନସଭା ଘେରାଉ କରାଯାଉଥିବାବେଳେ ବିଜେଡିର ଖାକି ଗୁଣ୍ଡା ବାହିନୀ ଦ୍ୱାରା ଆକ୍ରମଣ କରାଗଲା। ଏଥିସହ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୪ଜଣଙ୍କୁ ଏକତରଫା ଭାବେ ଗିରଫ କରାଯାଇ ଜେଲ୍‌କୁ ପଠାଯାଇଛି। ଅନ୍ୟପଟେ ପୋଲିସ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏତଲା ପ୍ରଦାନ ବେଳେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଜିଲା ଉପସଭାପତି ଦିଗ୍‌ଦର୍ଶନ ପଟନାୟକ, ଜିଲା ମିଡିଆ ସଂଯୋଜକ ସ୍ନେହାଶିଷ ଦାସ, ଜିଲା ସାମାଜିକ ଗଣମାଧ୍ୟମ ସଂଯୋଜକ ଶିବ ନାରାୟଣ ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ସିଂହଦ୍ୱାର ମଣ୍ଡଳ ସଭାପତି ରବିନାରାୟଣ ଦାସ, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ସମ୍ପାଦିକା ସୁଦଶା ପଣ୍ଡା, ସସ୍ମିତା ସାହୁ, ଅନିତା ପଟ୍ଟନାୟକ, ଅନିଲ ସାହୁ, ସୋମନାଥ ଖୁଣ୍ଟିଆ, ବିଷ୍ଣୁପ୍ରିୟା ବାରାଲ, ସୌମ୍ୟା ମିଶ୍ର, ମମତା ପ୍ରଧାନ, ମଧୁସ୍ମିତା ଆଚାର୍ଯ୍ୟ, ଯୁବ ମୋର୍ଚ୍ଚାର ବିଶ୍ୱଜିତ ମହାନ୍ତି, ସଂଗ୍ରାମ ପରିଡ଼ା, ମିଥୁନ ଜେନା, ବିଶ୍ୱରଞ୍ଜନ ରାଉଳ ଏବଂ ପ୍ରଦୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୫୯ ବରିଷ୍ଠ ନାଗରିକ



ତୀର୍ଥଯାତ୍ରାରେ ବାହାରିଥିବା ବସ୍‌କୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପୁରୀ ଅଫିସ, ୩।୩

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଶୁକ୍ରବାର ପୁରୀ ଜିଲାରୁ ୧୫୯ ଜଣଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି। ଏହି ବରିଷ୍ଠ ନାଗରିକମାନେ ରାଜସ୍ଥାନର ଆଜମେର ଓ ପୁଷ୍କର ପରିଭ୍ରମଣ କରିବେ। ସେମାନେ ଶୁକ୍ରବାର ଭୁବନେଶ୍ୱରରେ ରହିବେ ଓ ଶନିବାର ମଧ୍ୟାହ୍ନରେ ଯାତ୍ରା ଆରମ୍ଭ କରିବେ। ଚଳିତ ମାସ ୯ ତାରିଖରେ ସେମାନେ ଓଡ଼ିଶା ଫେରିଆସିବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ସହିତ ୫ଜଣ ସହାୟକ ରହିଛନ୍ତି। ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପର୍ଯ୍ୟଟନ ବିଭାଗର ବରିଷ୍ଠ କର୍ମଚାରୀ ମଳୟ ପ୍ରଧାନ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧିକାରୀମାନେ ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭକାମନା କରିଥିଲେ।

# ଶବ୍ଦ ପ୍ରଦୂଷଣକାରୀ ୨ ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ,୩।୩(ଡି.ଏନ୍.ଏ.)

ବାଲୁଗାଁ ଅଞ୍ଚଳରେ କିଛିଦିନ ହେଲା ଦ୍ରୁତଗତିରେ ବାଇକ୍ ଚାଳନା ସହ ସାଇଲେନ୍ସରେ ଗୁଳିଫୁଟିବା ପରି ଶବ୍ଦ କରି ଚଳାଉଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ପୋଲିସ୍‌ରେ ଅଭିଯୋଗ ହୋଇଥିଲା। ତେବେ ବାଲୁଗାଁ ପୋଲିସ ଗୁରୁବାର ରାତ୍ରିରେ ଚଢ଼ାଉ କରି ଶବ୍ଦ ପ୍ରଦୂଷଣ କରି ଦ୍ରୁତ ଗତିରେ ଯାଉଥିବା ଏକ ବୁଲେଟ୍ ଓ ଆଉ ଏକ ଦାମୀ ବାଇକ୍‌କୁ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଦୁଇ ଚାଳକଙ୍କ ମଧ୍ୟରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉ କି, ରାସ୍ତାରେ ବାଇକ୍ ଚାଳନାବେଳେ ପ୍ରଚଣ୍ଡ ଶବ୍ଦ ଯୋଗୁ ପଥଚାରୀଠାରୁ ଆରମ୍ଭ କରି ଅନ୍ୟ ଯାନବାହନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ ହେବା ପରେ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସ୍ଥାନୀୟ ଚକ୍ରଧରପୁର ସାହିର ବିଭୂତି ସାହୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ବ୍ୟବହୃତ ବୁଲେଟ୍ ଗାଡ଼ି ଏବଂ ଅନ୍ୟ ଏକ ସ୍ଥାନରୁ ଏକ ବାଇକ୍ ଜବତ କରିଥିଲେ। ତେବେ ସମ୍ପୃକ୍ତ ବାଇକ୍ ଚାଳକ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନଂ.୫୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଗାମୀ ଦିନରେ ଏହିପରି ଶବ୍ଦ ପ୍ରଦୂଷଣକାରୀ ଏବଂ ଦ୍ରୁତ ବାଇକ୍ ଆରୋହୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାସ ପ୍ରକାଶ କରିଛନ୍ତି।

# ବରୁଣେଇ ଉପର ପାହାଡ଼ରେ ନିଆଁ

## ନିଆଁ ଲାଗିବା କାରଣ ଅସ୍ପଷ୍ଟ

ଖୋର୍ଦ୍ଧା ଅଫିସ,୩।୩

ବରୁଣେଇ ସଂରକ୍ଷିତ ଜଙ୍ଗଲ ନିକଟ ଏକ ପ୍ଲାଷ୍ଟିକ ଗୋଦାମରେ ଶୁକ୍ରବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ବେଳେ ସନ୍ଧ୍ୟାରେ ବରୁଣେଇ ପୀଠ ଉପର ପାହାଡ଼ ଜଙ୍ଗଲରେ ନିଆଁ ଲାଗିଛି। ଖବର ଲେଖାହେବା ସୁଦ୍ଧା ଉପର ପାହାଡ ଜଙ୍ଗଲରେ ନିଆଁ ବଢୁଥିବା ଜଣାପଡିଛି। ଖବରପାଇ ବନ ବିଭାଗର ଏକ ଟିମ୍ ବରୁଣେଇ ପୀଠ, ଗଡ଼ଖୋର୍ଦ୍ଧା ପଟୁ ଜଙ୍ଗଲ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ତେବେ ନିଆଁ କିପରି ଲାଗିଲା, ଅଥବା କେହି ଦୁର୍ବୃତ୍ତ ପାହାଡ଼ ବୁଲିବାକୁ ଆସି ବିଡି, ସିଗାରେଟ ଲଗାଇ ଫୋପାଡି ଦେବା ଫଳରେ ନିଆଁ ଲାଗିଥିବା ବନ ବିଭାଗର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ତେବେ ପୀଠ ପଟୁ ପାହାଡ ଉପରକୁ ଯିବାକୁ କୌଣସି ବାଟ ନ ଥିବାରୁ ବନ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡିଛି।

ମିଳିଥିବା ସୂଚନା ପ୍ରକାରେ, ମାର୍ଚ୍ଚରୁ ପ୍ରଚଣ୍ଡ ଖରା ଅନୁଭୂତ ହେଉଛି। ଏହି ସମୟରେ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ରହୁଛି। ପ୍ରତିବର୍ଷ ବରୁଣେଇ ଜଙ୍ଗଲରେ ନିଆଁ ଲାଗିଥାଏ। ବରୁଣେଇ ଏକ ଜଙ୍ଗଲ ହୋଇଥିବା ବେଳେ ଖରାଦିନେ ଅନେକ ବୃକ୍ଷ ପତ୍ରଝଡା ଦେଇଥିବା ବେଳେ ବହୁ ଗଛପତ୍ର ଶୁଖି ଗଲାଣି। ଫଳରେ ନିମ୍ନଭାଗରେ ହେଉ ଅଥବା ଉପର ମୁଣ୍ଡରେ କେହି ନିଆଁ ଲଗାଇ ଦେଲେ ଏହା ସହଜରେ ବ୍ୟାପିବାର ସମ୍ଭାବନା ଅଧିକ ରହିଛି। ତେବେ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ କୌଣସି କାରଣରୁ ପାହାଡ଼ ଉପର ଭାଗରେ ନିଆଁ ଲାଗିଯାଇଥିବା ବେଳେ ବନ ବିଭାଗ ଟିମ୍ ଲିଭାଇବାକୁ ଚେଷ୍ଟା ଜାରିରଖିଛି। ଏ ନେଇ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କୁହନ୍ତି, ବରୁଣେଇ ପୀଠ ଉପର ପାହାଡରେ ନିଆଁ ଲାଗିଥିବା ଖବରପାଇବା ପରେ ତୁରନ୍ତ ଟିମ୍ ଜଙ୍ଗଲକୁ ପଠାଯାଇଛି। ନିଆଁକୁ ନିୟନ୍ତ୍ରଣ ଲାଗି ପ୍ରଚେଷ୍ଟା ଚାଲିଛି। ବରୁଣେଇ ବଡ଼ ଜଙ୍ଗଲ ହୋଇଥିବାରୁ ଖରାଦିନ ଆସିଲେ, ନିଆଁ ଦାଉରୁ ରକ୍ଷା କରିବା ଲାଗି ବ୍ୟାପକ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ଜଙ୍ଗଲରେ ଫାୟାର ଲାଇନ କଟାଯାଇଛି। ଏଥିସହିତ ସଂରକ୍ଷିତ ଏବଂ ଡିପିଏଫ୍ ଜଙ୍ଗଲରେ ଫାୟାର ୱାଚର, ବନ୍ୟଜନ୍ତୁ ପାରା ଷ୍ଟାଫ୍‌ଙ୍କ ସମେତ ଜଙ୍ଗଲ ରାତ୍ରି ଜଗୁଆଳି କର୍ମଚାରୀ ନିୟୋଜିତ ରହିଛନ୍ତି। ସ୍ୱତନ୍ତ୍ର ଟିମ୍ ୨୪ ଘଣ୍ଟା ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ପଇଁତରା ମାରୁଛନ୍ତି। ନିଆଁ ଲିଭା ମେଶିନ ମହଜୁଦ ରଖାଯାଇଛି। କୌଣସି ପରିସ୍ଥିତିରେ ମଧ୍ୟ ଜଙ୍ଗଲରେ ନିଆଁ ଲାଗିଲେ, ଆୟତ୍ତ କରିବା ଲାଗି ବନ ବିଭାଗ ଟିମ୍ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି।

# ମନ୍ଦିର ପ୍ରତିଷ୍ଠା, ରାଧାମୋହନ ଦେବଙ୍କ ବିଗ୍ରହ ସ୍ଥାପନ

ଡେଲାଙ୍ଗ,୩।୩ (ଡି.ଏନ୍.ଏ.)

ରେଞ୍ଚ ପଞ୍ଚାୟତର ପଲ୍ଲୀ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଓ ରାଧାମୋହନ ଦେବଙ୍କ ବିଗ୍ରହ ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୨୭ ଜଣ ମହିଳା ପୁରୁଷ ଗ୍ରାମ୍ୟ ଶିମିଳିମୁହଁ ପୋଖରୀରେ କଳସ ବୁଡ଼ାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ସମ୍ପାଦକ ବୈକୁଣ୍ଠ ସ୍ୱାଇଁ, କର୍ତ୍ତ୍ରୀ ଭାବରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସ୍ୱାଇଁ କାର୍ଯ୍ୟ ନିର୍ବାହ କରିଥିବାବେଳେ ପ୍ରମୋଦ ପାଢ଼ୀ ହୋମଯଜ୍ଞ, ମନ୍ଦିର ପ୍ରତିଷ୍ଠା, ରାଧାମୋହନ ମୂର୍ତ୍ତି ସ୍ଥାପନ କାର୍ଯ୍ୟ କରିଥିଲେ। ଦୀର୍ଘ ୫୦ ବର୍ଷ ତଳେ ଏହି ମନ୍ଦିରର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଏବେପର୍ଯ୍ୟନ୍ତ ତାହା ହୋଇପାରି ନ ଥିଲା। ମନ୍ଦିର ନିର୍ମାଣ ଶେଷହେବା ପାଇଁ ଗ୍ରାମରେ ଏକ କମିଟି ଗଠନ ହୋଇଥିଲା। କମିଟି ସଭାପତି ଜଗନ୍ନାଥ ପରିଡ଼ା, ସମ୍ପାଦକ ସ୍ୱାଇଁ, କୋଷାଧ୍ୟକ୍ଷ ନରେନ୍ଦ୍ର ରାଉତ, ଉପଦେଷ୍ଟା ଅଭିମନ୍ୟୁ ସାମନ୍ତରାୟ ପ୍ରମୁଖ ନେତୃତ୍ୱ ନେଇ ନିର୍ମାଣ କାର୍ଯ୍ୟ ସମାପନରେ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଡେଲାଙ୍ଗ, ୩।୩ (ଡି.ଏନ୍.ଏ.)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ରାଉତଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ସନ୍ଧ୍ୟାରେ ବେରବୋଇସ୍ଥିତ ତାଙ୍କ ଜନ୍ମସ୍ଥାନ ତଥା ବାସଭବନ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି। ଅତିଥିମାନେ ଗ୍ରାମ୍ୟ ପରିକ୍ରମା କରିବା ସହ ବେରବୋଇ ଗାନ୍ଧୀପୀଠରେ ରାମଧୁନ୍ ଗାନକରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ରାଉତ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ସାଧାରଣ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ସଭାପତିତ୍ୱ କରିଥିଲେ। ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ଏଆଇସିସି ସଦସ୍ୟ ଜ୍ଞାନରଞ୍ଜନ ପଟ୍ଟନାୟକ, ସୁରେଶ ମହାପାତ୍ର, କୃଷକ ସେଲ୍ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ଜିଲା କଂଗ୍ରେସ କମିଟି ସଭାପତି ଲଲାଟେନ୍ଦୁ ଦାଶ, ସ୍ୱାଧୀନତା ସଂଗ୍ରାମୀଙ୍କ ନାତୁଣୀ ଦୀପ୍ତିଶ୍ରୀ ରାଉତରାୟ, ସ୍ୱାଧୀନତା ସଂଗ୍ରାମୀଙ୍କ ପୁତ୍ର ଦେବପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାଧୀନତା ପାଇଁ ସଂଗ୍ରାମୀ ରାଉତଙ୍କ ଅବଦାନ ଓ ଜୀବନୀ ସମ୍ପର୍କରେ ସଭାରେ ଆଲୋଚନା ହୋଇଥିଲା। ସଂଗ୍ରାମୀ ରାଉତଙ୍କ ଜୀବନୀ ଉପରେ ଆଧାରିତ 'ସ୍ମରଣିକା' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୋଭିଡ୍ ସଚେତନା ନେଇ ଅଗ୍ରଣୀ ସାମାଜିକ ସେବା ଅନୁଷ୍ଠାନ ପ୍ରଭାତ କ୍ଲବ ଡେଲାଙ୍ଗ ସମ୍ପାଦକ ପଦ୍ମନାଭ ବରାଳ, ଶିକ୍ଷାବିତ୍ କୁନ୍ତଳା କୁମାରୀ ବିଶ୍ୱାଳ, ଡେଲାଙ୍ଗ-କୋଠବାଡ଼ ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ପରିବେଶବିତ୍ ବିଶ୍ୱଜିତ୍ ପରିଡ଼ାଙ୍କ ସମେତ ୧୬ ଜଣଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ସ୍ମାରକୀ କମିଟି ସଭାପତି ଇଂ. ବିଚିତ୍ରାନନ୍ଦ ମହାନ୍ତି, ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ଗାନ୍ଧୀ ପ୍ରଚାରକ ଅନାମ ମଲ୍ଲିକ, ଆଇନଜୀବୀ ଅନିଲ ଦଳେଇ ପ୍ରମୁଖ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବିଦ୍ୟୁତ୍ ସଂଯୋଗ ବଦଳରେ ନୋଟିସ

## ପ୍ରତିବାଦରେ ଅନଶନ

କୋଣାର୍କ,୩।୩ (ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ ମହଲପଡା ପଞ୍ଚାୟତ ଅନ୍ତର୍ଗତ ଆମ୍ବିଳିଗାଁ ଗ୍ରାମର ଟୁନା ମହାରଣା କାଠ ମିସ୍ତ୍ରି ଭାବେ ଦୀର୍ଘ ୨ବର୍ଷ ଧରି ବିଦ୍ୟୁତ ସଂଯୋଗ ପାଇଁ ସମସ୍ତ ଦେୟ ପ୍ରଦାନ କରିଥିଲେ ମଧ୍ୟ ବିଭାଗୀୟ ପକ୍ଷରୁ ବିଦ୍ୟୁତ ସଂଯୋଗ ଦିଆଯାଇ ନ ଥିଲା। ଓଲଟି ବିଭାଗୀୟ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ସ୍କ୍ୱାଡ୍ ସହାୟତାରେ ଟୁନା ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇଥିବା ଅଭିଯୋଗ ଆଣି ଜରିମାନା ନୋଟିସ ଜାରି କରିଛନ୍ତି। ଏହାର ପ୍ରତିବାଦରେ ଟୁନା ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ କୋଣାର୍କସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଖବର ଅନୁଯାୟୀ, ଆମ୍ବିଳିଗାଁ ଗ୍ରାମର ଟୁନା ଜଣେ ଗରିବ ଲୋକ।

ସେ ନିଜ ଗାଁମୁଣ୍ଡରେ ଏକ ଛୋଟ କାଠ ଅଡା କରି କାଠ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଏହି କାଠ ଅଡାକୁ ବିଦ୍ୟୁତ୍ ସଂଯୋଗ ନେବା ଲାଗି ୨୦୨୧ ଜାନୁୟାରୀରେ ବିଦ୍ୟୁତ୍ ବିଭାଗର ନିୟମ ଅନୁଯାୟୀ ଅର୍ଥ ପୈଠ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ଠିକାଦାର ମାଧ୍ୟମରେ ବିଦ୍ୟୁତ୍‌ଖୁଣ୍ଟ ପକା କାମ ମଧ୍ୟ ଶେଷ କରାଯାଇଥିଲା। ମାତ୍ର ବିଭାଗର ତତ୍କାଳୀନ ସହକାରୀ ପରିଚାଳକ ଓ କେତେକ ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ଟୁନା ବିଦ୍ୟୁତ୍ ସଂଯୋଗ ପାଇପାରି ନ ଥିଲେ। ଏ ନେଇ ସେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଏପରିକି କିଛିଦିନ ତଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟୁନାଙ୍କ ଘରକୁ ୮୮ହଜାର ଟଙ୍କାର ଏକ ନୋଟିସ୍ ଆସିଥିଲା। ପରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇଥିବାରୁ ଉକ୍ତ ନୋଟିସ୍ ଯାଇଥିବା କହିଥିଲେ। କିନ୍ତୁ ବାସ୍ତବରେ ଟୁନା କୌଣସି ବିଦ୍ୟୁତ୍ ସଂଯୋଗ ନେଇ ନ ଥିବା କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ଟୁନା ସ୍ଥାନୀୟ ଅଞ୍ଚଳର ଶ୍ରମିକ ନେତା ମନୋରଞ୍ଜନ ପରିଡ଼ାଙ୍କୁ ଭେଟି ସମସ୍ତ କଥା କହିଥିଲେ। ଫଳରେ ନ୍ୟାୟ ପାଇବା ପାଇଁ ଶୁକ୍ରବାର ଟୁନାଙ୍କ ସମେତ ଶ୍ରମିକ ନେତା ପରିଡା, ପ୍ରସନ୍ନ କୁମାର ଦାସ, ଚାଷୀ ନେତା ନବଘନ ମୁଦୁଲି, ଗ୍ରାମର ଗଣେଶ ଚନ୍ଦ୍ର ସ୍ୱାଇଁ, ଶ୍ରମିକ ନେତା ଅମରେଶ୍ୱର ମଲ୍ଲିକ, ଲକ୍ଷ୍ମୀଧର ସ୍ୱାଇଁ, ଯୁବ ସଂଗଠକ ବିରଞ୍ଚି ନାରାୟଣ ପତି, ସୁଶାନ୍ତ କାଣ୍ଡି, ବଟ କାଣ୍ଡି, ରାମଚନ୍ଦ୍ର ମହାରଣା, ହରିହର ବାହିନୀପତି ଓ ବାଳକୃଷ୍ଣ ବହିଆଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଯୁବକ, ଶ୍ରମିକ ଓ ଚାଷୀ ସଂଗଠକମାନେ ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି।

ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଇଥିବା ଜରିମାନା ନୋଟିସର ପ୍ରତ୍ୟାହାର ଓ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସଂଯୋଗ ଦେବାର ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆମରଣ ଅନଶନ ଚାଲୁ ରହିବ ବୋଲି ଟୁନା କହିଛନ୍ତି। ଧାରଣାସ୍ଥଳରେ କୋଣାର୍କ ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ସେକଶନ ଅଫିସର, ସହକାରୀ ପରିଚାଳକ, ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ସୁରକ୍ଷା ଅଧିକାରୀ ଓ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ପହଞ୍ଚି ଟୁନାଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଫଳପ୍ରଦ ହୋଇପାରି ନାହିଁ।



ଟୁନା ମହାରଣାଙ୍କ ସମେତ ଅନ୍ୟମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୩।୦୩।୨୦୨୩

| | |
|---|---|
| ୫,୩୨,୬୧୨ ଟଙ୍କା | |
| ସୁନା | ୪୩.୩୫୦ ଗ୍ରାମ |
| ରୁପା | ୧୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶ୍ୱ ମେଦବହୁଳତା ଦିବସ ଉପଲକ୍ଷେ ୱାକାଥନ୍, ଓପିଡି ଫୋୟର, ଏମ୍ସ, ସକାଳ ୭ଟା।
- ସର୍ବଭାରତୀୟ ଇପିଏଫ୍ ଇନ୍‌ଡୋର ଏବଂ ଆଥଲେଟିକ୍ ମିଟ୍, କିଟ୍ କ୍ୟାମ୍ପସ୍, ସକାଳ ୮ଟା ୩୦।
- କେଡି ଗୋଲ୍ଡସ ବେଂ ଡାଇମଣ୍ଡ ପକ୍ଷରୁ ଓମେନ୍ ଆଚିଭର୍ସ ଅଫ୍ ଓଡ଼ିଶା-୨୦୨୩ର ସମବେଦନା ସମାରୋହ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା।
- ସର୍କୁଲାର ଇକୋନୋମୀ ଉପରେ ଜାତୀୟସ୍ତରୀୟ ସମ୍ମିଳନୀ, ହୋଟେଲ ପାଲ୍ ହାଇଟସ, ପୂର୍ବାହ୍ନ ୧୦ଟା ୩୦।
- ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ବିକ୍ଷୋଭ, ରାଜମହଲ ଛକ, ପୂର୍ବାହ୍ନ ୧୦ଟା ୩୦।
- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ରକ୍ତଦାନ ଶିବିର, ପୋଲିସ କମିଶନରେଟ୍‌ର ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ମାସିକ ମହିଳା ପତ୍ରିକା ଯୁଗଶ୍ରୀ ଯୁଗନାରୀର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- କଳାଭୂମି ମହୋତ୍ସବ-୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ନୃତ୍ୟ ନିନାଦ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ଉତ୍ସବ 'ଉତ୍ସାହ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ଉପରେ ଜାତୀୟ କର୍ମଶାଳା, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପକ୍ଷରୁ ରଙ୍ଗ ବରଷେ ଶୀର୍ଷକରେ ହୋଲି ଅନ୍ କାନ୍‌ଭାସ୍ କାର୍ଯ୍ୟକ୍ରମ, ଶିକ୍ଷାନୁଷ୍ଠାନ ପରିସର, ପୁରୁଣା ସଚିବାଳୟ ମାର୍ଗ, ଅପରାହ୍ନ ୩ଟା।
- ପ୍ରଥମ ଭୀମସେନ ସାହୁ ମେମୋରିଆଲ ଅଲ୍ ଓଡ଼ିଶା ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୪ଟା।

ପୁରୀ

- ବିନାୟକ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା ୩୦।
- ସାହିଭାଇ ପକ୍ଷରୁ ଶ୍ୱେତଗଙ୍ଗା ଆଳତି କାର୍ଯ୍ୟକ୍ରମ, ଶ୍ୱେତଗଙ୍ଗା ପରିସର, ସନ୍ଧ୍ୟା ୬ଟା ୩୦।

# ଜୟବିଜୟ ଦ୍ୱାର ନିକଟରେ ଦର୍ଶନ କରିବେ ଦିବ୍ୟାଙ୍ଗ

ପୁରୀ ଅଫିସ, ୩।୩



ବୈଠକରେ ଉପସ୍ଥିତ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଓ ଅନ୍ୟମାନେ।

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ନେଇ ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା କମିଟି ସଦସ୍ୟ ଏବଂ ଅଧିକାରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ଯେପରି ଶ୍ରୀମନ୍ଦିର ପରିସରକୁ ଯାଇ ସୁରୁଖୁରୁରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଛି। ଦିବ୍ୟାଙ୍ଗଙ୍କ ଦର୍ଶନ ନେଇ ସ୍ୱତନ୍ତ୍ର ଭାବେ ଏସ୍‌ଓପି ପ୍ରସ୍ତୁତ ପାଇଁ ଯୋଜନା ଜାରି ରହିଥିବା ପ୍ରଶାସକ ମତ ରଖିଛନ୍ତି। ତେବେ ପ୍ରାଥମିକ ଭାବେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିବା ସହିତ ନିର୍ଦ୍ଧାରିତ ସମୟରେ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ବାହାର କାଠ ନିକଟରୁ ଏହି ଦର୍ଶନର ସୁବିଧା ଦିନକୁ ଦୁଇଥର ପାଇଁ ଉପଲବ୍ଧ କରାଯିବ। ଶ୍ରୀମନ୍ଦିର ଉତ୍ତରଦ୍ୱାର ଦେଇ ଦିବ୍ୟାଙ୍ଗମାନେ ପ୍ରବେଶ କରି ଘଣ୍ଟିଦ୍ୱାର ହୋଇ ଜୟବିଜୟ ଦ୍ୱାର ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଦିବ୍ୟାଙ୍ଗମାନେ ହୁଇଲ ଚେୟାରରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ବିରୋଧ ହେତୁ ସ୍ୱତନ୍ତ୍ର

### ଶ୍ରୀମନ୍ଦିରକୁ ଯିବା ପାଇଁ ଝୁଲା ବ୍ୟବସ୍ଥା ହେବ

ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦିବ୍ୟାଙ୍ଗମାନଙ୍କୁ ବୋହିଆ କରି ଦର୍ଶନ ପାଇଁ ନିଆଯିବ। ଏଥିଲାଗି ବୋହିଆ ନିଯୁକ୍ତ ହେବେ। ପୂର୍ବରୁ କୋର୍ଟ ଦିବ୍ୟାଙ୍ଗ ଦର୍ଶନ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଉଛି। ତେବେ ବୈଠକରେ ନିଷ୍ପତ୍ତିଗୁଡ଼ିକ ଚୂଡ଼ାନ୍ତ ହୋଇନାହିଁ। ଉକ୍ତ ପ୍ରସ୍ତାବଗୁଡ଼ିକୁ ବିଚାର କରି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଜେନା ସୂଚନା ଦେଇ କହିଛନ୍ତି, ଦିବ୍ୟାଙ୍ଗ ଭକ୍ତ ଯେପରି ଶ୍ରୀମନ୍ଦିର ଭିତରକୁ ଯାଇ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ବୈଠକରେ ଆଲୋଚନା ହୋଇଥିଲା। ତାହା ଉପରେ ଏହି ବୈଠକରେ ଆଲୋଚନା କରାଯାଇଛି। ତେବେ କୌଣସି ନିଷ୍ପତ୍ତି ନିଆଯାଇନାହିଁ, କେବଳ ଆଲୋଚନା ହୋଇଛି। ଉତ୍ତରଦ୍ୱାର ଦେଇ ଭିତରକୁ ଯିବା ପରେ ଘଣ୍ଟିଦ୍ୱାର ଦେଇ ଜୟବିଜୟ ଦ୍ୱାର ନିକଟରେ ଦର୍ଶନ କରିବେ। ସୀମିତ ସମୟ ରହିବ। ରେଜିଷ୍ଟ୍ରେଶନ ପାଇଁ ପୋର୍ଟାଲ ରହିବ। ଉକ୍ତ ପୋର୍ଟାଲ୍ ମାଧ୍ୟମରେ ଦିବ୍ୟାଙ୍ଗ ଭକ୍ତମାନେ ନାମ ରେଜିଷ୍ଟ୍ରେଶନ କରିବେ। ଶ୍ରୀମନ୍ଦିର ଭିତରକୁ ହୁଇଲ ଚେୟାରକୁ ବିରୋଧ କରାଯାଉଛି। ତେଣୁ ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନ କରାଇବା ପାଇଁ ବୋହିଆ ବ୍ୟବସ୍ଥା କରାଯିବ। ସେମାନେ ଝୁଲା ସାହାଯ୍ୟରେ ଦିବ୍ୟାଙ୍ଗଙ୍କୁ ନେଇ ମହାପ୍ରଭୁଙ୍କ ଦର୍ଶନ କରାଇବେ। ତେବେ ପରବର୍ତ୍ତୀ ବୈଠକରେ ଏନେଇ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସେହିପରି ପରିଚାଳନା କମିଟି ସଦସ୍ୟ ତଥା ଦଇତାପତି ସେବକ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ନକ୍ସା ପ୍ରସ୍ତୁତି କରାଯାଇ କାର୍ଯ୍ୟ କରାଯିବ। ଦିବ୍ୟାଙ୍ଗ ଭକ୍ତଙ୍କୁ ଝୁଲା ସାହାଯ୍ୟରେ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହୃଷ୍ଟପୁଷ୍ଟ ଥିବା ଉଭୟ ପୁରୁଷ ଓ ନାରୀଙ୍କୁ ନିଯୁକ୍ତି ଦିଆଯିବ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦର୍ଶନ ବ୍ୟବସ୍ଥା କରାଯିବ। ଯେଉଁ ସମୟରେ ଭକ୍ତମାନେ ବାହାର କାଠ ନିକଟରେ ଦର୍ଶନ କରୁଥିବେ, ସେହି ସମୟରେ ଦିବ୍ୟାଙ୍ଗ ଭକ୍ତମାନେ ଉତ୍ତର ଦ୍ୱାର ଦେଇ ଘଣ୍ଟିଦ୍ୱାର ହୋଇ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଦର୍ଶନ କରି ଫେରିବେ। ସେହିପରି ଯେଉଁମାନେ ଅନ୍‌ଲାଇନ୍ ଦ୍ୱାରା ନାମ ରେଜିଷ୍ଟ୍ରେଶନ କରିପାରିବେ ନାହିଁ ତାଙ୍କ ପାଇଁ ଅଫ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ବ୍ୟବସ୍ଥା କରାଯିବ। ଏକ ସମୟ ଦିଆଯିବା ସହ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ସଂଖ୍ୟକ ଦିବ୍ୟାଙ୍ଗ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଦାସ ମହାପାତ୍ର ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସନ ଜିତେନ୍ଦ୍ର ଜେନା, ସୁରକ୍ଷା ପ୍ରଶାସକଙ୍କ ସହ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପାଞ୍ଜଳି



@ ପ୍ରୀତି



@ ଆଦିତ୍ୟ



@ ଜ୍ଞାନରଞ୍ଜନ



@ ମନୁମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ସୂର୍ଯ୍ୟୋଦୟ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଶ୍ରବଣ ବାଧିତଙ୍କୁ ସହାୟକ ଉପକରଣ ପ୍ରଦାନ କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ମୁଖ୍ୟ ଥିବା କଣ୍ଠଶିଳ୍ପୀ ଅନୁରାଧା ପଡୱାଲ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

# ଶ୍ରବଣବାଧିତଙ୍କୁ ସହାୟକ ଉପକରଣ ଦେଲେ ଅନୁରାଧା ପଡୱାଲ

ଭୁବନେଶ୍ୱର, ୩।୩ (ବ୍ୟୁରୋ)

କଣ୍ଠଶିଳ୍ପୀ ଅନୁରାଧା ପଡୱାଲ ଓଡ଼ିଶାର ୨ଶହ ଜଣ ଶ୍ରବଣ ବାଧିତଙ୍କୁ ସହାୟକ ଉପକରଣ ପ୍ରଦାନ କରିଛନ୍ତି। ବିଶ୍ୱ ଶ୍ରବଣ ଦିବସ ଅବସରରେ ଶୁକ୍ରବାର ସୂର୍ଯ୍ୟୋଦୟ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଫାଉଣ୍ଡେଶନର ମୁଖ୍ୟ ଥିବା କଣ୍ଠଶିଳ୍ପୀ ଅନୁରାଧା ଏହି ଉପକରଣ ବାଣ୍ଟିବା ସହ ଶ୍ରବଣ ବାଧିତଙ୍କ ମୁହଁରେ ହସ ଫୁଟାଇ ଥିଲେ। ଶ୍ରବଣ ସହାୟକ ଉପକରଣ ପ୍ରସ୍ତୁତକାରୀ କମ୍ପାନୀ ୱାଇଡେକ୍ସ ଇଣ୍ଡିଆ ଏଥିପାଇଁ ସହଯୋଗର ହାତ ବଢାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଉଣ୍ଡେଶନ ଏବଂ ୱାଇଡେକ୍ସର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏହାଦ୍ୱାରା ଶ୍ରବଣ ବାଧିତମାନେ ବିଶେଷଭାବେ ଉପକୃତ ହୋଇପାରିବେ। ନିଜର ଭାବ ଅନ୍ୟକୁ ଜଣାଇ ପାରିବା ଓ ଅନ୍ୟମାନଙ୍କ ସହ କଥୋପକଥନରେ ଅଂଶ ଗ୍ରହଣ କରିବାକୁ ସମର୍ଥ ହେବେ ବୋଲି ରାଜ୍ୟପାଳ କହିଥିଲେ।

ଅନୁରାଧା କହିଲେ, ଶ୍ରବଣ ବାଧିତଙ୍କୁ 'ଶବ୍ଦର ଉପହାର' ପ୍ରଦାନ କରିବା ତାଙ୍କ ପାଇଁ ଅନ୍ୟତମ ଅଗ୍ରାଧିକାର ବିଷୟ। ୩ ବର୍ଷର ଶିଶୁଠାରୁ ବୟୋଜ୍ୟେଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ସେବା ଯୋଗାଇଦେବାକୁ ଫାଉଣ୍ଡେଶନ ନିରଳସ ଭାବରେ ପ୍ରଚେଷ୍ଟା କରୁଛି। ଲୋକଙ୍କ ଶ୍ରବଣ ସମସ୍ୟା ସମାଧାନ ହେବାପରେ ସେମାନଙ୍କ ମୁହଁରେ ଯେଉଁ ଆନନ୍ଦର ଭାବ ଦେଖାଦେଉଛି ତାହା ଅତୁଳନୀୟ। ଆଗାମୀ ଦିନରେ ଦେଶର ବିଭିନ୍ନ ଭାଗରେ ଏଭଳି ଅଭିଯାନକୁ ଅଧିକ ପ୍ରଭାବୀ କରିବା ସହ ଶ୍ରବଣ ବାଧିତଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟତା କରିବାକୁ ଯୋଜନା ରଖାଯାଇଥିବା ଅନୁରାଧା କହିଥିଲେ। ୱାଇଡେକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ଅବିନାଶ ପୱାର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ପଶିଲେ ଦୁଇ ଦନ୍ତା

ବାରଙ୍ଗ, ୩।୩ (ଡି.ଏନ୍.ଏ.)

ନନ୍ଦନକାନନରେ ପୁଣି ପଶିଲା ଜଙ୍ଗଲୀ ଦନ୍ତା ହାତୀ। ଚନ୍ଦକା ଜଙ୍ଗଲରୁ ଦୁଇଟି ହାତୀ ରଘୁନାଥପୁର ଗାଁମୁଣ୍ଡ ବଡ଼ବାଙ୍କ ପାଖରେ ନନ୍ଦନକାନନର ସୁରକ୍ଷା ପ୍ରାଚୀରର ଦୁଇଟି ସ୍ଥାନରେ ପ୍ରାୟ ୧୫ ଫୁଟ ଲମ୍ବ ଭାଙ୍ଗି ଭିତରକୁ ପଶିଥିଲେ। ଶୁକ୍ରବାର ସକାଳେ କର୍ମଚାରୀମାନେ ହାତୀ ସଫାରୀର ହାତୀଶାଳକୁ ସଂଯୋଗ ଥିବା ସୁରକ୍ଷା ଗେଟ୍ ପାଖ ଓ କୁମ୍ଭୀର ଟାଙ୍କି ପଛପଟ ଲନ୍‌ରେ ହାତୀ ଝାଡ଼ା ଦେଖିବା ପରେ ନନ୍ଦନକାନନରେ ହାତୀ ପଶିଥିବା ଜାଣିବାକୁ ପାଇଥିଲେ। ତେବେ ଏହି ଦନ୍ତାଦ୍ୱୟ ନନ୍ଦନକାନନ ଲନ୍ ଗାର୍ଡେନରେ କିଛି ତାରଜାଲିକୁ ଭାଙ୍ଗିଥିବା ଦେଖିବାକୁ ମିଳିଥିଲା। ହାତୀ ପଶିଥିବା ଜଣାପଡିବା ପରେ ନନ୍ଦନକାନନ ଅଧିକାରୀ କର୍ମଚାରୀଙ୍କୁ ସାଙ୍ଗରେ ନେଇ ହାତୀକୁ ଖୋଜାଖୋଜି କରିଥିଲେ। ନନ୍ଦନକାନନ ନିକଟ ହମିରା ଟାଙ୍ଗିରେ ଦୁଇଟି ଦନ୍ତା ଥିବା ଦେଖିବାକୁ ମିଳିଥିଲା। ହାତୀ ଦ୍ୱୟ ଯେପରି ନନ୍ଦନକାନନକୁ ନ ଆସନ୍ତି ସେଥିପ୍ରତି ସଜାଗ ରହିବାକୁ କର୍ମଚାରୀଙ୍କୁ ସତର୍କ କରାଯାଇଥିଲା। ଦୁଇଟି ଟିମ୍‌ରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ସେମାନଙ୍କୁ ଗତିବିଧି ଉପରେ ନଜର ରଖାଯାଇଥିଲା। ସନ୍ଧ୍ୟା ହେବା ପରେ ହାତଦ୍ୱୟକୁ ଚନ୍ଦକା ଜଙ୍ଗଲକୁ ଫେରାଇ ନେବାକୁ କର୍ମଚାରୀ ଉଦ୍ୟମ କରିଥିଲେ।

# ଜଳ ସମ୍ପଦ ବିଭାଗ ଅସ୍ଥାୟୀ, ଛଟେଇ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର, ୩।୩ (ବ୍ୟୁରୋ)

ଓଡ଼ିଶା ଜଳ ସମ୍ପଦ ବିଭାଗର ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଗଣଧାରଣା ଦିଆଯାଇଛି। ଜଳ ସେଚନ ବିଭାଗର ସେଚ ସଦନ ସମ୍ମୁଖରେ ସଂଘର ସଦସ୍ୟାସଦସ୍ୟ ଶୁକ୍ରବାର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ୧୯୯୩ ପରଠାରୁ ବିଭାଗ ଅଧୀନରେ କାର୍ଯ୍ୟ କରି ଆସୁଥିବା ସମସ୍ତ ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସଂଘର ମୁଖ୍ୟ ଦାବି ରହିଛି। ସେହିପରି ସମାନ କାମକୁ ସମାନ ଦରମା ଓ ୧୯୯୩ ପରେ କାର୍ଯ୍ୟ କରୁଥିବା ବିଭାଗର ସମସ୍ତ ଡିଭିଜନ ତାଲିକାରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କ ନାମ ତାଲିକାଭୁକ୍ତ କରିବାକୁ ସଂଘ ଦାବି କରିଛି। ବିଭାଗରେ କୌଣସି କାର୍ଯ୍ୟ ନ ଥିବା ଦର୍ଶାଇ ଅନେକ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଏଥିସହ ଆବଶ୍ୟକ ସମୟରେ ପୁନଃ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଉଟ୍ ସୋର୍ସିଂ ଏଜେନ୍ସି ମାଧ୍ୟମରେ ଅନ୍ୟମାନଙ୍କୁ ନିଯୁକ୍ତ କରାଯାଇଛି। ବାରମ୍ବାର ଏନେଇ ଲିଖିତ ଭାବେ ସଂଘ ପକ୍ଷରୁ ନିଯୁକ୍ତି ଆବେଦନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ୍ୟହୋଇ ସଂଘ ଧାରଣାକୁ ଓହ୍ଲାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ରତିକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ନନ୍ଦନକାନନରେ ନିଖୋଜ ହେଲେ, ପୁରୀରୁ ମିଳିଲେ

**ବାରଙ୍ଗ, ୩।୩ (ଡି.ଏନ୍.ଏ.):** ନନ୍ଦନକାନନ ବୁଲିବାକୁ ଆସି ନିଖୋଜ ହୋଇଯାଇଥିବା ୭୦ ବର୍ଷୀୟା ଜୟଶ୍ରୀ ଦେବୀଙ୍କୁ ଶୁକ୍ରବାର ପରିବାର ଲୋକେ ପୁରୀ ରେଳ ଷ୍ଟେଶନରୁ ଫେରି ପାଇଛନ୍ତି। ଜାମୁଇ(ବିହାର) ଜିଲାର ଝାଝା ଥାନା ଅନ୍ତର୍ଗତ ଝାଝା ଗ୍ରାମର ଜୟଶ୍ରୀ ନିଜ ପରିବାର ସହ ଗୁରୁବାର ନନ୍ଦନକାନନ ବୁଲି ଆସିଥିଲେ। ଅପରାହ୍ନ ୪ଟାରେ ପ୍ରାଣୀଉଦ୍ୟାନ ଭିତରକୁ ଯାଇଥିଲେ। ବୁଲିବା ସମୟରେ ଜୟଶ୍ରୀ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ଲୋକେ ନନ୍ଦନକାନନ ମୁଖ୍ୟ ଫାଟକ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲେ ମଧ ସେମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ପରେ ଘଟଣା ସମ୍ପର୍କରେ ପୁଅ ରାଜ ଶର୍ମା ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜରୁ ଜୟଶ୍ରୀଙ୍କ ପ୍ରସ୍ଥାନ ସମୟର ଦୃଶ୍ୟ ଜଣା ପଡିଥିଲା। ମାଆଙ୍କୁ ନ ପାଇ ନିରାଶ ହୋଇ ରାଜ ନନ୍ଦନକାନନ ଛକରେ ଥିବା ପିଙ୍କି ହୋଟେଲ ମାଲିକ ଜଗନ୍ନାଥ ସାବତଙ୍କ ପାଖରେ ସବୁ କଥା କହିଥିଲେ। ସାବତଙ୍କ ସହାୟତାରେ ପୁରୀ ରେଳଷ୍ଟେଶନରୁ ମାଆଙ୍କୁ ପାଇଥିଲେ। ଏନେଇ ରାଜ ଶୁକ୍ରବାର ମଧ୍ୟାହ୍ନ ସମୟରେ ମାଆଙ୍କୁ ସାଥିରେ ଧରି ନନ୍ଦନକାନନ ଥାନାରେ ପହଞ୍ଚି ପରେ ଘରକୁ ଫେରିଛନ୍ତି ବୋଲି ଥାନା ସୂତ୍ରରୁ ଜଣାପଡିଛି।





ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ନେଇ ଓଡ଼ିଶା ଜଳ ସମ୍ପଦ ବିଭାଗର ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜଳ ସେଚନ ବିଭାଗର ସେଚ ସଦନ ସମ୍ମୁଖରେ ଗଣଧାରଣା ଦିଆଯାଇଛି। (ଫଟୋ-ମନୋରଞ୍ଜନ)



ଆରୋହଣ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବରେ ଶୁକ୍ରବାର ପରିବେଷିତ ନାଟକ 'ନାସିକା ଉପାଖ୍ୟାନ'ର ଏକ ଦୃଶ୍ୟ। (ଫଟୋ-ମୋସମ)

ଧରିତ୍ରୀ
DHARITRI
ଭୁବନେଶ୍ୱର,ଶନିବାର, ୪ ମାର୍ଚ୍ଚ, ୨୦୨୩

## କୋଟିଆ ବିବାଦ: ଆନ୍ଧ୍ରପ୍ରଦେଶ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୩।୩ : କୋଟିଆ ସୀମା ବିବାଦକୁ ନେଇ ଓଡ଼ିଶା ସରକାର ଦାଏର କରିଥିବା ମୂଳ ଆବେଦନ ଉପରେ ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୨୮ ଦିନ ମଧ୍ୟରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ହାଜର ହେବା ସହ ମାମଲା ଶୁଣାଣି ବେଳେ ଓକିଲ ମାଧ୍ୟମରେ ଆବଶ୍ୟକ ଦସ୍ତାବିଜ ଓ ସାକ୍ଷୀଙ୍କ ସହ ଉପସ୍ଥିତ ରହିବାକୁ କୋର୍ଟ ଆନ୍ଧ୍ର ସରକାର ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। କୋଟିଆକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ଦୀର୍ଘବର୍ଷ ହେବ ସୀମା ବିବାଦ ଲାଗି ରହିଛି। ୨୦୨୨ ଜାନୁୟାରୀରେ ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତରେ ଅରିଜିନାଲ ସୁଟ୍ ଦାଏର କରିଥିଲେ।



## ଦାରା ସିଂଙ୍କ ଦଣ୍ଡ କୋହଳ ଆବେଦନ ଖାରଜ



ନୂଆଦିଲ୍ଲୀ,୩।୩

ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟେନ୍, ତାଙ୍କ ଦୁଇ ନାବାଳକ ପୁଅ ଓ କ୍ୟାଥୋଲିକ୍ ପ୍ରିଷ୍ଟ୍ ଅରୁଲ ଦୋସଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ବଜରଙ୍ଗ ଦଳର ଦାରା ସିଂ ତାଙ୍କ ଆଜୀବନ କାରାଦଣ୍ଡାଦେଶକୁ କୋହଳ କରିବା ପାଇଁ ଦାଖଲ କରିଥିବା ପିଟିଶନ୍‌କୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦାରାଙ୍କ ପିଟିଶନର ଶୁଣାଣି କରିଥିଲେ। ଦାରାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଯୁକ୍ତି ବାଢ଼ିଥିଲେ ଯେ, ତାଙ୍କ ମହକିଲ ବିନା ଜାମିନ କିମ୍ବା ପାରୋଲରେ ଜେଲରେ ୨୦ ବର୍ଷ ରହିସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଦଣ୍ଡାଦେଶ କୋହଳ କରାଯାଉ। ତେବେ ଖଣ୍ଡପୀଠ ତାଙ୍କ ନିବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୧ରେ ରବୀନ୍ଦ୍ର ପାଲ ଓରଫ୍ ଦାରା ସିଂ ୨୦ ସହଯୋଗୀଙ୍କ ସହ ମୟୂରଭଞ୍ଜର ପଡ଼ିଆବାହାଲ ଗ୍ରାମସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଅତର୍କିତ ଆକ୍ରମଣ କରି ଗ୍ରାହାମଙ୍କ ଗାଡ଼ିରେ ନିଆଁ ଲଗାଇଥିଲେ। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା।

# ମିଛ ଖବର ଯୁଗରେ ସତ୍ୟ ବଳିପଡ଼ୁଛି

ନୂଆଦିଲ୍ଲୀ, ୩।୩ (ପି.ଟି.)

ସାମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସହ ମିଛ ଖବର ଦୁନିଆରେ ସତ୍ୟ ବଳିପଡ଼ୁଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶୁକ୍ରବାର କହିଛନ୍ତି। ତାର୍କିକ ବିଜ୍ଞାନର କଷଟି ପଥରରେ ପରୀକ୍ଷିତ ହୋଇପାରି ନ ଥିବା ଏକ ସମ୍ପୂର୍ଣ୍ଣ ସିଦ୍ଧାନ୍ତ ଜରିଆରେ ସାମାଜିକ ଗଣମାଧ୍ୟମ ଅପପ୍ରଚାରର ବୀଜ ଅଙ୍କୁରିତ କରିଥାଏ। ସମ୍ପ୍ରତି ଆମେ ଏଭଳି ଏକ ଯୁଗରେ ବସବାସ କରୁଛେ, ଯେଉଁଠି ଲୋକଙ୍କ ପାଖରେ ଆଉ ଧୈର୍ଯ୍ୟ ଓ ସହନଶୀଳତା ନାହିଁ, କାରଣ ସେମାନେ ଭିନ୍ନ ମତକୁ ଗ୍ରହଣ କରିପାରୁ ନାହାନ୍ତି। ଆମେରିକାନ୍ ବାର୍ ଆସୋସିଏଶନ ଇଣ୍ଡିଆ କନ୍‌ଫରେନ୍ସ ୨୦୨୩ରେ 'ଲ ଇନ୍ ଦି ଏଜ୍ ଅଫ୍ ଗ୍ଲୋବାଲାଇଜେଶନ: କନ୍‌ଭର୍ଜେନ୍ସ ଅଫ୍ ଇଣ୍ଡିଆ ଆଣ୍ଡ୍ ଦି ୱେଷ୍ଟ' ବିଷୟରେ ଉଦ୍‌ବୋଧନ ଦେଇ ସିଜେଆଇ ଚନ୍ଦ୍ରଚୂଡ଼ କୋଭିଡ୍ ମହାମାରୀ ସମୟରେ ନ୍ୟାୟପାଳିକାରେ ପ୍ରଯୁକ୍ତିର ପ୍ରୟୋଗ, ନ୍ୟାୟିକ ବୃତ୍ତି ଓ ଅଧିକ ମହିଳା ବିଚାରପତିଙ୍କୁ ନିଯୁକ୍ତି ସମେତ ବିଭିନ୍ନ ପ୍ରସଙ୍ଗରେ ନିଜ ମତ ରଖିଥିଲେ। ସେ ଆହୁରି କହିଥିଲେ, ଆମେ ଜଗତୀକରଣର ଯୁଗରେ ପ୍ରବେଶ କରିବା ପୂର୍ବରୁ ଭାରତୀୟ ସମ୍ବିଧାନ ଗ୍ଲୋବାଲାଇଜେଶନର ଏକ ମୁଖ୍ୟ ଦୃଷ୍ଟାନ୍ତ ସାଜିଥିଲା। ସମ୍ବିଧାନ ପ୍ରଣେତାମାନେ ଏହାକୁ ପ୍ରସ୍ତୁତ କରିବା ସମୟରେ ଭବିଷ୍ୟତରେ ମାନବଜାତିର କିଭଳି ବିବର୍ତ୍ତନ ହୋଇପାରେ, ସେ ସମ୍ପର୍କରେ ସମ୍ଭବତଃ ସେମାନଙ୍କର କୌଣସି ଧାରଣା ନ ଥିଲା। ସେହି ସମୟରେ ଇଣ୍ଟରନେଟ୍ ନ ଥିବାରୁ ପ୍ରିଭେସି



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

(ବ୍ୟକ୍ତିଗତ ଗୋପନୀୟତା) କ'ଣ ତାହା ଜଣା ନ ଥିଲା। ଆଲଗୋରିଦମ୍ ଦ୍ୱାରା ପରିଚାଳିତ ଦୁନିଆରେ ଆମେ ଚଳୁ ନ ଥିଲେ। ସାମାଜିକ ଗଣମାଧ୍ୟମ ବି ସେତେବେଳେ ନ ଥିଲା। ବିଚାରପତି ଭାବେ ଆମେ ସମ୍ପାଦନ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେମାନେ ଦାୟୀ ହୋଇଥାଉ। ଅନୁରୂପ ଭାବେ ଆପଣମାନେ କରୁଥିବା ପ୍ରତ୍ୟେକ କାମ ପାଇଁ ଭିନ୍ନମତ ପୋଷଣ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଟ୍ରୋଲ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ତରରେ ପ୍ରଯୁକ୍ତିର ପ୍ରଗତି ସହ ମାନବ ଜାତିର କ୍ରମବିକାଶ ହୋଇଛି। ତେବେ ଅନ୍ୟମାନଙ୍କ ବିଚାରଧାରାକୁ ଆମେ ଗ୍ରହଣ କରିପାରୁ ନ ଥିବାରୁ ମାନବିକତା କମିଯାଉଛି। ଏହା ହେଉଛି ଆଜିର ଯୁଗରେ ଏକ ଆହ୍ୱାନ। ଟେକ୍ନୋଲୋଜିର ଅନେକ ସକାରାତ୍ମକ ଦିଗ ରହିଥିଲେ ମଧ୍ୟ ଏଭଳି ସମସ୍ୟାଗୁଡ଼ିକ ଏହାର ଉତ୍ପାଦ ବୋଲି ସିଜେଆଇ କହିଛନ୍ତି।

## ୭ରେ ଶପଥ ନେବେ ସାଙ୍ଗ୍‌ମା



ମେଘାଳୟ ରାଜ୍ୟପାଳ ଫଗୁ ଚୌହାନଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ଏନ୍‌ପିପି ଅଧ୍ୟକ୍ଷ ସାଙ୍ଗ୍‌ମା।

### ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ଦାବି ଜଣାଇଲେ

ଶିଲଂ,୩।୩

ମେଘାଳୟର ଶାସକ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହେବାର ଦିନକ ପରେ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମା ରାଜ୍ୟପାଳ ଫଗୁ ଚୌହାନଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏଥିସହ ନୂଆ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ରାଜ୍ୟର ପ୍ରଥମ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ଭାବେ ୫ ବର୍ଷ ପୂରଣ କରିଥିବା ସାଙ୍ଗ୍‌ମା ଆସନ୍ତା ୭ ତାରିଖରେ ଶପଥ ନେଇ ଦ୍ୱିତୀୟ ପାଳି ଆରମ୍ଭ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରେଷ୍ଟୋନ୍ ତିନ୍‌ସଙ୍ଗ ସୂଚନା ଦେଇଛନ୍ତି।

୪୫ ବର୍ଷୀୟ ଏନ୍‌ପିପି ଅଧ୍ୟକ୍ଷ ସାଙ୍ଗ୍‌ମା କହିଛନ୍ତି, ସରକାର ଗଠନ ଲାଗି ଆମ ଦଳକୁ ନିମନ୍ତ୍ରଣ କରିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିଛୁ। ଆମକୁ ଅନେକ ଦଳର ବିଧାୟକ ସମର୍ଥନ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ଭାଜପାର ଏବଂ ବାଘମରାର ସ୍ୱାଧୀନ ଏମ୍‌ଏଲ୍‌ଏ ରହିଛନ୍ତି। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ଝୁଲା ସ୍ଥିତି ସୃଷ୍ଟି ହୋଇଥିଲା। ଏନ୍‌ପିପି ୨୬ ଆସନ ଜିତି ସବୁଠୁ ବଡ଼ ଦଳର ମାନ୍ୟତା ପାଇଛି। ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି ୧୧, କଂଗ୍ରେସ ୫, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୫, ଭଏସ୍ ଅଫ୍ ଦି ପିପୁଲ ପାର୍ଟି ୪, ଭାଜପା ୨, ହିଲ୍ ଷ୍ଟେଟ୍ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୨, ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ ୨ ଆସନରେ ସଫଳତା ପାଇଛି। ୨ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଜିତିଛନ୍ତି। ଗୁରୁବାର ଏହି ଖଣ୍ଡିତ ଜନାଦେଶ ଆସିବା ପରେ ମୁଖ୍ୟମନ୍ତ୍ରୀ ସାଙ୍ଗ୍‌ମା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଫୋନ୍ କରି ଭାଜପାର ସମର୍ଥନ ଲୋଡ଼ିଥିଲେ। ଶାହା ଅବିଳମ୍ବେ ସମର୍ଥନ ପାଇଁ ରାଜି ହୋଇଥିଲେ।

# ଶେଲ୍ କମ୍ପାନୀ ଚଳାଉଥିଲେ ବିନୋଦ ଆଦାନୀ

### ଚାଇନା ନାଗରିକଙ୍କ ସହ ଥିଲା ଗୁପ୍ତ ବୁଝାମଣା: ତଦନ୍ତ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ, ୩।୩(ପି.ଟି.)

ଭାରତୀୟ ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ବଡ଼ଭାଇ ବିନୋଦ ଆଦାନୀ ଚାଇନା ନାଗରିକଙ୍କ ସହ ଗୋପନ ବୁଝାମଣାରେ ଶେଲ୍ କମ୍ପାନୀ ଚଳାଉଥିଲେ ବୋଲି ଶୁକ୍ରବାର କଂଗ୍ରେସ ଅଭିଯୋଗ କରିଛି। ସରକାର ଆଦାନୀ ଗ୍ରୁପ୍‌କୁ ସହଯୋଗ କରିବେ ନା ଏହା ବିରୋଧରେ ତଦନ୍ତ କରିବା ଆବଶ୍ୟକ ସ୍ପଷ୍ଟ କରନ୍ତୁ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଛି। ବନ୍ଦର, ବିମାନବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଭିତ୍ତିଭୂମିକୁ ନିୟନ୍ତ୍ରଣ କରୁଥିବା ବ୍ୟବସାୟ ଗ୍ରୁପ୍‌ର ଚାଇନା ସଂଯୋଗ ଚିନ୍ତାଜନକ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଆମେରିକାର ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍‌ର ଜାଲିଆତିକୁ ପଦାରେ ପକାଇବା ପରେ ଏହାର ଷ୍ଟକ୍ ମୂଲ୍ୟ ହ୍ରାସ ପାଇ ଚାଲିଛି। ଚାଇନା ସହ ଆଦାନୀ ଗ୍ରୁପ୍‌ର ଦୀର୍ଘଦିନର ସମ୍ପର୍କ ରହିଥିବା ଜୟରାମ ଅଭିଯୋଗ କରିଛନ୍ତି। ବିନୋଦ ଆଦାନୀଙ୍କ ଶେଲ୍ କମ୍ପାନୀ ସହ ଆଦାନୀ ଗ୍ରୁପ୍‌ର ଅନେକ କମ୍ପାନୀରେ ଚାଇନାର ଚାଙ୍ଗ୍ ଚୁଙ୍ଗ-ଲିଙ୍ଗ୍ ଓରଫ୍ ଲିଙ୍ଗୋ-ଚାଙ୍ଗ୍ ନିର୍ଦ୍ଦେଶକ ରହିଛନ୍ତି। ପାନାମା ପେପର୍ସରେ ମଧ୍ୟ ଚାଙ୍ଗ୍‌ଚୁଙ୍ଗଙ୍କ ନାମ ରହିଥିଲା। ୨୦୧୭ ଡିସେମ୍ବରରେ ଜାତିସଂଘ କଟକଣା ଉଲ୍ଲଂଘନ କରି ପାନାମା ପଞ୍ଜୀକୃତ ତୈଳ ଟ୍ୟାଙ୍କର ଉତ୍ତର କୋରିଆର ଏକ ଟ୍ୟାଙ୍କରକୁ ତେଲ ସ୍ଥାନାନ୍ତର କରୁଥିବାବେଳେ ଦକ୍ଷିଣ କୋରିଆ ଏହାକୁ ଜବତ କରିଥିଲା। ଏହି ଟ୍ୟାଙ୍କର ଚାଙ୍ଗ୍ ଚୁଙ୍ଗ-ଲିଙ୍ଗଙ୍କ ପୁଅ ଚିଏନ୍ ଟିଙ୍ଗ୍ ଚାଙ୍ଗ ଏବଂ ଚିଏନ୍ ହୁଆନ୍ ଚାଙ୍ଗଙ୍କ ମାଲିକାନାରେ ରହିଥିଲା। ଚିଏନ୍ ଟିଙ୍ଗ୍ ଚାଙ୍ଗଙ୍କ ପିଏମ୍‌ସି ପ୍ରୋଜେକ୍ଟସ୍ ଆଦାନୀ ଗ୍ରୁପ୍‌ର ମୁନ୍ଦ୍ରା ଓ ଅନ୍ୟାନ୍ୟ ବନ୍ଦର ନିର୍ମାଣରେ ସହାୟତା କରିଥିଲା ବୋଲି ଜୟରାମ ଅଭିଯୋଗ କରିଛନ୍ତି।

## ଗୃହ ବିଭାଗ ଯୁଗ୍ମ ସଚିବଙ୍କ ପୁଅ ବୋଲି ଅନୁକମ୍ପା: ଜୟନାରାୟଣ

### ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା

ସମ୍ବଲପୁର, ୩।୩(ବ୍ୟୁରୋ)

ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ମୃତ୍ୟୁ ଘଟଣା ଏବଂ ରାଜ୍ୟରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପୋଲିସ ପ୍ରଶାସନ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ଚିନ୍ମୟୀ ମୃତ୍ୟୁ ଘଟଣାରେ ପୋଲିସ ତଦନ୍ତ ବାଟବଣା ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ପ୍ରତିମାନ ଦେଙ୍କ ବାପା ରାଜ୍ୟ ଗୃହ ବିଭାଗର ଯୁଗ୍ମ ସଚିବ ପାହ୍ୟାରେ କାର୍ଯ୍ୟରତ। ତେଣୁ ପୋଲିସ ଅନୁକମ୍ପା ଦେଖାଉଛି ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି।

ସମ୍ବଲପୁର କଚେରିରୋଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ପୋଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରି ବିରୋଧୀ ଦଳ ନେତା ମିଶ୍ର କହିଲେ, ରାଜ୍ୟର ପୋଲିସ ପ୍ରଶାସନ ଶାସକ ଦଳ ଦ୍ୱାରା ପରିଚାଳିତ ହେଉଛି। ବିଭିନ୍ନ ସମ୍ବେଦନଶୀଳ ଘଟଣାରେ ପୋଲିସ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଯଦି ପୋଲିସ ଉପରୁ ଭରସା ତୁଟିଯିବ, ତା'ହେଲେ ରାଜ୍ୟ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ। ବିଶ୍ୱସନୀୟତା ବଜାୟ ରଖିବା ପାଇଁ ପୋଲିସକୁ ପଦକ୍ଷେପ ନେବାକୁ ପଡ଼ିବ। ଓଡ଼ିଶା ପୋଲିସ ପ୍ରଥମେ ନିଜର ଛବି ପରିବର୍ତ୍ତନ କରୁ ବୋଲି ସେ କହିଛନ୍ତି।

ଚିନ୍ମୟୀ ମୃତ୍ୟୁ ମାମଲା ଉଠାଇ ସେ କହିଲେ, ଏହା ନୂଆ କଥା ନୁହେଁ, ରାଜ୍ୟରେ ଏଭଳି ଅନେକ ଉଦାହରଣ ରହିଛି। ଏହି କଥା ବିଧାନସଭାରେ ଉଠାଯିବ। ନ୍ୟାୟ ପାଇବା ଓ ତଦନ୍ତ ନେଇ ମୃତକ ପରିବାର ମନରେ ସନ୍ଦେହ ରହୁଛି। ତେଣୁ ପୋଲିସକୁ ତଥ୍ୟ ପ୍ରମାଣ ସହିତ ପରିବାରର ସନ୍ଦେହ ଦୂର କରିବାକୁ ପଡିବ। ପୋଲିସ ହତ୍ୟା ଭଳି ସଙ୍ଗିନ



ମାମଲା ରୁଜୁକରି ପ୍ରତିମାନଙ୍କୁ ଅଟକ ରଖିଥିଲା। ହେଲେ ଘଟଣାର ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କୁ କୋର୍ଟ ଚାଲାଣ କରାଯାଇ ନାହିଁ। ଯଦି ଅଧିକ ତଦନ୍ତ କରିବାର ଆବଶ୍ୟକ ରହିଥିଲା ତା'ହେଲେ ପୋଲିସ କୋର୍ଟ ଚାଲାଣ କରି କାହିଁକି ରିମାଣ୍ଡରେ ନେଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ରିମାଣ୍ଡରେ ନେଇ ତଦନ୍ତ କଲେ ନିଶ୍ଚିତ ଭାବେ ସତ୍ୟାସତ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି ବୋଲି ମିଶ୍ର କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରୁ ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀଙ୍କ ମୃତଦେହ ବୁଧବାର ସକାଳେ ଜବତ ହୋଇଥିଲା। ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ହସ୍ତଗତ କରିଛି। ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ତଦନ୍ତ ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ହେଲେ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଯୁଗ୍ମ ସଚିବଙ୍କ ପୁଅ ପ୍ରତିମାନ ଓ ତାଙ୍କ ସାଙ୍ଗକୁ ପୋଲିସ ଅଟକ ରଖି ଜେରା କରୁଛି।

## ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଦମ୍ପତି ଗିରଫ

ମାଲକାନଗିରି, ୩।୩(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲା ଅନ୍ତର୍ଗତ ଗାଦିରାସ ଥାନା ଅଞ୍ଚଳରେ ମାଓବାଦୀଙ୍କ ସହ ଗୁଳି ବିନିମୟ ସମୟରେ ମାଓବାଦୀ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପରିଚୟ ପୋଲିସ ପ୍ରକାଶ କରିନି। ପୁରୁଷ ମାଓବାଦୀଙ୍କ ନାମରେ ଛତିଶଗଡ଼ ସରକାର ୮ ଲକ୍ଷ ଏବଂ ମହିଳା ମାଓବାଦୀ ଜଣଙ୍କ ନାମରେ ୨ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଖବରରୁ ଜଣାପଡିଛି ଗୁରୁବାର ସନ୍ଧ୍ୟାରେ ଗାଦିରାସ ଥାନା ପରିୟା ଜଙ୍ଗଲରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସକୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ଏହାର ଜବାବ ଦେଇ ପାଲଟା ଗୁଳି ଚାଳନା କରିଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ସମୟରେ ମାଓବାଦୀ ଦମ୍ପତିଙ୍କୁ ପୋଲିସ ଘେରାବନ୍ଦୀ କରି ଗିରଫ କରିଥିଲା। ଗିରଫ ଦମ୍ପତିଙ୍କ ମଧ୍ୟରୁ ପୁରୁଷ ମାଓବାଦୀ ଜଣକ ମାଓବାଦୀ ସଙ୍ଗଠନର ପ୍ଲାଟୁନ୍ ନମ୍ବର ୨୪ର ଡେପୁଟି କମାଣ୍ଡର ଭାବେ ୮ବର୍ଷ ହେଲା କାର୍ଯ୍ୟ କରୁଥିଲେ। ମହିଳା ମାଓବାଦୀ ଜଣକ କାଙ୍ଗେରଘାଟି ଏରିଆ କମିଟି ସଦସ୍ୟା ଭାବେ ୧୦ ବର୍ଷ ଧରି ସକ୍ରିୟ ଥିଲେ। ଦାନ୍ତେୱାଡା ଏବଂ ସୁକ୍‌ମା ଜିଲାରେ ବିଭିନ୍ନ ସମୟରେ ଘଟିଥିବା ମାଓବାଦୀ ଆକ୍ରମଣ ଘଟଣାରେ ଏହି ଦମ୍ପତି ଜଡିତ ଥିବା ପୋଲିସ ସୂଚନା ଦେଇଛି।

# ୨୦୨୪ ସୁଦ୍ଧା ସବୁ ଘରକୁ ପାନୀୟ ଜଳ:ମନ୍ତ୍ରୀ

ଭୁବନେଶ୍ୱର,୩।୩(ବ୍ୟୁରୋ)

- **ବିଭାଗର ବ୍ୟୟ ଅଟକଳ ୨୬୩୧୧.୯୫ କୋଟି**
- **୨୦ ଦାଦନପ୍ରବଣ ବ୍ଲକ୍‌ରେ କର୍ମନିଯୁକ୍ତି ପାଇଁ ୫୦୦ କୋଟି**

୨୦୨୪ ମସିହା ସୁଦ୍ଧା ସବୁ ପରିବାରଙ୍କୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ୫୭,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଆଗତ ୨୦୨୩-୨୪ ମସିହା ବଜେଟ ମୁଖ୍ୟାଂଶ ସମ୍ପର୍କରେ ଶୁକ୍ରବାର ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜଳ ଜୀବନ ମିଶନ ଯୋଜନା ପାଇଁ ୫,୭୫୦ କୋଟି, ବସୁଧା ଯୋଜନା ପାଇଁ ୩,୭୫୦ କୋଟି ଏବଂ ଆର୍‌ଆଇଡିଏଫ୍ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅଦ୍ୟାବଧି ରାଜ୍ୟର ମୋଟ୍ ୮୮,୫୬,୩୮୭ ଗ୍ରାମୀଣ ପରିବାର ମଧ୍ୟରୁ ୫୦,୭୧,୦୦୦ ପରିବାରକୁ ଟ୍ୟାପ୍ ସଂଯୋଗ କରାଯାଇଛି। ପାନୀୟ ଜଳର ମାନ ନିର୍ଦ୍ଧାରଣ ପାଇଁ ଗୋଟିଏ ରାଜ୍ୟସ୍ତରୀୟ, ୩୦ ଗୋଟି ଜିଲାସ୍ତରୀୟ ଓ ୪୬ ଗୋଟି ଉପ ଜିଲାସ୍ତରୀୟ (ମୋଟ ୭୭ ଗୋଟି) ଜଳ ପରୀକ୍ଷାଗାର କାର୍ଯ୍ୟକ୍ଷମ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଞ୍ଚଳରେ ବସବାସ କରୁଥିବା ୮୮.୫୬ ଲକ୍ଷ ଗ୍ରାମୀଣ ପରିବାର ପାଖରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ପହଞ୍ଚାଇ ସେମାନଙ୍କୁ ବିକାଶ ସ୍ରୋତରେ ସାମିଲ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବ୍ୟୟ ଅଟକଳ ୨୬୩୧୧.୯୫ କୋଟି ଟଙ୍କା ରଖାଯାଇଛି, ଯାହା ଗତ ବର୍ଷ ବଜେଟ ତୁଳନାରେ ୧୬ ପ୍ରତିଶତ ଅଧିକ। ଗ୍ରାମୀଣ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୦୦୦ କୋଟି ଟଙ୍କାର ରିଭଲିଂ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ରାଜ୍ୟର ୨୦ଟି ଦାଦନପ୍ରବଣ ବ୍ଲକ୍‌ରେ କର୍ମନିଯୁକ୍ତି ଯୋଗାଇ ଦେବା ପାଇଁ ୫୦୦ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଜ୍ଞାପିତ ଦୈନିକ ମଜୁରି ୩୩୩ ଟଙ୍କା ହାରରେ ଦିଆଯାଉଛି। ଏହି ଆର୍ଥିକ ବର୍ଷରେ ଏହି ସହାୟତାକୁ ଆଉ କିଛି ବ୍ଲକ୍‌କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୧୬.୮୧ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଛି। ଏଥିରେ ୫୦% ତଫସିଲଭୁକ୍ତ ଜାତି ଓ ଉପଜାତି, ୪୭.୯% ମହିଳା ସହଭାଗିତା ରହିଛି। ୩୭.୭୪ ଲକ୍ଷ ପରିବାରର ୪୯.୧୧ ଲକ୍ଷ ଉପଭୋକ୍ତା କର୍ମନିଯୁକ୍ତି ପାଇଛନ୍ତି।

ବର୍ତ୍ତମାନ ସୁଦ୍ଧା ୩,୩୬,୨୮୨ ପରିବାର ୧୦୦ ଦିନର କର୍ମନିଯୁକ୍ତି ପାଇଛନ୍ତି। ବିଭିନ୍ନ ଉତ୍ପାଦନକାରୀ ସମ୍ପତ୍ତି ଯଥା ୨୮,୮୨୯ ଫାର୍ମ ପୋଖରୀ, ୧,୭୩୮ ଅଙ୍ଗନୱାଡ଼ି କେନ୍ଦ୍ର, ୫,୩୫୬ କୂଅ, ୨,୭୦୫ ଖେଳ ପଡ଼ିଆ, ୫୩୭ ଗ୍ରାମ୍ୟ ଉଦ୍ୟାନ, ୧,୧୧୯ ଗ୍ରାମ ପଞ୍ଚାୟତ ମଡେଲ ପୋଖରୀ, ୧୭ ଜଳ ସଂରକ୍ଷଣ ପ୍ରକଳ୍ପ ଏବଂ ୭,୫୮୦ ଜଳାଶୟ ନିର୍ମାଣ ହୋଇଛି। ୪.୨୪ ଲକ୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୫.୩୨ ଲକ୍ଷ କାର୍ଯ୍ୟ ଚାଲୁ ରହିଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। 'ସଭିଙ୍କୁ ଆଶ୍ରୟ ସୁରକ୍ଷା' ଲକ୍ଷ୍ୟ ନେଇ ଗ୍ରାମାଞ୍ଚଳର ସମସ୍ତ ଗୃହହୀନ ଓ କଚ୍ଚା ଘରେ ବସବାସ କରୁଥିବା ପରିବାର ବର୍ଗଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ହିତାଧିକାରୀଙ୍କୁ ସେମାନଙ୍କ ଘର ଶୀଘ୍ର ସମାପ୍ତ କରିବା ପାଇଁ ରାଜ୍ୟ ସରକାର ୮.୨୦ ଲକ୍ଷ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୧୩୪୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିଭିନ୍ନ ଗ୍ରାମୀଣ ଗୃହନିର୍ମାଣ ଯୋଜନାରେ ଘର ତିଆରି ସମ୍ପୂର୍ଣ୍ଣ କରିଥିବା ୨୭.୨୭ ଲକ୍ଷ ପରିବାରଙ୍କୁ ବିଜୁ ପକ୍କାଘର ଯୋଜନା ପାଣ୍ଠିରୁ ଗୃହ ମରାମତି ଅନୁଦାନ ବାବଦରେ ପ୍ରତି ପରିବାର ପିଛା ୩୦୦୦ ଟଙ୍କା ହିସାବରେ ମୋଟ ୮୧୮ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଗୃହ ମଞ୍ଜୁର ପାଇଁ ରାଜ୍ୟ ପକ୍ଷରୁ ୯.୫୯ ଲକ୍ଷ (୧.୪୨ ଲକ୍ଷ ଫନୀ ବାତ୍ୟା ପୀଡ଼ିତଙ୍କୁ ମିଶାଇ) ସମ୍ଭାବ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏହି ହିତାଧିକାରୀଙ୍କ ଯୋଗ୍ୟତା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ଓ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲା ପରିଷଦ ସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହଯୋଗରେ କାର୍ଯ୍ୟକାରୀ ହେଉଛି। ଏଥି ନିମନ୍ତେ ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ୩୭୨.୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ମୋଟ ୯୧୫.୦୯ କୋଟି ଟଙ୍କା ହସ୍ତାନ୍ତରୀକରଣ ଅର୍ଥ ସୁପାରିସ କରିଛନ୍ତି। ଏହି ହସ୍ତାନ୍ତରୀକରଣ ଅର୍ଥ ରାଜ୍ୟର ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦମାନଙ୍କ ମଧ୍ୟରେ ୬୦:୩୦:୧୦ ଅନୁପାତରେ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରରେ ଡାଟା କେନ୍ଦ୍ର ସୃଷ୍ଟି ପାଇଁ ୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସଂଯୋଜନା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଏହି ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ।

# ଖୁବ୍‌ଶୀଘ୍ର ରଙ୍ଗେଇଲୁଣ୍ଡାରୁ ଉଡ଼ିବ ବିମାନ

ବ୍ରହ୍ମପୁର/ଗୋପାଳପୁର,୩।୩ (ଡି.ଏନ୍.ଏ.)

ଖୁବ୍‌ଶୀଘ୍ର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରୁ ବିମାନ ଉଡ଼ାଣ ଆରମ୍ଭ ହେବ। ଏନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ବୈଷୟିକ ଶିକ୍ଷା ବିକାଶ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। 'ଉଡାନ୍' ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରୁ କ୍ଷୁଦ୍ର ବିମାନ ପ୍ରାଥମିକ ପର୍ଯ୍ୟାୟରେ ଉଡ଼ାଣ ହେବ। ଏଠାରୁ ୯ରୁ ୧୦ ସିଟ୍ ବିଶିଷ୍ଟ କ୍ଷୁଦ୍ର ନନ୍‌ସିଡ୍ୟୁଲ୍ଡ ବିମାନ ଚଳାଚଳ ହେବ। ଏହାସହ ସପ୍ତାହକୁ ଦୁଇଥର ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ଅଭିମୁଖେ ବିମାନ ଉଡ଼ାଣ ହେବ। ଶୁକ୍ରବାର ସଚିବ ପାଢ଼ୀ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ପଡ଼ିଆର ସମ୍ପ୍ରସାରଣ ଓ ଭିତ୍ତିଭୂମି ତଦାରଖ କରି ଫେରିଛନ୍ତି। ପୂର୍ବାହ୍ନରେ ବିମାନ ବନ୍ଦର ପରିଦର୍ଶନ କରିବା ସହ ନିକଟରେ ଥିବା କ୍ରିଡ଼ଶେଡ୍‌ରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ୍ ଏମ୍, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ କେତେ କାମ ହୋଇଛି, କେଉଁ କେଉଁ କାମ ରହିଛି ସେ ନେଇ ଆଲୋଚନା କରିଛନ୍ତି। ସଚିବ ଆହୁରି କହିଛନ୍ତି, ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ଏୟାରଷ୍ଟ୍ରିପ୍‌କୁ ସମ୍ପ୍ରସାରଣ କରାଯିବା ସହ ଧୀରେ ଧୀରେ ରଙ୍ଗେଇଲୁଣ୍ଡାରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ଆକାଶ ମାର୍ଗରେ ସଂଯୋଗ କରାଯିବ। ସୂଚନାଯୋଗ୍ୟ,



ଅସ୍ଥାୟୀ ଟର୍ମିନାଲରେ ବରିଷ୍ଠ ଅଧିକାରୀଙ୍କ ସହ ପ୍ରମୁଖ ସଚିବଙ୍କ ଆଲୋଚନା।

### ଏୟାରଷ୍ଟ୍ରିପ୍ ଭିତ୍ତିଭୂମି ଯାଞ୍ଚକଲେ ସଚିବ ଉଷା ପାଢ଼ୀ

ବର୍ତ୍ତମାନ ଏୟାରଷ୍ଟ୍ରିପ୍‌ର ଲମ୍ବ ୭୫୦ ମିଟର ରହିଥିବା ବେଳେ ଓସାର ୧୫ ମିଟର ରହିଛି। ଆଗାମୀ ଦିନରେ ଏହାକୁ ୮୫୦ ମିଟର କରାଯିବା ସହ ଓସାର ୩୦ ମିଟର କରାଯିବ ବୋଲି ସୂଚନା ମିଳିଛି। ଏଠାରୁ ବିମାନ ଚଳାଚଳ ନିମନ୍ତେ ଇଣ୍ଡିଆ ୱାନ୍ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଗଞ୍ଜାମ ରାସ୍ତା ଓ କୋଠାବାଡ଼ି ବିଭାଜନ-୨ ତରଫରୁ ଅସ୍ଥାୟୀ ରୂପେ ପିଚୁ କାମ, ପାଚେରି ରଙ୍ଗଦିଆ, ଟିକେଟ କାଉଣ୍ଟର ଓ ଅସ୍ଥାୟୀ ଟର୍ମିନାଲ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ଦିନରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ବିମାନ ସେବା ବୃଦ୍ଧି କରାଯିବ ବୋଲି କୀର୍ତ୍ତିଭାସନ କହିଛନ୍ତି। ଏହି ଅବସରରେ କନିଷ୍ଠ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

### ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

- **ଏମ୍‌କେସିଜିରେ ଆଇସିୟୁର ଅଭାବ**

ବ୍ରହ୍ମପୁର ଅଫିସ,୩।୩

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ଚିକିତ୍ସା ଅବହେଳାରୁ ପୁଣି ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରୋଗୀଙ୍କୁ ଆଇସିୟୁ ନ ମିଳିବାରୁ ରୋଗୀ ଜଣଙ୍କ ଗୁରୁତର ହୋଇ ଶେଷରେ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ଜଣଙ୍କ ହେଲେ ଛତ୍ରପୁର ଥାନା ବିପୁଲିଙ୍ଗି ଗ୍ରାମର ଶଶିଭୂଷଣ ସାମନ୍ତରାୟ। ଚିକିତ୍ସାରେ ଅବହେଳା ସହିତ ଆଇସିୟୁ ପ୍ରଦାନରେ ବିଳମ୍ବ କରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ପ୍ରତାପ ସାମନ୍ତରାୟ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଛାତିରେ କଫ ଜମି ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ପ୍ରତାପ ତାଙ୍କର ବାପା ଶଶିଭୂଷଣଙ୍କୁ ଗତ ୨୬ ତାରିଖରେ ଏମ୍‌କେସିଜି କାଜୁଆଲିଟିରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ଟିବି ଓ ଚେଷ୍ଟ ୱାର୍ଡ଼କୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ଆଇସିୟୁରେ ରଖିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏଥିପାଇଁ ପୁଅ ପ୍ରତାପ ବିଭାଗୀୟ ଡାକ୍ତର ଓ କର୍ମଚାରୀଙ୍କ ସହିତ କଥା ହୋଇଥିଲେ। ହେଲେ ତାଙ୍କୁ ଆଇସିୟୁ ମିଳି ନ ଥିଲା। ବାରମ୍ବାର କହିବା ପରେ ମଧ୍ୟ କେହି ତାଙ୍କର କଥା ଶୁଣି ନ ଥିଲେ। ଫଳରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପ୍ରତାପ ଅଭିଯୋଗ କରିଛନ୍ତି।

### ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୮ ଶ୍ରମିକ ଗୁରୁତର

ଲାଞ୍ଜିଗଡ଼,୩।୩(ଡି.ଏନ.ଏ.)

କଳାହାଣ୍ଡି-ରାୟଗଡ଼ ଜିଲା ସୀମାନ୍ତ ଝିଗିଡ଼ି ଗାଁ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ୧୮ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଭବାନୀପାଟଣା ଓ ରାୟଗଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଶୁକ୍ରବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଜାରେଙ୍ଗପଟା, ଜିଞ୍ଜୋରଗୁ, ଇରକୁଲି ଓ ବରାଘାଟି ଗାଁର ୨୬ଜଣ ଶ୍ରମିକ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବସି ରାୟଗଡ଼ ଜିଲା ମୁନିଗୁଡ଼ା ବ୍ଲକ ଦହିଖାଲକୁ ନୀଳଗିରି ଗଛ କାଟିବାକୁ ଯାଉଥିଲେ। ଝିଗିଡ଼ି ଗାଁ ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିବାରୁ ସେଥିରେ ବସିଥିବା ୨୬ଜଣ ଶ୍ରମିକଙ୍କ ମଧ୍ୟରୁ ୧୮ଜଣ ଗୁରୁତର ହୋଇଥିବାବେଳେ ଅନ୍ୟ ୮ଜଣ ସାମାନ୍ୟ ଆହତ ହୋଇଛନ୍ତି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣିଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଶୁକ୍ରବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୯୦୦(୮୯୯.୬୨) ପଏଣ୍ଟ ବୃଦ୍ଧି ଘଟି ୫୯,୮୦୯(୫୯,୮୦୮.୯୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ ୨୭୨ (୨୭୨.୪୫) ପଏଣ୍ଟ ବଢ଼ି ୧୭,୫୯୪ (୧୭,୫୯୪.୩୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆନ୍ଧ୍ରପ୍ରଦେଶରେ ନିବେଶ କରିବ ରିଲାଏନ୍ସ

- ୧୦ଗିଗାୱାଟ୍ ସୋଲାର ପାୱାର ପ୍ଲାଣ୍ଟ
- ୫୦,୦୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି



'ଆନ୍ଧ୍ରପ୍ରଦେଶ ଗ୍ଲୋବାଲ ନିବେଶକ ସମ୍ମିଳନୀ-୨୦୨୩'ର ଏକ ବିଶେଷ ମୁହୂର୍ତ୍ତରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ସହ ମୁକେଶ ଅମ୍ବାନୀ।

**ନୂଆଦିଲ୍ଲୀ,୩।୩**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆନ୍ଧ୍ରପ୍ରଦେଶରେ ୧୦ଗିଗାୱାଟ୍ ସୋଲାର ପାୱାର ପ୍ଲାଣ୍ଟରେ ପୁଞ୍ଜିନିବେଶ କରିବ। ଆନ୍ଧ୍ରପ୍ରଦେଶର ଉତ୍ପାଦଗୁଡ଼ିକୁ ସାରା ଦେଶରେ ପହଞ୍ଚାଇବା ଲାଗି ରିଲାଏନ୍ସ ରିଟେଲ ଏହାର କୃଷି ଆଧାରିତ ଉତ୍ପାଦ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଅଧିକରୁ ଅଧିକ ମାତ୍ରାରେ କିଣିବ। ରିଲାଏନ୍ସର ଏହି ପଦକ୍ଷେପ ଯୋଗୁ ଆନ୍ଧ୍ରପ୍ରଦେଶରେ ୫୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି 'ଆନ୍ଧ୍ରପ୍ରଦେଶ ଗ୍ଲୋବାଲ ନିବେଶକ ସମ୍ମିଳନୀ-୨୦୨୩'ରେ ଯୋଗଦେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି। ଏପରିକି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଉପସ୍ଥିତିରେ ରିଟେଲ କ୍ଷେତ୍ର ସମ୍ପର୍କରେ ଉପସ୍ଥାପନା କରି ମୁକେଶ କହିଛନ୍ତି, ଆନ୍ଧ୍ରପ୍ରଦେଶର ୬ହଜାର ଗ୍ରାମର ୧ଲକ୍ଷ ୨୦ହଜାରରୁ ଅଧିକ କିରାନା ବ୍ୟବସାୟୀଙ୍କ ସହ ରିଲାଏନ୍ସ ରିଟେଲ ସହଯୋଗିତା ସ୍ଥାପନ କରିଛି। ବିଶେଷକରି ଡିଜିଟାଲ ଯୁଗରେ ଛୋଟ ବ୍ୟବସାୟୀମାନେ ଯେଭଳି ସମୃଦ୍ଧ ହୋଇପାରିବେ ସେଥିପାଇଁ ସେମାନଙ୍କ ଲାଗି ଆବଶ୍ୟକ ଉପକରଣ ଉପଲବ୍ଧ କରାଯାଇଛି। ସେହିଭଳି ରିଲାଏନ୍ସ ରିଟେଲ୍ ଆନ୍ଧ୍ରପ୍ରଦେଶରେ ୨୦,୦୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ବହୁ ସଂଖ୍ୟାରେ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିପାରିଛି।

ଅପରପକ୍ଷରେ ରିଲାଏନ୍ସ ଜିଓ ବିଷୟରେ ପ୍ରକାଶକରି ମୁକେଶ କହିଛନ୍ତି ,ଆନ୍ଧ୍ରପ୍ରଦେଶ ସମେତ ସାରା ଦେଶରେ ୨୦୨୩ ଶେଷ ସୁଦ୍ଧା ଜିଓ ଟ୍ରୁ-୫ଜିର ଶୁଭାରମ୍ଭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଏପରିକି ୪୦ହଜାର କୋଟି ଟଙ୍କାରୁ ଅଧିକ ନିବେଶକରି ଜିଓ ଆନ୍ଧ୍ରପ୍ରଦେଶରେ ସବୁଠୁ ବଡ଼ ଏବଂ ଉନ୍ନତ ଡିଜିଟାଲ ନେଟ୍‌ୱର୍କ ପ୍ରସ୍ତୁତ କରିଛି, ଯାହା ରାଜ୍ୟର ୯୮% ଲୋକମାନଙ୍କ ପାଖରେ ପହଞ୍ଚିପାରିଛି। ଜିଓ ଟ୍ରୁ-୫ଜି ଜରିଆରେ ଅର୍ଥନୀତିକୁ ନୂଆ ଗତି ମିଳିବ ଏବଂ ବଡ଼ ଧରଣର ବ୍ୟବସାୟ ଓ ରୋଜଗାର ସୁଯୋଗ ସୃଷ୍ଟି ହେବ। ଆନ୍ଧ୍ରପ୍ରଦେଶର ବିଶାଳ ଆର୍ଥିକ ସ୍ଥିତି ଉପରେ ପ୍ରଥମେ ବିଶ୍ୱାସ ପ୍ରକଟ କରିଥିବା କିଛି ହାତଗଣତି ଭାରତୀୟ କମ୍ପାନୀଙ୍କ ମଧ୍ୟରୁ ରିଲାଏନ୍ସ ଅନ୍ୟତମ। ରାଜ୍ୟର କେଜି-ଡି୬ ବେସିନ୍ ଓ ତାହାର ପାଇପ୍‌ଲାଇନରେ ଆମେ ୧,୫୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିଛୁ। ଦେଶର ମୋଟ ଗ୍ୟାସ୍ ଉତ୍ପାଦନରେ କେଜି-ଡି୬ର ପ୍ରାୟ ୩୦% ଯୋଗଦାନ ରହିଛି। ସେହିପରି ଆନ୍ଧ୍ରପ୍ରଦେଶରରେ ଫାର୍ମା ଓ ଭିତ୍ତିଭୂମି କ୍ଷେତ୍ରରେ ଉଦ୍ୟୋଗ ଓ ଉଦ୍ୟୋଗପତିମାନଙ୍କ ଲମ୍ବା ଧାଡ଼ି ରହିଛି ଏବଂ ସବୁଠୁ ବଡ଼ କଥା ହେଉଛି ଆନ୍ଧ୍ରପ୍ରଦେଶ ପାଖରେ ବିଶାଳ ସମୁଦ୍ର ଉପକୂଳ ରହିଛି, ଯାହା ତାହାକୁ ବ୍ଲୁ ଅର୍ଥନୀତିରେ ପରିଣତ କରିବାର କ୍ଷମତା ରଖୁଛି। ନୂଆ ଭାରତର ବିକାଶ କାହାଣୀରେ ଆନ୍ଧ୍ରପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆସ୍ଥା ପ୍ରକଟ କରିଛନ୍ତି।

## ଫେବୃୟାରୀରେ ହୋଣ୍ଡାର ୬୦୮୬ କାର୍ ବିକ୍ରି

**ନୂଆଦିଲ୍ଲୀ, ୩।୩**

ଦେଶର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ)ଚଳିତ ବର୍ଷ ଫେବୃୟାରୀରେ ମୋଟ ୬୦୮୬ କାର ଘରୋଇ ବଜାରରେ ବିକ୍ରି କରିଛି। ଅପରପକ୍ଷରେ କମ୍ପାନୀ ୨୦୨୩ ଫେବୃୟାରୀରେ ମୋଟ ୯୭୩ ୟୁନିଟ୍ କାର ରପ୍ତାନୀ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲର ବିକ୍ରୟ ତଥା ବିପଣନ ବିଭାଗ ନିର୍ଦ୍ଦେଶକ ୟୁଇଚି ମୁରାତା କହିଛନ୍ତି, ନୂଆ ନିର୍ଗମନ ନୀତିର ଅନୁପାଳନ ସହିତ ଆମର ବ୍ୟବସାୟୀକ ଯୋଜନା ମୁତାବକ ଆମେ ବଜାର ଅଂଶ ଲାଭ କରିଛୁ ବୋଲି ମୁରାତା ମତପ୍ରକାଶ କରିଛନ୍ତି। ସେହିପରି ବିଶେଷ ପ୍ରଯୁକ୍ତି ସଂଯୋଜିତ ହୋଣ୍ଡା ସିଟିର ସଦ୍ୟତମ ସଂସ୍କରଣର ବଜାର ପ୍ରବେଶ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଗତବର୍ଷ ଫେବୃଆରୀରେ କମ୍ପାନୀ ଘରୋଇ ବଜାରରେ ୭୧୮୭ କାର ବିକ୍ରି କରିଥିବାବେଳେ ୨୩୩୭ କାର ରପ୍ତାନୀ କରିଥିଲେ।

## 'ଉବଲ'ର ମାସ୍କଟ୍ ଉନ୍ମୋଚିତ



**ଭୁବନେଶ୍ୱର,୩।୩**

ରାଜ୍ୟର ପ୍ରମୁଖ ଡିଜିଟାଲ ପୋର୍ଟଫୋଲିଓ ଷ୍ଟାର୍ଟଅପ୍ ସଂସ୍ଥା 'ଉବଲ' ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଓ ହବ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉବଲର ମାସ୍କଟ 'ଓଲିଓ'ର ଉନ୍ମୋଚନ କରାଯାଇଥିଲା। ଉବଲର ପ୍ରତିଷ୍ଠାତା ତଥା ସିଇଓ ଆକାଶ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଏ ସମ୍ପର୍କରେ ଉବଲର ପ୍ରତିଷ୍ଠାତା ତଥା ସିଇଓ ଆକାଶ ଜୟସ୍ୱାଲ କହିଛନ୍ତି, ଡିଜିଟାଲ ପୋର୍ଟଫୋଲିଓ ପ୍ରଦାନ କ୍ଷେତ୍ରରେ ଉବଲ ଏକ ପ୍ରମୁଖ ଭୂମିକା ତୁଲାଉଛି। କମ୍ପାନୀ ପ୍ରତିଷ୍ଠାର ମାତ୍ର ୮ମାସ ମଧ୍ୟରେ ୧୦,୦୦୦ରୁ ଅଧିକ ବ୍ୟବହାରକାରୀଙ୍କ ସହ ଯୋଡ଼ି ହୋଇପାରିଛି। ବିଶେଷକରି ଉକ୍ତ ପୋର୍ଟଫୋଲିଓ ପାଇଁ ୩ ମାସ, ୬ମାସ ଏବଂ ବର୍ଷିକିଆ ପ୍ୟାକେଜ୍ ରଖାଯାଇଛି। ବର୍ତ୍ତମାନ ୬ରୁ ଅଧିକ ଫିଚର ଉପଲବ୍ଧ ଥିବାବେଳେ ବ୍ୟବହାରକାରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ତୁଳନାତ୍ମକ (କମ୍ପାରିଜନ୍) ଏବଂ ପ୍ରତିଭା (ଟ୍ୟାଲେଣ୍ଟ) ହବ୍ ଫିଚର 'ଉବଲ' ପକ୍ଷରୁ ଅଣାଯାଉଛି। ସେହିଭଳି ବିଭିନ୍ନ କ୍ଷେତ୍ରରେ ଥିବା ଲୋକମାନେ ସେମାନଙ୍କର କାର୍ଯ୍ୟକଳାପ ଏବଂ ସଫଳତାକୁ ଏଥିରେ ପ୍ରଦର୍ଶିତ କରିପାରୁଛନ୍ତି। ଏପରିକି ବ୍ଲଗ୍ ଲେଖି ସର୍ଚ୍ଚ ଇଞ୍ଜିନରୁ ର୍ୟାଙ୍କ୍ ପାଇପାରୁଛନ୍ତି। ବିଶ୍ୱବ୍ୟାପୀ 'ଉବଲ'ର ଏକ ଚେହେରା ଭାବେ ମାସ୍କଟ୍ 'ଓଲିଓ'ର ଶୁଭାରମ୍ଭ କରାଯାଇଛି। ଏହା ଅଧିକ ଲୋକଙ୍କ ପାଖରେ ପହଞ୍ଚିବାରେ ସାହାଯ୍ୟ କରିବ ବୋଲି ଜୟସ୍ୱାଲ ମତପ୍ରକାଶ କରିଛନ୍ତି।

## ବିଓଆଇର ଏସ୍ଏମ୍ଇୟୁସି- କଟକ ଉଦ୍‌ଘାଟିତ

**କଟକ,୩।୩**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କଟକ ରାଣୀହାଟଠାରେ ଏମ୍ଏସ୍ଏମ୍ଇ ଋଣ ସେବା କେନ୍ଦ୍ର 'ଏସ୍ଏମ୍ଇୟୁସି-କଟକ'ର ଶୁଭାରମ୍ଭ କରାଯାଇଛି। ଏପରିକି ବିଓଆଇର ରାଣୀହାଟ ଶାଖା ପରିସରରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏନ୍‌ବିଜି ଓଡ଼ିଶା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏସ୍.ମଳୟ ଦାସ ଏବଂ ଉପ-ଆଞ୍ଚଳିକ ମୁଖ୍ୟ ଅଶୋକ କୁମାର ଜେନାଙ୍କ ସମେତ ଚିନ୍ମୟ ପାଣିଗ୍ରାହୀ (ମୁଖ୍ୟ ପ୍ରବନ୍ଧକ ଏସ୍ଏମ୍ଇୟୁସି), ହର ଜେନା (ମୁଖ୍ୟ ପ୍ରବନ୍ଧକ, ରାଣୀହାଟ ଶାଖା), ଏନ୍‌ବିଜି କର୍ମଚାରୀ, ଆଞ୍ଚଳିକ କାର୍ଯ୍ୟାଳୟ କର୍ମଚାରୀଗଣ ଏବଂ ବିଭିନ୍ନ ଶାଖାର ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ବିଶେଷ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆର୍ଥିକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟରେ ଏହା ଆରମ୍ଭ ହୋଇଛି। ସେହିଭଳି ଅଭିଜ୍ଞ କର୍ମଚାରୀଙ୍କ ଟିମ୍‌କୁ ନେଇ ଏସ୍ଏମ୍ଇୟୁସ ପକ୍ଷରୁ କଟକ,କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ୩୮ଟି ଶାଖାକୁ ବିତ୍ତୀୟ ଉତ୍ପାଦ ସହ ପୁଞ୍ଜି ଋଣ, ମିଆଦୀ ଋଣ, ଇକ୍ୟୁପମେଣ୍ଟ ଫାଇନାନ୍ସ ଏବଂ ଟ୍ରେଡ୍ ଫାଇନାନ୍ସ ଆଦି ସେବା ପ୍ରଦାନ କରାଯିବ।




ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ଶସ୍ତ୍ର ଡିମ୍ଡ ୟୁନିଭର୍ସିଟି' ଥାଞ୍ଜାଭୁର ତାମିଲନାଡୁ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନ୍ୟାଶନାଲ ସାଇନ୍ସ ଡେ' ଆୱାର୍ଡ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଶିକ୍ଷାବିତ୍‌ମାନଙ୍କୁ ମୁଖ୍ୟ ଅତିଥି ଟାଟା ଇଲେକ୍ଟ୍ରୋନିକ୍ସ ପ୍ରା.ଲି.ର ଫାବ୍ ଏବଂ ଓଏସ୍ଏଟି ମୁଖ୍ୟ ଡ. ଚରଣ ଗୁରୁମୂର୍ତ୍ତି ସମ୍ମାନିତ କରୁଛନ୍ତି। ଏହି ଅବସରରେ ଶସ୍ତ୍ର ୟୁନିଭର୍ସିଟିର ବହୁ ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସିୟୁଟିଏମ୍ ସହ ମାରୁତି ସୁଜୁକିର ସହଭାଗିତା

**ଭୁବନେଶ୍ୱର,୩।୩**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ(ସିୟୁଟିଏମ୍) ଭୁବନେଶ୍ୱର କ୍ୟାମ୍ପସ ଏବଂ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ଦକ୍ଷତା ବିକାଶ ଅଭିଯାନକୁ ସମ୍ପ୍ରସାରିତ କରିବା ସହ ସିୟୁଟିଏମ୍ ଦ୍ୱାରା ଯୁବପିଢ଼ିଙ୍କ ପାଇଁ ଏକ ୩ ବର୍ଷିଆ ଶିଳ୍ପ ଆଧାରିତ ପାଠ୍ୟକ୍ରମ ବିବିଏ ଇନ୍ ରିଟେଲ୍ ମ୍ୟାନେଜମେଣ୍ଟ ପ୍ରଦାନ କରାଯିବ। ଉକ୍ତ ପାଠ୍ୟକ୍ରମକୁ ମିଳିତ ଭାବେ ମାରୁତି ସୁଜୁକି ଓ ସିୟୁଟିଏମ୍ ଦ୍ୱାରା ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏପରିକି ଅଟୋମୋବାଇଲ ଇଣ୍ଡଷ୍ଟ୍ରିର ଆବଶ୍ୟକତା ପୂରଣ କରିବା ପାଇଁ ଏହାର ଆରମ୍ଭ କରାଯାଇଛି। ସେହିଭଳି ଛାତ୍ରୀଛାତ୍ରମାନେ ଯେପରି ଅଟୋମୋବାଇଲ ରିଟେଲ ବିଷୟବସ୍ତୁକୁ ଭଲ ଭାବେ ବୁଝିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଉକ୍ତ ପାଠ୍ୟକ୍ରମକୁ ୧ ବର୍ଷର କ୍ଲାସ୍‌ରୁମ୍ ଟ୍ରେନିଂ ଓ ମାରୁତି ସୁଜୁକି ଡିଲରଶିପ୍‌ରେ ୨ବର୍ଷର 'ଅନ୍-ଦ-ଜବ୍ ଟ୍ରେନିଂ' (ଓଜେଟି)ରେ ବିଭକ୍ତ କରାଯାଇଛି। ଉପରୋକ୍ତ ୨ବର୍ଷର ଓଜେଟି ଛାତ୍ରୀଛାତ୍ରମାନଙ୍କୁ ବାସ୍ତବ କାର୍ଯ୍ୟ ସ୍ଥିତିରେ ସେମାନଙ୍କର ଦକ୍ଷତାକୁ ବୁଝିବା ଓ ମଜଭୁତ କରିବା ପାଇଁ ସକ୍ଷମ କରିବ ଯାହା ସେମାନଙ୍କୁ ଚାକିରି ପାଇଁ ପ୍ରସ୍ତୁତ କରିବ।

**ଫୁରସତ୍**

# ଆମାଜନ ଜଙ୍ଗଲରେ ମାସେ ବିତାଇ ୧୭ କେଜି ଓଜନ ହ୍ରାସ



**ବ୍ରାସିଲିଆ**

ଜଣେ ବ୍ୟକ୍ତି ବ୍ରାଜିଲର ଆମାଜନ ଜଙ୍ଗଲରେ ହଜିଯାଇଥିଲେ। ସେ ହଜିବାର ୩୧ ଦିନ ପରେ ତାଙ୍କୁ ଉଦ୍ଧାର କରାଯାଇଛି। ସେତେବେଳେ ସେ ଆମାଜନ ଜଙ୍ଗଲରେ ବଞ୍ଚିବାକୁ କିପରି ସଂଘର୍ଷ କରିଥିଲେ ସେ ବିଷୟରେ କହିଛନ୍ତି। ୩୦ ବର୍ଷୀୟ ଝୋନାଟାନ ଏକୋଷ୍ଟା ଆମାଜନର ବର୍ଷା ଜଙ୍ଗଲକୁ ୪ଜଣ ସାଙ୍ଗଙ୍କ ସହିତ ଶିକାର ଯାତ୍ରାରେ ଯାଇଥିଲେ। କିନ୍ତୁ ସେ ଜାନୁୟାରୀ ୨୫ ପରଠାରୁ ତାଙ୍କ ସାଥୀଙ୍କଠାରୁ ଅଲଗା ହୋଇଯାଇଥିଲେ। ସେହି ଜଙ୍ଗଲରେ ବଞ୍ଚିବା ପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ସେ କହିଛନ୍ତି, ତାଙ୍କୁ ବଞ୍ଚିବାକୁ ଜଙ୍ଗଲରେ ଥିବା କୀଟପତଙ୍ଗ ଖାଇବାକୁ ପଡିଥିଲା। ସେଠାରେ ସେହି ସମୟରେ ଅଧା ବର୍ଷା ହୋଇଥିବାବେଳେ ସେ ତାଙ୍କ ବୁଟ୍‌ରେ ପାଣି ସଂଗ୍ରହ କରିଥିଲେ। ହେଲେ ପରେ ଅଧିକ ପାଣିର ଆବଶ୍ୟକ ହେତୁ ତାଙ୍କୁ ନିଜ ପରିସ୍ରା ପିଇବାକୁ ପଡିଥିଲା। ସେ ଜଙ୍ଗଲରେ ହଜିଯାଇଥିବା ନେଇ ଜାନୁୟାରୀ ଶେଷ ବେଳକୁ ତାଙ୍କ ପରିବାର ଜାଣିବାକୁ ପାଇଥିଲେ। ସେ ହଜିବାର ଠିକ୍ ମାସେ ଅର୍ଥାତ୍ ଗତ ଶନିବାର ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରିଛନ୍ତି। ସେତେବେଳକୁ ତାଙ୍କ ଓଜନ ୧୭ କିଲୋ ହ୍ରାସ ହୋଇଯାଇଥିବା ଜଣାପଡିଛି। ଏଥିସହ ସେ ଜଙ୍ଗଲରେ ଜଙ୍ଗଲୀ ପ୍ରାଣୀଙ୍କଠାରୁ ବଞ୍ଚିବାକୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା ବୋଲି କହିଛନ୍ତି।

## ୯୫ତମ ଏକାଡେମୀ ଆୱାର୍ଡରେ ଦୀପିକା ଉପସ୍ଥାପିକା ସାଜିବେ



**ମୁମ୍ବାଇ:** ବଲିଉଡ୍‌ରେ ନଂ. ୱାନ୍ ଅଭିନେତ୍ରୀଙ୍କ ମଧ୍ୟରୁ ଦୀପିକା ପାଦୁକୋନ ହେଉଛନ୍ତି ଜଣେ। ବଲିଉଡ୍‌ରୁ ଆରମ୍ଭ କରି ହଲିଉଡ୍ ପର୍ଯ୍ୟନ୍ତ ସେ ନିଜ ଅଭିନୟର ଯାଦୁ ଦେଖାଇସାରିଛନ୍ତି। ପୂର୍ବରୁ ଦୀପିକା ଏକମାତ୍ର ଅଭିନେତ୍ରୀ ଭାବେ କାତାରରେ ଆୟୋଜିତ ହୋଇଥିବା ଫୁଟ୍‌ବଲ ମ୍ୟାଚର ଟ୍ରଫି ଉନ୍ମୋଚନ କରି ଭାରତର ନାମ ରଖିଥିଲେ। ଏବେ ପୁଣି ଭାରତୀୟଙ୍କ ପାଇଁ ଏକ ଖୁସି ଖବର ଆସିଛି। ଦୀପିକାଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ଲସ୍ ଏଞ୍ଜେଲ୍ସର 'ଡଲି ଥିଏଟର'ରେ ୯୫ତମ ଏକାଡେମୀ ଆୱାର୍ଡ ତଥା ଓସ୍କାର ପୁରସ୍କାର ଆୟୋଜିତ ହେବାକୁ ଯାଉଛି। ସେଥିରେ ଦୀପିକା ଭାରତରୁ ସେଲିବ୍ରିଟି ଉପସ୍ଥାପିକା ଭାବେ ଯୋଗ ଦେବେ। ଓସ୍କାର ପ୍ରେଜେଣ୍ଟର ଭାବେ କିଛି ଜଣଙ୍କ ନାମ ଲିଷ୍ଟରେ ଆସିଛି। ସେଥିରେ ଦୀପିକାଙ୍କ ନାମ ମଧ୍ୟ ରହିଛି। ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଲିଷ୍ଟ ଶେୟାର କରି ଗୁରୁବାର ରାତିରେ ଏହି ସୂଚନା ଦେଇଛନ୍ତି। ଲିଷ୍ଟରେ ରିଜ୍ ଅହମଦ, ଡ୍ୱେନ୍ ଜନ୍‌ସନ୍, ଜେନିଫର କୋନେଲି, ଏରିଆନା ଡିବୋସ, ଏମିଲି ବ୍ଲଣ୍ଟ, ଗ୍ଲେନ୍ କ୍ଲୋଜ୍‌ଙ୍କ ସମେତ ଅନେକ ନାମ ରହିଛି। ତେବେ ଏଥର ଓସ୍କାର ପୁରସ୍କାର ପାଇଁ ଭାରତରୁ ୩ଟି ଫିଲ୍ମ ମନୋନୀତ ହୋଇଛି। ଚଳିତ ବର୍ଷ ଗୋଲ୍ଡେନ ଆୱାର୍ଡ ପାଇଥିବା ଏସ୍ଏସ୍ ରାଜାମୌଳିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଗୀତ ଶ୍ରେଷ୍ଠ ମୂଳ ଗୀତ ଭାବେ ଓସ୍କାର ପାଇଁ ମନୋନୀତ ହୋଇଛି। ସେହିପରି ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ 'ଅଲ୍ ଦ୍ୟାଟ୍ ବ୍ରେଥ୍' ମନୋନୀତ ହୋଇଛି। ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ସର୍ଟ ଫିଲ୍ମ ଭାବେ 'ଗୁନିଟ୍ ମଙ୍ଗାସ୍ ଦି ଏଲିଫ୍ୟାଣ୍ଟ ହୁଇସ୍‌ପର୍ସ' ମନୋନୀତ ହୋଇଛି।

## ମୋଟା ଲୋକଙ୍କୁ ଭରିବାକୁ ପଡ଼େ ଜରିମାନା

**ଟୋକିଓ**

ଅନେକ ଲୋକ ଖାଇବାକୁ ନେଇ ଏତେ ଚିନ୍ତାରେ ନ ଥାନ୍ତି। ସେଥିପାଇଁ ଖାଦ୍ୟ ଖାଇବା ସହିତ ତାଙ୍କ ଓଜନ ବଢ଼ିବାକୁ ଲାଗିଥାଏ। ହେଲେ ଜାପାନରେ ମୋଟା ହେଲେ ଜରିମାନା ଭରିବାକୁ ପଡ଼ିଥାଏ। ଏପରି କି ଅଧିକ ମୋଟା ହେଲେ ଚାକିରିରୁ ମଧ୍ୟ ବିଦା ହେବାକୁ ପଡ଼ିଥାଏ। ଲୋକଙ୍କ ମୋଟାପଣକୁ ନେଇ ଏଠାରେ କଟକଣା ଲଗାଇ ଦିଆଯାଇଛି। ସେଥିପାଇଁ ସେଠାକାର ଲୋକେ ଲହୁଣି, ଚିଜ୍ ଖାଇବାକୁ ପସନ୍ଦ କରନ୍ତିନି କି ମିଠା ମଧ୍ୟ ସବୁବେଳେ ଖାଆନ୍ତିନି। ଏଥିପାଇଁ ଜାପାନ ଲୋକେ ସବୁଠାରୁ ସୁସ୍ଥ ବ୍ୟକ୍ତି ଭାବେ ଗଣାଯାଆନ୍ତି। ଜାପାନ ସରକାର ତାଙ୍କ ଦେଶର ନାଗରିକଙ୍କୁ ଫିଟ୍ ରଖିବା ପାଇଁ ୨୦୦୮ରେ ଏକ ଅଭିଯାନ ଚଳାଇଥିଲେ। ସେଠାର ସରକାରୀ ଓ ବେସରକାରୀ କମ୍ପାନୀରେ କାର୍ଯ୍ୟରତ ୪୦ରୁ ୭୪ ବର୍ଷୀୟ ବ୍ୟକ୍ତିଙ୍କ ଅଣ୍ଟାର ମାପ ନିଆଗଲା। ଇଣ୍ଟରନ୍ୟାଶନାଲ ଡାଇବେଟିକ୍ ଫେଡେରେଶନ ମୁତାବକ, ବ୍ୟକ୍ତିଙ୍କ ଅଣ୍ଟାର ମାପ ୩୩.୫ ସେ.ମି.ଏବଂ ମହିଳାଙ୍କ ଅଣ୍ଟାର ମାପ ୩୫.୪ରୁ ଅଧିକ ହୋଇଥିଲେ, ସେମାନେ ଜାପାନରେ ମୋଟାରେ ଗଣାଯାଆନ୍ତି। ଜାପାନରେ ଏହି ନିୟମ କଡ଼ାକଡ଼ି ଭାବେ ଲାଗୁ କରାଗଲା। ଯଦି କୌଣସି କମ୍ପାନୀରେ ମୋଟା ବ୍ୟକ୍ତି ଥା'ନ୍ତି, ସେମାନଙ୍କୁ ପ୍ରଥମେ ଡାଏଟ୍ ଚାଟ୍ ଦିଆଯାଇଥାଏ। ପରେ କିଛି ମାସ ମଧ୍ୟରେ ପୁଣି ସେମାନଙ୍କ ମାପ କରାଯାଏ। ଯଦି ସେଥିରେ ତାଙ୍କ ମୋଟାପଣ ଦୂର ହୋଇଥାଏ, ତେବେ ସେମାନେ ଖୁସିରେ କମ୍ପାନୀରେ କାମ କରିଥାନ୍ତି। ଯେଉଁମାନଙ୍କ ମୋଟାପଣ ଦୂର ହୋଇ ନ ଥାଏ, ସେମାନଙ୍କୁ ଜରିମାନା ନ ହେଲେ କମ୍ପାନୀରୁ ବାହାର କରିଦିଆଯାଇଥାଏ।

## ଟଏଲେଟ୍ ପେପରରେ ରହିଛି ବିପଜ୍ଜନକ ରାସାୟନିକ ଦ୍ରବ୍ୟ

**ନୂଆଦିଲ୍ଲୀ**



ଆମେ ବ୍ୟବହାର କରୁଥିବା ଟଏଲେଟ୍ କାଗଜରେ ରାସାୟନିକ ଦ୍ରବ୍ୟ ରହିଛି, ଯାହା ଆମ ପାଇଁ ବିପଜ୍ଜନକ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ବର୍ତ୍ତମାନ ଏହା ଚିନ୍ତାର ବିଷୟ ପାଲଟିଛି। ପରିବେଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଚିଠିରେ ପ୍ରକାଶିତ ଏକ ଖବର ଅନୁସାରେ, ସମଗ୍ର ବିଶ୍ୱରେ ବିକ୍ରି ହେଉଥିବା ପ୍ରମୁଖ ବ୍ରାଣ୍ଡର ଟଏଲେଟ୍ ପେପର ସମେତ ସମସ୍ତ ପେପର ପଲିଫ୍ଲୁରୋଆଲ୍‌କିଲ୍ ସବ୍‌ଷ୍ଟାଣ୍ଡସ୍(ପିଏଫ୍ଏଏସ୍)ର ଅନ୍ୟ ଏକ ଉତ୍ସ ଭାବେ ପରିଣତ ହୋଇଛି। ପିଏଫ୍ଏଏସ୍ ହେଉଛି ଏପରି ଏକ ରସାୟନିକ ପଦାର୍ଥ, ଯାହା ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ) ସହିତ ଜଡିତ। ଏହି ରାସାୟନିକ ପଦାର୍ଥ ଶରୀର ଅସୁସ୍ଥତା, କ୍ୟାନ୍ସର ଆଶଙ୍କା, ପ୍ରଜନନ କ୍ଷମତା ହ୍ରାସ, ଗର୍ଭବତୀଙ୍କ ଉଚ୍ଚ ରକ୍ତଚାପ ବୃଦ୍ଧି, ହରମୋନ ଅନିୟମିତତା, କୋଲେଷ୍ଟରଲ ଆଶଙ୍କା, ଟିକାକରଣର ପ୍ରଭାବକୁ ହ୍ରାସ କରିଥାଏ। ଜେନେସଭିଲିର ଫ୍ଲୋରିଡ଼ା ୟୁନିଭର୍ସିଟିର ପରିବେଶ ଇଞ୍ଜିନିୟରିଂ ସାଇନ୍ସ ବିଭାଗର ଟିମୋଥି ଟାଇନସେଣ୍ଡଙ୍କ ଏକ ଅଧ୍ୟୟନ ଅନୁଯାୟୀ, ବିଶ୍ୱର ଉତ୍ତର ଆମେରିକା, ଆଫ୍ରିକା, ଦକ୍ଷିଣ ଓ ମଧ୍ୟ ଆମେରିକା ଏବଂ ପଶ୍ଚିମ ୟୁରୋପରୁ ୪୩ଟି ବିଭିନ୍ନ ପ୍ରକାରର ପିଏଫ୍ଏଏସ୍ ଯୁକ୍ତ ବ୍ରାଣ୍ଡର ଟଏଲେଟ୍ ପେପର ସମେତ ସ୍ୱେରେଜର ବର୍ଜ୍ୟଜଳର ନମୁନା ସଂଗ୍ରହ କରାଯାଇଥିଲା। ସଂଗୃହୀତ ଟଏଲେଟ୍ ପେପର ଏବଂ ସ୍ୱେରେଜ ଜଳରେ ପିଏଫ୍ଏଏସ୍‌ର ଏକ ପ୍ରଜାତି ରହିଥିବା ଅଧ୍ୟୟନରୁ ଜଣାପଡିଥିଲା। ସଂଗୃହୀତ ଟଏଲେଟ୍ ପେପରରେ ୯୧ ପ୍ରତିଶତ ଏବଂ ସ୍ୱେରେଜ ଜଳରେ ୫୪ପ୍ରତିଶତ ପିଏଫ୍ଏଏସ୍ ମାତ୍ରା ଥିବା ଜଣାପଡିଥିଲା। ଇପିଏ ଏହାକୁ ବିପଜ୍ଜନକ ବୋଲି କହିଛି।

# ଗୁଜରାଟ –ମୁମ୍ବାଇ ଉଦ୍‌ଘାଟନୀ ମୁକାବିଲା

ମୁମ୍ବାଇ, ୩।୩ (ପି.ଟି.)

ବହୁ ପ୍ରତିକ୍ଷୀତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ୫ଟି ଦଳକୁ ନେଇ ଶନିବାରଠାରୁ ଆରମ୍ଭ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଢାଞ୍ଚାରେ ୨୧ଟି ମ୍ୟାଚ ବିଶିଷ୍ଟ ଏହି ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଗୁଜରାଟ ଜାଏଣ୍ଟ୍ସ ଏବଂ ଭାରତ ଅଧିନାୟିକା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ। ଆଇକନିକ ବ୍ରାବୋର୍ନ ଷ୍ଟାଡିୟମ ସମେତ ମୁମ୍ବାଇର ଦୁଇଟି ଭେନ୍ୟୁରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ୫ଟି ଫ୍ରାଞ୍ଚାଇଜ୍‌ର ବିକ୍ରି ମୋଟ ୪,୬୬୯ କୋଟି ଟଙ୍କାରେ ହୋଇଛି। ଡବ୍ଲ୍ୟୁପିଏଲ ଏଥିପାଇଁ ବିଶ୍ୱକ୍ରିକେଟରେ ଚହଳ ସୃଷ୍ଟି କରିଥିଲା। ଆଦାନୀ ଗ୍ରୁପ୍ ୧,୨୮୯ କୋଟି ଟଙ୍କା ବିନିମୟରେ ଗୁଜରାଟ ଫ୍ରାଞ୍ଚାଇଜ୍‌କୁ କ୍ରୟ କରିଥିଲା। ଏହି ଟୁର୍ନାମେଣ୍ଟ କେବଳ ମହିଳା ଖେଳାଳିଙ୍କୁ ଆର୍ଥିକ ଫାଇଦା ଦେବା ସହ ନୂଆ ପ୍ରତିଭା ସୃଷ୍ଟି କରିବ। ମୁମ୍ବାଇରେ ଅନୁଷ୍ଠିତ ନିଲାମିରେ ଭାରତର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ସବୁଠାରୁ ଦାମି ଖେଳାଳି ବିବେଚିତ ହୋଇଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୩.୪ କୋଟି ଟଙ୍କାରେ କ୍ରୟ କରିବା ସହ ଦଳର ଅଧିନାୟିକା ନିଯୁକ୍ତି ଦେଇଛି। ଲିଗ୍‌ର ଦ୍ୱିତୀୟ ଦାମି ଫ୍ରାଞ୍ଚାଇଜ୍ ହେଉଛି ମୁମ୍ବାଇ ଇଣ୍ଡିଆନ୍ସ (୯୧୨.୯୯ କୋଟି ଟଙ୍କା)। ବହୁ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ମୁମ୍ବାଇ ଇଣ୍ଡିଆନ୍ସ ଦଳର ନେତୃତ୍ୱ କୌରଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ଦଳରେ ଇଂଲଣ୍ଡର ନାଟ୍ ସ୍କିଭର ବ୍ରଣ୍ଟ ଓ ପେସର ଇସି ଓଙ୍ଗ୍, ନ୍ୟୁଜିଲାଣ୍ଡର ଆମେଲି କେର୍, ଦକ୍ଷିଣ ଆଫ୍ରିକାର ଟି୨୦ ବିଶ୍ୱକପ୍ ଫାଇନାଲିଷ୍ଟ କ୍ଲୋ ଟାଇଅନ୍, ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲି ମାଥ୍ୟୁସ ଏବଂ ଅଷ୍ଟ୍ରେଲିଆର ହିଥର ଗ୍ରାହମଙ୍କ ଭଳି ଖେଳାଳି ରହିଛନ୍ତି। ଅନ୍ୟପକ୍ଷରେ ଗୁଜରାଟ ଜାଏଣ୍ଟ୍ସର ଅଧିନାୟିକା ହୋଇଛନ୍ତି ଚାମ୍ପିୟନ ଅଷ୍ଟ୍ରେଲିଆନ ବ୍ୟାଟର ବେଥ୍ ମୁନି। ସ୍ନେହ ରାଣା ଦଳର ଉପଅଧିନାୟିକା ରହିଥିବା ବେଳେ ଅନ୍ୟ ପ୍ରମୁଖ ଭାରତୀୟ ଖେଳାଳି ଭାବେ ହାର୍ଲିନ ଦେଓଲ ଓ ଅଭିଜ୍ଞ ସୁଷମା ବର୍ମା ଦଳର ଅନ୍ୟତମ ସଦସ୍ୟ ରହିଛନ୍ତି। ଦଳରେ ଆହୁରି ମଧ୍ୟ ବହୁ ଷ୍ଟାର ବିଦେଶୀ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଶ୍ୱକପ୍ ବିଜେତା ଅଷ୍ଟ୍ରେଲିଆର ଆଶଲେ୍ ଗାର୍ଡନର ଓ ଜର୍ଜିଆ ୱେର୍‌ହାମ୍, ୱେଷ୍ଟଇଣ୍ଡିଜର ଡିଣ୍ଡ୍ରା ଡଟିନ୍ ଓ ଇଂଲଣ୍ଡର ସୋଫିଆ ଡଙ୍କ୍‌ଲି। ପୂର୍ବତନ ଭାରତ ଅଧିନାୟକ ମିଥାଲି ରାଜ ଏହି ଦଳର ମେଣ୍ଟର ଓ ଉପଦେଷ୍ଟା ରହିଛନ୍ତି।



ଗୁଜରାଟ ଜାଏଣ୍ଟ୍ସ ଅଧିନାୟିକା ବେଥ୍ ମୁନି।

## ଓମେନ୍ସ ପ୍ରିମିୟର ଲିଗ୍ ଆଜିଠାରୁ

**ମ୍ୟାଚ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ**

# ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୩ ରୌପ୍ୟ, ୧ ବ୍ରୋଞ୍ଜ



ପୋଡିୟମ ଉପରେ ପଦକ ଗ୍ରହଣ ଅବସରରେ ଓଡ଼ିଶାର ରାଜଶ୍ରୀ ଜେନା (ବାମରୁ ତୃତୀୟ) ଓ ଅନ୍ୟମାନେ।

## ସର୍ବଭାରତୀୟ ଭବିଷ୍ୟନିଧି ଆଥଲେଟିକ୍, ଇନ୍‌ଡୋର କ୍ରୀଡ଼ା

ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଚାଲିଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ ସର୍ବଭାରତୀୟ ଆଥଲେଟିକ୍ ଓ ଇନ୍‌ଡୋର କ୍ରୀଡ଼ାର ଦ୍ୱିତୀୟ ଦିବସରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦଳଗତ ଚାମ୍ପିୟନ ପାଇଁ କର୍ଣାଟକ ଓ ମହାରାଷ୍ଟ୍ର ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଇଭେଣ୍ଟରେ ମହାରାଷ୍ଟ୍ର, କର୍ଣାଟକ ଓ ତାମିଲନାଡୁ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ଜାଭେଲିନ ଥ୍ରୋରେ ଦେବୀ ପ୍ରସାଦ ପୁହାଣ ରୌପ୍ୟ, ଡିସ୍‌କସ୍ ଥ୍ରୋରେ ରାଜଶ୍ରୀ ଜେନା ରୌପ୍ୟ, ୪୦୦ ମିଟର ରେସ୍‌ରେ ଆଶାଲତା ସାହାଣୀ ରୌପ୍ୟ ଏବଂ ୨୦୦ ମିଟର ରେସ୍‌ରେ ସତ୍ୟବତୀ ଚାଟାର୍ଜୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭୁବନେଶ୍ୱରର ଆଞ୍ଚଳିକ କ୍ରୀଡ଼ା ପ୍ରୋତ୍ସାହକ ପରିଷଦ (ଆରଏସ୍‌ପିବି) ପକ୍ଷରୁ ଉପସଭାପତି ତଥା କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ–୧ ପୁର୍ଣ୍ଣେନ୍ଦୁ ଭୂଷଣ ବର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାମାନ ଆୟୋଜିତ ହେଉଛି। ଶନିବାର ପ୍ରତିଯୋଗିତା ଶେଷ ହେବ।

## ପୂର୍ବତନ କ୍ରୀଡ଼ା ପ୍ରଶାସକଙ୍କ ପରଲୋକ



ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ)ର ପୂର୍ବତନ ସାଧାରଣ ସମ୍ପାଦକ ତଥା ଉପ–ସଭାପତି ମନୋରଞ୍ଜନ ମହାନ୍ତିଙ୍କର ଶୁକ୍ରବାର ପରଲୋକ ଘଟିଛି। ସେ ଗତ କିଛିଦିନଧରି ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଦସ୍ୟ ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ର ଯୁଗ୍ମ ସମ୍ପାଦକ ମଧ୍ୟ ଥିଲେ। ଜଣେ କ୍ରୀଡ଼ା ପ୍ରଶାସକ ଭାବରେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ ଥିଲା। ତାଙ୍କ ମୃତ୍ୟୁରେ ଓସିଏ,ଫାଓ ଏବଂ ଓଓଏ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।

**ୟୁନିଟ–୬ ଆଥଲେଟିକ୍ ଆସୋସିଏଶନର ଶୋକ**

ପୂର୍ବତନ ଫୁଟବଲ ଖେଳାଳି ଏବଂ ଜାତୀୟ ଫୁଟବଲ ରେଫରି ମନୋରଞ୍ଜନ ମହାନ୍ତିଙ୍କ ପରଲୋକରେ ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ଓ ସମ୍ପାଦକ ଦିଲୀପ ଦାସ ଶୋକ ପ୍ରକାଶ କରିଛନ୍ତି। ସେ ୟୁନିଟ–୬ ଆଥଲେଟିକ୍ ଆସୋସିଏଶନର ପୂର୍ବତନ ସମ୍ପାଦକ ମଧ୍ୟ ଥିଲେ।

## ଅବଶିଷ୍ଟ ଭାରତ ଅଗ୍ରଣୀ

ଗ୍ୱାଲିୟର, ୩।୩ : ଅବଶିଷ୍ଟ ଭାରତ ବିପକ୍ଷ ଇରାନୀ କପ୍ ମ୍ୟାଚରେ ମଧ୍ୟପ୍ରଦେଶ ବ୍ୟାଟର ୟାଶ ଦୁବେ (୧୦୯) ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି। ତେବେ ଅଫ୍–ସ୍ପିନର ପୁଲକିତ ନାରଙ୍ଗଙ୍କ ଚମତ୍କାର ବୋଲିଂ ଯୋଗୁ ଅବଶିଷ୍ଟ ଭାରତ ୨୯୪ରେ ମଧ୍ୟପ୍ରଦେଶକୁ ଅଲଆଉଟ କରି ୧୯୦ରନରେ ଅଗ୍ରଣୀ ହୋଇଛି। ଶୁକ୍ରବାର ଖେଳ ଶେଷସୁଦ୍ଧା ଅବଶିଷ୍ଟ ଭାରତ ୧ ଉଇକେଟରେ ୮୫ ରନ କରିଛି।

**ସଂକ୍ଷିପ୍ତ ସ୍କୋର**

ଅବଶିଷ୍ଟ ଭାରତ ପ୍ରଥମ ଇନିଂସ: ୪୮୪। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୯୪ (ୟାଶ ଦୁବେ–୧୦୯, ସାରାଂଶ ଜୈନ–୬୬, ହର୍ଷ ଗାଓଲି–୫୪ ; ପୁଲକିତ ନାରଙ୍ଗ–୪/୬୫, ନବଦୀପ ସଇନୀ–୩/୫୬, ମୁକେଶ କୁମାର–୨/୪୪)। ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ: ୮୫/୧(ଯଶସ୍ୱୀ ଜୟସ୍ୱାଲ–୫୮*, ଅଭିମନ୍ୟୁ ଈଶ୍ୱରନ–୨୬*)।


**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswsar - 751001, Visit us at: http://www.bda.gov.in
No. CAD-5012
**INVITATIONS FOR BIDS (IFB)**
Bid Identification No. 222 Dated: 01.03.2023
1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Solar EPC Company for the work mentioned below and having PAN and valid EPF & ESI registration No., GST Certificate.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Supply and installation of 45 KW On-Grid Solar Power Generation System to be installed at Housing Scheme at Kalinga Nagar, Zone K-IX(B), Bhubaneswar | 26,52,620.00 | 26,600.00 | 6000.00 + 18% GST | 30 (Thirty) Days |

2. The Bid documents will be available in the website: https://tendersodisha.gov.in from 06.03.2023. Any addendum/corrigendum/cancellation of tender can also be seen in the said website.
3. Bids shall be received only "Online" on or before 15.03.2023 upto 17.00 hours. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: https://tendersodisha.gov.in.
OIPR-13033/11/0521/2223 Sd./- Executive Engineer, Division-IV, BDA, BBSR



**SAMBALPUR MUNICIPAL CORPORATION**
Notice No. 1267/SMC Date: 24.02.2023
**SHORT TENDER CALL NOTICE FOR ORGANIZATION HIRAKUD FESTIVAL - 2023**
No. C-2587: Sambalpur Municipal Corporation is going to organize Hirakud Festival (A festival of classical & folk dances of India) Sambalpur from 17th to 19th March, 2023. Offers are invited from agencies for organizing all arrangements. Offers should be submitted in two bids - "Technical Bid" with required documents and "Financial Bid" in the prescribed format. The tender paper will be received upto 02.00 P.M. of 09.03.2023 and will be opened first on the same day at 3.30 P.M. The covers should be sealed and super-scribed in bold letters "Tender for Hirakud Festival - 2023".
The authority reserves the right to reject any or all offers without assigning any reason thereof & is not under any obligation to accept the lowest offer.
The standard bidding document terms & conditions etc. can be downloaded from the website: www.smcsambalpur.nic.in.
Sd./- Municipal Commissioner
Sambalpur Municipal Corporation
OIPR-13122/11/0109/2223



**SAMBALPUR MUNICIPAL CORPORATION**
Notice No. 1329/SMC Date: 24.02.2023
No. C-2580: The Municipal Commissioner on behalf of the Sambalpur Municipal Corporation invites REQUEST FOR PROPOSAL (RFP) in Sealed Applications in two - Cover System in conformation with detailed RFP Notice from Registered Agency for **"Setting up Incense Stick & Gulal Production unit in Sambalpur Municipal Corporation Area"**. The term and condition from intending applicants fulfilling the eligibility criteria and other qualifying requirement. Please refer to website **www.smcsambalpur.nic.in** & **www.sambalpur.nic.in** for complete details and downloading the document.
The authority reserves the right to reject any or all offers without assigning any reason thereof & is not under any obligation to accept the lowest offer.
Sd./- Municipal Commissioner
Sambalpur Municipal Corporation
OIPR-13122/11/0108/2223



**JAWAHAR NAVODAYA VIDYALAYA**
(An Autonomous Organisation under Ministry of Education
Department of School Education and Literacy, Government of India)
At/PO KONARK, District - PURI, Odisha-752111
**TENDER NOTICE**
**No.n-107:** Sealed Tenders (in the prescribed form) are invited from the registered and reputed firms to supply following items to JNV, Konark, Puri:
Sealed Tenders (in the prescribed form) are invited from the registered and reputed firms to supply

| Sl. No. | Name of the Items to be supplied | Sl. No. | Name of the Items to be supplied |
|---|---|---|---|
| 1 | Bunker Bed for Hostel to be fixed at Hostel | 4 | SINKING OF 200M DIA GRAVEL PACKED PRODUCTION WELL WITH FITTING OF CHLORINE DROZER FILTER, AT-JNV KONARK,PURI |
| 2 | Dining Table & Bench | 5 | REPLACEMENT OF WATER MAIN PIPE LINE, AT-JNV KONARK,PURI. |
| 3 | M&R items | 6 | IP CCTV Surveillance with inbuilt Audio |

Tender Form and Terms & Conditions can be obtained from the Office of the Principal from **04.03.2023 to 13.03.2023 between 10.00 AM to 01.30 PM** on all working days, on payment of **Rs.200/-** (Rupees Two Hundred only) in cash. Tender forms are also available in our website **https://www.navodaya.gov.in/nvs/nvs-school/Puri/en/home/**. The **cost of tender forms** downloaded from Vidyalaya web-site Rs.200/- and **required Earnest Money Deposit (EMD)** as given in the Terms and Conditions of Tender Paper be paid to the Principal, Jawahar Navodaya Vidyalaya, Konark in the shape of Bank Draft or Bankers' Cheque or Online in the Bank A/C No **1194101014738** payable at Canara Bank, Konark, **IFS Code CNRB0001194** which must be enclosed in Tender Forms and be dropped in the Tender Box in the Office of the Principal. The Last date of submission of Tender Form is **14.03.2023 by 04.30 PM.** Tenders will be opened and finalized before Vidyalaya Purchase Advisory Committee (PAC) Meeting on **15.03.2023 at 11.00 AM.** All the tenderers are needed to be present at the time of opening of Tender. Chairman, PAC reserves the rights to cancel the Tender in fully or in part without assigning any reason.
Sd./- Principal, Jawahar Nabodaya Vidyalaya, Konark,Puri
OIPR-11068/11/0002/2223



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୬୦ **ବିଜ୍ଞାପନ** ତା:୨୭।୦୨।୨୦୨୩
No. CAD-5030: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା, ଭୁଚିକା ବଜାର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଦୋକାନ ଗୃହ ନଂ. ସି–୧୩ (C-13) ଟିକୁ ଶ୍ରୀମତୀ କଳ୍ପନା ତ୍ରିପାଠୀ, ସ୍ୱାମୀ: କୈଳାଶ ଚନ୍ଦ୍ର ତ୍ରିପାଠୀ, ସା/ପୋ.: ରାଇନରସିଂହପୁର, ଥା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ କଳ୍ପନା ତ୍ରିପାଠୀ ଉକ୍ତ ଘରଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମିନାକ୍ଷୀ ସାହୁ, ସ୍ୱାମୀ: ଦୟାନିଧି ସାହୁ, ସା: ଏମ୍.ଆଇ.ଜି.–୧୨୯, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ ଫେଜ୍–୧, ପୋ: ବରମୁଣ୍ଡା, ଥା: ଭରତପୁର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0627/2223 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



GOVERNMENT OF ODISHA No.B-1317:
**OFFICE OF THE SUPERINTENDING ENGINEER KALAHANDI (R&B) DIVISION,BHAWANIPATNA**
**E-Procurement Notice**
Bid Identification No.BC KLD-59/2022-23
No.2765, Dated: 27.2.23
E-mail:eekalahandi@gmail.com, Fax No.06670-230512

| | | | |
|---|---|---|---|
| 1 | No. of the Work | : | 02 (Two) numbers of Electrical Works |
| 2 | Estimated Cost | : | Rs.21.00 Lakhs to Rs.26.00 Lakhs |
| 3 | Period of Completion | : | 01 (One) to 02 (Two) Calendar Months |
| 4 | Date & Time of availability of bid document in the Portal | : | 11.00 hrs of 06.03.2023 to 17.00 hrs. of 15.03.2023 |
| 5 | Last date/Time for receipt of bid in the portal | : | 17.00 hour of 15.03.2023 |
| 6 | Name and address of the Officer Inviting Bid | : | Superintending Engineer, Kalahandi (R&B) Division,Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 16.03.2023 at 11.00 AM in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-Procurement portal https://tendersodisha.gov.in.
Sd./- (Er. S.K. Naik)
Executive Engineer, Kalahandi (R&B) Division
OIPR-34017/11/0023/2223



GOVERNMENT OF ODISHA No. O-1942
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender / 79-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 79-2022-23/BPR | Road Works including 05 years Post Construction maintenance under CMRL for the year 2022-23 | 04 Nos. | From Rs.233.40 lakhs to Rs.731.28 lakhs | "B" Class, "A" Class & "Special" as applicable | 09 (Nine) & 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 79-2022-23/BPR | 06.03.2023 at 10.00 A.M. | 20.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0124/2223 Sd./- P.K. Jena, Chief Construction Engineer, R.W. Circle, Berhampur



**OFFICE OF THE PANCHAYAT SAMITI, RAIRANGPUR**
At/P.O.: Rairangpur, Dist.: Mayurbhanj, Odisha
E-mail: ori-rairangpur@nic.in
Advt. No.:................/BDO-RAIRANGPUR/2022-23 Date:...........
**CORRIGENDUM**
**1st Corrigendum Notice to Bid Identification No. 01/NHM vide Letter No. 458 dated 16.02.2023**
No. i-479: Due to unavoidable circumstances the date and time of tender process may be read as follows.
1. The date of sale of Bid document is extended to 15.03.2023 upto 3.00 P.M.
2. Last date of receipt of Bid document is 15.03.2023 upto 5.00 P.M.
3. The date of opening of Bid document is 22.03.2023 at 11.30 A.M.
The bidders already submitted which are/will to be received at Block Office before this Corrigendum Notice are allowed to resubmit their further document as rectified in this corrigendum to the tender committee before opening of bid document on the opening day of tender.
1. Cash may be read as Demand Draft at Sl. No. 1 of Letter No. 458 dated 16.02.2023.
2. In the check list particular at Sl. No. 2 may be read as EMD instead of Bid Security declaration. (Bid document Page - 2)
3. In terms and conditions at Sl. No. 4 EMD may be read in place of Bid document & OM No. 5984/W date: 27.04.2021 is deleted. (Bid document Page - 3)
4. In Sl. No. 6, Bid Security declaration is deleted. (Bid document Page - 3)
5. In Sl. No. 6 (c), money receipt may be read as Demand Draft (Non-refundable) drawn in any Nationalized Bank in favour of BDO, Rairangpur. (Bid document Page - 3)
6. Sl. No. 9 is deleted. (Bid document Page - 6)
7. At Sl. No. 11 (xii) money receipt may be read as Demand Draft (Bid document Page - 7)
Sd./- Block Development Officer, Rairangpur
OIPR-19147/11/0002/2223



**OFFICE OF THE SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No.237/ Dt-10.02.2023
GOVERNMENT OF ODISHA e-Procurement Notice
Bid Identification No. online SEMIDJAJ- 10 / 2022-23
No.A-1212: eemijajpur@gmail.com
1. Name of work : Const, of Check Dams under M.I. Sub-Division Jajpur
2. Total Number of work : 2 (two) nos.
3. Estimated cost : Varies from Rs.94.66 lakhs to 96.40 lakhs
4. Tender paper Cost(Online) : Varies from Rs.10,000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From 20.02.2023, 10.00 AM to 03.03.2023 , 5.00 PM in website (www.tendersorissa.gov.in)
8. Last date & Time of receipt of Bid through online : 03.03.2023 at 5.00 PM through online
9. Date of opening of Technical Bid Documents : 04.03.2023 at 11.00 A.M in the office of the SE, M.I. Division,Jajpur
10. Date of opening of Financial Bid documents : 06.03.2023 at 11.00 AM in the office of the SE, M.I.Division,Jajpur
11. Date of Lottery, if required : 15.03.2023 at 11.00 AM in the office of the SE,M.I.Division,Jajpur
12. Name and address of the OIT : Superintending Engineer, M.I. Division, Jajpur, AT-Bhabaniganj/ P.O:-Jajpur,Phone:- 06728-222008 PINCODE:-755001
Further details can be seen from the Government of Odisha Web-Site-www.tendersorissa.gov.in
Sd./- Superintending Engineer, M.I.Division, Jajpur
OIPR-32280/11/0008/2223



**ODISHA ADARSHA VIDYALAYA SANGATHAN**
N-1/9, NAYAPALLI, PO. - SAINIK SCHOOL,
BHUBANESWAR-751005
ODISHA ADARSHA VIDYALAYA
INSPIRE AND EMPOWER
**INDICATIVE ADVERTISEMENT NO. 01/2023**
**RECRUITMENT TO THE POSTS OF PRINCIPALS AND TEACHERS IN THE ODISHA ADARSHA VIDYALAYA SANGATHAN IN THE STATE OF ODISHA**
No. n-106: Odisha Adarsha Vidyalaya Sangathan (OAVS), under the School & Mass Education Department, Government of Odisha invites Online Applications from the prospective candidates for filling up 1010 posts of Principals and Teachers of different disciplines in OAVs by direct recruitment. Interested candidates are required to apply online through website **www.oav.edu.in** at the link available on this website. The candidates should ensure that they fulfill the eligibility criteria and other terms & conditions stipulated in the advertisement before applying online for the posts. No other means/modes of submission of applications will be accepted. Interested applicants are advised to visit the website regularly for further instructions/notice/updates in this regard.
**IMPORTANT DATES**

| | |
|---|---|
| Opening Date for online registration of applications | 07.03.2023 |
| Last date for Completion of Online Registration | 06.04.2023 17.00 hrs. |
| Last date of submission of Online Fee as applicable through Debit/Credit Card/Net Banking | 08.04.2023 23.45 hrs. |

OIPR-27029/11/0019/2223 Sd./- State Project Director, OAVS



GOVERNMENT OF ODISHA No.A-1211
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE, BHUBANESWAR**
'e' Procurement Notice No. ACECIC - 10/ 2022-23

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE,CIC, Bhubaneswar | PID-15/ 2022-23 | Renovation of Sukal Distributary from RD 0.00 Km to 5.00 Km of Sakhigopal Branch Canal System | 791.74 | 791800/- (On Line) | 10000/- (On Line) | "A" & Special | 04.03.2023 At 10.00 Hours | 18.03.2023 At 17.00 Hours | 21.03.2023 At.11.00 Hours | 12 (Twelve Calendar Months) |
| | PID-16/ 2022-23 | Renovation of Sukal Distributary from RD 15.80 Km to 24.00 Km of Sakhigopal Branch Canal System | 796.24 | 796300/- (On Line) | 10000/- (On Line) | "A" & Special | 04.03.2023 At 10.00 Hours | 18.03.2023 At 17.00 Hours | 21.03.2023 At.11.00 Hours | 12 (Twelve Calendar Months) |
| | PID-17/ 2022-23 | Renovation of Budhanga Distributary from RD 0.00 Km to 7.00 Km of Sakhigopal Branch Canal System | 798.32 | 798400/- (On Line) | 10000/- (On Line) | "A" & Special | 04.03.2023 At 10.00 Hours | 18.03.2023 At 17.00 Hours | 21.03.2023 At.11.00 Hours | 12 (Twelve Calendar Months) |
| | PID-18/ 2022-23 | Renovation of Posal Minor (Ex-Delang Disty) from RD 0.00 Km to 5.10 Km of Sakhigopal Branch Canal System | 823.48 | 823500/- (On Line) | 10000/- (On Line) | "A" & Special | 04.03.2023 At 10.00 Hours | 18.03.2023 At 17.00 Hours | 21.03.2023 At.11.00 Hours | 12 (Twelve Calendar Months) |
| | PID-19/ 2022-23 | Renovation of Posal Minor (Ex-Delang Disty) from RD 5.10 Km to 10.58 Km of Sakhigopal Branch Canal System | 819.30 | 819400/- (On Line) | 10000/- (On Line) | "A" & Special | 04.03.2023 At 10.00 Hours | 18.03.2023 At 17.00 Hours | 21.03.2023 At.11.00 Hours | 12 (Twelve Calendar Months) |

e-mail ID:-secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0015/2223 Sd./- Additional Chief Engineer, Central Irrigation Circle

# ସଂପର୍କ



## ଗଳ୍ପ

### ହିମାଂଶୁ ଆଚାରୀ

ତୁମ ଓ ମୋ' ଭିତରେ ଗୋଟିଏ ବିରାଟ ବ୍ୟବଧାନ। ଏ ଦୂରତାର ଦୈର୍ଘ୍ୟ ବି ତ ଅଲଂଘ୍ୟ! ଅଥଚ ଆମେ ପରସ୍ପର ଭିତରେ ଚିରକାଳ ବାନ୍ଧି ହେଇ ରହିବାର ଏ ଅଲେଖା ପ୍ରତିଶ୍ରୁତି କେତେଦିନ କାଏମ ରହିବ କିଏ ଜାଣେ! ବେଳେବେଳେ ଏମିତି ଲାଗେ, ଦିନେ ତୁମ ପାଖରେ ହଠାତ୍ ପହଞ୍ଚି ତୁମକୁ ଖୁବ୍ ଜୋର୍‌ରେ କୁଣ୍ଢେଇ ଧରି ନିଜକୁ କିଛିକ୍ଷଣ ଉଶ୍ୱାସ କରେଇ ନେବି ଏବଂ ମୋର ଯେତେସବୁ ଜଞ୍ଜାଳ ତୁମ ଉପରେ ଜୋର୍ କରି ଲଦିଦେବି!

ନଭେମ୍ବର ମାସର ଏକ ଶୀତୁଆ ସଞ୍ଜ। ଛଅଟା ବାଜିବାକୁ ଆହୁରି ଦଶ ମିନିଟ୍ ବାକି। ତମେ ଏବେ ନିଶ୍ଚୟ ଛାତ ଉପରେ ଥିବ ଭାବି ମିସ୍‌କଲ୍‌ଟେ କଲି। ତୁମର ଅନ୍ୟ ସହରକୁ ବଦଳି ପରେ ଏବେ ପ୍ରାୟତଃ ଘରେ ରୁହ ବୋଲି ମୋତେ ମିସ୍‌କଲ୍ କରିବାକୁ ହିଁ ସଚେତନ କରିଦେଇଛ। ଜାଣିଲି ମୋ' ସହ କଥାହୁଅ ବୋଲି ଘରେ କାହାକୁ କହିନ ଏଯାଏଁ। ମୋ' ମିସ୍‌କଲ୍ ପାଇବାର ଦଶମିନିଟ୍ ପରେ ତୁମେ କଲ୍‌ବ୍ୟାକ୍ କର ପ୍ରତିଥର। କିନ୍ତୁ ଆଜି କଲନି। ଭାବିଲି ତୁମ ସାନପୁଅ ସହ ଖେଳରେ ମଗ୍ନ ଥିବ ବା ଭାଉଜଙ୍କ ସହ ମାର୍କେଟ୍ କି ମନ୍ଦିର ଯାଇଥିବ।

ଜାଣ, ଆମେ ଦୁହେଁ ଏ ସମୟରେ ଗାର୍ଡେନରେ ବସି ଚା' ପିଉ ସବୁଦିନ। ଯାଉଛି, ସେ ବି କାଳେ ଚା' କପ୍ ଧରି ମୋତେ ଖୋଜୁଥିବେ। ତମ ସହ ଏମିତି ଘଣ୍ଟାଘଣ୍ଟା କଥା ହୁଏ ବୋଲି ମୁଁ ବି ଠିକ୍ ତମପରି କାହାକୁ କହିନି କି କହିବାର ଆବଶ୍ୟକ ପଡ଼ିନି କେବେ।

ବାପାଙ୍କୁ ଆଜି ସତୁରି ଛୁଇଁଲା। ତମ କଥା ରଖି ଗାଁରୁ ବାପାଙ୍କୁ ଆଣି ଏବେ ମୋ' ପାଖରେ ହିଁ ରଖିଛି। ଆଗ ପରି ସେ ଆଉ ମନମାରି ଗୋଟିଏ ଜାଗାରେ ବସୁନାହାନ୍ତି। ଆଶାବାଡ଼ିର ଆବଶ୍ୟକ ପଡ଼ି ନ ଥିଲେ ବି ସେ ବାଡ଼ିକୁ ଧରି ବଜାର ପଟେ ଘେରାଏ ବୁଲି ଆସନ୍ତି କେବେକେବେ।

ଦିନେ ଏକାନ୍ତରେ ମୋତେ କହୁଥିଲେ, ବାଡ଼ିଟିକୁ ତମେ କୁଆଡ଼େ ତାଙ୍କ ପାଇଁ ପୁରୀରୁ ଆଣିଥିଲ ଓ ସେ ଏକା ଗାଁରେ ଅବସ୍ଥାନ କରୁଥିଲାବେଳେ ତାଙ୍କୁ ଦେଇ ସେ ଆଶାବାଡ଼ି ଭିତରେ ତମକୁ ଅନୁଭବ କରିବେ ବୋଲି କୁଆଡ଼େ କହି ଆସିଥିଲ। ସେଇ ଦିନଠୁ ସେ ବାଡ଼ି ତାଙ୍କ ହାତମୁଠାରେ।

ସେଦିନ ମୋ' ମାଆର ଦଶାହ କାର୍ଯ୍ୟରେ ତମର ଯୋଗଦାନ ସହ ତମେ ମୁଣ୍ଡନ ହେବା କଥାଟିକୁ ହୁଏତ ସମସ୍ତେ ସାଧାରଣ ଭାବେ ଗ୍ରହଣ କରିଥିଲେ ବି ମୋ' ତିର୍ଯ୍ୟକ୍ ଆଖିରେ ତମେ ସେଦିନ ହିଁ ଧରାପଡ଼ିଯାଇଥିଲ। ସେଦିନ ହିଁ ତୁମ ସହ ମୋର ପ୍ରଥମ ଓ ଶେଷ ସାକ୍ଷାତ୍।

ସେଇ ସମୟରେ ତୁମେ ବାପାଙ୍କ ପାଖେପାଖେ ରହିବା, ତୁମ ଯଥେଷ୍ଟ ଆନୁଗତ୍ୟର ପ୍ରଲେପରେ ବିମୋହିତ ହେଇ ବାପା ବି ତମକୁ ଖୋଜିହେବା କଥାଟି ସେଦିନ ସରଳ ନ ଥିଲା ନିଶ୍ଚୟ। ବାପାଙ୍କ ସାମ୍ନାକୁ ଯାଇ ତମ ସହ କଥା ହେବା ସମ୍ଭବ ନ ଥିଲା ମୋର ସେତେବେଳେ। ମୋ' ବୟସ ବା କେତେ! ଷୋହଳ ପୂରିଥିବ। ତା'ପରେ ତମେ କେବେ ଓ କେତେବେଳେ ଚାଲିଗଲ ମୁଁ ଆଉ ଜାଣି ପାରିଲିନି।

ମୋ' ସହ ପଦେ କଥା ହେବାକୁ କି ତୁମ ପରିଚୟ ପ୍ରଦାନ କରିବାର ଇଚ୍ଛା ଜାଗ୍ରତ ହେଇ ନ ଥିଲା କି ସେଦିନ? ନାଁ କହି ହେଉ ନ ଥିବା କେଉଁ ଅଜଣା ଭୟରେ ଘାରି ଓ ଘୋରି ହେଉଥିଲ!

ଏ ଭିତରେ କିଛି ବର୍ଷ ଅତିବାହିତ ହୋଇଗଲା ଓ ତମେ ଗୋଟିଏ ଅତୀତ ହେଇ ମୋ' ମନରୁ ଅସ୍ପଷ୍ଟ ଓ ଅଚିହ୍ନା ହେଇଗଲ। ମୋ' ବାହାଘରର ଦୁଇବର୍ଷ ଯାଏଁ ତମ କଥା କେବେ ବି ମନେପଡ଼ିନି ଆଉ ମୋର।

ଦିନେ ସାଂଘାତିକ ଭାବେ ଅସୁସ୍ଥ ହୋଇପଡ଼ିଲେ ବାପା। ହସ୍ପିଟାଲ ବେଡ୍‌ରେ ମୁଁ ଏକା ବସିଥାଏ ତାଙ୍କ ପାଖରେ। କ'ଣ ଭାବିଲେ କେଜାଣି, ତୁମ କଥା ମୋତେ କହି ଦେଇଥିଲେ ଗୋଟିଗୋଟି। ଆଉ ଏକଥା ବି କହିଥିଲେ, ଯଦି ତାଙ୍କର କିଛି ହେଇଯାଏ ସର୍ବପ୍ରଥମେ ତମକୁ ହିଁ ଖବର ଦିଆଯିବ। ମୋ' ଦେହମୁଣ୍ଡ ଶୀତେଇ ଉଠୁଥାଏ। ମୋ' ପାପୁଲିକୁ ମୁଠେଇ ଧରିଥିବା ତାଙ୍କ ହାତର ଚାପ କ୍ରମଶଃ ମୋ' ପଞ୍ଚଇନ୍ଦ୍ରିୟକୁ ଆଉ ଟିକେ ନିସ୍ତେଜ କରିଦେଉଥିଲା।

ବାପା ସୁସ୍ଥ ହେଇ ଘରକୁ ଫେରିଲେ ପ୍ରାୟ ସାତ ଦିନ ପରେ ଏବଂ ତା'ପର ପନ୍ଦର ଦିନ ଯାଏଁ ଆଉ ସେ ବିଷୟରେ ଆମ ଭିତରେ ଆଲୋଚନା ହେଇ ନ ଥିଲେ ବି ତୁମେ ମୋ' ଭିତରେ ଘର କରି ରହିଲ ମୋ' ଅନିଚ୍ଛାରେ। କେବଳ ତୁମ ପ୍ରତି ନୁହଁ, ମୋ' ବାପାଙ୍କ ଉପରେ ବି କେମିତି ଏକ ଘୃଣାଭାବ ଜାଗ୍ରତ ହେଇଗଲା ଆପେଆପେ। ଗୋଟିଏ ପ୍ରଚଣ୍ଡ ନୀରବତା ମୋ' ସମଗ୍ର ସତ୍ତାକୁ ଘୋଡ଼େଇ ରଖିଲା। ବାପା ବୋଧହୁଏ ଅନୁଭବ କରୁଥିଲେ ସବୁକଥା ଅଥଚ କିଛି କହିପାରୁ ନ ଥିଲେ ନା କହିବାକୁ ଗୋଟିଏ ନିରୋଳା ସମୟ ଖୋଜୁଥିଲେ କେଜାଣି!

ସତକୁ ସତ ଦିନେ ଯେ ନ ଥିବାର ସୁଯୋଗ ନେଇ ତାଙ୍କ ଜୀବନର ସବୁତକ ଘଟଣାକ୍ରମ ମୋତେ କହି ଦେଇଥିଲେ ଏକା ନିଃଶ୍ୱାସରେ। ଏବଂ ସେଥିରେ ବାପାଙ୍କର କି ତୁମର କାଣିଚାଏ ଦୋଷ ଅନ୍ତତଃ ମୋ' ଚିନ୍ତା ଓ ଚେତନାକୁ ଆଉ ଛୁଇଁପାରିଲାନି ବରଂ ତାଙ୍କର ଅସହାୟତା ଓ ତୁମ୍ଭମାନଙ୍କର ତ୍ୟାଗ ମୋତେ ତୁମ ନିକଟତର ହେବାକୁ ରାସ୍ତାଟିଏ ସଂଯୋଗ କରିଦେଇଥିଲା ସିନା, ସାମାଜିକ ଦୃଷ୍ଟିରେ ଏ ବ୍ୟବଧାନ ବଳବତ୍ତର ରହିଲା।

ତୁମ ସହ କଥା ପଦେ ହେବାର ଇଚ୍ଛାଟି ମୋ' ଭିତରେ କେବେଠାରୁ ଉଦ୍ରେକ ହେଇସାରିଥିଲା। ବାପା ହସ୍ପିଟାଲ୍‌ରେ ଥିବା ସମୟରେ ହିଁ ତୁମ ନମ୍ବର ମୋତେ ଦେଇଥିଲେ। ଦିନେ ଫୋନ୍ କରି ତୁମ ସହ କଥା ହେବା ଆଗରୁ ତମେ ମୋତେ ଓ ମୋ' ନାଁ କୁ ଜାଣିବା ମୋତେ ଚକିତ କରିଥିଲା। ମୋ' ଭିତରେ ହୃତ୍‌ସ୍ପନ୍ଦନ ତୀବ୍ରତର ଥିଲେ ବି ତମେ ବେଶ୍ ସହଜ ଓ ହାଲୁକା ଭାବେ କଥା ହେଇ ବାପାଙ୍କ କଥା ବାରମ୍ବାର ପଚାରି ବୁଝିଥିଲ। ଏମିତି ଲାଗିଲା ଆମେ ବହୁବାର କଥା ହେଇସାରିଛେ ଆଗରୁ।

ଏ ଭିତରେ ପିଲାଙ୍କ ପାଠପଢ଼ା ପାଇଁ ମୁଁ ସପରିବାର ସହରକୁ ଆସିବା ଛଅମାସ ହେଇଗଲାଣି। ବାପାଙ୍କୁ ବି ସାଥିରେ ଆଣିବାକୁ ପ୍ରୟାସ କରିଥିଲି ସେତେବେଳେ, କିନ୍ତୁ ଗାଁରେ ହିଁ ରହିବାକୁ ସେ ଜିଦ୍ ଧରିଲେ।

ସମୟାନ୍ତରରେ ତୁମ ସହ କଥା ହେବାର ଧାରାବାହିକତା ବି ଜାରି ରହିଥିଲା ମୋର। ତୁମ ପାଖରେ ତୁମ ମା' ରହୁଛନ୍ତି ଶୁଣି କାହିଁକି କେଜାଣି ମୋତେ ଖୁବ୍ ଆଶ୍ୱସ୍ତ ଲାଗିଥିଲା ସତ, କିନ୍ତୁ ବାପାଙ୍କ ବିବାହ ପରଠୁ ଆଉ ସେ କେବେ ବି ତାଙ୍କୁ ଦେଖି ନ ଥିବା କି ସାକ୍ଷାତ କରି ନ ଥିବା କଥା ତୁମଠୁ ଶୁଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ତୁମକୁ ମାତ୍ର ଅଢ଼େଇ ମାସ ସେତେବେଳେ। କେମିତି ବିତିଥିବ ସେ ସମୟତକ କେଜାଣି! କେତେ ଅସହ୍ୟ ହେଇଥିବ ସେ ବେଦନା ସତରେ! ସେତେବେଳେ ଛୋଟ ଜାତିର ଦ୍ୱାହି ଦେଇ ତୁମ ମାଆ ସହ ବିବାହ କରେଇବାକୁ କେହି ବି ସମ୍ମତି ଓ ସ୍ୱୀକୃତି ଦେଇ ନ ଥିବା ବାପାଙ୍କର ଏ ଗୋପନ ପ୍ରଣୟ ଚିରକାଳ ଅନ୍ଧାର ଭିତରେ ହିଁ ଲୀନ ହୋଇଗଲା।

ଆଜି ତମେ ଫୋନ୍ କରି କହିଲ– ବିକାଶ, ଆସନ୍ତାକାଲି ମୋ' ମାଆର ଜନ୍ମଦିନ ଓ ପ୍ରତିବର୍ଷ ମୁଁ ମୋ' ମାଆକୁ ନେଇ ପୁରୀ ଯାଏ। ତୁ କାଲି ବାପାଙ୍କୁ ନେଇ ପୁରୀ ଆସିଲେ କେମିତି ହୁଅନ୍ତା! ଏଇ ଉତ୍ତର ବୟସରେ ବି ଅନ୍ତତଃ ଦୁହେଁ ଦୁହିଁଙ୍କୁ କିଛିକ୍ଷଣ ଦେଖି ତ ପାରନ୍ତେ! ବାଧ୍ୟ କରୁନି ମୁଁ, ତୋ' ଇଚ୍ଛା।

ପରଦିନ ବାପାଙ୍କୁ ନେଇ ମୁଁ ପୁରୀ ଯିବାକୁ ଟ୍ରେନ୍‌ରେ ଚଢ଼ିଲାବେଳେ ବାପା ପଚାରୁଥିଲେ– ଆରେ ବିକାଶ, ଆମେ କୁଆଡ଼େ ଯାଉଛେ!

ଶିବାଜୀ ନଗର,
ଉମରକୋଟ, ନବରଙ୍ଗପୁର

## କ ବି ତା

### ପଠାଇଛି ଛଅ ରଙ୍ଗ

ସନ୍ନ୍ୟାସୀ ନାୟକ

ପଠାଇଛି ଛଅ ରଙ୍ଗ,
ପଠାଇନି ନାଲି,
ଗତ ଫଗୁଣରେ ହାତ କାଟି
ମଥାରେ ବୋଳିଦେଲି ବୋଲି,
ଏବେ ରକ୍ତରେ ଖେଳୁଛି ହୋଲି...

ବାଇଗଣି ରଙ୍ଗରେ ତୁମେ
ଲାଗ ରାଜଜେମା,
ଶବ୍ଦ ସବୁ ଅଥୟ ଅଧୀର
ଦେବାକୁ ଉପମା...

ଘନ ନୀଳ ରଙ୍ଗରେ
ଫିଟି ଫିଟି ପଡ଼େ
ତୁମ କୁଞ୍ଚାୟିତ କବରୀ,
ମୁଁ ଚକିତ ଚାତକ
ପିଇଯାଏ ଐଶ୍ୱର୍ଯ୍ୟର ବାରି...

ନୀଳ ରଙ୍ଗରେ ତୁମେ
ଉତ୍‌ଫୁଲ୍ଲିତ ସାଗର,
ତରଙ୍ଗାୟିତ ତାଳ ଦିଆ ଗତି,
ମୋ' ଜପତପ ସବୁ ଅକାରଣ
ସନ୍ନ୍ୟାସୀ ହେବି ବା କେମିତି?

ସବୁଜ ରଙ୍ଗରେ ତୁମେ
ଫଳପ୍ରସୁ ପୃଥିବୀଟେ ହୁଅ,
ମୋ' ଭିତରେ ତୁମେ
ନବନ୍ମେଷ ବିଜପତ୍ର
କଅଁଳି କଅଁଳି ଯାଅ...

ହଳଦିଆ ରଙ୍ଗେ ତୁମେ
ବସନ୍ତକୁ ଅଟକାଇ ଦିଅ...
ମୋ' ଭିତରୁ
ମୋତେ କାଢ଼ି ଦେଇ
ନୂଆ ଏକ କୋଣାର୍କ ଗଢ଼ିଦିଅ...

ନାରଙ୍ଗୀ ରଙ୍ଗରେ ତୁମେ
ସୂର୍ଯ୍ୟସମ ଝଲମଲ ଦିଶ...
ମୁଁ ମୋର ହୋଇପାରେ ନାହିଁ,
ଯନ୍ତ୍ରଣାରେ ଜର୍ଜରିତ
କେତେ ଯେ ବିବସ...

ଲାଲ ରଙ୍ଗରେ ତୁମେ ଲାଗ,
ଲାଲ ଟୁକୁଟୁକୁ ସାଧବବୋହୂ...
ତୁମ ସତ୍ତା ସାରା ଜୀବନ
ମୋ' ହୃଦୟରେ ଥାଉ...
ଛାତିଚିରି ପଠାଇବି କେମିତି
ଏ ଲାଲରଙ୍ଗ ଏମିତି
ଆମ ପାଖେ ପାଖେ ଥାଉ...

ମୋ: ୯୪୩୭୩୫୨୫୬୦

### ଅମୀମାଂସିତ

ଗାୟତ୍ରୀ ସିଂହ

ଉଜୁଡ଼ି ଯିବା ଭୟରେ
ବାରମ୍ବାର ସଜାଡ଼ିବାକୁ
ଚେଷ୍ଟା କରୁଥିବା ସଂସାରରେ
ତା'ର ସମସ୍ତ ଆଶା, ସ୍ୱପ୍ନ, ଖୁସିକୁ
ସେ ସମାଧି ଦେଇଦିଏ।

ସମଗ୍ର ଜୀବନଟା ତା'ର ସମର୍ପିତ
କା' ପାଇଁ ନା କା' ପାଇଁ
ପ୍ରତି କଥାରେ ତା'ର
ଅନୁମତି ଦରକାର ପଡ଼େ
କାହାର ନା କାହାର।

ନିଜେ ଛନ୍ଦି ହୋଇପଡ଼ିଥିବା ପ୍ରଶ୍ନର
ଉତ୍ତର ବି ତା' ପାଖରେ ନଥାଏ
ଦ୍ୱନ୍ଦ୍ୱର ପରିଧି ଭିତରୁ ସେ
ଚାହିଁ ବି ବାହାରି ପାରେନି।

ସବୁ 'ଭାଗ୍ୟ' କହି ଛାଡ଼ିଦିଏ
ଅର୍ଜୁନ ତ ଗାଣ୍ଡୀବ ଛାଡ଼ିବା ବେଳେ
ଶ୍ରୀକୃଷ୍ଣ ଗୀତାର ମର୍ମ ବୁଝାଇଥିଲେ
ହେଲେ ଏଠି ସଂସାରର ସାରମର୍ମ
କାହାକୁ ବୁଝାଇବ କିଏ!

ମୋ: ୭୬୦୬୯୫୭୪୪୫

### ଗୀତି କବିତା

### ରଙ୍ଗମୟ ବସନ୍ତ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଫୁଲେଇ ଫୁଲରେ ଆସିଲା ଫଗୁଣ
ଫଗୁ ଖେଳିବାର ପାଇଁ
ମୁରୁକି ମୁରୁକି ହସିଲା ବସନ୍ତ
ଅବିରର ରଙ୍ଗ ଦେଇ।

ପିକ ଆମ୍ବଡାଳେ ଡାକଇ ମଳୟେ
ଶବ୍ଦ ତୋଳେ ରୁଣୁଝୁଣୁ
ମଧୁର ପରଶେ ଭ୍ରମଇ ଭ୍ରମର
ଝରିପଡ଼େ ମଧୁରେଣୁ।

ଖେଳିବାକୁ ହୋଲି ରାଇ ଦାମୋଦର
ବୁଲନ୍ତି ବିମାନେ ବସି
ହୋଲିର ମୁହୂର୍ତ୍ତ ପ୍ରଫୁଲ୍ଲିତ ଚିତ୍ତ
ଧନ୍ୟ ଦାମୋଦର ବଂଶୀ।

ଫଗୁ ଦୋଳଯାତ୍ରା ଫଗୁରେ ବିଚିତ୍ରା
ଫାଲ୍‌ଗୁନ ପ୍ରୀତି ନେଇ
ମାରି ପିଚକାରି ଝୁଲନ୍ତି ହାନ୍ଦୋଳେ
ଭାବରେ ସେ ଭାବଗ୍ରାହୀ।

ରଙ୍ଗମୟ ଦିଶେ ବସୁଧା ଅମ୍ବର
ଶୋଭା ଦିଶେ ଅସୁମାରୀ
ବିମୁଗ୍ଧ ନୟନେ ଦେଖ ଅନୁକ୍ଷଣେ
କଳ୍ପନାରେ ଅଙ୍କ କରି।

ମୋ: ୯୪୩୭୬୪୨୯୪୭

## ପୁସ୍ତକ ପରିଚୟ

### ମୋ ଅନ୍ତେ ମୋ ସ୍ୱର




**ଲେଖକ:** ପ୍ର. ବାଉରୀବନ୍ଧୁ କର
**ସଂକଳିକା:** ହରିପ୍ରିୟା କର
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୦୦/-

ପ୍ରାବନ୍ଧିକ ପ୍ରଫେସର ବାଉରୀବନ୍ଧୁ କରଙ୍କ ବିୟୋଗ ଅନ୍ତେ ତାଙ୍କ ଧର୍ମପତ୍ନୀ ହରିପ୍ରିୟା କର ସ୍ୱାମୀଙ୍କ ଲିଖିତ ଓ ଅଗ୍ରନ୍ଥିତ ୨୧ଟି ପ୍ରବନ୍ଧକୁ ନେଇ ଆଲୋଚ୍ୟ ସଂକଳନଟି ପ୍ରସ୍ତୁତ କରିଛନ୍ତି। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ବିଶେଷକରି ପ୍ରବନ୍ଧ ସାହିତ୍ୟର ଅଧ୍ୟୟନରେ ପ୍ରଫେସର କରଙ୍କ ସମତୁଲ୍ୟ ପ୍ରାବନ୍ଧିକ କ୍ୱଚିତ୍ ଅଛନ୍ତି ଆମ ଭାଷାରେ। ସଂକଳନରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ମଧ୍ୟରେ 'ଉତ୍କଳବନ୍ଧୁ ରେଭେନ୍ସା ସାହେବ', 'ଊନବିଂଶ ଶତକର ଦୁଇଟି ସାଂସ୍କୃତିକ ଅନୁଷ୍ଠାନ', 'ଓଡ଼ିଆ ଲୋକ ସାହିତ୍ୟ ଚର୍ଚ୍ଚାରେ ଦୁଇ ବିଦେଶୀ ଗବେଷକ', 'ସାହିତ୍ୟ ସମୀକ୍ଷକ ଡକ୍ଟର ନଟବର ସାମନ୍ତରାୟ', 'ଭାଷାତତ୍ତ୍ୱବିତ୍ ପ୍ରଫେସର ଗୋଲୋକ ବିହାରୀ ଧଳ', 'ବିଶିଷ୍ଟ ଗଦ୍ୟଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ', 'ସଂସ୍କୃତିପ୍ରିୟ ଓ ସ୍ୱଦେଶପ୍ରେମୀ ମଣିଷ ଉଦୟନାଥ ଷଡ଼ଙ୍ଗୀଙ୍କ ସାହିତ୍ୟାଦର୍ଶ', ଏବଂ 'ସାହିତ୍ୟ ସମୀକ୍ଷକ ଦାଶରଥି ଦାସ' ଆଦି ପ୍ରବନ୍ଧରେ ଲେଖକ ନିଜ ମୌଳିକ ଅନୁଚିନ୍ତନ ଓ ତଥ୍ୟନିଷ୍ଠତାର ଯେଉଁ ପରିଚୟ ଦେଇଛନ୍ତି, ତାହା ତାଙ୍କ ପ୍ରତିଭାର ପରିଚୟ। ଓଡ଼ିଆ ଭାଷାରେ ପ୍ରାବନ୍ଧିକ ତ ଅନେକ ଅଛନ୍ତି, କିନ୍ତୁ ପ୍ରବନ୍ଧରେ ବକ୍ତବ୍ୟ ଓ ଅଭିବ୍ୟକ୍ତିର ଯେଉଁ ପରିଚ୍ଛନ୍ନତା ପ୍ରଫେସର କରଙ୍କଠାରେ ଦେଖାଯାଏ, ତା'ର ସମାନ୍ତରାଳ ଯେ ଓଡ଼ିଆ ପ୍ରବନ୍ଧ-ସମାଲୋଚନାରେ ଦୁର୍ଲଭ- ଆଲୋଚ୍ୟ ଗ୍ରନ୍ଥଟି ତା'ର ବିରଳ ସାକ୍ଷ୍ୟ।

### ଆହୁରି ବାକିଥିଲା

(କବି ହରପ୍ରସାଦ ପରିଛା ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିଲେଖ)




**ସମ୍ପାଦନା:** ଶରତ କୁମାର ଜେନା
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ନିଃଶୁଳ୍କ

ଆଲୋଚ୍ୟ ସ୍ମୃତିଲେଖଟି ପ୍ରୟାତ କବି ହରପ୍ରସାଦ ପରିଛା ପଟ୍ଟନାୟକଙ୍କ ଜୀବନୀ ଓ କୃତି ସମ୍ପର୍କରେ ଏକ ଆବେଗନିଷ୍ଠ ଦଲିଲ, ଯହିଁରେ କବିଙ୍କ ନିକଟ ସାନ୍ନିଧ୍ୟରେ ଆସିଥିବା ବହୁ ବିଶିଷ୍ଟ ଲେଖିକା ଲେଖକ ନିଜ ନିଜର ସ୍ମୃତିଚାରଣ କରିଛନ୍ତି। ଏଥିରେ କବିଙ୍କ କବିତା ଓ ଅନ୍ୟାନ୍ୟ ରଚନା ତଥା ତାଙ୍କ କର୍ମମୟ ଜୀବନର ନାନା ଦୃଶ୍ୟପଟ ସାକାର ହୋଇଛି। ବହିଟିକୁ ବିଭିନ୍ନ ବିଭାଗରେ ବିଭକ୍ତ କରି ପ୍ରତିଟି ବିଭାଗକୁ ଏକ ଏକ 'ଅର୍ଘ୍ୟ' ଭାବେ ପରିବେଷଣ କରାଯାଇଛି; ଯେପରି 'ସୂଚୀ ଅର୍ଘ୍ୟ', 'ସ୍ମୃତି ଅର୍ଘ୍ୟ', 'ଶ୍ରଦ୍ଧା ଅର୍ଘ୍ୟ', 'ଶୋକ ଅର୍ଘ୍ୟ', 'ସମର୍ପଣ ଅର୍ଘ୍ୟ', 'ଶେଷ ଅର୍ଘ୍ୟ' ଓ 'ଫଟୋ ଅର୍ଘ୍ୟ'। 'ସୂଚୀ ଅର୍ଘ୍ୟ'ରେ କବିଙ୍କ ଜୀବନୀ ଓ କୃତିର ସବିଶେଷ ତାଲିକା ପ୍ରଦତ୍ତ ହୋଇଛି। ଯେଉଁମାନଙ୍କ ସ୍ମୃତି-ଚାରଣରେ ବହିଟି ସମୃଦ୍ଧ, ସେମାନଙ୍କ ମଧ୍ୟରେ ଅଛନ୍ତି ଦେବଦାସ ଛୋଟରାୟ, ପ୍ରଫୁଲ୍ଲ କୁମାର ମହାନ୍ତି, ସଞ୍ଜୟ କୁମାର ଦାସବର୍ମା, ଅମରେଶ ପଟ୍ଟନାୟକ, ରବି ନାରାୟଣ ସେନାପତି, ଅଧ୍ୟାପକ ବିଶ୍ୱରଂଜନ, ପ୍ରସନ୍ନ କୁମାର ମହାନ୍ତି, ସୂର୍ଯ୍ୟ ମିଶ୍ର, ସରୋଜ ବଳ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଫନୀ ମହାନ୍ତି ଓ କବିଙ୍କ ପରିବାର ସଦସ୍ୟ। ଓଡ଼ିଆ ସାହିତ୍ୟରେ ହର ଥିଲେ ଏକ ଉତ୍ତାଳ ତରଙ୍ଗ, ଯାହାର ଅକାଳ ଭଙ୍ଗା ଅନେକ ଦିନକୁ ଅଭୁଲା ବ୍ୟଥା ହୋଇ ରହିବ- ସ୍ମୃତିଲେଖଟି ପଢ଼ିଲେ ଏପରି ଲାଗେ।

## ଆଧୁନିକତା

### ଅମ୍ବିକା ସ୍ୱାଇଁ

ଲଘୁ ଗଳ୍ପ

ସୁବ୍ରତ ଭୁବନେଶ୍ୱରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରୁ ପାଠପଢ଼ା ଶେଷ କରି ଇମୋସିଟିରେ ଚାକିରି କରି ଘରଭଡ଼ା ନେଇ ଭୁବନେଶ୍ୱରରେ ରହୁଛି। ବାପା ତାଙ୍କର ଗାଁ ସ୍କୁଲରେ ହେଡ୍‌ମାଷ୍ଟର ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି। ମା'ବାପା ଗାଁରେ ରହୁଛନ୍ତି। ସୁବ୍ରତର ବିବାହ ବୟସ ହୋଇଯାଇଛି। ମା'ବାପା ପୂରା ବ୍ୟସ୍ତ, ହାତକୁ ଦୁଇ ହାତ କରିଦେଲେ ଚିନ୍ତା ଯିବ। ସୁବ୍ରତ ତା' କଲେଜ ବେଳର ସାଙ୍ଗ ନିତାକୁ ଭଲପାଉଛି। ମା'ବାପା ଅନ୍ୟଆଡ଼େ ପ୍ରସ୍ତାବ ଦେଖିବା ପୂର୍ବରୁ ନିତାକୁ ସେ ଭଲପାଇବା କଥା ମା'ବାପାଙ୍କୁ ଜଣାଇଦେଲା ଏବଂ ସେଇଠି ବିବାହ କରିବା କଥା କହିଲା। ମା'ବାପା ଏକଥା ଶୁଣି ଖୁସି ହେଲେ ଏବଂ ନିତା ବାପାଙ୍କ ସହ କଥା ହେବାକୁ କହିଲେ। ଦେଖାଚାହାଁର ବ୍ୟବସ୍ଥା ପାଇଁ ଦିନ ଠିକ୍ ହେଲା। ଗାଁରୁ ଆସିଲେ ମା'ବାପା ଭୁବନେଶ୍ୱର। ସୁବ୍ରତ ଏକ କାର୍ ଭଡ଼ା କରି ନିର୍ଦ୍ଦିଷ୍ଟ ଦିନରେ ନିତା ଘରକୁ ଗଲେ ଦେଖିବା ପାଇଁ।

ନିତାର ବାବା ସେ ସମୟରେ କିଛି ଜିନିଷ ଆଣିବା ପାଇଁ ବଜାରକୁ ଯାଇଥାନ୍ତି। ଗେଟ୍ ପାଖରେ କାର୍ ପହଞ୍ଚିଗଲା। ନିତାର ମା' ବାଲ୍‌କୋନିରୁ ଦେଖି ତଳକୁ ଗଲେ ସେମାନଙ୍କୁ ପାଛୋଟି ଆଣିବାକୁ। ଷ୍ଟେପ୍‌କଟ୍ ଚୁଟି, ସାଲୱାର କମିଜ୍ ସାଙ୍ଗକୁ ମୁହଁରେ ବହଳ ମେକ୍‌ଅପ୍, ଓଠରେ ଲିପ୍‌ଷ୍ଟିକ, ଦେଖିବାକୁ



ପୂରା ହିରୋଇନ୍ ପରି। ଗେଟ୍ ପାଖକୁ ଯିବା ଭିତରେ ସୁବ୍ରତ ବାପାଙ୍କର ଆଖି ପଡ଼ିଲା ନିତାର ମା' ସୁନୀତା ଉପରେ। ସ୍ତ୍ରୀଙ୍କୁ ହାତରେ ଖେଞ୍ଚି କହିଲେ ହେଇଟି ଦେଖ ମ ଶିବୁ ବୋଉ, ଆମ ସୁବ୍ରତ କେତେ ସୁନ୍ଦର ବୋହୂଟି ଠିକ୍ କରିଛି। ତା' ପସନ୍ଦକୁ ମାନିବାକୁ ପଡ଼ିବ...।

ସୁବ୍ରତ ଚମକିଉଠିଲା। ଧୀରେ କହିଲା, ବାପା ଆପଣ କ'ଣ ଏମିତି କହୁଛନ୍ତି! ସେ ପରା ନିତାର ମମି। ଆରେ ପୁଅ ଏ ନିତାର ମମି! ଏ ତ ଗୋଟେ ଝିଅ ପିଲା ପରି ଦିଶୁଛନ୍ତି! ଡ୍ରାଇଭର ବାବୁ ନୀରବରେ ସବୁ ଶୁଣୁଥିଲେ। କହିଲେ, ମଉସା! ଏ ପରା ଆଧୁନିକ ଯୁଗର ଆଧୁନିକତା। ଆଜିକାଲି ମାଆ କିଏ ଝିଅ କିଏ ଚିହ୍ନି ହେଉନି... ସମସ୍ତେ ଏକାବେଳେ ହସି ଉଠିଲେ... କାର୍ ଡୋର ଖୋଲି ଗେଟ୍ ଭିତରକୁ ପଶିଲେ।

ମୋ: ୯୭୭୭୫୯୯୬୯୫

## କାଳକାଳକୁ



"ସାହିତ୍ୟର ଗଛ ଭାରି ସ୍ୱର୍ଣ୍ଣ-କାତର ଓ ସବୁଜିମାରେ ଭରା। ରାଜନୀତିର ମହିଷି-ଗ୍ରାସରୁ ତାକୁ ବଞ୍ଚାଇ ପାରିଲେ, ସେ ଅମଳ ଦେବ।"
– ଫଣୀଶ୍ୱର ନାଥ ରେଣୁ

**ଫଣୀଶ୍ୱର ନାଥ 'ରେଣୁ'**ଙ୍କ ଜନ୍ମ ୪ ମାର୍ଚ୍ଚ ୧୯୨୧ରେ ଓ ପରଲୋକ ୧୧ ଏପ୍ରିଲ ୧୯୭୭ରେ, ବିହାରରେ। ଉତ୍ତର-ପ୍ରେମଚନ୍ଦ କାଳର ସବୁଠୁଁ ସଫଳ ଓ ପ୍ରଭାବୀ ଏହି ଲେଖକଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି 'ମୈଲା-ଆଞ୍ଚଲ', ଯାହାକୁ ପ୍ରେମଚନ୍ଦଙ୍କ 'ଗୋଦାନ' ପରେ ଅତି ଉଲ୍ଲେଖନୀୟ ଉପନ୍ୟାସ ଭାବେ ବିବେଚନା କରାଯାଏ। ବଙ୍ଗଳା ଔପନ୍ୟାସିକ ସତୀନାଥ ଭାଦୁଡ଼ିଙ୍କର ସେ ଖୁବ୍ ଘନିଷ୍ଠ ଥିଲେ ଓ 'ଭାଦୁଡ଼ିଜୀ' ଶୀର୍ଷକରେ ସତୀନାଥଙ୍କର ଏକ ସ୍ମୃତିଲେଖ ଲେଖିଥିଲେ। ଫଣୀଶ୍ୱରଙ୍କ ଗଳ୍ପ 'ମାରେ ଗୟେ ଗୁଲ୍‌ଫାମ୍'କୁ ନେଇ ବାସୁ ଭଟ୍ଟାଚାର୍ଯ୍ୟ ତାଙ୍କର ଚଳଚ୍ଚିତ୍ର 'ତିସ୍‌ରି କସମ୍' ନିର୍ମାଣ କରିଥିଲେ, ଯାହାର ପ୍ରଯୋଜକ ଥିଲେ କବି-ଗୀତିକାର ଶୈଳେନ୍ଦ୍ର। 'ନିଜ ପରିବେଶକୁ ସମ୍ପୂର୍ଣ୍ଣ ଓ ସଚ୍ଚୋଟ ଭାବେ ଜିଇବା ଲେଖକର କାମ' ବୋଲି ଏଇ ଲେଖକ ମନେକରନ୍ତି।

## ଭୁଲ୍

### ଦେବେନ୍ଦ୍ର କର

ମିନି ଗଳ୍ପ

କ'ଣ ଏମିତି କହିଦେଲା ଯେ, ତୁମେ ଛୁଆଙ୍କ ପରି ମୁହଁ ଶୁଖେଇ ବସିଗଲ। ଏବେ କାଢ଼ିଦିଅ ସବୁକଥା ମୁଣ୍ଡରୁ, ଯେତେ ଯାହାହେଲେ ବି ସେ ଆମରି ବୋହୂ, ଅନ୍ୟ କେହି ନୁହେଁ ତ! ବଡ଼ ପରିବାରରେ ଏସବୁ ଅତି ସାଧାରଣ କଥା। ତୁମେ ହିଁ ସେମାନଙ୍କ ଅଳିଅଝଟ ସହି ସେମାନଙ୍କୁ ବଡ଼ କରିଚ। କୁଆଡ଼େ ଗଲା ତୁମର ସେ ସ୍ନେହ ମମତା, ଅନାବିଳ ଭଲପାଇବା। ମୋର ସ୍ୱଳ୍ପ ରୋଜଗାରକୁ ତିନି ତିନିଟା ପିଲା, ସେମାନଙ୍କ ପାଠପଢ଼ା, ଘର ଦାୟିତ୍ୱ ସବୁ ତ ଲଦି ହୋଇଥିଲା ତୁମ କାନ୍ଧରେ। ମୁଁ ତ କହିବି ତୁମପରି ଧୈର୍ଯ୍ୟ, ସହନଶୀଳତା କାହାରି ନଥିବ। ମୁଁ ଯେବେ ହାରମାନିଯାଏ, ତୁମେ ମତେ ସାହସ ଦିଅ, ତୁମ ସାନ୍ତ୍ୱନାପୂର୍ଣ୍ଣ ଶବ୍ଦଗୁଡ଼ିକ ନିମିଷକ ମଧ୍ୟରେ ମୋ' ମନରୁ ଦୂରେଇ ଦିଏ ଦୁଃଖ ଅବସୋସ।

ଏମିତି ପୁରୁଣା ଦିନର ଅନେକ କଥା କହି ଗୌତମବାବୁ ବୁଝାଉଥିଲେ ଅଳକାଙ୍କୁ। ସେପଟେ ଦୂର ଆକାଶରେ ଅସ୍ତଗାମୀ ସୂର୍ଯ୍ୟ ବିଦାୟ ନେଉଥିଲେ ଧରାପୃଷ୍ଠରୁ। ଅଳକା ମୁହଁ ଖୋଲିଲେ, ସେ କାହିଁକି ବୁଝୁନାହାନ୍ତି? ବୟସ ବଢ଼ିଲା, ସ୍ମୃତିଶକ୍ତି କମ୍‌ଜୋର୍ ହେଲା। କ'ଣ କୋଉଠି ରଖିଲେ ଆଗପରି ଆଉ ମୋର ମନେରହୁନି। ଚାବିଟା କାନ୍ଥରେ ଟାଙ୍ଗିବା ବଦଳରେ ଯଦି ଫ୍ରିଜ୍ ଉପରେ ରଖିଦେଲି କ'ଣ ଏମିତି ଭୁଲ୍ କରିଦେଲି ଯେ! ସେମାନଙ୍କୁ କ'ଣ ଲାଗୁଛି ମୁଁ ଏସବୁ ଜାଣି ଜାଣି କରୁଚି, ଆଉ ଏମିତି କରି ମୁଁ ଆନନ୍ଦ ପାଉଛି। ଏଇଟା ସେମାନଙ୍କର ଭ୍ରମ, ପ୍ରତିଥର ଭୁଲ୍ ନ ଦୋହରାଇବା ପାଇଁ ଚେଷ୍ଟା କରୁଛି, ହେଲେ କ'ଣ ହେବ ସେଇ ସମାନ ଭୁଲ୍ କରିବସୁଚି। ମୁଁ ତ ବସିବା ଲୋକ ନୁହେଁ, ଯେତିକି ପାରୁଚି ଘରର କାମଧନ୍ଦା କରିଦେଉଛି। କାମ ଅଧା ପଡ଼ିଥିବ ଆଉ ମୁଁ ଚୁପ୍ ବସିଯିବି, ସେସବୁ ମୋ' ଦେଇ ହେବନି। ଟିକେ ନୀରବିଯାଇ ଅଳକା ପୁଣି କହିଲେ, ମୁଁ ତ ମାନୁଛି ଭୁଲ୍ ତ ଭୁଲ୍, ସେ ଛୋଟ ହେଉ ବା ବଡ଼, ଜାଣତରେ ହେଉ ବା ଅଜାଣତରେ। ସେ ଲାଗି ଏତେ କଟୁ ଶବ୍ଦ! ଆତ୍ମାକୁ କଷ୍ଟ ହେଲାଣି, ବହୁତ ହେଇଗଲା ଆଉ ମୁଁ ପାରୁନି। ଗୌତମବାବୁ ମୁହଁ ଖୋଲିଲେ, ଆରେ ପିତାମାତାଙ୍କ ଆଖିରେ ସନ୍ତାନମାନେ ସବୁବେଳେ ଗୋଟେ ଶିଶୁ। ସେ ଯାହା କହୁ, ଯାହା କଷ୍ଟ ଦେଉ ସବୁପରା ମାଫ୍।

ଟିକେ ବଡ଼ ସ୍ୱରରେ କହିଉଠିଲେ ଅଳକା- ଓହୋ ଜୀବନ ତମାମ ତ ପିତାମାତା ସନ୍ତାନର ଦୋଷତ୍ରୁଟିକୁ ମାଫ୍ କରିଚାଲନ୍ତି। ପରିଣତ ବୟସରେ ସନ୍ତାନମାନେ କାହିଁକି ପିତାମାତାଙ୍କ ଭୁଲ୍‌କୁ କ୍ଷମା ଦେଇପାରିବେନି। ଆମ ଶିକ୍ଷାଦୀକ୍ଷା, ସଂସ୍କାରରେ କୋଉଠି ଭୁଲ୍। ଖୁଁ ଖୁଁ ହେଇ କାଶି ଉଠିଲେ ଅଳକା। ଆଉ କିଛି କହିବା ତାଙ୍କ ପକ୍ଷେ ସମ୍ଭବ ନଥିଲା। ଗୌତମବାବୁ ପାଣି ବୋତଲଟା ଅଳକାଙ୍କ ହାତକୁ ବଢ଼େଇ ଦେଲେ। ଦି' ଢୋକ ପାଣି ପିଇ ଅଳକା ଆଉଜି ପଡ଼ିଲେ ଗୌତମବାବୁଙ୍କ କାନ୍ଧକୁ। ଏବେ ଦିହେଁ ଚୁପ୍ ଥିଲେ। ଅନ୍ଧାର ଘୋଟି ଆସିଥାଏ, ହେଲେ ଆକାଶରେ ଏପର୍ଯ୍ୟନ୍ତ ଚାନ୍ଦର ଦେଖାଦର୍ଶନ ନାହିଁ। ଘର ଭିତରୁ କାହାରି ବାପା ବୋଉ ଡାକ ଅଳ୍ପ ଅଳ୍ପ ଶୁଭୁଥିଲା।

ମୋ: ୯୯୩୭୯୬୩୯୧୦



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୪/୨୦୨୩ Bhubaneswar, Saturday, March 4/ 2023

# ଡବ୍ଲ୍ୟୁଟିସି ଫାଇନାଲରେ ଅଷ୍ଟ୍ରେଲିଆ

**ଇନ୍ଦୋର, ୩।୩ (ପି.ଟି.)**

ଭାରତ-ଅଷ୍ଟ୍ରେଲିଆ ତୃତୀୟ କ୍ରିକେଟ ଟେଷ୍ଟ ୨ ଦିନ ଏବଂ ୧୮.୫ ଓଭର ଖେଳରେ ଶେଷ ହୋଇଛି। ସ୍ପିନରଙ୍କ ପ୍ରାଧାନ୍ୟ ବିଶିଷ୍ଟ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୯ ଉଇକେଟରେ ଭାରତକୁ ପରାସ୍ତ କରିଛି। ବିଜୟ ପାଇଁ ୭୬ ରନ ଆବଶ୍ୟକ କରୁଥିବା ଅଷ୍ଟ୍ରେଲିଆ ଶୁକ୍ରବାର ତୃତୀୟ ଦିବସର ଦ୍ୱିତୀୟ ଇନିଂସରେ ମାତ୍ର ୧ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ନେଇଥିଲା। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସର ପ୍ରଥମ ଓଭରରେ ଉସମାନ ଖ୍ୱାଜା (୦)ଙ୍କୁ ଆଉଟ କରି ରବିଚନ୍ଦ୍ରନ ଅଶ୍ୱିନ ଭାରତ ପାଇଁ

## ତୃତୀୟ ଟେଷ୍ଟ ହାରିଲା ଭାରତ

ସାମାନ୍ୟ ଆଶା ସଞ୍ଚାର କରିଥିଲେ। ମାତ୍ର ଟ୍ରାଭିସ ହେଡ୍ ୪୯ ଓ ମାର୍ନସ ଲାବୁସେନ ୨୮ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ୭୮ ରନ ଯୋଗ କରିଥିଲେ। ଅଷ୍ଟ୍ରେଲିଆ ପ୍ରଥମ ୧୦ ଓଭର ଡିଫେନ୍ସିଭ୍ ଖେଳି ୧ ଉଇକେଟରେ ମାତ୍ର ୧୩ ରନ କରିଥିଲା। ମାତ୍ର ୧୦ ଓଭର ପରେ ବଲ୍ ପରିବର୍ତ୍ତନ ସହ ଅଷ୍ଟ୍ରେଲିଆର ଭାଗ୍ୟ ପରିବର୍ତ୍ତନ ହୋଇଥିଲା। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ହେଡ୍ ଓ ଲାବୁସେନ ବଡ଼ ଶଟ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ୧୯ତମ ଓଭରର ୫ମ ବଲ୍‌ରେ ଲାବୁସେନ ବିଜୟ ସୂଚକ ଚୌକା ମାରିବା ସହ



ଶଟ୍ ଖେଳିବା ଅବସରରେ ଟ୍ରାଭିସ ହେଡ୍।



ବିଜୟ ସୂଚକ ଚୌକା ମାରିବାପରେ ମାର୍ନସ ଲାବୁସେନଙ୍କ ପ୍ରତିକ୍ରିୟା।

ଅଷ୍ଟ୍ରେଲିଆ ସ୍ମରଣୀୟ ବିଜୟ ହାସଲ କରିଥିଲା। ଏହି ଟେଷ୍ଟ ବିଜୟ ସହ ଅଷ୍ଟ୍ରେଲିଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିଛି। ଦୁଇ ଇନିଂସରେ ଭାରତ ଯଥାକ୍ରମେ ୧୦୯ ଓ ୧୬୩ ରନ କରିଥିବାବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ ରନ କରିଥିଲା। ଭ୍ରମଣକାରୀ ଦଳର ତାରକା ସ୍ପିନର ନାଥାନ ଲିୟନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗତ ୬ ବର୍ଷରେ ଭାରତ ମାଟିରେ ଅଷ୍ଟ୍ରେଲିଆର ଏହାଥିଲା ପ୍ରଥମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ଗତ ୧୦ ବର୍ଷରେ ଅଷ୍ଟ୍ରେଲିଆଠାରୁ ଭାରତର ଏହାଥିଲା ତୃତୀୟ ପରାଜୟ। ଦୁଇ ଦଳ ମଧ୍ୟରେ ୪ର୍ଥ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୯ ତାରିଖରୁ ଅହମଦାବାଦରେ ଆରମ୍ଭ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୦୯। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୭। ଭାରତ ଦ୍ୱିତୀୟ ଇନିଂସ: ୧୬୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୭୮/୧ (ଟ୍ରାଭିସ ହେଡ୍-୪୯*, ମାର୍ନସ ଲାବୁସେନ-୨୮*, ରବିଚନ୍ଦ୍ରନ ଅଶ୍ୱିନ-୧/୪୪)।

# ଫଲ୍‌ଟନ ଭାରତୀୟ ହକି ଦଳର ନୂଆ କୋଚ୍

**ନୂଆଦିଲ୍ଲୀ,୩।୩(ପି.ଟି.)**

ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫଲ୍‌ଟନ ଶୁକ୍ରବାର ଭାରତୀୟ ପୁରୁଷ ହକି ଦଳର ନୂଆ ମୁଖ୍ୟକୋଚ୍ ମନୋନୀତ ହୋଇଛନ୍ତି। ଫଲ୍‌ଟନଙ୍କର ୨୫ ବର୍ଷର କୋଚିଂ ଅଭିଜ୍ଞତା ରହିଛି। ଗତ ବିଶ୍ୱକପ୍‌ରେ ଜାତୀୟ ପୁରୁଷ ହକି ଦଳ ନୈରାଶ୍ୟଜନକ ପ୍ରଦର୍ଶନ ସହ ୯ମ ସ୍ଥାନରେ ରହିବା ପରେ ଅଷ୍ଟ୍ରେଲିଆର ଗ୍ରାହମ ରିଡ୍ ମୁଖ୍ୟକୋଚ୍ ପଦରୁ ଓହରି ଯାଇଥିଲେ। କେବଳ ରିଡ୍ ନୁହନ୍ତି ଟିମ୍ ଆନାଲିଟିକାଲ କୋଚ୍ କ୍ରେଗ୍ କ୍ଲାର୍କ ଓ ସାଇଣ୍ଟିଫିକ୍ ପରାମର୍ଶଦାତା ମିଚେଲ ପେମ୍ବରଣନ ମଧ୍ୟ ସେମାନଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ରିଡ୍‌ଙ୍କ ତତ୍ତ୍ୱାବଧାନରେ କିନ୍ତୁ ଭାରତୀୟ ଦଳ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭାରତୀୟ ହକିକୁ ପରବର୍ତ୍ତୀ ସ୍ତରକୁ ନେବାକୁ ସେ ଉଦ୍ୟମ କରିବେ ବୋଲି ନୂଆ ନିଯୁକ୍ତି ପାଇବା ପରେ ଫଲ୍‌ଟନ ପ୍ରକାଶ କରିଛନ୍ତି। କୋଚ୍ ଭାବେ ଫଲ୍‌ଟନଙ୍କ ଦୃଷ୍ଟାନ୍ତମୂଳକ ଫଳାଫଳ ରହିଛି। ସେ ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଇରିଶ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ ଅଧୀନରେ ଏହି ଦଳ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୧୦୦ବର୍ଷରେ ଇରିଶ ଟିମ୍‌ର ଏହାଥିଲା ପ୍ରଥମ ଅଲିମ୍ପିକ ଯୋଗ୍ୟତା। ଏହି ଐତିହାସିକ ସଫଳତା ପାଇଁ ସେ ୨୦୧୫ରେ ଏଫ୍‌ଆଇଏଚ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ବେଲଜିୟମ ଦଳର ସେ ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍‌ରେ



କ୍ରେଗ୍ ଫଲ୍‌ଟନ

ସେ ବେଲଜିୟମ କୋଚିଂ ଷ୍ଟାଫ୍‌ର ଅଂଶବିଶେଷ ଥିଲେ। ଫଲ୍‌ଟନ ଏହି ବର୍ଷ ବେଲଜିୟମ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳରେ ଜଣେ ହକି ଖେଳାଳି ଭାବେ ତାଙ୍କ ଉଜ୍ଜ୍ୱଳ କ୍ୟାରିୟର ରହିଛି। ସେ ୧୦ବର୍ଷ ମଧ୍ୟରେ ୧୯୫ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସ ଏବଂ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଦକ୍ଷିଣ ଆଫ୍ରିକା ଦଳର ସଦସ୍ୟ ରହିଥିଲେ। ସେ ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଖେଳିଛନ୍ତି। ଫଲ୍‌ଟନଙ୍କ ନିଯୁକ୍ତି ସମ୍ପର୍କରେ ନିଜର ବକ୍ତବ୍ୟ ରଖି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଅତୀତରେ ସେ ଫଲ୍‌ଟନଙ୍କ ବିପକ୍ଷରେ ଖେଳିଛନ୍ତି। ବର୍ତ୍ତମାନ ତାଙ୍କ ସହିତ ପୁରୁଷ ହକି ଦଳ ପାଇଁ କାର୍ଯ୍ୟ କରିବାର ସମୟ ଉପନୀତ ହୋଇଛି। ଦକ୍ଷିଣ ଆଫ୍ରିକୀୟଙ୍କର କୋଚିଂରେ ଅତୁଳନୀୟ ଅଭିଜ୍ଞତା ରହିଛି। ତାଙ୍କ ଆଗମନ ଦ୍ୱାରା ଭାରତୀୟ ଦଳର ନୈତିକ ମନୋବଳ ବୃଦ୍ଧି ପାଇବ ବୋଲି ଆଶା। ଚଳିତ ମାସରେ ଭାରତ ରାଉରକେଲାରେ ଅଷ୍ଟ୍ରେଲିଆ ଓ ଜର୍ମାନୀ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବ। ଏହି ସମୟରେ ଫଲ୍‌ଟନ ଦଳ ସହ ଯୋଗ ଦେବେ ବୋଲି ଆଶା କରାଯାଉଛି। ଭାରତ ମାର୍ଚ୍ଚ ୧୦ରେ ଏହାର ପ୍ରଥମ ମ୍ୟାଚ ଜର୍ମାନୀ ବିପକ୍ଷରେ ଖେଳିବ। ପରେ ମାର୍ଚ୍ଚ ୧୩ରେ ରିଟର୍ନ ଲେଗ୍ ମ୍ୟାଚ ଖେଳିବ। ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ମାର୍ଚ୍ଚ ୧୨ ଓ ୧୫ରେ ଖେଳିବ। ପ୍ରୋ-ଲିଗ୍ ମ୍ୟାଚ ପାଇଁ ଅଷ୍ଟ୍ରେଲିଆର ଡେଭିଡ୍ ଜନ୍ ଓ ବିଜେ କାରିଆପ୍ପା କାମଚଳା କୋଚ୍ ଦାୟିତ୍ୱରେ ରହିବେ। ସେମାନଙ୍କ ସହ ଶିବେନ୍ଦ୍ର ସିଂ ରହିବେ। ଜନ୍ ଓ କାରିଆପ୍ପା ଓଡ଼ିଶା ହକି ଫେଡେରେଶନ ସହ କାର୍ଯ୍ୟ କରିଆସୁଛନ୍ତି।

# କେରଳ ବ୍ଲାଷ୍ଟର୍ସଙ୍କୁ କଠୋର ଦଣ୍ଡ ହୋଇପାରେ

**ବେଙ୍ଗାଲୁରୁ, ୩।୩ (ପି.ଟି.)**

## ଆଇଏସ୍‌ଏଲ୍: ଗୋଲ୍‌କୁ ନେଇ ବିବାଦ

ସୁନୀଲ ଛେତ୍ରୀଙ୍କ ଏକ ବିବାଦୀୟ ଷ୍ଟ୍ରାଇକ୍‌କୁ ବିରୋଧ କରି ପ୍ରତିବାଦ ସ୍ୱରୂପ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଆଇଏସ୍‌ଏଲ୍ ପ୍ଲେଅଫ୍ ମ୍ୟାଚ ଅଧାରୁ ପଡ଼ିଆ ଛାଡ଼ି ଚାଲିଯାଇ କେରଳ ବ୍ଲାଷ୍ଟର୍ସ ବଡ଼ ବିବାଦ ସୃଷ୍ଟି କରିଛି। ଏହି କାର୍ଯ୍ୟ ପାଇଁ ଦଳକୁ କଠୋର ଦଣ୍ଡ ହୋଇପାରେ। ବେଙ୍ଗାଲୁରୁ ଏଫ୍‌ସି ବର୍ତ୍ତମାନ ଲିଗ୍ ଶିଲ୍ଡ ବିଜେତା ମୁମ୍ବାଇ ସିଟି ଏଫ୍‌ସି ସହ ଦୁଇ ପାଦ ବିଶିଷ୍ଟ ସେମିଫାଇନାଲ ମାର୍ଚ୍ଚ ୭ ଓ ୧୨ରେ ଖେଳିବ। ଶୁକ୍ରବାର କାନ୍ତିରାଭା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ୯୭ତମ ମିନିଟ୍‌ରେ ଛେତ୍ରୀ ଏକ ଫ୍ରି-କିକ୍‌କୁ ଗୋଲରେ ରୂପାନ୍ତରିତ କରି ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହି ଗୋଲ୍‌କୁ ନେଇ ନାଟକ ଆରମ୍ଭ ହୋଇଥିଲା। ଆଡ୍ରିଆନ ଲୁନାଙ୍କ ନେତୃତ୍ୱାଧୀନ ଦଳ ରେଫରି କ୍ରିଷ୍ଟାଲ ଜନ୍‌ଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ନ ଥିଲା। ଦଳର ଅଭିଯୋଗ ଥିଲା ରେଫରିଙ୍କ ହ୍ୱିସିଲ ବାଜିବା ପୂର୍ବରୁ ଛେତ୍ରୀ ବଲ୍ କିକ୍ କରିଥିଲେ। ସେତେବେଳେ ସେମାନେ ପ୍ରସ୍ତୁତ ନ ଥିଲେ। ମାତ୍ର ତାହା ରେଫରିଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା। ଫଳତଃ ସର୍ବୀୟ କୋଚ୍ ଇଭାନ ଭୁକୋମାନୋଭିଚ୍ କେରଳ ବ୍ଲାଷ୍ଟର୍ସ ଖେଳାଳିମାନଙ୍କୁ ପଡ଼ିଆ ଛାଡ଼ି ଚାଲି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୁନା ସଙ୍ଗେ ସଙ୍ଗେ ତାଙ୍କ ଅଧିନାୟକ ଆର୍ମବ୍ୟାଣ୍ଡ୍‌କୁ ଖୋଲି ଦେଇଥିଲେ। ସେ ଓ ତାଙ୍କ ସାଥୀ ଖେଳାଳିମାନେ ଆଉ ମ୍ୟାଚ ନ ଖେଳି ପଡ଼ିଆ ପରିତ୍ୟାଗ କରିଥିଲେ। ଆଇଏସ୍‌ଏଲରେ ଏହା ପ୍ରଥମ ଦୃଷ୍ଟାନ୍ତ। ଅତିରିକ୍ତ ସମୟ ଖେଳରେ ଅଗ୍ରଣୀ ଲାଭ କରିଥିବାରୁ ବେଙ୍ଗାଲୁରୁ ଏଫ୍‌ସିକୁ ବିଜୟୀ ଘୋଷଣା କରାଯାଇଥିଲା। ଦଳ ମଙ୍ଗଳବାର ସେମିଫାଇନାଲ ଖେଳିବା ଲାଗି ମୁମ୍ବାଇ ସିଟି ଆରେନା ଗସ୍ତ କରିବ। ଏହି ଘଟଣାର ପ୍ରତିକ୍ରିୟାରେ ଛେତ୍ରୀ କହିଛନ୍ତି ତାଙ୍କ ୨୨ ବର୍ଷ କ୍ୟାରିୟରରେ ଏଭଳି ଦୃଷ୍ଟାନ୍ତ କେବେ ଦେଖି ନାହାନ୍ତି।

# ବାଂଲାଦେଶକୁ ୧୩୨ ରନରେ ହରାଇଲା ଇଂଲଣ୍ଡ

**ମୀରପୁର, ୩।୩ (ଏପି):** ଓପନର ଜାସନ ରୟଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଶୁକ୍ରବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୧୩୨ ରନରେ ଜିତିଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ କବ୍‌ଜା କରିନେଇଛି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ : ୩୨୬/୭ (ଜାସନ ରୟ-୧୩୨, ଜୋସ୍ ବଟଲର-୭୬, ମୋଇନ ଅଲି-୪୨ ; ତସ୍କିନ ଅହମଦ-୩/୬୬, ମେହିଦି ହସନ ମିରାଜ-୨/୭୩)। ବାଂଲାଦେଶ: ୪୪.୪ ଓଭରରେ ୧୯୪ (ଶକିବଅଲ ହସନ-୫୮, ତମିତ ଇକ୍‌ବାଲ-୩୫, ମହମୁଦୁଲ୍ଲା-୩୨ ; ସାମ୍ କୁରାନ-୪/୨୯, ଅଦିଲ ରଶିଦ୍-୪/୪୫)।

# ଇନ୍ଦୋର ପିଚ୍ ନିମ୍ନମାନର

**ଇନ୍ଦୋର, ୩।୩ (ପି.ଟି.)**

ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମର ପିଚ୍‌କୁ ନିମ୍ନମାନର ବିବେଚନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏଠାରେ ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ ଖେଳାଯାଇଥିଲା। ଏହି ମ୍ୟାଚ ୩ ଦିନ ଭିତରେ ଶେଷ ହୋଇଯାଇଥିଲା। ଏଥିପାଇଁ ଇନ୍ଦୋରକୁ ୩ ଡିମେରିଟ୍ ପଏଣ୍ଟ ମିଳିଛି। ଏହା ୫ ବର୍ଷ ରୋଲିଂ ପିରିୟଡ ସକ୍ରିୟ ରହିବ। ମ୍ୟାଚରେ ଭାରତ ଏହାର ଦୁଇଟି ଇନିଂସରେ ୧୦୯ ଓ ୧୬୩ରନ କରିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ରନ କରିବାରେ ସମର୍ଥ ହୋଇଥିଲା। ତୃତୀୟ ଦିବସ ଖେଳ ସକାଳେ ଆବଶ୍ୟକ ୭୬ ରନ ସଂଗ୍ରହ କରି ଭ୍ରମଣକାରୀ ଦଳ ମ୍ୟାଚ ଜିତିନେଇଥିଲା। ଆଇସିସି ମ୍ୟାଚ ରେଫରି କ୍ରିସ୍ ବ୍ରଡ୍ ଚିନ୍ତା ପ୍ରକଟ କରିବା ସହ ଉଭୟ ଦଳର ଅଧିନାୟକଙ୍କ ସହ ପରାମର୍ଶ କରି ଆଇସିସି ନିକଟରେ ତାଙ୍କ ରିପୋର୍ଟ ଉପସ୍ଥାପନ କରିଥିଲେ। ରିପୋର୍ଟର ଏକ ନକଲ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନିକଟକୁ ପଠାଇ ଦିଆଯାଇଛି।




# ଭୁବନେଶ୍ୱରରେ ପଠାନ୍ସ କ୍ରିକେଟ ଏକାଡେମୀ

**ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ପଠାନ୍ସ କ୍ରିକେଟ ଏକାଡେମୀ। ପଠାନ୍ସ ବ୍ରଦର୍ସ (ଇରଫାନ ଓ ୟୁସୁଫ)ଙ୍କ ନାମରେ ଭାରତର ୨୬ଟି ସ୍ଥାନରେ ଖୋଲି ସାରିଥିବା 'କ୍ରିକେଟ ଏକାଡେମୀ ଅଫ୍ ପଠାନ୍ସ (କ୍ୟାପ୍)'ର ଭୁବନେଶ୍ୱର ଶାଖା ଚଳିତ ମାସ ୧୦ ତାରିଖରେ ଉଦ୍‌ଘାଟିତ ହେବ। ଦୃଢ଼ କ୍ରୀଡ଼ା ଭିତ୍ତିଭୂମି ଥିବା ଲୟୋଲା ସ୍କୁଲ ପରିସରରେ ଏହା କାର୍ଯ୍ୟ କରିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କ୍ୟୁରେଟରଙ୍କ ତତ୍ତ୍ୱାବଧାନରେ ଏକାଡେମୀ ପାଇଁ ପିଚ୍ ପ୍ରସ୍ତୁତି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ପ୍ରଶିକ୍ଷାର୍ଥୀମାନଙ୍କୁ ଉଚ୍ଚମାନର ଟ୍ରେନିଂ ସହ ରାଜ୍ୟ ଏବଂ ଦେଶର କ୍ରିକେଟକୁ ଏକ ଭିନ୍ନ ସୋପାନକୁ ନେବା ଏକାଡେମୀର ଲକ୍ଷ୍ୟ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ୟାପ୍‌ର ମ୍ୟାନେଜିଂ ପାର୍ଟନର ଅଶୋକ କୁମାର ପ୍ରକାଶ କରିଛନ୍ତି। କ୍ୟାପ୍‌ର ଭୁବନେଶ୍ୱର ଶାଖାରେ ପ୍ରତି ବର୍ଷ ୨୦୦ ପ୍ରତିଭାଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖାଯାଇଛି। କୋଚିଂ ପଦ୍ଧତି ୩ ପର୍ଯ୍ୟାୟ ବିଶିଷ୍ଟ ରହିବ। ବିଗନର, ଇଣ୍ଟରମିଡିଏଟ୍ ଓ ଆଡଭାନ୍ସ ଲେଭଲ। ଏକାଡେମୀରେ ଭର୍ତ୍ତି ହେବାପାଇଁ ଚାହୁଁଥିବା ପିଲାମାନଙ୍କୁ ଟ୍ରାଏଲ୍ ଦେବାକୁ ପଡ଼ିବ। ଏଥିରୁ ଉକ୍ତ ଖେଳାଳି କେଉଁ ପର୍ଯ୍ୟାୟରେ ଟ୍ରେନିଂ ନେବାପାଇଁ ଉପଯୁକ୍ତ ତାହା ଧାର୍ଯ୍ୟ ହେବ। ୬ରୁ ୨୧ ବର୍ଷ ବୟସ ବର୍ଗରେ ଉଭୟ ବାଳିକା ଓ ବାଳକଙ୍କୁ ଉକ୍ତ ଏକାଡେମୀ ପାଇଁ ଚୟନ କରାଯିବ ବୋଲି ଅଶୋକ କହିଛନ୍ତି। ଲୟୋଲା ସ୍କୁଲ ରେକ୍ଟର ଫାଦର ଅଗଷ୍ଟିନ ଏଜହାକୁନେଲ ଓ ପ୍ରିନ୍ସିପାଲ ଏଫ୍‌ଆର୍ ଭିକ୍ଟର ଏଫ୍. ମିସ୍‌କ୍ୱିଥ୍ ସ୍କୁଲର ଦୃଢ଼ କ୍ରୀଡ଼ା ଭିତ୍ତିଭୂମି ସମ୍ପର୍କରେ ବର୍ଣ୍ଣନା କରିବା ସହ ବିଭିନ୍ନ କ୍ରୀଡ଼ା ପାଇଁ ଉନ୍ନତ କୋଚିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୦୧ରେ ପ୍ରତିଷ୍ଠା ହୋଇଥିବା ଲୟୋଲା ସ୍କୁଲ ଭଲ ପାଠପଢ଼ା ସହ ଉଚ୍ଚସ୍ତରର ସ୍ପୋର୍ଟ୍ସ କୋଚିଂ ଉପରେ ଧ୍ୟାନ ଦେଉଥିବା ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସଫଳତା ପରେ ପଠାନ ବ୍ରଦର୍ସ ତାଙ୍କ ସ୍ୱପ୍ନର କ୍ରିକେଟ ଏକାଡେମୀ ୨୦୧୪ ସେପ୍ଟେମ୍ବର ୧୧ରେ ଶୁଭାରମ୍ଭ କରିଥିଲେ। ଗତ ୯ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଇତିମଧ୍ୟରେ ୨୬ଟି ଏକାଡେମୀ କାର୍ଯ୍ୟକ୍ଷମ ହୋଇଛି। ଏକାଡେମୀର ଭୁବନେଶ୍ୱର ଶାଖାରେ ୨ଟି ଟର୍ଫ ମ୍ୟାଚ ପିଚ୍ ଏବଂ ୩ଟି ପ୍ରାକ୍ଟିସ ପିଚ୍ ରହିବ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପଠାନ୍ସ କ୍ରିକେଟ ଏକାଡେମୀ ସମ୍ପର୍କରେ ସୂଚନା ଦେଉଛନ୍ତି।

ଫ୍ଲଡ୍‌ଲାଇଟ୍‌ର ସୁବିଧା ଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲ ଛୁଟି ହେବାପରେ ସନ୍ଧ୍ୟା ସମୟରେ ମଧ୍ୟ ଅଭ୍ୟାସ କରିପାରିବେ। ଲୟୋଲା ସ୍କୁଲ ପରିସରରେ କ୍ୟାପ୍, ଭୁବନେଶ୍ୱରର କାର୍ଯ୍ୟାଳୟ ରହିବ। ଏକାଡେମୀ ପାଇଁ ୩ ଜଣ କୋଚ୍, ସ୍ପୋର୍ଟ୍ସ ସ୍ପେଶାଲିଷ୍ଟ ଫିଜିଓ, ମାଲିସବାଲା, ସ୍ପୋର୍ଟ୍ସ ମେଡିସିନ ସ୍ପେଶାଲିଷ୍ଟ ରହିବେ। ଉଚ୍ଚ ପ୍ରତିଭାସମ୍ପନ୍ନ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଏକାଡେମୀ ଭୁବନେଶ୍ୱର ଶାଖାର ମ୍ୟାନେଜର (ଅପରେଶନ୍ସ) ଆଜେଜା ଖାନମ୍ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀ ଅବସରରେ ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍‌ରାଉଣ୍ଡର ଇରଫାନ ପଠାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ। ଚଳିତ ମାସ ୨୫ କିମ୍ବା ୨୬ ତାରିଖରେ ଇରଫାନ ଓ ୟୁସୁଫ ଭୁବନେଶ୍ୱର ଆସିବା କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀ ଭୁବନେଶ୍ୱର ଶାଖାର ପରାମର୍ଶଦାତା ଶେଖ ଅବଦୁଲ ରାବ୍ ପ୍ରକାଶ କରିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ